


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-126 •SUNDAY •2 NOVEMBER 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୧୨୬ •ରବିବାର •୨ ନଭେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦ (ସିନ୍ଦୂରା ସହ)


# ମନ୍ଦିରରେ ଦଳାଚକଟା ୧୨ ଶ୍ରଦ୍ଧାଳୁ ମୃତ





**୫୦ରୁ ଉର୍ଦ୍ଧ୍ୱ ଲୋକ ଆହତ**

■ **ଶ୍ରୀକାକୁଲମ, ୧।୧୧ (ଏଜେନ୍ସି):** ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍‌ସ୍ଥିତ ଭେଙ୍କଟେଶ୍ୱର ମନ୍ଦିରରେ ପ୍ରବଳ ଭିଡ଼ ଯୋଗୁଁ ଦଳାଚକଟାରେ ୧୨ ଜଣ ଭକ୍ତ ପ୍ରାଣ ହରାଇଥିବା ବେଳେ ୫୦ରୁ ଅଧିକ ଆହତ ହୋଇଛନ୍ତି। ପ୍ରାଣ ହରାଇଥିବା ଭକ୍ତଙ୍କ ମଧ୍ୟରେ ୮ ମହିଳା ଓ ୨ ଜଣ ଶିଶୁ ଅଛନ୍ତି। ବେସରକାରୀ ସଂସ୍ଥା ଦ୍ୱାରା ପରିଚାଳିତ ଏହି ମନ୍ଦିରରେ ଏକକାଳୀନ ଦର୍ଶନ ପାଇଁ ୫ ହଜାର ଲୋକଙ୍କର ବ୍ୟବସ୍ଥା ଥିବା ବେଳେ ଆଜି ପ୍ରାୟ ୨୫ ହଜାର ଲୋକଙ୍କର ସମାଗମ ହୋଇଥିଲା। ଭିଡ଼ ଅସମ୍ଭାଳ ହୋଇପଡ଼ିବାରୁ ଏଭଳି ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ଘଟିଥିବା କୁହାଯାଉଛି। ରାଜ୍ୟ ସରକାର ଏହାର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ବର୍ଷ ଆନ୍ଧ୍ର ▶ପୃଷ୍ଠା-୧୦

## ଆଖିବୁଜିଲେ ପାତ୍ରପୁର ଝିଅ ରୁପା

■ **ପାତ୍ରପୁର, ୧।୧୧ (ସମିସ):** ଆନ୍ଧ୍ରପ୍ରଦେଶ ଭେଙ୍କଟେଶ୍ୱର ମନ୍ଦିର ଦଳାଚକଟାରେ ପ୍ରାଣ ହରାଇଥିବା ୧୨ଶ୍ରଦ୍ଧାଳୁଙ୍କ ମଧ୍ୟରେ ଓଡ଼ିଶାର ଜଣେ ଯୁବତୀ ଅଛନ୍ତି। ସେ ହେଲେ, ଗଞ୍ଜାମ ଜିଲ୍ଲା ପାତ୍ରପୁର ଗୁଡ଼ିପଦର ଗ୍ରାମର ଆର. ଦିଲେଶଙ୍କ ଝିଅ ଆର. ରୁପା (୨୧)। ଗ୍ରାମର କିଛି ଲୋକଙ୍କ ସହ ରୁପା ଉକ୍ତ ମନ୍ଦିରକୁ ଯାଇଥିଲେ। ସେଠାରେ ଦଳାଚକଟାରେ ରୁପାଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟମାନେ ସୁରକ୍ଷିତ ଥିବା ଜଣାପଡ଼ିଛି। ଏହି ଖବର ଜଣାପଡ଼ିବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଖବରପାଇ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା ଶୋକପ୍ରକାଶ କରିଛନ୍ତି। ▶ପୃଷ୍ଠା-୧୦

## ବିଶ୍ୱକପ୍ ଫାଇନାଲ ଆଜି




ରବିବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ମହିଳା ଦିନିକିଆ ବିଶ୍ୱକପ୍ କ୍ରିକେଟର ଫାଇନାଲ ଖେଳାଯିବ। ଦକ୍ଷିଣ ଆଫ୍ରିକାର ଏହା ପ୍ରଥମ ଓ ଭାରତର ତୃତୀୟ ଫାଇନାଲ। ୨୦୦୫ ଓ ୨୦୧୭ରେ ଭାରତ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଫାଇନାଲରେ ବିଜୟୀ ଦଳ ପ୍ରଥମଥର ଚାମ୍ପିଅନ ଆଖ୍ୟା ଅର୍ଜନ କରିବ।

ଅଧିକ ବିବରଣୀ ପୃଷ୍ଠା-୧୨

**ଏମିତି ବି ଆସେ ମୃତ୍ୟୁ ...**

## ବସ୍‌ରେ ଚାଳକଙ୍କୁ ହୃଦ୍‌ଘାତ




**ଅଳ୍ପକେ ବର୍ତ୍ତିଗଲେ ୫୦ରୁ ଉର୍ଦ୍ଧ୍ୱ ଯାତ୍ରୀ**

■ **ବୋଲଗଡ଼, ୧।୧୧ (ସମିସ):** ଏମିତି ବି ଆସେ ମୃତ୍ୟୁ! ବସ୍ ଚଳାଉ ଚଳାଉ ହୃଦ୍‌ଘାତରେ ଟଳିପଡ଼ିଲେ ଚାଳକ। ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ସଦର ମୁଖ୍ୟାଳୟ ବସ୍‌ଷ୍ଟାଣ୍ଡ ବଜାରଠାରେ ଆଜି ଅପରାହ୍ଣରେ ଏହି ଅଘଟଣ ଘଟିଛି। ତେବେ ବସ୍‌ରେ ଥିବା ୫୦ରୁ ଉର୍ଦ୍ଧ୍ୱ ଯାତ୍ରୀ ସୌଭାଗ୍ୟବଶତଃ ଏକ ବଡ଼ ଅଘଟଣରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

ମୃତ ବସ୍ ଚାଳକ ହେଲେ, ସ୍ଥାନୀୟ ଗୋଡ଼ିଆଳି ଗ୍ରାମର ସୁବଳ ମାର୍ଥାଙ୍କ ପୁଅ ଶରତ ଚନ୍ଦ୍ର ମାର୍ଥା (୫୫)। ତାଙ୍କ ଘର ଗୋଡ଼ିଆଳି ଗ୍ରାମରେ। ଦୀର୍ଘ ବର୍ଷ ହେଲା ସେ ସପରିବାର ଚୂଡ଼ା ଗ୍ରାମରେ ରହି ଆସୁଥିଲେ।

ସୂଚନାନୁଯାୟୀ, 'ବିଶାଖା' (ଓଡି-୦୨ ଏବି ୦୫୯୯) ନାମକ ବସ୍‌ଟି ମହିଳା, ପୁରୁଷ ଓ ଛୋଟ ଛୁଆଙ୍କ ସମେତ ପ୍ରାୟତଃ ୫୦ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଭୁବନେଶ୍ୱରରୁ ସୋରଡ଼ା ଭଞ୍ଜନଗର ଯାଉଥିଲା। ବୋଲଗଡ଼ ଷ୍ଟାଣ୍ଡରେ ଗାଡ଼ିଟି ରହଣି କରିଥିଲା। ଏହି ସମୟରେ ବସ୍ ଚାଳକ ▶ପୃଷ୍ଠା-୧୦

**ପୁଲିସ ଚାକିରି ବେପାର**

## ନେପାଳ ସୀମାରୁ ମାଷ୍ଟରମାଇଣ୍ଡ ଶଙ୍କର ଗିରଫ




**ଗିରଫଦାରୀ ସଂଖ୍ୟା ୧୨୪ ଛୁଇଁଲା**

■ **ଭୁବନେଶ୍ୱର, ୧।୧୧ (ସମିସ):** ପୁଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲାର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଶେଷରେ ଧରାପଡ଼ିଛି। କ୍ରାଇମ୍‌ବ୍ରାଞ୍ଚ ଟିମ୍ ଶନିବାର ବିଳମ୍ବିତ ରାତିରେ ତାକୁ ଉତ୍ତରାଖଣ୍ଡ-ନେପାଳ ସୀମାବର୍ତ୍ତୀ ଏକ ଅଞ୍ଚଳରୁ ଗିରଫ କରିଛି। ଚାକିରି କେଳେଙ୍କାରୀ ସାମ୍ନାକୁ ଆସିବା ପରଠାରୁ ସେ ଫେରାର୍ ଥିଲା। ଏକାଧିକ ଠିକଣା ବଦଳାଇ ଶେଷରେ ଉତ୍ତରାଖଣ୍ଡରେ ଲୁଚିଥିଲା। ଏଠାରୁ ସେ ନେପାଳ ଖସିଯିବାକୁ ମଉକା ଖୋଜୁଥିଲା ବେଳେ କ୍ରାଇମ୍‌ବ୍ରାଞ୍ଚ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ତାର ଗୁପ୍ତ ଠିକଣାରେ ଚଢ଼ଉ କରିଥିଲା। ତାକୁ ସେଠାରୁ ଗିରଫ କରାଯାଇଛି। ନେପାଳରୁ ସେ ଦୁବାଇ ଖସିଯିବାକୁ ଯୋଜନା କରୁଥିଲା ବୋଲି କ୍ରାଇମ୍‌ବ୍ରାଞ୍ଚ ସୂତ୍ରରୁ ଜଣାପଡ଼ିଛି। ଶଙ୍କରକୁ ସ୍ଥାନୀୟ କୋର୍ଟରେ ହାଜର କରାଯିବା ପରେ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯିବ। ଚାକିରି ବିକ୍ରି ମାମଲାର ପର୍ଦ୍ଦାଫାସ କରିବାକୁ କ୍ରାଇମ୍‌ବ୍ରାଞ୍ଚ ତାକୁ ରିମାଣ୍ଡରେ ଆଣି ପଚରାଉଚରା କରିବାକୁ ଯୋଜନା କରିଛି। ଶଙ୍କର ଗିରଫ ହେବା ପରେ ଏହି ମାମଲାରେ ଗିରଫଦାରୀ ସଂଖ୍ୟା ମୋଟ ୧୨୪ରେ ପହଞ୍ଚିଛି।

ଏହି ଜାଲିଆତି କିପରି ହେଲା। କେଉଁ ପର୍ଯ୍ୟାୟରେ କେଉଁମାନେ ତାଙ୍କ ସହ ସାମିଲ ହୋଇ ପ୍ରଶ୍ନପତ୍ର ଲିକ୍ କରି ଚାକିରି ବିକ୍ରି କରିବାକୁ ଷଡଯନ୍ତ୍ର ରଚିଥିଲେ। ଗିରଫ ହୋଇଥିବା ଆଶାୟୀଙ୍କୁ ବିଶାଖାପାଟଣା ରଖିବା ପାଇଁ କିଏ ▶ପୃଷ୍ଠା-୧୦

## ଜାଭେଦ ଅଖତର୍‌ଙ୍କୁ ସୋଆ ସାହିତ୍ୟ ସମ୍ମାନ



■ **ଭୁବନେଶ୍ୱର, ୧।୧୧ (ସମିସ):** ଭାରତୀୟ ଚଳଚ୍ଚିତ୍ର ଓ ସାହିତ୍ୟ ଜଗତକୁ ଉଲ୍ଲେଖନୀୟ ଅବଦାନ ଓ ଜୀବନବ୍ୟାପୀ ସାଧନା ପାଇଁ ପ୍ରଖ୍ୟାତ କବି, ସଂଳାପ ଲେଖକ, ଗୀତିକାର ଓ ସମାଜ ଚିନ୍ତକ ପଦ୍ମଭୂଷଣ ଜାଭେଦ ଅଖତରଙ୍କୁ 'ସୋଆ ସାହିତ୍ୟ ସମ୍ମାନ-୨୦୨୫' ପ୍ରଦାନ କରାଯିବ। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିସରରେ ନଭେମ୍ବର ୨୯ତାରିଖରୁ ଆୟୋଜିତ ହେବାକୁ ଥିବା ଦୁଇଦିନିଆ 'ତୃତୀୟ ସୋଆ ସାହିତ୍ୟ ଉତ୍ସବ'ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏହି ପ୍ରଖ୍ୟାତ ସାହିତ୍ୟ ସାଧକଙ୍କୁ ସମ୍ବର୍ଦ୍ଧିତ କରାଯିବ। ସମ୍ବର୍ଦ୍ଧନା ସ୍ୱରୂପ, ୭ଲକ୍ଷ ଟଙ୍କାର ପୁରସ୍କାର ରାଶି ସହ ମାନପତ୍ର, ଦେବୀ ସରସ୍ୱତୀଙ୍କ ରୌପ୍ୟ ମୂର୍ତ୍ତି ଓ ଉତ୍ତରୀୟ ପ୍ରଦାନ କରାଯିବ ବୋଲି ସୋଆ 'ପ୍ରାଚୀନ'ର ମୁଖ୍ୟ ତଥା ଉତ୍ସବର ନିର୍ଦ୍ଦେଶିକା ପ୍ରଫେସର୍ ଗାୟତ୍ରୀବାଳା ପଣ୍ଡା ସୂଚନା ଦେଇଛନ୍ତି। ▶ପୃଷ୍ଠା-୧୦

**ଚନ୍ଦକାରୁ ନରକଙ୍କାଳ ମିଳିବା ଘଟଣାର ପର୍ଦ୍ଦାଫାସ**

## ରାଜଧାନୀରେ ବି ଗୁଣିଗାରେଡ଼ି ପାଇଁ ହତ୍ୟା

■ **ଭୁବନେଶ୍ୱର, ୧।୧୧ (ସମିସ):** ଚନ୍ଦକା ଜଙ୍ଗଲରୁ ନରକଙ୍କାଳ ମିଳିବା ଘଟଣାରୁ ପରଦା ହଟିଛି। ୨୪ଘଣ୍ଟା ଭିତରେ ମୃତକଙ୍କୁ ଚିହ୍ନଟ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି ଚନ୍ଦକା ଥାନା ପୁଲିସ। ମୃତକ ହେଉଛନ୍ତି, ପିତାଗାଡ଼ିଆ ଗାଁର ବଳରାମ ଦେଓଗାମ୍ (୭୨)। ତାଙ୍କୁ ହତ୍ୟା କରି ପୋତିଦେଇଥିବା ଅଭିଯୋଗରେ ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଫରେଷ୍ଟ ୱାଚମ୍ୟାନ କହ୍ନେଇ ହେମ୍ବ୍ରମ (୨୭) ଓ ରାମ ସାମଦା (୨୫)। ଗୁଣିଗାରେଡ଼ି ସନ୍ଦେହରେ ବଳରାମଙ୍କୁ ସେମାନେ ହତ୍ୟା କରିଥିବା ଅଭିଯୁକ୍ତ ଦ୍ୱୟ ପ୍ରକାଶ କରିଛନ୍ତି। ସେମାନଙ୍କର ଏଭଳି ସ୍ୱୀକାରୋକ୍ତି ରାଜଧାନୀରେ ଆଲୋଡ଼ନ ସୃଷ୍ଟି କରିଛି। ପଛୁଆ ଓ ଦୁର୍ଗମ ଅଞ୍ଚଳରେ ଘଟୁଥିବା ଏଭଳି ବୀଭତ୍ସ କାଣ୍ଡ ରାଜଧାନୀକୁ ଛୁଇଁଥିବାରୁ ବୁଦ୍ଧିଜୀବୀ ମହଲରେ ଉଦବେଗ ପ୍ରକାଶ ପାଇଛି।




**ଧରାପଡ଼ିଲେ ଦୁଇ ଅଭିଯୁକ୍ତ**

**'ବାପାଙ୍କ ମୃତ୍ୟୁ ପାଇଁ ସେ ଦାୟୀ'**

ପୁଲିସ ସୂଚନାନୁସାରେ, ଗତ ସେପ୍ଟେମ୍ବରରେ ବଳରାମଙ୍କ ନାତୁଣୀ ତଥା ରାମଚରଣଙ୍କ ଝିଅର ଏକୋଇଶିଆକୁ କହ୍ନେଇର ବାପା ପର୍ଶୁରାମ ହେମ୍ବ୍ରମ ଯାଇଥିଲେ। ସେଠାରୁ ଫେରିବା ବେଳେ ବଳରାମଙ୍କ ଘର ଠାରୁ ମାତ୍ର ୫୦ ▶ପୃଷ୍ଠା-୧୦

## ସେମିକଣ୍ଡକ୍ଟର କ୍ଷେତ୍ରରେ ଆଗେଇଲା ଓଡ଼ିଶା

**ଇନ୍‌ଫୋଭ୍ୟାଲିଠାରେ ସିକ୍‌ସେମ୍‌ର ଭୂମି ପୂଜନ ସମାରୋହରେ ମୁଖ୍ୟମନ୍ତ୍ରୀ**



**୨୦୦୦ କୋଟି ନିବେଶ, ୧୦୦୦ ନିଯୁକ୍ତି**

**ସେମିକଣ୍ଡକ୍ଟର କ୍ଷେତ୍ରରେ ଓଡ଼ିଶା ଦେଶରେ ଏକ ହବ୍ ଭାବେ ପରିଗଣିତ ହେବ: ମୁଖ୍ୟମନ୍ତ୍ରୀ**

**ଆଇ.ଆଇ.ଟି ଭୁବନେଶ୍ୱରରେ ପ୍ରତିଷ୍ଠା ହେବ 'ପାୱାର ଇଲୋକ୍ଟ୍ରୋନିକ୍ସ ହବ୍': ଅଶ୍ୱିନୀ ବୈଷ୍ଣବ**

■ **ଭୁବନେଶ୍ୱର, ୧।୧୧ (ସମିସ):** ପୂର୍ବ ସରକାର ଆରମ୍ଭ କରିଥିବା ସେମିକଣ୍ଡକ୍ଟର ଯାତ୍ରା କ୍ଷେତ୍ରରେ ଓଡ଼ିଶା ଶନିବାର ଆଉ ପାଦେ ଆଗକୁ ବଢ଼ିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଭୁବନେଶ୍ୱରର ଇନ୍‌ଫୋଭ୍ୟାଲିଠାରେ ସିକ୍‌ସେମ୍ ପ୍ରାଇଭେଟ୍ ଲିମିଟେଡର ଭୂମିପୂଜନ ସମାରୋହରେ ଯୋଗ ଦେଇଛନ୍ତି। ୨୦୦୦ କୋଟି ଟଙ୍କାର ପୁଞ୍ଜିନିବେଶରେ ଏହି ମ୍ୟାନୁଫାକ୍ଚରିଂ ୟୁନିଟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାଦ୍ୱାରା ପ୍ରାୟ ୧୦୦୦ ପ୍ରଫେସନାଲ(ବୃତ୍ତିଧାରୀ)ଙ୍କୁ ନିଯୁକ୍ତି ▶ପୃଷ୍ଠା-୧୦




# ରାଜସ୍ଥାନରେ ଶହେବର୍ଷର ରେକର୍ଡ ଭାଙ୍ଗିଲା ବର୍ଷା



ନୂଆଦିଲ୍ଲୀ, ୧।୧୧(ଏଜେନ୍ସି): ରାଜସ୍ଥାନରେ ଦୀର୍ଘ ୧୦୮ ବର୍ଷ ପରେ ଚଳିତ ବର୍ଷ ସର୍ବାଧିକ ବର୍ଷା ହୋଇଛି। ୨୦୨୫ରେ ସର୍ବାଧିକ ବର୍ଷା ହୋଇଥିବାର ରେକର୍ଡ କରାଯାଇଛି। ପୂର୍ବରୁ ୧୯୧୭ରେ ମୌସୁମୀ ଋତୁରେ ସର୍ବାଧିକ ୮୪୪.୨ ମିମି ବର୍ଷା ହୋଇଥିଲା। କିନ୍ତୁ ଏବର୍ଷ ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ୭୧୫.୨ ମିମି ବର୍ଷା ହୋଇଛି ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ତରଫରୁ କୁହାଯାଇଛି। ଏଥିସହ ଇତିହାସରେ ରାଜସ୍ଥାନରେ ଚଳିତ ବର୍ଷରେ ଦ୍ୱିତୀୟ ସର୍ବାଧିକ ବର୍ଷା ହୋଇଛି। ୧୯୦୧ ପରେ ଅର୍ଥାତ ୧୨୫ ବର୍ଷ ପରେ ରାଜସ୍ଥାନରେ ଚଳିତ ବର୍ଷରେ ଦ୍ୱିତୀୟ ସର୍ବାଧିକ ବର୍ଷା ହୋଇଛି। ରାଜ୍ୟରେ ହାରାହାରି ବର୍ଷା ୪୩୫.୬ ମିମି ଥିବା ବେଳେ ଏଥର ୭୪ ପ୍ରତିଶତ ଅଧିକ ବର୍ଷା ହୋଇଛି। ରାଜସ୍ଥାନରେ ଗତ ୧୫ ବର୍ଷ ମଧ୍ୟରେ ୫ଥର ଅସାଧାରଣ ଭାବେ ସର୍ବାଧିକ ବର୍ଷା ହୋଇଛି ଓ ଏହା ରାଜ୍ୟର ଶ୍ରେଷ୍ଠ-୧୦ ସର୍ବକାଳୀନ ରେକର୍ଡରେ ସାମିଲ ହୋଇଛି। ପୂର୍ବରୁ ୧୯୦୮ ରୁ ୧୯୭୫ ମଧ୍ୟରେ ସ୍ୱାଭାବିକ ମୌସୁମୀ ବର୍ଷାଠାରୁ ଅଧିକ ୫ ଥର ଯଥା ୧୯୦୮, ୧୯୧୭, ୧୯୪୪, ୧୯୭୩ ଓ ୧୯୭୫ରେ ହୋଇଥିଲା। କିନ୍ତୁ ୨୦୧୧ ଓ ୨୦୨୫ ମଧ୍ୟରେ ବର୍ଷାର ରେକର୍ଡ ବାରମ୍ବାର ଭାଙ୍ଗିଥିଲା। ୨୦୧୧, ୨୦୧୯, ୨୦୨୨, ୨୦୨୪ ଓ ୨୦୨୫ରେ ବର୍ଷାର ରେକର୍ଡ ଟପ୍-୧୦ ତାଲିକାରେ ସାମିଲ ହୋଇଛି। ପୁଣି ପ୍ରଥମଥର ପାଇଁ ୧୧୭ ବର୍ଷର ମଧ୍ୟରେ ରାଜସ୍ଥାନରେ କ୍ରମାଗତ ଦୁଇବର୍ଷ ହରାହାରିଠାରୁ ଅଧିକ ବର୍ଷା ହୋଇଛି।

ପାଣିପାଗ ବିଭାଗ ପକ୍ଷରୁ କୁହାଯାଉଛି ଯେ ଗତ ୪ ମାସ ହେଲା ରାଜ୍ୟରେ କ୍ରମାଗତ ବର୍ଷା ହେବାରେ ଲାଗିଛି। ନଭେମ୍ବର ମାସରେ ମଧ୍ୟ ପ୍ରବଳ ବର୍ଷା ହେବ ବୋଲି ଆକଳନ କରାଯାଇଛି।

## ଟ୍ରମ୍ପଙ୍କୁ କ୍ଷମା ମାଗିଲେ କାନାଡ଼ା ପ୍ରଧାନମନ୍ତ୍ରୀ କାର୍ଣ୍ଣି

ସଓଲ, ୧।୧୧(ଏଜେନ୍ସି): କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି ଶନିବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ କ୍ଷମା ମାଗିଛନ୍ତି। ଫଳରେ ଦୁଇ ନେତାଙ୍କ ମଧ୍ୟରେ ଚାଲିଥିବା ଶୀତଳ ଯୁଦ୍ଧ ଶେଷ ବୋଲି ଅନୁମାନ କରାଯାଉଛି। ଏକ ବିବାଦୀୟ ବିଜ୍ଞାପନ କାରଣରୁ ଦୁହିଁଙ୍କ ମଧ୍ୟରେ ମତପାର୍ଥକ୍ୟ ସୃଷ୍ଟି ହୋଇଥିଲା। ଏଥିରେ ପୂର୍ବତନ ଆମେରିକାର ରାଷ୍ଟ୍ରପତି ରୋନାଲ୍ଡ ରେଗାନଙ୍କ ପୁରୁଣା ଭାଷଣକୁ ବ୍ୟବହାର କରି ଟାରିଫ୍ ବିରୋଧରେ ବାର୍ତ୍ତା ଦେବାକୁ ପ୍ରୟାସ କରାଯାଇଥିଲା। ଦକ୍ଷିଣ କୋରିଆର ଗ୍ୟୁଆନଝୁ ସହରରେ ସାମ୍ବାଦିକମାନଙ୍କ ସହ କଥା ହେବା ବେଳେ କାର୍ଣ୍ଣି ଟ୍ରମ୍ପଙ୍କୁ କ୍ଷମା ମାଗିବା କଥା କହିଛନ୍ତି। ସେ ରାଗିବା ସହ ମୋ ଉପରେ ଅସନ୍ତୋଷ ଜାହିର କରିଥିଲେ। ଯଦି ଆମେରିକା ପ୍ରସ୍ତୁତ ହେବ ତେବେ ବାଣିଜ୍ୟ ନେଇ ପୁଣି କଥାବାର୍ତ୍ତା ଆରମ୍ଭ କରିବାକୁ କାନାଡ଼ା ରାଜି ଅଛି ବୋଲି ସେ କହିଛନ୍ତି। ଏହି ବିବାଦୀୟ ବିଜ୍ଞାପନ କାନାଡାର ଓଣ୍ଟାରିଓ ରାଜ୍ୟ ସରକାର ପ୍ରସାରଣ କରିଥିଲେ। ଏଥିରେ ଟାରିଫ ଆମେରିକା ପାଇଁ କ୍ଷତିକାରକ ବୋଲି ରେଗାନ କହୁଥିବାର ଦେଖାଯାଇଥିଲା। ଏଥିରେ ଟ୍ରମ୍ପ ରାଗି ଯାଇଥିଲେ। ଫଳରେ ସେ କାନାଡା ଉପରେ ଅତିରିକ୍ତ ୧୦ ପ୍ରତିଶତ ଟାରିଫ ଲାଗୁ କରିଥିଲେ। ଫଳରେ କାନାଡା ଉପରେ ଆମେରିକାର ଟାରିଫ ୩୫ରୁ ୪୫ ପ୍ରତିଶତରେ ପହଞ୍ଚିଥିଲା। ଭାରତ ଓ ବ୍ରାଜିଲ ପରେ ଏହା ତୃତୀୟ ସର୍ବାଧିକ ଟାରିଫ ବିବେଚିତ ହେଉଛି।

## ଅପରେସନ ସିନ୍ଦୂର ହେଉଛି ଧର୍ମଯୁଦ୍ଧ: ସେନାମୁଖ୍ୟ

ନୂଆଦିଲ୍ଲୀ, ୧।୧୧(ଏଜେନ୍ସି): ଭାରତୀୟ ସ୍ଥଳ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ୫୩ ବର୍ଷ ପରେ ନିଜ ପିଲାବେଳର ବିଦ୍ୟାଳୟ ପରିଦର୍ଶନରେ ମଧ୍ୟପ୍ରଦେଶର ସତନା ଗସ୍ତରେ ଯାଇଛନ୍ତି। ପିଲାମାନଙ୍କୁ ଉଦ୍‌ବୋଧନ ଦେବା ଅବସରରେ ସେ ପାକିସ୍ତାନ ବିରୋଧରେ ହୋଇଥିବା ଅପରେସନ ସିନ୍ଦୂରକୁ ଏକ ଧର୍ମ ଯୁଦ୍ଧର ଆଖ୍ୟା ଦେଇଛନ୍ତି। ଏହା ଆଗକୁ ଜାରି ରହିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଆମେ କେବେ କୌଣସି ନିର୍ଦ୍ଦୋଷ ନାଗରିକଙ୍କର କ୍ଷତି ପହଞ୍ଚାଇନାହୁଁ। ନମାଜ କିମ୍ବା କୌଣସି ଧାର୍ମିକ ପ୍ରାର୍ଥନା ସମୟରେ ଆମେ କେବେବି ଆକ୍ରମଣ କରିନାହୁଁ ବୋଲି ସେ କହିଛନ୍ତି। ୧୯୭୧ ଯୁଦ୍ଧ ସମୟରେ ସେ ଏହି ସ୍କୁଲର ଚତୁର୍ଥ ଶ୍ରେଣୀରେ ପଢୁଥିଲେ। ଦୀର୍ଘ ୫୬ ବର୍ଷ ପରେ ନିଜ ପିଲା ବେଳର ସ୍କୁଲରେ ପହଞ୍ଚି ସେ ଭାବପ୍ରବଣ ହୋଇ ପଡ଼ିଥିଲେ। ଅପରେସନ ସିନ୍ଦୂର ପୂରା ଦେଶକୁ ଏକାଠି କରିବା ସହ ଗୋଟିଏ ସୂତ୍ରରେ ବାନ୍ଧିଥିଲା। ଟେକନିକ୍ ଓ ଦୃଢ଼ ଇଚ୍ଛାଶକ୍ତି କାରଣରୁ ଏହି ମିଶନ ସଫଳ ହୋଇଥିଲା ବୋଲି ସେ କହିଛନ୍ତି। ଏହି ଅବସରରେ ସେ ଛାତ୍ରଛାତ୍ରୀଙ୍କୁ ସଫଳତାର ମନ୍ତ୍ର ଦେଇଥିଲେ। ଗତ ମେ ୭ରେ ଭାରତୀୟ ସେନା ଅପରେସନ ସିନ୍ଦୂର ମାଧ୍ୟମରେ ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ୯ଟି ଆତଙ୍କବାଦୀ ଠିକଣାକୁ ମିସାଇଲ ମାଡ କରି ଧ୍ୱଂସ କରିଥିଲା। ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ଆତଙ୍କବାଦୀ ନିହତ ହୋଇଥିଲେ। ସରକାର ସେନାର ଏହି କାର୍ଯ୍ୟାନୁଷ୍ଠାନକୁ ଅପରେସନ ସିନ୍ଦୂର ବୋଲି କହିଥିଲେ।

## ୩୦ ପାଲେଷ୍ଟାଇନ୍ ନାଗରିକଙ୍କ ମୃତଦେହ ଫେରାଇଲା ଇସ୍ରାଏଲ

ତେଲ ଅଭିଭ୍, ୧।୧୧(ଏଜେନ୍ସି): ଅସ୍ତ୍ରବିରତି ଚୁକ୍ତି ଅନୁସାରେ ଇସ୍ରାଏଲ ୩୦ଜଣ ପାଲେଷ୍ଟାଇନ୍ ନାଗରିକଙ୍କ ମୃତଦେହ ଗାଜାକୁ ଫେରାଇଛି ବୋଲି ଖାନ୍ ୟୁନିସ ସ୍ଥିତ ନାସେର ମେଡିକାଲ କମ୍ପ୍ଲେକ୍ସ ତରଫରୁ କୁହାଯାଇଛି। ପଣବନ୍ଧୀ ପ୍ରତିବଦଳ ଚୁକ୍ତି ଅନୁସାରେ ଇସ୍ରାଏଲ ଏହି ପଦକ୍ଷେପ ନେଇଛି ବୋଲି କୁହାଯାଇଛି। ପ୍ରଥମେ ଜଣେ ମୃତ ପଣବନ୍ଦୀଙ୍କ ବଦଳରେ ଇସ୍ରାଏଲ ୧୫ ଜଣ ପାଲେଷ୍ଟାଇନ୍‌ଙ୍କୁ ଫେରାଇବାର ଚୁକ୍ତି ହୋଇଥିଲା। ଏଥିସହ ଇସ୍ରାଏଲ ଗାଜାକୁ ମୋଟ୍ ଉପରେ ୨୨୫ ଜଣ ନାଗରିକଙ୍କୁ ମୃତ ବା ଜୀବିତ ଅବସ୍ଥାରେ ଫେରାଇ ସାରିଛି। ରେଡ୍ କ୍ରସ୍ ଏହି ମୃତଦେହଗୁଡିକୁ ନାସେର ଆଣିଥିଲା। ଅକ୍ଟୋବର ୧୦ରେ ଏହି ଅସ୍ତ୍ରବିରତି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ୨୦୨୩ ଅକ୍ଟୋବର ୭ରେ ହମାସ ଇସ୍ରାଏଲ ଉପରେ ଆକ୍ରମଣ କରିଥିଲା। ହାମାସ ଏପର୍ଯ୍ୟନ୍ତ ଇସ୍ରାଏଲ ୨୦ଜଣ ପଣବନ୍ଦୀଙ୍କୁ ଫେରାଇ ସାରିଛି। ହମାସ ମଧ୍ୟ ଥାଇଲାଣ୍ଡ ଓ ନେପାଳ ଜଣେ ନାଗରିକଙ୍କୁ ଫେରାଇଥିଲା। ଅବଶ୍ୟ ପୂର୍ବରୁ ହମାସ ଅସ୍ତ୍ରବିରତି ଚୁକ୍ତି ଉଲ୍ଲଂଘନ କରୁଛି ବୋଲି ଇସ୍ରାଏଲ ଅଭିଯୋଗ କରି ଗାଜାରେ ଆକ୍ରମଣ କରିଥିଲା ଓ ଏଥିରେ ୩୦ ଜଣ ମୃତ୍ୟୁବରଣ କରିଥିଲେ।

## ସାଉଦିରେ ପୁଲିସ ଗୁଳିରେ ଭାରତୀୟ ମୃତ

ନୂଆଦିଲ୍ଲୀ, ୧।୧୧(ଏଜେନ୍ସି): ଝାଡ଼ଖଣ୍ଡରୁ ଶ୍ରମିକ ଭାବେ କାର୍ଯ୍ୟ କରିବାକୁ ସାଉଦି ଆରବ ଯାଇଥିବା ଜଣେ ଭାରତୀୟ ଯୁବକ ଗୁଳିମାଡ଼ରେ ନିହତ ହୋଇଛନ୍ତି। ସାଉଦି ଆରବରେ ପୁଲିସ ଓ ଜବରଦସ୍ତ ଚାନ୍ଦା ଆଦାୟ କରୁଥିବା ଗ୍ୟାଙ୍ଗ୍ ମଧ୍ୟରେ ଗୁଳିଚାଳନା ଚାଲଥିବା ବେଳେ ଏହି ଯୁବକଙ୍କ ଦେହରେ ଭୁଲରେ ଗୁଳି ବାଜିଥିଲା। ଘଟଣାସ୍ଥଳରେ ଯୁବକଙ୍କର ମୃତ୍ୟୁ ହୋଇଥିଲା। ଏହି ଯୁବକଙ୍କ ଘର ହେଉଛି ଝାଡ଼ଖଣ୍ଡ ଗିରିଡିହରେ। ପୁଲିସ ଓ ଗ୍ୟାଙ୍ଗ୍ ମଧ୍ୟରେ ଗୁଳି ବିନମୟ ବେଳେ ଏହି ଯୁବକ ଫସି ଯାଇଥିଲେ ଓ ଭୁଲ୍‌ରେ ଗୁଳି ବାଜିବା କାରଣରୁ ମୃତ୍ୟୁବରଣ କରିଛନ୍ତି ବୋଲି ଭାରତୀୟ ଦୂତାବାସ ତରଫରୁ କୁହାଯାଇଛି। ଏ ସଂକ୍ରାନ୍ତରେ ଝାଡଖଣ୍ଡ ଶ୍ରମ ବିଭାଗର ଅଧିକାରୀ ମାନେ ଭାରତୀୟ ଦୂତାବାସ ଓ ସାଉଦି ଆରବର ଜେଦ୍ଦା ପୁଲିସ ସହ ଯୋଗାଯୋଗ କରିଛନ୍ତି। ମୃତ୍ୟୁ ପୂର୍ବରୁ ସମ୍ପୃକ୍ତ ଯୁବକ ନିଜ ପତ୍ନୀ ଓ ପିଲାଙ୍କୁ ହ୍ୱାଟ୍ସଆପ୍‌ରେ ମେସେଜ ଦେଇଥିଲେ। ଗୁଳି ବିନିମୟରେ ଫସିଯାଇଛି ଓ ଆହତ ହୋଇଛି ବୋଲି ଯୁବକ ଜଣକ ଉଲ୍ଲେଖ କରିଥିଲେ।

## ଭାରତୀୟ ବଂଶୋଦ୍ଭବ ବ୍ୟବସାୟୀଙ୍କ ବିରୋଧରେ ଠକେଇ ଅଭିଯୋଗ

# ବ୍ୟାଙ୍କରୁ ଠକି ନେଲେ ୪,୪୪୦ କୋଟି

ନୂଆଦିଲ୍ଲୀ, ୧।୧୧ (ଏଜେନ୍ସି): ଆମେରିକାର ଦୂରସଞ୍ଚାର କ୍ଷେତ୍ରରେ କାମ କରୁଥିବା ଏକ କମ୍ପାନୀ ଅଚାନକ ଚର୍ଚ୍ଚାକୁ ଆସି ଯାଇଛି। ଏହି କମ୍ପାନୀ ଶହେ କି ଦୁଇ ଶହ ନୁହେଁ, ପ୍ରାୟ ୫୦୦ ମିଲିୟନ ଡଲାର ଅର୍ଥାତ୍ ପ୍ରାୟ ୪,୪୦୦ କୋଟି ଟଙ୍କା ଠକି ନେଇଛି। ଏହି ଦୁର୍ନୀତି ଠକେଇ ବିବାଦର କେନ୍ଦ୍ରରେ ଭାରତୀୟ ବଂଶୋଦ୍ଭବ ସିଇଓ ବଙ୍କିମ ବ୍ରହ୍ମଭଟ୍ଟ ଅଛନ୍ତି। ସେ ଆମେରିକାରେ ବ୍ରଡ୍‌ବ୍ୟାଣ୍ଡ ଟେଲିକମ ଏବଂ ବ୍ରିଜଭଏସର ମାଲିକ ମଧ୍ୟ। ତାଙ୍କ ବିରୋଧରେ ବଡ଼ ଅଭିଯୋଗ ଲାଗିଛି। ସେ ଆମେରିକା କମ୍ପାନୀ ବ୍ଲାକରକ୍‌ର ପ୍ରାଇଭେଟ କ୍ରେଡିଟ ୟୁନିଟ ଏଚ୍‌ପିଏସ ଇନ୍‌ଭେଷ୍ଟମେଣ୍ଟ ପାର୍ଟନର୍ସ ଏବଂ ଫ୍ରାନ୍ସର ବିଏନପି ପିରିବାସ ଭଳି ଗ୍ଲୋବାଲ ବ୍ୟାଙ୍କକୁ ଠକି ଦେଇଛନ୍ତି।







ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲର ରିପୋର୍ଟ ଅନୁଯାୟୀ, ବିଶ୍ୱର ସବୁଠାରୁ ବଡ଼ ନିବେଶ କମ୍ପାନୀ ମଧ୍ୟରୁ ଅନ୍ୟତମ ବ୍ଲାକରକ୍ ଇଙ୍କର ଏକ ଶାଖା ଏବଂ ଅନ୍ୟ କିଛି ଋଣ ଦେଇଥିବା କମ୍ପାନୀ ବ୍ରହ୍ମଭଟ୍ଟଙ୍କଠାରୁ ଏହି ଅର୍ଥ ଫେରସ୍ତ ଚାହୁଁଛନ୍ତି। ବଙ୍କିମ ଜାଲ୍ ଟେଲିକମ ସମ୍ପତ୍ତି, ଇନ୍‌ଭଏସ, ଇମେଲ ଏବଂ ଠିକା ପ୍ରସ୍ତୁତ କରି ଋଣ ନେଇଥିବା ଅଭିଯୋଗ ହୋଇଛି। ଅସଲି ଟେଲିକମ୍ କ୍ଲାଇଣ୍ଟ ଭଳି ଭେକ ୱେବସାଇଟ ମଧ୍ୟ ପ୍ରସ୍ତୁତ କରାଯାଇଥିଲା। ଅଡିଟର୍ସ ଏବଂ ଋଣଦାତାଙ୍କୁ ଅନ୍ଧାରରେ ରଖିବା ପାଇଁ ଏପରି କରାଯାଇଥିଲା। ଗତ ଦୁଇ ବର୍ଷରେ ଯାଞ୍ଚ ପାଇଁ କରାଯାଇଥିବା ପ୍ରତ୍ୟେକ ଇମେଲ ଜାଲ୍ ଥିଲା। ୨୦୧୮ ରୁ ଏହି କଳା କାରନାମା ଚାଲିଥିଲା। ମୋଟ ଋଣ ପରିମାଣ ୫୦୦ ନିୟୁତ ଡଲାରରୁ ଅଧିକ ହେବ ବୋଲି ଆକଳନ କରାଯାଉଛି। ୨୦୨୪ରେ ବଙ୍କିମଙ୍କ ଋଣ ଠକେଇ ବିଷୟରେ ଜଣା ପଡିଥିଲା। ଏହା ପରେ ତାଙ୍କ କମ୍ପାନୀଗୁଡିକ ଏବଂ ସେ ନିଜେ ଦେବାଳିଆ ହୋଇଯାଇଥିଲେ। ଏହି କାରବାରରେ ଫ୍ରାନ୍ସ ବ୍ୟାଙ୍କ ବିଏନପି ପରିବାସର ମଧ୍ୟ ଭୂମିକା ଥିଲା। ଏହି ବ୍ୟାଙ୍କ ବ୍ଲାକରକ୍‌ର ସହଯୋଗୀ ଗୋଷ୍ଠୀ ଏଚିପିଏସ ଇନଭେଷ୍ଟମେଣ୍ଟ ପାଟନର୍ସକୁ ବଙ୍କିମଙ୍କୁ ଋଣ ଦେବାରେ ସହାୟତା କରିଥିଲା। ତେବେ ବିଏନପି ପକ୍ଷରୁ ଏ ନେଇ କୌଣସି ଟିପ୍ପଣୀ ଦିଆଯାଇ ନାହିଁ।

୨୦୨୪ ଜୁଲାଇରେ ଏଚ୍‌ପିଏସର ଜଣେ କର୍ମଚାରୀ କଷ୍ଟମର ଇମେଲ ଆଡ୍ରେସରେ ତ୍ରୁଟି ଥିବା ଦେଖିବାକୁ ପାଇଥିଲେ। ପୁନଃ ଯାଞ୍ଚ ପରେ ବେଲ୍‌ଜିଆନ ଟେଲିକମ୍ କମ୍ପାନୀ ବିଆଇସିଏସ ପକ୍ଷରୁ କୁହାଯାଇଥିଲା ଯେ ବ୍ରିଜଭଏସ ସହ କମ୍ପାନୀର କୌଣସି ଚୁକ୍ତି ହୋଇନାହିଁ। କମ୍ପାନୀ ନାମରେ ଜାଲିଆତି ହୋଇଥିବା ସ୍ପଷ୍ଟ କରାଯାଇଥିଲା। ଏହା ପରେ ଡିଲଏଟ ଏବଂ ସିବିଆଇଜେଡ୍ ଯାଞ୍ଚରେ କଷ୍ଟମର ଡାଟା, ଇନଭଏସ ଏବଂ ଠିକା ସବୁ କିଛି ଜାଲ୍ ଥିବା ଜଣାପଡ଼ିଥିଲା। ଋଣଦାତା ଯୋଗାଯୋଗ କରିବା ପରେ ବ୍ରହ୍ମଭଟ୍ଟ କଲ୍ ଏବଂ ଇମେଲ ବନ୍ଦ କରିଦେଇଥିଲେ। ତାଙ୍କର ନ୍ୟୁୟର୍କ ସ୍ଥିତ ଅଫିସ ବନ୍ଦ ଥିବାବେଳେ ଘର ଖାଲି ଥିଲା। ତେବେ ମହଙ୍ଗା କାର୍‌ଗୁଡିକ ଘର ବାହାରେ ଛିଡ଼ା ହୋଇଥିଲା। ସେ ଭାରତ କିମ୍ବା ମରିସସ୍ ପଳାୟନ କରିଥିବା କୁହାଯାଉଛି। ୨୦୨୪ ଅଗଷ୍ଟରେ ବ୍ରଡବ୍ୟାଣ୍ଡ ଟେଲିକମ, ବ୍ରିଜଭଏସ, କ୍ୟାରିଅକ୍ସ କ୍ୟାପିଟାଲ ୨ ଏବଂ ବିବି କ୍ୟାପିଟାଲ ଏସପିଭି ଦେବାଳିଆ ହୋଇ ଯାଇଥିଲା। ଅଗଷ୍ଟ ୧୨ରେ ବ୍ରହ୍ମଭଟ୍ଟ ବ୍ୟକ୍ତିଗତ ଦେବାଳିଆ ପାଇଁ ଆବେଦନ କରିଥିଲେ। ତେବେ ବ୍ରହ୍ମଭଟ୍ଟଙ୍କ ଓକିଲ ସବୁ ଅଭିଯୋଗକୁ ଭ୍ରମାତ୍ମକ ଏବଂ ଆଧାରହୀନ କହିଛନ୍ତି। କମ୍ପାନୀର ବ୍ୟବସାୟ ବୈଧ ଥିଲା ଏବଂ ଯାଞ୍ଚ ଅଧୁରା ଥିବା କୁହାଯାଇଥିଲା।


## ଭାଗ୍ୟ ଖୋଲିଦେଲା ଲଟେରି, ୧୧ ବର୍ଷର ପିଲା ଏବେ କୋଟିପତି



ଲୁଧିୟାନା, ୧।୧୧ (ଏଜେନ୍ସି): ପଞ୍ଜାବ ଲୁଧିୟାନାରେ ଜଣେ ଶିଶୁଙ୍କ ଭାଗ୍ୟ ଅଚାନକ ଖୋଲିଯାଇଛି। ସେ ୧୧ ବର୍ଷ ବୟସରେ କୋଟିପତି ପାଲଟି ଯାଇଛନ୍ତି। ଏହାକୁ ନେଇ ପରିବାର ସଦସ୍ୟ ବହୁତ ଖୁସି ଅଛନ୍ତି। ଘରେ ବ୍ୟାଣ୍ଡବାଜା ବାଜୁଛି। ଲୋକେ ଖୁସିରେ ନାଚୁଛନ୍ତି। ସମସ୍ତେ ଏହି ଶିଶୁକୁ ଭାଗ୍ୟଶାଳୀ କହୁଛନ୍ତି। ଏହି ଶିଶୁ ପାଇଁ ହିଁ ଘରେ ବସି ବସି ଲକ୍ଷ୍ମୀ ଆସିଥିଲେ। ଏହି ଶିଶୁର ନାମ ଆରବ। ସେ ହୋସିୟାରପୁରର ମୂଳ ବାସିନ୍ଦା। ଏବେ ସେ ମାମୁ କରନଙ୍କ ସହ ଲୁଧିୟାନାର ହେବୋୱାଲରେ ରହୁଛନ୍ତି। ସେ ଶୁକ୍ରବାର ସନ୍ଧ୍ୟାରେ ବଜାରକୁ ଯାଇଥିଲେ। ଏହି ସମୟରେ ଲଟେରି ଦୋକାନରେ ଭିଡ଼ ଲାଗିଥିବା ଦେଖିବାକୁ ପାଇଥିଲେ। ତେଣୁ ସେ ମାମୁଁଙ୍କୁ ଲଟେରି ଟିକଟ କିଣିବାକୁ କହିଥିଲେ। କିନ୍ତୁ ମାମୁ ମନା କରିବାରୁ ସେ ଜିଦ୍ କରିଥିଲେ। ଶେଷରେ ଆରବଙ୍କ ନାମରେ ମାମୁ ଏକ ଟିକଟ କିଣି ଦେଇଥିଲେ। ଏହା ଦୋକାନର ଶେଷ ଟିକଟ ମଧ୍ୟ ଥିଲା। ଏବେ ଫଳାଫଳ ଘୋଷଣା ହେବା ପରେ ଆରବ କୋଟିଏ ଟଙ୍କା ପୁରସ୍କାର ଜିତିଥିବା ଘୋଷଣା କରାଯାଇଥିଲା। ଏହା ଶୁଣି ପରିବାର ଲୋକେ ଭାବବିହ୍ୱଳ ହୋଇ ଯାଇଥିଲେ। ଗାଁ ଏବଂ ପଡ଼ିଶାରେ ମିଠା ବାଣ୍ଟିଥିଲେ।

## ହାଇଦ୍ରାବାଦ ବିମାନକୁ ବୋମା ଧମକ

ହାଇଦରାବାଦ୍, ୧।୧୧(ଏଜେନ୍ସି): ହାଇଦରାବାଦ୍‌ର ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦର (ଆରଜିଆଇଏ) ଶନିବାର ଏକ ଇ-ମେଲ ଜରିଆରେ ବୋମା ଧମକ ପାଇଥିଲା। ସାଉଦି ଆରବର ଜେଦ୍ଦାରୁ ହାଇଦରାବାଦ ଆସୁଥିବା ଇଣ୍ଡିଗୋ ବିମାନରେ ମାନବ ବୋମା ଥିବା ଏହି ମେଲ୍‌ରେ ଦାବି କରାଯାଇଥିଲା। ଧମକ ମିଳିବା ପରେ ଏହି ବିମାନ ହାଇଦରାବାଦ ଯିବା ବଦଳରେ ମୁମ୍ବଇ ଯାଇ ସୁରକ୍ଷିତ ଭାବେ ଅବତରଣ କରିଥିଲେ। ଏ ନେଇ ବିମାନ ବନ୍ଦର କର୍ତ୍ତୃପକ୍ଷ ପୁଲିସ୍‌ରେ ଅଭିଯୋଗ କରିଛି। ଏଲ୍‌ଟିଟିଇ-ଆଇଏସ୍‌ଆଇ କାର୍ଯ୍ୟକର୍ତ୍ତାମାନେ ୧୯୮୪ ଭଳି ବୋମା ବିସ୍ଫୋରଣ ଘଟାଇବାକୁ ଯୋଜନା କରିଛନ୍ତି ବୋଲି ମେଲ୍‌ରେ ଉଲ୍ଲେଖ କରାଯାଇଥିଲା। ବିମାନ ବନ୍ଦର ସହିତ ଜଡିତ ସବୁ କର୍ମକର୍ତ୍ତାଙ୍କୁ ଏ ନେଇ ସଜାଗ କରାଯାଇଥିଲା ଓ ବିମାନର ଗତିପଥକୁ ମୁମ୍ବଇକୁ ବଦଳାଯାଇଥିଲା।



ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମସ୍ଥିତ ଭେଙ୍କଟେଶ୍ୱର ମନ୍ଦିରରେ ଦଳାଚକଟା

## ମହିଳାଙ୍କଠୁ ୪୭ କୋଟିର କୋକେନ୍ ଜବତ

ମୁମ୍ବଇ, ୧।୧୧(ଏଜେନ୍ସି): ମୁମ୍ବଇ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଡାଇରେକ୍ଟୋରେଟ ଅଫ ରେଭେନ୍ୟୁ ଇଣ୍ଟେଲିଜେନ୍ସ (ଡିଆରଆଇ) ଅଧିକାରୀମାନେ ଜଣେ ମହିଳାଙ୍କଠାରୁ ୪୭ କୋଟି ଟଙ୍କାର କୋକେନ ତଥା ନିଶାଦ୍ରବ୍ୟ ଜବତ କରିଛନ୍ତି। ଶନିବାର ଶ୍ରୀଲଙ୍କା ରାଜଧାନୀ କଲମ୍ବୋରୁ ଆସି ମୁମ୍ବଇରେ ପହଞ୍ଚିବା ପରେ ଏହି ମହିଳା ଯାତ୍ରୀଙ୍କଠାରୁ ୪ କେଜି ୭୦ ଗ୍ରାମର କୋକେନ ଜବତ କରାଯାଇଥିଲା। ଏହି ନିଶାଦ୍ରବ୍ୟକୁ ସେ କଫି ପ୍ୟାକେଟ୍‌ରେ ଅତି ଚତୁରତାର ସହ ଛୁପାଇ ଆଣିଥିଲେ। ଜବତ ହୋଇଥିବା ଏହି ପ୍ୟାକେଟଗୁଡିକ ବିଦେଶରୁ ମୁମ୍ବଇ ଆସି ପହଞ୍ଚିଥିଲା। ଯାଞ୍ଚ ଅବସରରେ ଡିଆରଆଇ ଟିମ୍‌ର ସନ୍ଦେହ ଉପୁଜିଥିଲା। ଏହାପରେ ପ୍ୟାକେଟଗୁଡିକର ସ୍କାନିଂ କରାଯାଇଥିଲା ଓ ଡ୍ରଗ୍ସ ଥିବା ଜଣାପଡ଼ିଥିଲା। ଏହି ମାମଲାରେ ଡିଆରଆଇ ଅଧିକାରୀମାନେ ୫ ଜଣଙ୍କୁ ଗିରଫ କରିଛନ୍ତି। ଏମାନଙ୍କ ମଧ୍ୟରେ ଦୁଇଜଣ ଯାତ୍ରୀ ଓ ୩ ଜଣ ସହଯୋଗୀ ସାମିଲ ରହିଛନ୍ତି। ଅଭିଯୁକ୍ତମାନେ ଏହି ନିଶାଦ୍ରବ୍ୟଗୁଡିକୁ ବିମାନ ବନ୍ଦର ବାହାରକୁ ନେବା ପାଇଁ ପ୍ରୟସା କରୁଥିଲେ। ଏହି ମାମଲା ସହିତ ଏକ ଅନ୍ତର୍ଜାତୀୟ ଡ୍ରଗ୍ସ ଚୋରାଚାଲଣକାରୀ ନେଟ୍‌ୱର୍କ ଜଡିତ ରହିଛି ବୋଲି ପଚରାଉଚରା ପରେ ଜଣାପଡ଼ିଛି। ଜବତ ହୋଇଥିବା କୋକେନର ମୂଲ୍ୟ ଅନ୍ତର୍ଜାତୀୟ ବଜାରରେ ୪୭ କୋଟି ଟଙ୍କା ବୋଲି କୁହାଯାଇଛି। ସବୁ ଅଭିଯୁକ୍ତଙ୍କ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ଓ ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରାଯାଇଛି।

### ଫେରିଲା ୧୫୦ ବର୍ଷର ପରମ୍ପରା 'ଦରବାର ମୁଭ୍'

## ଜମ୍ମୁରୁ ପୁଣି ଚାଲିବ ସରକାର

ଶ୍ରୀନଗର, ୧।୧୧(ଏଜେନ୍ସି): ଜମ୍ମୁ-କଶ୍ମୀରରେ ୧୫୦ ବର୍ଷ ତଳର 'ଦରବାର ମୁଭ' ପରମ୍ପରା ପ୍ରତ୍ୟାବର୍ତ୍ତନ କରିଛି। ୪ ବର୍ଷ ପରେ ପୁଣି ଜମ୍ମୁରୁ ରାଜ୍ୟ ସରକାରଙ୍କ କାର୍ଯ୍ୟାଳୟ ପରିଚାଳିତ ହେବ। ଆଗାମୀ ଶୀତ ଋତୁକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଛି। ଶୁକ୍ରବାର ସବୁ ସରକାରୀ କାର୍ଯ୍ୟାଳୟ ବନ୍ଦ ହେବା ପରେ ସବୁ ଜିନିଷପତ୍ର ଓ କର୍ମଚାରୀ ଶ୍ରୀନଗରରୁ ଜମ୍ମୁ ସ୍ଥାନାନ୍ତର ହେବାର ପ୍ରକ୍ରିୟା ଆରମ୍ଭ ହୋଇଛି। ଜମ୍ମୁରୁ ହିଁ ସବୁ ସରକାରୀ କାର୍ଯ୍ୟ ନଭେମ୍ବର ୩ରୁ ଆରମ୍ଭ ହେବ। ମୁଖ୍ୟମନ୍ତ୍ରୀଙ୍କ ସଚିବାଳୟ, ସିଭିଲ ସଚିବାଳୟ ସହିତ ସବୁ ଅନ୍ୟ ବିଭାଗର ମୋଟ ୩୯ଟି କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ଭାବେ ଜମ୍ମୁକୁ ପଠାଯିବ। ସେହିପରି ୪୭ ବିଭାଗର କାର୍ଯ୍ୟାଳୟ ତମ୍ବୁରେ ଚାଲିବ। ଏହି ବିଭାଗଗୁଡିରେ ୩୩ ପ୍ରତିଶତ କର୍ମଚାରୀ କିମ୍ବା ୧୦ ଜଣ ଅଧିକାରୀଙ୍କ ସହ କାର୍ଯ୍ୟ କରିବେ। ଶୀତ ଯିବା ପରେ ଗ୍ରୀଷ୍ମ ଆରମ୍ଭ ହେବା ପରେ ଏହି ଅସ୍ଥାୟୀ କାର୍ଯ୍ୟାଳୟଗୁଡିକ ପୁଣି ଶ୍ରୀନଗରକୁ ସ୍ଥାନାନ୍ତର ହେବ। ଏହି ପରମ୍ପରା ୧୫୦ ବର୍ଷ ହେବ ଚାଲିଆସୁ ଥିଲେ ମଧ୍ୟ ୨୦୨୧ରେ ଉପ-ରାଜ୍ୟପାଳ ବନ୍ଦ କରିଦେଇଥିଲେ। କିନ୍ତୁ ଏବେ ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା ପୁଣିଥରେ ଏହି ପରମ୍ପରାକୁ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଫଳରେ ୬ ଲକ୍ଷ କର୍ମଚାରୀ ଏବେ ଜମ୍ମୁ ଯିବେ। ଏହା ଦ୍ୱାରା ଶୀତ ଋତୁରେ ଜମ୍ମୁର ଅର୍ଥ ବ୍ୟବସ୍ଥାକୁ ପୁଣିଥରେ ବଳ ମିଳିବ। ଉଲ୍ଲେଖଥାଉ କି, ୧୮୭୨ରେ ଡୋଗରା ଶାସକ ମହାରାଜା ରଣବୀର ସିଂ ଏହି ପରମ୍ପରା ଆରମ୍ଭ କରିଥିଲେ। ଗ୍ରୀଷ୍ମଋତୁରେ ଶ୍ରୀନଗର ଓ ଶୀତଋତୁରେ ଜମ୍ମୁ ରାଜ୍ୟର ରାଜଧାନୀ ବିବେଚିତ ହେଉଥିଲା। ଦରବାର ମୁଭ ପାଇଁ ନଭେମ୍ବର ୧ ଓ ୨ରେ ଟ୍ରାଫିକକୁ ବନ୍ଦ କରାଯିବ।

## ଧଉଳି ଗଙ୍ଗାରେ ସୃଷ୍ଟି ହେଉଛି ହ୍ରଦ, ଚିନ୍ତାରେ ପରିବେଶବିତ୍



ଚମୋଲି, ୧।୧୧(ଏଜେନ୍ସି): ଉତ୍ତରାଖଣ୍ଡର ଚମୋଲି ଜିଲ୍ଲାର ନୀତି ଘାଟିରେ ଧଉଳି ଗଙ୍ଗା ନଦୀରେ ନୂଆ ହ୍ରଦ ସୃଷ୍ଟି ହୋଇଥିବା ଲକ୍ଷ୍ୟ କରାଯାଇଛି। ଫଳରେ ଏହା ବୈଜ୍ଞାନିକ ଓ ପରିବେଶବିତ୍‌ଙ୍କୁ ଚିନ୍ତାରେ ପକାଇଛି। ଯଦି ଏହି ହ୍ରଦ ଭବିଷ୍ୟତରେ ବୃଦ୍ଧିପାଏ, ତେବେ ତଳିଆ ଅଞ୍ଚଳରେ ବିପଦ ଓ ଧ୍ୱଂସ ଆଣିଦେବ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। ସୃଷ୍ଟି ହୋଇଥିବା ଏହି ନୂଆ ହ୍ରଦର ଦୈର୍ଘ୍ୟ ୩୫୦ ମିଟର ରହିଛି ଓ ଏହା କ୍ରମାଗତ ବୃଦ୍ଧିପାଇବାରେ ଲାଗିଛି। କିନ୍ତୁ ଏହି ହ୍ରଦ ପୂର୍ବରୁ ଥିଲା। କିନ୍ତୁ ଏତେ ବଡ଼ ହ୍ରଦ ପ୍ରଥମଥର ପାଇଁ ସୃଷ୍ଟି ହୋଇଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏହି ହ୍ରଦ ତମଙ୍ଗ ନାଳ ନିକଟରେ ସୃଷ୍ଟି ହୋଇଛି। ଗତ ଅଗଷ୍ଟରେ ହୋଇଥିବା ପ୍ରବଳ ବର୍ଷା ଓ ତୁଷାରପାତ ଯୋଗୁଁ ଧଉଳି ଗଙ୍ଗା ପ୍ରବାହରେ ବାଧା ସୃଷ୍ଟି ହୋଇଥିଲା। ହିମପ୍ରବାହ ତରଳିବା ଯୋଗୁଁ କାରଣରୁ ଏପରି ସ୍ଥିତି ସୃଷ୍ଟି ହୋଇଛି ବୋଲି ପରିବେଶବିତମାନେ କହିଛନ୍ତି। ୨୦୧୯ରେ ସରକାରଙ୍କୁ ଏ ନେଇ ଚେତାବନୀ ଦିଆଯାଇଥିଲା। ତମଙ୍ଗ ନାଳ ଉପରେ ପୋଲ ନିର୍ମାଣ ହୋଇଥିଲା ଓ ଏହି ପୋଲ ବର୍ଷା ଓ ତୁଷାରପାତ କାରଣରୁ ଭାଙ୍ଗିଯାଇ ନାଳ ଉପରେ ପଡ଼ିଥିଲ। ଫଳରେ ପ୍ରବାହ ବାଧିତ ହୋଇଥିଲା। ଏହି କାରଣରୁ ମଧ୍ୟ ହ୍ରଦ ସୃଷ୍ଟି ହୋଇଥାଇ ପାରେ ବୋଲି କୁହାଯାଉଛି।

## ମସ୍କୋରେ ୟୁକ୍ରେନର ଡ୍ରୋନ୍ ଆକ୍ରମଣ

କିଭ୍, ୧।୧୧(ଏଜେନ୍ସି): ରୁଷିଆ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଥମିବାର ନାମ ନେଉ ନାହିଁ। ଏବେ ୟୁକ୍ରେନ୍ ରୁଷିଆର ରାଜଧାନୀ ମସ୍କୋ ଉପରେ ଡ୍ରୋନ ଆକ୍ରମଣ କରିଛି। ୟୁକ୍ରେନର ଗୁଇନ୍ଦା ଏଜେନ୍ସି (ହଚ୍‌ୟୁଆର) ଶୁକ୍ରବାର ମସ୍କୋ ନିକଟରେ ଥିବା ଏକ ୪୦୦ କିମି ଦୀର୍ଘ ଫୁଏଲ ପାଇପ୍ ଲାଇନ୍ ଉପରେ ଆକ୍ରମଣ କରିଛି। ଏହି ପାଇପ୍ ଲାଇନ୍‌ର ନାମ 'ରିଙ୍ଗ' ବୋଲି ଜଣାପଡ଼ିଛି। ଏହି ଆକ୍ରମଣ ପରେ ରୁଷ୍‌ର ପେଟ୍ରୋଲ, ଡିଜେଲ ଓ ବିମାନର ଇନ୍ଧନ ଯୋଗାଣ ବନ୍ଦ ହୋଇଛି। ୟୁକ୍ରେନର ଏହି ଆକ୍ରମଣରେ ମସ୍କୋର ଦକ୍ଷିଣ ପୂର୍ବ ଅଞ୍ଚଳରେ ଥିବା ୩ଟି ମୁଖ୍ୟ ପାଇପ୍ ଲାଇନ ଏକାସଙ୍ଗେ ଧ୍ୱଂସ ପାଇଛି। ସେଠାରେ ଡ୍ରୋନ୍‌କୁ ନିଷ୍କ୍ରିୟ କରିବାକୁ ରୁଷିଆ ଅସ୍ତ୍ରଶସ୍ତ୍ର ନିୟୋଜିତ କରିଥିଲା। ତେବେ ସେ ସବୁ ଠିକ୍ ସମୟରେ କାର୍ଯ୍ୟ କରି ନଥିଲା। ଏବେ ରୁଷ୍ ସେନାକୁ ଇନ୍ଧନ ମିଳିବା କଷ୍ଟକର ହୋଇ ପଡ଼ିଛି। ଏହି ପାଇପ୍ ଲାଇନ ଜରିଆରେ ପ୍ରତିବର୍ଷ ୩୦ ଲକ୍ଷ ଟନ୍ ଜେଟ୍ ଇନ୍ଧନ, ଲକ୍ଷ ଲକ୍ଷ ଟନ ପେଟ୍ରୋଲ ଓ ଡିଜେଲ ପଠାଯାଇଥାଏ। ଏବେ ଏହି କାରଣରୁ ମସ୍କୋର ଅର୍ଥବ୍ୟବସ୍ଥା ନକାରାତ୍ମକ ଭାବେ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ରାତି ସାରା ହୋଇଥିବା ଡ୍ରୋନ ଆକ୍ରମଣର ଏହା ଏକ ଅଂଶ ଥିଲା ବୋଲି ରୁଷିଆ ତରଫରୁ କୁହାଯାଇଛି। ଅନ୍ୟପଟେ ୧୦ଟି ଅଞ୍ଚଳରେ ୟୁକ୍ରେନର ୯୮ଟି ଡ୍ରୋନକୁ ମାରି ଖସାଇଛୁ ବୋଲି ରୁଷ୍ ସେନା ତରଫରୁ କୁହାଯାଇଛି।

# ଆଜିଠୁ ପଞ୍ଚୁକ ବ୍ରତ

- ଲକ୍ଷ୍ମୀନାରାୟଣ ବେଶରେ ଦର୍ଶନ ଦେବେ ମହାପ୍ରଭୁ
- ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ସମ୍ଭାବନା
- ଏଥର ଚାରିଦିନିଆ ପଞ୍ଚୁକ, ବାଙ୍କଚୂଡ଼ା ବେଶ ନାହିଁ

ପୁରୀ,୧।୧୧(ସମିସ): ରବିବାରଠାରୁ ମହାକାର୍ତ୍ତିକର ପଞ୍ଚୁକ ବ୍ରତ। ଚଳିତ ବର୍ଷ ୫ଦିନ ପରିବର୍ତ୍ତେ ୪ଦିନ ପାଳନ ହେବ ପଞ୍ଚୁକ ବ୍ରତ। ଏହି ଉପଲକ୍ଷେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସ୍ୱତନ୍ତ୍ର ବେଶ ଅନୁଷ୍ଠିତ ହେବ। ଦ୍ୱାଦଶୀ ତିଥି କ୍ଷୟ ଯାଉଥିବାରୁ ମହାପ୍ରଭୁଙ୍କ ୪ଟି ବେଶ ଦର୍ଶନର ସୁଯୋଗ ପାଇବେ ଭକ୍ତ। ବାଙ୍କଚୁଡ଼ା ବେଶ ଦର୍ଶନରୁ ଶ୍ରଦ୍ଧାଳୁ ବଞ୍ଚିତ ରହିବେ। ଏହାସହ ଶ୍ରୀମନ୍ଦିରରେ ହରି ଉତ୍‌ଥାପନ ଏକାଦଶୀ ନୀତି ସମ୍ପନ୍ନ ହେବ। ସେହିପରି ୩ ତାରିଖରେ ଡାଳିକିଆ ବା ତ୍ରିବିକ୍ରମ ବେଶ, ୪ରେ ଲକ୍ଷ୍ମୀନୃସିଂହ ବେଶ ଏବଂ ପଞ୍ଚକର ଶେଷ ଦିନ ଅର୍ଥାତ୍ ନଭେମ୍ବର ୫ରେ ମହାପ୍ରଭୁଙ୍କ ସୁନାବେଶ ତଥା ରାଜାଧିରାଜ ବେଶ ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ସ୍ୱତନ୍ତ୍ର ବେଶ ଦର୍ଶନ ଲାଗି ପ୍ରତିଦିନ ପୁରୀରେ ଲକ୍ଷାଧିକ ଭକ୍ତଙ୍କ ଆଗମନ ହେବାକୁ ଥିବାରୁ ପୁରୀ ପୁଲିସ ପକ୍ଷରୁ ଶୃଙ୍ଖଳିତ ଦର୍ଶନ ଓ ଭକ୍ତଙ୍କ ସୁରକ୍ଷା ଏବଂ ଟ୍ରାଫିକ୍ ପରିଚାଳନା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି।

ପ୍ରଥମ ଦିନ ଅର୍ଥାତ୍ କାର୍ତ୍ତିକ ଶୁକ୍ଳ ଏକାଦଶୀରେ ଶ୍ରୀବିଗ୍ରହମାନଙ୍କର ଅବକାଶ ନୀତି ପରେ ଲକ୍ଷ୍ମୀନାରାୟଣ ବା ଠିଆକିଆ ବେଶ ହୋଇଥାଏ। ଏହି ବେଶ ଥାଇ ଠାକୁରମାନଙ୍କର ଗୋପାଳବଲ୍ଲଭ, ସକାଳଧୂପ, ବାଲଧୂପ, ଭୋଗମଣ୍ଡପ ଇତ୍ୟାଦି ନୀତି ସମ୍ପନ୍ନ ହେବ। ସ୍ୱର୍ଣ୍ଣ ଅଳଙ୍କାର, ପୁଷ୍ପମାଲ୍ୟ, ପାଟବସ୍ତ୍ର ଇତ୍ୟାଦିରେ ପୁଷ୍ପାଳକ ସେବକମାନେ ଶ୍ରୀବିଗ୍ରହଙ୍କୁ ବେଶ କରିବେ। କାର୍ତ୍ତିକରେ ଅନୁଷ୍ଠିତ ରାଧାଦାମୋଦର ବେଶରେ ଠାକୁରମାନେ ଶ୍ରୀହସ୍ତରେ ନଳୀଭୁଜ ଧାରଣ କରୁଥିବା ବେଳେ ଲକ୍ଷ୍ମୀନାରାୟଣ ବେଶରେ ଶ୍ରୀଭୁଜ ଓ ଶଙ୍ଖ, ଚକ୍ର, ହଳ, ମୂଷଳ ଓ କେତେକ ଅଧିକ ସ୍ୱର୍ଣ୍ଣ ଅଳଙ୍କାର ଧାରଣ କରିଥା'ନ୍ତି। ସୁଭଦ୍ରାଙ୍କ ବେଶରେ କିଛି ପରିବର୍ତ୍ତନ ହୁଏ ନାହିଁ।

ଏତଦ୍‌ବ୍ୟତୀତ ସୁନାବେଶ ଭଳି ଏହି ବେଶରେ ଠାକୁରମାନଙ୍କ ମସ୍ତକରେ ସ୍ୱର୍ଣ୍ଣ କିରୀଟ ଶୋଭାପାଏ ଓ କିରୀଟ ପଛ ପାର୍ଶ୍ୱରେ ସୁବର୍ଣ୍ଣ କିଆ ଖଞ୍ଜା ଯାଇଥାଏ। ପଞ୍ଚୁକରେ ଲକ୍ଷାଧିକ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ବଡ଼ଦାଣ୍ଡର ମାର୍କେଟ୍ ଛକଠାରୁ ହୋଇଥିବା ବ୍ୟାରିକେଡ୍ ଦେଇ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଯିବେ। ସେହିପରି ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ସୁରକ୍ଷା, ଭିଡ଼ ଓ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ୯୬ ସେକ୍ସନ୍ ଫୋର୍ସ ମୁତୟନ ହୋଇଛନ୍ତି। ୫ ଅତିରିକ୍ତ ଏସ୍‌ପି, ୧୬ ଡିଏସ୍‌ପି, ୩୫ ଇନ୍ସପେକ୍ଟରଙ୍କ ସହ ଅନ୍ୟାନ୍ୟ ଅଧିକାରୀ ମଧ୍ୟ ନିୟୋଜିତ ହୋଇଛନ୍ତି। ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନେ ଯେଭଳି କୌଣସି ସମସ୍ୟାର ସମ୍ମୁଖୀନ ହେବେ ନାହିଁ, ତାହା ପୁରୀ ପୁଲିସର ପ୍ରାଥମିକତା ରହିବ ବୋଲି କହିଛନ୍ତି ଏସ୍‌ପି ପ୍ରତୀକ୍ ସିଂ।

# ସୋମବାରରୁ ହାଇକୋର୍ଟ ୩ ଦିନ ଛୁଟି

କଟକ, ୧।୧୧(ସମିସ): ଆସନ୍ତା ସୋମବାର ନଭେମ୍ବର ୩ତାରିଖରେ ହାଇକୋର୍ଟ ଛୁଟି ରହିବ। ସେହିପରି ବଡ଼ଓଷା ଓ କାର୍ତ୍ତିକ ପୂର୍ଣ୍ଣିମା ପାଇଁ ନଭେମ୍ବର ୪ ଓ ୫ତାରିଖ ମଧ୍ୟ ଛୁଟି ରହିବ। ଚାଲିଥିବା କାର୍ତ୍ତିକ ବ୍ରତ ପାଇଁ ୩ ତାରିଖକୁ ହାଇକୋର୍ଟ ପକ୍ଷରୁ ଛୁଟି ଘୋଷଣା କରାଯାଇଛି। ଏହା ବଦଳରେ ନଭେମ୍ବର ୨୯ ତାରିଖ ଶନିବାର ଦିନକୁ କୋର୍ଟ କାର୍ଯ୍ୟ ଦିବସ ଭାବେ ଘୋଷଣା କରାଯାଇଛି। ଏନେଇ ହାଇକୋର୍ଟ ପକ୍ଷରୁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ହାଇକୋର୍ଟ ଗୁରୁବାର ଦିନ ଖୋଲିବ।

# ବ୍ୟବସାୟୀଙ୍କୁ ଅପହରଣ କରି ୨ କୋଟିର ମୁଣ୍ଡ ଜାମିନ




- ୪ ଗିରଫ; ୨ଟି କାର୍, ୮ ଲକ୍ଷ ଟଙ୍କା ଜବତ
- ପ୍ରାକ୍ତନ କନେଷ୍ଟବଲ ଅଟକ

ବାରିପଦା/ବେତନଟୀ/ବୈଶିଙ୍ଗା,୧।୧୧ (ସମିସ): ଜଣେ ବ୍ୟବସାୟୀଙ୍କୁ ଅପହରଣ କରି ୨ କୋଟି ଟଙ୍କା ମୁଣ୍ଡ ଜାମିନ ରଖିବା ଅଭିଯୋଗରେ ମୟୂରଭଞ୍ଜ ପୁଲିସ ୪ଜଣ ଅପହର୍ତ୍ତାଙ୍କୁ ଗିରଫ କରିଛି। ସେମାନେ ହେଲେ, ବାଲେଶ୍ୱର ଜିଲ୍ଲା ରୁପ୍ସା ଥାନା ଅନ୍ତର୍ଗତ ଗଡ଼ପଦା ଗ୍ରାମର ଅର୍ମାନ ଖାଁ (୩୪), ଆଗରବେଡା ଗ୍ରାମର ରାଜେଶ ବାରିକ (୩୦), ମିରିଗିମୁଣ୍ଡି ଗ୍ରାମର ଭବେଶ ଚନ୍ଦ୍ର ବେହେରା (୧୯) ଓ ହାଟଡ଼ିହି ଗ୍ରାମର ବଳରାମ ରାଉତ (୨୦)। ସେମାନଙ୍କ ନିକଟରୁ ପୁଲିସ ୮,୭୪,୭୦୦ଟଙ୍କା, ଦୁଇଟି କାର୍, ୭ଟି ମୋବାଇଲ୍ ଓ ୪ଟି ତେଲେଙ୍ଗା କଟୁରି ଜବତ କରିଛି। ଏନେଇ ବୈଶିଙ୍ଗା ପୁଲିସ ଏକ ମାଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସେହିପରି ଏହି ଘଟଣାରେ ପୁଲିସ ଜଣେ ପ୍ରାକ୍ତନ କନେଷ୍ଟବଳଙ୍କୁ ଅଟକ ରଖି ଅଧିକ ତଦନ୍ତ ଚଳାଇଛି। ଶନିବାର ଅପରାହ୍ଣରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମୟୂରଭଞ୍ଜ ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲି ଏ ସଂପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି। ପୁଲିସ୍ ସୂଚନାନୁଯାୟୀ, ବାରିପଦା ସହରର ଷ୍ଟେସନ୍ ବଜାର ଅଞ୍ଚଳର ସୁନୀଲ ଅଗ୍ରୱାଲଙ୍କ ବୈଶିଙ୍ଗା ଅଞ୍ଚଳରେ ଏକ ରାଇସ୍ ମିଲ୍ ରହିଛି। କିଛି ଲୋକଙ୍କ ସହ ମିଶି ସେ ବେତନଟୀ ବ୍ଲକ ଅଞ୍ଚଳରେ ଏକ ଜମି କାରବାର କରିଥିଲେ। ଉକ୍ତ ଜମି କାରବାର ଭାଗ ଟଙ୍କା ଦେବେ ବୋଲି ଡିଲ୍ ହୋଇଥିଲା। କିନ୍ତୁ ଜମି କାରବାର ପରେ ସୁନୀଲ ଟଙ୍କା ଦେଇନଥିଲେ। ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏହାକୁ ନେଇ ମାରପିଟ୍, ଗଣ୍ଡଗୋଳ ହୋଇ ଥାନାରେ ଅଭିଯୋଗ ହୋଇଥିଲା।

ତେବେ ଡିଲ୍ ଟଙ୍କା ଆଦାୟ କରିବା ପାଇଁ ସମସ୍ତ ଗ୍ରୁପ୍ ସଦସ୍ୟମାନେ ତାଙ୍କୁ ଅପହରଣ କରି ମୁଣ୍ଡ ଜାମିନରେ ଟଙ୍କା ଆଦାୟ କରିବାର ଯୋଜନା କରିଥିଲେ। ତେଣୁ ସୁନୀଲଙ୍କୁ ଯୋଜନା କରି ଅପହରଣ କରିନେଇଥିଲେ।

ଗତ ଅକ୍ଟୋବର ୨୩ରେ ସୁନୀଲ କାର୍‌ରେ ବାରିପଦାରୁ ବାଲେଶ୍ୱର ଯାଉଥିବା ବେଳେ ଦୁର୍ବୃତ୍ତମାନେ ଦୁଇଟି କାର ଓ ଦୁଇଟି ବାଇକରେ ତାଙ୍କୁ ପିଛା କରିଥିଲେ। ୧୮ ନମ୍ବର ଜାତୀୟ ରାଜପଥର ପଦ୍ମନାଭପୁର ଟୋଲଗେଟ୍ ନିକଟରେ ସେମାନେ ତାଙ୍କୁ ଜୋରଜବରଦସ୍ତ ଅଟକାଇଥିଲେ। ତାଙ୍କ ମୁଣ୍ଡକୁ ଆକ୍ରମଣ କରି ଚେତାଶୂନ୍ୟ କରିବା ପରେ ଅପହରଣ କରି ରୁପ୍ସା ନେଇଯାଇଥିଲେ। ସେଠାରେ ସେମାନେ ସୁନୀଲଙ୍କୁ ବନ୍ଧୁକ ଓ କଟୁରି ଦେଖାଇ ଭୟଭୀତ କରିବା ସହ ମୁକ୍ତ କରିବା ପାଇଁ ତାଙ୍କ ପରିବାରଲୋକଙ୍କୁ ୨ କୋଟି ଟଙ୍କା ଦାବି କରିଥିଲେ। ତେବେ କଥା ୮୦ଲକ୍ଷରେ ଛିଡ଼ିଥିଲା। ପରିବାରଲୋକେ ଶୁକ୍ରବାର ୮୦ଲକ୍ଷ ଟଙ୍କା ନେଇ ସୁନୀଲଙ୍କୁ ଉଦ୍ଧାର କରିବା ପାଇଁ ଯାଇଥିଲେ। ଅପହରଣକାରୀମାନେ ଟଙ୍କା ନେଇ ସୁନୀଲଙ୍କୁ ଛାଡ଼ି ଦେଇଥିଲେ। କିନ୍ତୁ, ପରେ ଅପହରଣକାରୀମାନେ ଜାଣିବାକୁ ପାଇଥିଲେ ଯେ ସୁନୀଲଙ୍କ ପରିବାରଲୋକ ତାଙ୍କୁ ୮୦ ଲକ୍ଷ ବଦଳରେ ୪୦ଲକ୍ଷ ଟଙ୍କା ଦେଇ ଠକି ଦେଇଛନ୍ତି। ତେଣୁ ସେମାନେ ବାକି ଟଙ୍କା ଦେବାକୁ ପୁଣି ଫୋନ୍‌ରେ ଧମକ ଦେଇଥିଲେ। କିନ୍ତୁ ପରିବାରଲୋକେ ଏ ସଂପର୍କରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇଥିଲେ।

### ସୀମା ଟପିଲାଣି ବାଲି ମାଫିଆଙ୍କ ଦୌରାତ୍ମ୍ୟ

# ମହିଳା ବନରକ୍ଷୀଙ୍କୁ ଗଣଦୁଷ୍କର୍ମ ଧମକ

- ଦୁର୍ବ୍ୟବହାର କରି ଜବତ ଟ୍ରାକ୍ଟର୍ ଛଡ଼ାଇନେଲେ
- ଘଟଗାଁ ଥାନାରେ ମାମଲା

ଡୁରୁମୁଙ୍ଗା, ୧।୧୧(ସମିସ): କେନ୍ଦୁଝର ଜିଲ୍ଲାରେ ବାଲିମାଫିଆଙ୍କ ଦୌରାତ୍ମ୍ୟ ସୀମା ଟପିବାରେ ଲାଗିଛି। କେତେବେଳେ ପୁଲିସ ଓ ବନ ବିଭାଗକୁ ଖୋଲା ଚ୍ୟାଲେଞ୍ଜ ଦେଇ ଜଙ୍ଗଲ କାଟି ରାସ୍ତା ଚଡ଼ଡ଼ା କରୁଛନ୍ତି ତ କେତେବେଳେ ଗ୍ରାମବାସୀଙ୍କୁ ଆକ୍ରମଣ କରୁଛନ୍ତି। ପୁଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉ ନଥିବାରୁ ସେମାନଙ୍କ ଉପଦ୍ରବ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏପରି ସ୍ଥିତିରେ କିଛି ବାଲିମାଫିଆ ଜଣେ ମହିଳା ବନରକ୍ଷୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ଠେଲାପେଲା କରିଛନ୍ତି। ଏପରିକି, ବାଲି ଚାଲାଣରେ କଣ୍ଟା ସାଜିଲେ ଗଣଦୁଷ୍କର୍ମ କରିବାକୁ ଚେତାବନୀ ଦେଇଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି।



ସୂଚନାନୁସାରେ, ପାଟଣା ରେଞ୍ଜ ତଣ୍ଡ ବିଟ୍ ପିଛୁଲାବେଡ଼ା ସଂରକ୍ଷିତ ଜଙ୍ଗଲ ଭିତରେ ଥିବା ନାଳରୁ ଶୁକ୍ରବାର ସନ୍ଧ୍ୟାରେ ଟ୍ରାକ୍ଟର୍ ଯୋଗେ ବାଲି ଚୋରାଚାଲାଣ କରାଯାଉଥିଲା। ଖବର ପାଇ ପାଟଣା ରେଞ୍ଜର୍ ବନ ବିହାରୀ ସର୍ଦ୍ଦାରଙ୍କ ନିର୍ଦ୍ଦେଶରେ ତୋଣ୍ଡ ବିଟ୍‌ର ମହିଳା ବନରକ୍ଷୀ ଏବଂ ସ୍କ୍ୱାଡ୍ କୈଳାସ ମହାନ୍ତ ଘଟଣାସ୍ଥଳକୁ ଯାଇଥିଲେ। ସେଠାରେ ଏକ ବାଲି ବୋଝେଇ ଟ୍ରାକ୍ଟର୍‌କୁ ଜବତ କରିଥିଲେ। ଏହି ସମୟରେ ୫ଜଣ ସହଯୋଗୀଙ୍କ ସହ ତୋଣ୍ଡ ଗ୍ରାମର ପ୍ରହ୍ଲାଦ ପଲେଇ ସେଠାରେ ପହଞ୍ଚି ମହିଳା ବନରକ୍ଷୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଦୁର୍ବ୍ୟବହାର ଓ ଠେଲାପେଲା କରିଥିଲେ। ବାଲି ଖାଲି କରି ଟ୍ରାକ୍ଟର୍ ଛଡ଼ାଇ ନେବା ସହ ମହିଳା ବନରକ୍ଷୀଙ୍କୁ ଗଣଦୁଷ୍କର୍ମ କରିବାକୁ ଧମକ ଦେଇଥିଲେ। ଏ ସଂପର୍କରେ ବନରକ୍ଷୀଜଣଙ୍କ ଘଟଗାଁ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ନମ୍ବର ୫୦୮/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ, ବାଲିମାଫିଆମାନେ ଗାଡ଼ି ଛଡ଼ାଇ ନେଉଥିବା ବେଳର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

# ଅଚେତ କରି ବିଲରେ ଯୁବତୀଙ୍କୁ ଗଣଦୁଷ୍କର୍ମ

ସୋନପୁର, ୧।୧୧ (ସମିସ): ସୁବର୍ଣ୍ଣପୁରରେ ଲଜ୍ଜା। ବୀରମହାରାଜପୁର ଥାନା ଉଲୁଣ୍ଡା ବ୍ଲକ୍ ହିକୁଡି ଅଞ୍ଚଳରେ ଦୁର୍ବୃତ୍ତମାନେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ କରିଛନ୍ତି। ଶୁକ୍ରବାର ସଂଧ୍ୟାରେ ୨୦ ବର୍ଷୀୟା ଏହି ଯୁବତୀଜଣଙ୍କ ଅଫିସ୍ ସାରି ଘରକୁ ଫେରୁଥିବା ବେଳେ ୩ଜଣ ଯୁବକ ତାଙ୍କୁ ଅଚେତ କରି ଏକ ବିଲ ମଝିକୁ ନେଇଯାଇଥିଲେ। ସେଠାରେ ସେମାନେ ତାଙ୍କୁ ଗଣଦୁଷ୍କର୍ମ କରିଥିଲେ। ଏ ସଂପର୍କରେ ଯୁବତୀଜଣଙ୍କ ଆଜି ବୀରମହାରାଜପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଗୁରୁତ୍ୱର ସହ ନେଇ ପୁଲିସ ୨ଜଣ ଯୁବକଙ୍କୁ ଉଠାଇ ନେଇ ପଚରାଉଚରା କରୁଛି।

ଅପରପକ୍ଷେ, ଏହି ଖବର ପ୍ରଘଟ ହେବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ସୂଚନାନୁଯାୟୀ, ଯୁବତୀଜଣଙ୍କ ଏକ ଘରୋଇ କମ୍ପାନୀରେ କାମ କରନ୍ତି। ଗତକାଲି ସଂଧ୍ୟାରେ ସେ ଅଫିସ୍‌ରୁ ଘରକୁ ଫେରୁଥିବା ବେଳେ ହିକୁଡି ଆଇଟିଆଇ କଲେଜ ପାଖ ବନ୍ଧ ନିକଟରେ ୩ଜଣ ମୁଖାପିନ୍ଧା ଦୁର୍ବୃତ୍ତ ତାଙ୍କୁ ଅଟକାଇଥିଲେ। ସେ କିଛି ବୁଝିବା ପୂର୍ବରୁ ଦୁର୍ବୃତ୍ତମାନେ ତାଙ୍କ ମୁହଁରେ ଏକ ତରଳ ପଦାର୍ଥ ସ୍ପ୍ରେ' କରିଦେଇଥିଲେ। କିଛି ସମୟ ମଧ୍ୟରେ ଯୁବତୀଜଣଙ୍କ ଚେତାଶୂନ୍ୟ ହୋଇଯିବା ପରେ ଯୁବକମାନେ ତାଙ୍କୁ ଏକ ବିଲ ମଧ୍ୟକୁ ଟେକି ନେଇଥିଲେ। ସେଠାରେ ସେମାନେ ତାଙ୍କୁ ଗଣଦୁଷ୍କର୍ମ କରିଥିଲେ। ଯୁବତୀଙ୍କ ଚେତା ଫେରିବା ପରେ ସେ ଘଟଣା ବିଷୟରେ ଜାଣିପାରିଥିଲେ। ଖବର ପାଇ ପ୍ରଥମେ ଧର୍ମଶାଳା ଫାଣ୍ଡି ଅଧିକାରୀ ବସନ୍ତ ରଥ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏନେଇ ସେ ଉଚ୍ଚ ପୁଲିସ ଅଧିକାରୀଙ୍କୁ ଜଣାଇଥିଲେ। ଘଟଣାକୁ ଗୁରୁତ୍ୱର ସହ ନେଇ ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାଏକ, ଉପଖଣ୍ଡ ପୁଲିସ ଅଧିକାରୀ ହେମନ୍ତ କୁମାର ରାଓ, ବୀରମହାରାଜପୁର ଥାନାଧିକାରୀ ସାରଙ୍ଗଧର ପାଣିଗ୍ରାହୀ ଶୁକ୍ରବାର ରାତିସାରା ତନାଘନା କରିଥିଲେ। ଶନିବାର ସକାଳେ ଯୁବତୀଜଣଙ୍କ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି୨ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ପୀଡ଼ିତାଙ୍କ ଜଣେ ଅତି ନିକଟତମ ସମ୍ପର୍କୀୟ ବନ୍ଧୁ ଏଭଳି କରିଥିବା କୁହାଯାଉଛି।

### ଅନୁକମ୍ପା ନିଯୁକ୍ତି ପ୍ରଦାନରେ ଅବହେଳା

# ଲକ୍ଷେ ତଣ୍ଡ ଗଣିବ ଉତ୍କଳ ବିଶ୍ୱବିଦ୍ୟାଳୟ: ହାଇକୋର୍ଟ

କଟକ, ୧।୧୧(ସମିସ): ଜଣେ କର୍ମଚାରୀଙ୍କ ମୃତ୍ୟୁ ପରେ ତାଙ୍କ ଉତ୍ତରାଧିକାରୀଙ୍କୁ ଅନୁକମ୍ପା ନିଯୁକ୍ତି ପ୍ରଦାନରେ ଅବହେଳା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ୧ଲକ୍ଷ ଟଙ୍କା ତଣ୍ଡ ରାଶି ଗଣିବ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ୧ ମାସ ମଧ୍ୟରେ ଏହା ପଇଠ କରାନଗଲେ, ଦିନକୁ ଅତିରିକ୍ତ ୧ହଜାର ଟଙ୍କା ଦେବାକୁ ପଡ଼ିବ। ଏହି ତଣ୍ଡରାଶି ସମ୍ପୃକ୍ତ ଦୋଷୀ ଅଧିକାରୀଙ୍କ ଦରମାରୁ ଭରଣା କରାଯିବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଡି. ସୁରେଶ ଦାସଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ରାୟ ପ୍ରକାଶ କରିଛନ୍ତି।


ହାଇକୋର୍ଟ କହିଛନ୍ତି ଯେ ବାରମ୍ବାର ନିର୍ଦ୍ଦେଶ ପରେ ବି ଆଦେଶ ଅନୁପାଳନ ନହେବା, ନ୍ୟାୟିକ ପ୍ରକ୍ରିୟାରେ ମକଦ୍ଦମାକାରୀଙ୍କ ବିଶ୍ୱାସକୁ ଦୋହଲାଇ ଦେବ। ଏଭଳି ସ୍ଥିତିରେ ନିଜ କର୍ମଚାରୀଙ୍କ ପରିବାର ପ୍ରତି ନିଷ୍ଠୁର ମନୋଭାବ ଦେଖାଇବା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟର କାର୍ଯ୍ୟ ଦଣ୍ଡମୁକ୍ତ ହୋଇପାରିବ ନାହିଁ। ଏଥିସହ, ଅନୁକମ୍ପା ନିଯୁକ୍ତି ଆବେଦନକୁ ଖାରଜ କରି ବିଶ୍ୱବିଦ୍ୟାଳୟ କୁଳସଚିବଙ୍କ ଦ୍ୱାରା ଗତ ୨୦୨୪ ମାର୍ଚ୍ଚ ୧୧ର ଆଦେଶକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ଆସନ୍ତା ୩ସପ୍ତାହ ମଧ୍ୟରେ ଆବେଦନକାରୀଙ୍କ ଅନୁକମ୍ପା ନିଯୁକ୍ତିର ଆଦେଶ ଜାରି କରିବା ସହ ଅଦାଲତଙ୍କ ଆଦେଶ ଅନୁପାଳନ ସଂକ୍ରାନ୍ତରେ ରେଜିଷ୍ଟ୍ରାର୍ ଜେନେରାଲଙ୍କୁ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ।

ଆବେଦନକାରୀଙ୍କ ପିତା ବିଶ୍ୱବିଦ୍ୟାଳୟରେ କମନ ରୁମ୍ ଆଟେଣ୍ଡାଣ୍ଟ ଭାବରେ ନିଯୁକ୍ତି ପାଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ଚାକିରି ଗତ ୨୦୦୪ ନଭେମ୍ବର ୨୭ରୁ ନିୟମିତ କରାଯାଇଥିଲା। ୨୦୧୦ ମାର୍ଚ୍ଚ ୧୦ରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହା ପରେ ଆବେଦନକାରୀ ଅନୁକମ୍ପା ନିଯୁକ୍ତିରୁ ବଞ୍ଚିତ ହେବାରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ସପକ୍ଷରେ ହାଇକୋର୍ଟ ରାୟ ଦେଇଥିଲେ ସୁଦ୍ଧା ଏହାକୁ ସରକାର କିମ୍ବା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପାଳନ ନକରିବାରୁ ସେ ଅଦାଲତ ଅବମାନନା ମାମଲା କରିଥିଲେ। ଏହି ମାମଲାରେ ବି ଆବେଦନକାରୀଙ୍କୁ ନିଯୁକ୍ତି ପ୍ରଦାନ ପାଇଁ କୁହାଯାଇଥିଲା। ପ୍ରଚଳିତ ନିୟମ ଅନୁଯାୟୀ, ଏହି ପ୍ରସଙ୍ଗରେ ବିଶ୍ୱବିଦ୍ୟାଳୟ ନିଷ୍ପତ୍ତି ନେବା ଆବଶ୍ୟକ ବୋଲି ସରକାର କହିବା ପରେ ଗତ ୨୦୨୪ ମାର୍ଚ୍ଚ ୧୧ରେ ଆବେଦନକାରୀଙ୍କ ଦାବିକୁ ପ୍ରତ୍ୟାଖ୍ୟାନ କରିଥିଲେ।

ଏହାକୁ ଚାଲେଞ୍ଜ କରି ଆବେଦନକାରୀ ତୃତୀୟଥର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଅଭିଜିତ ପଟ୍ଟନାୟକ ଓ ସୋମା ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

# ବିଦ୍ୟୁତ୍ ଫାଶରେ ପଡ଼ି ଦନ୍ତା ମୃତ!

ଭଞ୍ଜନଗର, ୧।୧୧(ସମିସ): ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡର ମୁଜାଗଡ ରେଞ୍ଜ ଅନ୍ତର୍ଗତ ବାଇବାଲି ସେକ୍ସନ ବିରିକୋଟ ସଂରକ୍ଷିତ ଜଙ୍ଗଲରେ ଏକ ଦନ୍ତା ହାତୀର ମୃତ୍ୟୁ ଘଟିଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏହି ବନଖଣ୍ଡରେ ଶିକାରୀ ମାନେ ଜନ୍ତୁ ଶିକାର ପାଇଁ ବିଦ୍ୟୁତ୍ ତାର ବିଛାଉଥିବାରୁ ଦନ୍ତାହାତୀଟି ତାରରେ



ଲାଗି ମୃତ୍ୟୁବରଣ କରି ଥାଇପାରେ ବୋଲି ସନ୍ଦେହ କରାଯାଉଛି। ଡିଏଫଓ ହିମାଂଶୁ ଶେଖର ମହାନ୍ତି, ରେଞ୍ଜର ବିମ୍ବାଧର ସାହୁ ପ୍ରମୁଖ ଘଟଣାସ୍ଥଳକୁ ଯାଇଥିବାବେଳେ ଅପରାହ୍ନରେ ଜେଟିଏଫ୍ ଟିମ ଭୁବନେଶ୍ୱରରୁ ପହଞ୍ଚି ସମସ୍ତଙ୍କ ଉପସ୍ଥିତିରେ ମୃତ ହାତୀଟିର ବ୍ୟବଚ୍ଛେଦ କରିଛି। ହାତୀଟିର ବୟସ ୧୫ ରୁ ୧୬ ବର୍ଷ ମଧ୍ୟରେ ହେବ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହାତୀ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଡିଏଫ୍‌ଓ ଶ୍ରୀ ମହାନ୍ତି କହିଛନ୍ତି।

### ଘୋଷଣାକୁ ପୂରିଲା ବର୍ଷେ

# ଘୋଷଣାରେ ସୀମିତ ଶିଶୁ ସୁରକ୍ଷା ହେଲ୍‌ପଲାଇନ୍ ନମ୍ବର

ଭୁବନେଶ୍ୱର,୧।୧୧(ସମିସ): ଶିଶୁମାନଙ୍କୁ ଶୋଷଣ, ଚାଲାଣ, ନିର୍ଯାତନା ଓ ଯୌନ ଉତ୍ପୀଡ଼ନରୁ ସୁରକ୍ଷା ଦେବା ପାଇଁ ସରକାର ସର୍ବଦା ସମ୍ବେଦନଶୀଳ ଅଛନ୍ତି। ଦାନ୍ତ ବିହୀନ କିମସନକୁ ନୂଆ ସରକାରରେ ଶକ୍ତିଶାଳୀ କରିବାକୁ ସମସ୍ତ ପ୍ରଚେଷ୍ଟା କରାଯିବ। ନୂଆ, ଢାଞ୍ଚାରେ ନୂଆ ନିୟମରେ ପରିବର୍ତ୍ତନ କରାଯିବ। ଏଥିପାଇଁ ରହିଥିବା ଆଇନ ଓ ନିୟମକୁ ମଧ୍ୟ ପରିବର୍ତ୍ତନ କରାଯାଇ ଆୟୋଗକୁ ସୁଦୃଢ଼ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଗତବର୍ଷ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗ(ଓଏସସିପିସିଆର)ର ପ୍ରତିଷ୍ଠା ଦିବସ ଅବସରରେ ଘୋଷଣା କରିଥିଲେ। ସେହିପରି ଯୌନ ଉତ୍ପୀଡ଼ନର ପ୍ରଥମ ପ୍ରୟାସକୁ ହିଁ ବିରୋଧ କରାଯିବା ସହ ରାଜ୍ୟର କୌଣସି ବି ସ୍ଥାନରେ ପିଲାମାନେ ଯଦି କୌଣସି ଅସୁବିଧାର ସମ୍ମୁଖୀନ ହୁଅନ୍ତି, ତେବେ ଦେୟମୁକ୍ତ ନମ୍ବର(୧୮୦୦-୩୪୫-୪୪୯୪)ରେ ଯୋଗାଯୋଗ କରିପାରିବେ। ଏହି ନମ୍ବରକୁ ବ୍ଲକ୍ ସ୍ତରରୁ ଜିଲ୍ଲା ସ୍ତରଯାଏଁ ବ୍ୟାପକ କରାଯିବ। ହେଲେ ଉପମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ବର୍ଷେ ପୂରିଥିଲେ ମଧ୍ୟ ଏହି ନମ୍ବର ଗାଁ ଗାଁରେ ପହଞ୍ଚିବା ତ ଦୂରର କଥା, ବ୍ଲକ୍ କି ଜିଲ୍ଲା ସ୍ତରକୁ ମଧ୍ୟ ଯାଇ ପାରିଲା ନାହିଁ।

ରାଜ୍ୟରେ ଶିଶୁମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ବିଷୟରେ ଅବଗତ ହେବା ଏବଂ ଏହାର ସମାଧାନ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବିଭାଗ ପକ୍ଷରୁ ଜାରି କରାଯାଇଥିବା ଏହି ଟୋଲ୍ ଫ୍ରି ନମ୍ବର ସହ ପୁଲିସ ସହାୟତା ନମ୍ବର, ଚାଇଲ୍ଡ ହେଲ୍‌ପଲାଇନ୍ ନମ୍ବର ବିଷୟରେ ସଚେତନା କରାଯିବାକୁ

**ସହରରୁ ଗାଁ ଯାଏଁ ବ୍ୟାପିଗଲାଣି ଶିଶୁ ଚାଲାଣ, ଯୌନ ଉତ୍ପୀଡ଼ନ ସମସ୍ୟା**

ଯୋଜନା ରହିଥିଲା। ଶିଶୁ ଚାଲାଣ ରୋକିବା ପାଇଁ ଗାଁ ମାନଙ୍କରେ ଏସ୍‌ଏଚ୍‌ଜି ମହିଳା ଓ 'ଅଦ୍ୱିକା' ଯୋଜନାରେ କିଶୋରୀ ବାଳିକାଙ୍କୁ ଟ୍ରେନିଂ ଦିଆଯିବ। ସେମାନେ ଘର ଘର ବୁଲି ଏ ବାବଦରେ ଅଭିଭାବକମାନଙ୍କୁ ଅବଗତ କରାଇବେ। ଏଥିପାଇଁ ବିଭାଗ ପକ୍ଷରୁ ଅର୍ଥ ଯୋଗାଇ ଦିଆଯିବ। କେବଳ ସେତିକି ନୁହେଁ; ଶିଶୁ ଶ୍ରମିକ, ବାଲ୍ୟ ବିବାହ, ଶିଶୁ ନିର୍ଯାତନା, ଯୌନ ଉତ୍ପୀଡ଼ନ ସମେତ ଶିଶୁମାନଙ୍କ ଅଧିକାର କ୍ଷୁଣ୍ଣ ହେଲା ଭଳି କୌଣସି ଘଟଣା ସାମ୍ନାକୁ ଆସିଲେ ପୁଲିସ ପ୍ରଶାସନ ସହାୟତାରେ ତୁରନ୍ତ ପଦକ୍ଷେପ ନିଆଯିବ। ଜିରୋ ଟଲେରାନ୍ସ ବ୍ୟବସ୍ଥାରେ ଦୋଷୀକୁ ତୁରନ୍ତ ଦଣ୍ଡ ଦିଆଯିବା ସହ ପୀଡ଼ିତାଙ୍କୁ ଅନୁକମ୍ପା ମୂଳକ ସହାୟତା ରାଶି ମଧ୍ୟ ପ୍ରଦାନ କରାଯିବାର ବ୍ୟବସ୍ଥା ପାଇଁ ବିଭାଗ ଘୋଷଣା କରିଥିଲା। ଏଦିଗରେ ପିଲାମାନଙ୍କୁ ଅଧିକ ସଚେତନ କରିବାକୁ ବିଦ୍ୟାଳୟରେ ଶିକ୍ଷା ଓ ସଚେତନତା ବାର୍ତ୍ତା ଦିଆଯିବ; ଯାହାକି ଏପର୍ଯ୍ୟନ୍ତ ହୋଇପାରି ନାହିଁ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସକାଳ ୧୦ ଟା ରୁ ଅପରାହ୍ନ ୫ ପର୍ଯ୍ୟନ୍ତ ଉପଲବ୍ଧ ରହିଥିବା ଏହି ସରକାରୀ ଟ୍ରୋଲ ଫ୍ରି ନମ୍ବର କେବଳ ସରକାରୀ ବ୍ୟବସ୍ଥା ମଧ୍ୟରେ ସୀମିତ ରହିଯାଇଛି। ବ୍ଲକ ତ ଦୂରର କଥା; ଜିଲ୍ଲା ସ୍ତରରେ ବି ପହଞ୍ଚିପାରି ନାହିଁ। ତେବେ ସରକାର ଏହାକୁ ଗୁରୁତ୍ୱର ସହ ନେଉ ନଥିବାରୁ ପ୍ରତିଦିନ ରାଜ୍ୟର ବିଭିନ୍ନ ସ୍ଥାନରୁ ଶିଶୁମାନେ ଗଣଦୁଷ୍କର୍ମ, ଯୌନ ଉତ୍ପୀଡ଼ନର ଶିକାର ହେବା ସହ ଶିଶୁ ଚାଲାଣ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଥିବା ବିଭିନ୍ନ ମହଲରେ ଆଲୋଚନା ହେଉଛି। ଏଥିପ୍ରତି ସରକାର ଏବଂ ବିଭାଗୀୟ ତତ୍ପରତା ପ୍ରକାଶ କରିବାର ଆବଶ୍ୟକତା ଥିବା ନେଇ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

### ସମୁଦ୍ର ତଟ ସୁରକ୍ଷା ବାହିନୀର ରୋଡ୍ ମ୍ୟାପ୍

# ସାବାଡ୍ ହେବେ ଜଳଦସ୍ୟୁ

- ପୋଟ୍ରୋଲିଂ ପାଇଁ ମିଳିବ ନୌସେନା ଅଧିକାରୀଙ୍କୁ ନିଯୁକ୍ତି
- ଅନୁପ୍ରବେଶ ଓ ମାନବ ଚାଲାଣ ପାଲଟିଛି ମୁଣ୍ଡବିନ୍ଧା

ଭୁବନେଶ୍ୱର,୧।୧୧(ସମିସ): ବେଆଇନ ଅସ୍ତ୍ରଶସ୍ତ୍ର ଚାଲାଣ ହେଉ କିମ୍ବା ଜାଲ୍ ନୋଟ କାରବାର, ଅଥବା ବାଂଲାଦେଶ ଅନୁପ୍ରବେଶକାରୀ ଅପରାଧୀଙ୍କୁ ବେଶ୍ ସୁହାଉଛି ଓଡ଼ିଶାର ଜଳପଥ। ସ୍ଥଳପଥରେ ଚେକିଂ ବ୍ଲକିଂକୁ ଭୟ କରୁଥିବା ଆନ୍ତରାଜ୍ୟ ମାଫିଆ ଆପଣାଇଛନ୍ତି ଜଳପଥର ବିସ୍ତିର୍ଣ୍ଣ ରାସ୍ତା। ଗୋଟିଏ ବୋଟ ଜରିଆରେ ସେମାନେ ନିଜ ଗନ୍ତବ୍ୟସ୍ଥଳରେ ପହଞ୍ଚିବାରେ ସକ୍ଷମ ହେଉଛନ୍ତି, ଆଉ ତିଆରି କରୁଛନ୍ତି ଅପରାଧର ନୀଳ ନକ୍ସା। ଏଭଳି ରାସ୍ତାକୁ ବନ୍ଦ କରିବା ସହ ଜଳଦସ୍ୟୁଙ୍କୁ ସାବାଡ୍ କରିବା ପାଇଁ ଆହ୍ୱାନ ମୋଡ୍‌କୁ ଆସିଛି ଓଡ଼ିଶା ତଟ ସୁରକ୍ଷା ବାହିନୀ।

ଅନୁପ୍ରବେଶ ଦ୍ୱାରା ଦେଶର ଅର୍ଥନୀତି ପ୍ରଭାବିତ ହେବାରୁ ବିଭିନ୍ନ ମହଲରୁ କ୍ଷୋଭ ପ୍ରକାଶ ପରେ ଏଭଳି ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯାଇଛି। ଓଡ଼ିଶାରେ ରହିଛି ୫୭୪ କିଲୋମିଟର ସମୁଦ୍ର ତଟ ଓ ଜଳପଥ। ସୁରକ୍ଷା ଦାୟିତ୍ୱରେ ରହିଛନ୍ତି ୧୮ ଟି ମେରାଇନ ଥାନା। ଯେଉଁ ଥାନା ଅଧୀନରେ ରହିଛି ୧୫ଟି ବୋଟ। ହାଇ ଟେକ୍ନୋଲୋଜିର ଫାଷ୍ଟ ଇଣ୍ଟରସେପ୍ଟର ବୋଟ୍ ମଧ୍ୟ ବିନା ଅନୁମତିରେ ପଶି ଆସୁଥିବା ପାଣିଜାହାଜ




ଓ ବେଆଇନ ମାଛ ଧରାଳିଙ୍କ ଉପରେ ନଜର ରଖିଛି। ତେବେ ବର୍ତ୍ତମାନ ମେରାଇନ ପୁଲିସିଂକୁ ଅଧିକ କ୍ରିୟାଶୀଳ କରିଛି ହାଇପ୍ରୋଫାଇଲ ଡ୍ରୋନ୍। ଯେଉଁ ଡ୍ରୋନ୍ ମାଧ୍ୟମରେ ୫ ମିନିଟ ମଧ୍ୟରେ ୧୫ କିଲୋମିଟର ପର୍ଯ୍ୟନ୍ତ ମଝି ଦରିଆର ଭିଡିଓ ଉତ୍ତୋଳନ କରାଯାଇପାରୁଛି। କଣ୍ଟ୍ରୋଲ ରୁମ୍ ଡ୍ରୋନ୍ସ ସଂଗୃହୀତ ଭିଡିଓ ଜରିଆରେ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର ଠାରୁ ଆରମ୍ଭ କରି ବେଆଇନ ଟ୍ରଲର ଚାଳନା ପର୍ଯ୍ୟନ୍ତ ମେରାଇନ ପୁଲିସ କାମ କରିପାରୁଛି। କୋଷ୍ଟଗାର୍ଡ, ଭାରତୀୟ ନୌସେନା ସହ ସମନ୍ୱୟ ରକ୍ଷା କରି ଓଡ଼ିଶା ପୁଲିସ ନିତିଦିନ ଅପରେସନ ଚଳାଇଛି। ସେପଟେ ଜଳପଥରେ ଏରିଏଲ ସର୍ଭେ କରି ରିପୋର୍ଟ ଦେବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଫିସିଂ ଟ୍ରେନିଂ ସେଣ୍ଟର ଉପରେ କଡ଼ା ନଜର ରଖାଯାଇଛି। ୧୦ ନୂଆ ଫିସିଙ୍ଗ କ୍ରାଫ୍ଟ ପାଇଁ ରାଜ୍ୟ ସରକାରଙ୍କ ସହ ଆଲୋଚନା ହୋଇଛି। ଉପକୂଳ ତଥା ସମୁଦ୍ର ତଟରେ ପାଟ୍ରୋଲିଂ ପାଇଁ ଅଭିଜ୍ଞ ଅବସରପ୍ରାପ୍ତ ନୌସେନା ଅଧିକାରୀଙ୍କୁ ନିଯୁକ୍ତି ମିଳିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ବ୍ରାହ୍ମଣୀ ଓ ମହାନଦୀ ଡେଲ୍ଟା ଓ ପୂର୍ବତଟ କେନାଲରେ ଜାତୀୟ ଜଳପଥ (ଏନ୍ଡବ୍ଲ୍ୟୁ)-୫, ବ୍ରାହ୍ମଣୀ ନଦୀରେ ଏନ୍ଡବ୍ଲ୍ୟୁ-୧୪, ବିରୂପା-ଗେଙ୍ଗୁଟି-ବ୍ରାହ୍ମଣୀ ନଦୀରେ ଏନ୍ଡବ୍ଲ୍ୟୁ-୨୨, ବୁଢ଼ାବଳଙ୍ଗ ନଦୀରେ ଏନ୍ଡବ୍ଲ୍ୟୁ-୨୩, ମହାନଦୀରେ ଏନ୍ଡବ୍ଲ୍ୟୁ-୬୪ ଓ ସୁବର୍ଣ୍ଣରେଖା ନଦୀରେ ଏନ୍ଡବ୍ଲ-୯୬ ବିକାଶ କରାଯାଉଛି।

ଓଡ଼ିଶାରେ ବନ୍ଦର, ଟର୍ମିନାଲ୍, ଡକ୍ ଓ ଦିଗ ନିର୍ଣ୍ଣୟ ବ୍ୟବସ୍ଥା ଆଦି ବ୍ୟାପକ ଜଳ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ଉପରେ କାମ ଚାଲିଥିବା ବେଳେ ଏସବୁକୁ ସୁରକ୍ଷା ଦେବା ଏବେ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ଧାମରା ଓ ପାରାଦୀପ ବନ୍ଦର ମଧ୍ୟରେ ପରିବହନ ପାଇଁ ଏକାଧିକ ଜାହାଜ ଚଳାଚଳ କରୁଛି। ପୂର୍ବରୁ ସର୍ଭେଲାନ୍ସକୁ କଡ଼ାକଡ଼ି କରିବା ପାଇଁ ସ୍ଥାନୀୟ ଯୁବକମାନଙ୍କୁ ନେଇ ଗଠନ ହୋଇଥିବା "ସାଗର ରକ୍ଷକ ଦଳ'କୁ ମଧ୍ୟ ଅଧିକ ସଜାଗ କରାଯାଉଛି। ଯେଉଁମାନେ ତଟରକ୍ଷା ନିୟମର ଖିଲାପ କରୁଛନ୍ତି ସେମାନଙ୍କ ବିରୋଧରେ ଦେଶଦ୍ରୋହ ଦଫା ଲଗାଯାଇ ଗିରଫ କରିବାକୁ କଡା ନିର୍ଦ୍ଦେଶ ଦିଆଯାଇଥିବା ପୁଲିସ ପକ୍ଷରୁ କୁହାଯାଇଛି।

# ଏମ୍‌କେସିଜି ମେଡିକାଲ କଲେଜରେ ପୁଣି ରାଗିଂ

- ବସିଲା ଆଣ୍ଟି ରାଗିଂ କମିଟି ବୈଠକ; ଚିହ୍ନଟ ହେଉନି ଅଭିଯୋଗକାରୀ
- ମିଛ ଅଭିଯୋଗକୁ ନେଇ ଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ

ବ୍ରହ୍ମପୁର, ୧।୧୧ (ସମିସ): ଏମ୍‌କେସିଜିରେ ପୁଣି ରାଗିଂ। ମେଡିକାଲ କଲେଜ ହଷ୍ଟେଲ ୨ ଓ ୩ ନମ୍ବରର ୫ଜଣ ସିନିୟର୍ ଛାତ୍ର କିଛି ଜୁନିୟର୍ ଛାତ୍ରଙ୍କୁ ରାଗିଂ କରିଥିବା ନେଇ ଦିଲ୍ଲୀସ୍ଥିତ ଆଣ୍ଟି ରାଗିଂସେଲ୍ ନିକଟରେ ଅଭିଯୋଗ ହୋଇଛି। ଜୁନିୟର୍ ଛାତ୍ରଙ୍କୁ ସେମାନେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି। ଏହି ଘଟଣା ପଦାକୁ ଆସିବା ପରେ ଆଜି ମେଡିକାଲ କଲେଜ ଓ ହସ୍ପିଟାଲ୍ ଡିନ୍ ପ୍ରଫେସର୍ ଡା. ସୁଚିତ୍ରା ଦାଶଙ୍କ ଅଧ୍ୟକ୍ଷତାରେ ଆଣ୍ଟି ରାଗିଂ କମିଟିର ଏକ ଜରୁରି ବୈଠକ ବସିଥିଲା। ଏଥିରେ ବିଭିନ୍ନ ବର୍ଷର ବହୁ ଛାତ୍ରଛାତ୍ରୀଙ୍କୁ ଡାକି ସେମାନଙ୍କ ମତାମତ ସଂଗ୍ରହ କରାଯାଇଥିଲା। ତେବେ କୌଣସି ସିନିଅର ଛାତ୍ର ଜୁନିୟର୍ ଛାତ୍ରଙ୍କୁ ରାଗିଂ କରି ନଥିବା ନେଇ ମତ ପ୍ରକାଶ କରିଥିଲେ।

ଅନ୍ୟପକ୍ଷରେ, ମେଡିକାଲ କଲେଜ କର୍ତ୍ତୃପକ୍ଷ କହିଛନ୍ତି ଯେ ପୂର୍ବରୁ ମଧ୍ୟ ଏଭଳି ଅନେକ ଅଭିଯୋଗ ଆସିଛି, କିନ୍ତୁ ତଦନ୍ତ ପରେ ତାହା ଭିତ୍ତିହୀନ ବୋଲି ପ୍ରମାଣିତ ହୋଇଛି। ବାରମ୍ବାର ଏଭଳି ମିଥ୍ୟା ଅଭିଯୋଗ ଦ୍ୱାରା ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ବଦ୍‌ନାମ ମୁଣ୍ଡାଉଛି। ସେହିପରି, ଛାତ୍ରଛାତ୍ରୀମାନେ ତଦନ୍ତ ପାଇଁ ଘଣ୍ଟାଘଣ୍ଟା ଅପେକ୍ଷା କରିବା ସହ ମାନସିକ ସ୍ତରରେ ଦୁର୍ବଳ ହେଉଥିବା ଅଭିଯୋଗ କରିଛନ୍ତି। ଏଭଳି ବାରମ୍ବାର ଅଭିଯୋଗ ଆସୁଥିବା ବେଳେ ବେନାମୀ ରାଗିଂ ଅଭିଯୋଗର ସତ୍ୟାସତ୍ୟ ଯାଞ୍ଚ କରାଯାଉନାହିଁ। ତେଣୁ ତୁରନ୍ତ ଏହି ଘଟଣାର ତଦନ୍ତ କରିବା ସହ ଅଭିଯୋଗକାରୀଙ୍କୁ ଚିହ୍ନଟ କରିବାକୁ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଦାବି ହୋଇଛି। ଯଦି ଅଭିଯୋଗ ମିଥ୍ୟା ପ୍ରମାଣିତ ହୁଏ, ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଆଜିର ଏହି ବୈଠକରେ ଏମ୍‌କେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର୍ ଡା. ଦୁର୍ଗାମାଧବ ଶତପଥୀ, ରେଜିଷ୍ଟ୍ରାର୍ ସଂଗ୍ରାମ ଶେଖର ପଣ୍ଡାଙ୍କ ସମେତ କମିଟିର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

**ଐତିହାସିକ କଟକ ବାଲିଯାତ୍ରା-୨୦୨୫**

# ପ୍ରଜ୍ଞାପନ ମେଢ଼ ବାଣ୍ଟୁଛି 'ଡିଜିଟାଲ ନିମନ୍ତ୍ରଣ ପତ୍ର'

କଟକ, ୧।୧୧ (ସମିସ): ବୁଧବାରଠାରୁ ଐତିହାସିକ କଟକ ବାଲିଯାତ୍ରା। ଏହାର ପ୍ରଚାର ପ୍ରସାର ପାଇଁ ବାଲିଯାତ୍ରା ଗାଥା ସମ୍ବଳିତ ଏକ ପ୍ରଜ୍ଞାପନ ମେଢ଼କୁ ଆଜି ଶୁଭାରମ୍ଭ କରାଯାଇଛି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ସିଏମ୍‌ସି କମିଶନର କିରନ୍‌ଦୀପ କୌର ସହୋତା, ଅତିରିକ୍ତ ଜିଲ୍ଲାପାଳ ଡଃ ଇପସିତା ପ୍ରିୟଦର୍ଶିନୀ ମିଶ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏନେଇ ଜିଲ୍ଲାପାଳ ଶ୍ରୀ ସିନ୍ଦେ କହିଛନ୍ତି ଯେ ଏହି ପ୍ରଜ୍ଞାପନ ମେଢ଼ ଡିଜିଟାଲ ନିମନ୍ତ୍ରଣ ପତ୍ର ବାଣ୍ଟିବ। କଟକ ସମେତ ପୁରୀ, ଖୋର୍ଦ୍ଧା, ଜଗତସିଂହପୁର, କେନ୍ଦ୍ରାପଡା ଓ ଯାଜପୁର ଆଦି ୧୦ଟି ଜିଲ୍ଲା ପରିକ୍ରମା କରିବ ବୋଲି ସେ କହିଛନ୍ତି। କଟକ ଜିଲ୍ଲା ଓ ବିଶେଷକରି ସମଗ୍ର ରାଜ୍ୟର ସାମୁଦ୍ରିକ ଐତିହ୍ୟର ବାର୍ତ୍ତା ପ୍ରଚାର କରିବ ଏହି ପ୍ରଜ୍ଞାପନ ମେଢ଼। ଅନ୍ୟପଟେ, ବାଲିଯାତ୍ରା ତଳପଡ଼ିଆରେ ବର୍ଷା ଯୋଗୁଁ ପାଣି କାଦୁଅ ଠିକ୍ ଭାବେ ଶୁଖି ନଥିବା ବେଳେ ବର୍ଷା ନେଇ ଆୟୋଜକ ଓ ବ୍ୟବସାୟୀଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ପଡ଼ିଆର ସମଗ୍ର ସ୍ଥାନକୁ ସମାନ କରାଯାଉଛି। ଏହାସହ ବିଦ୍ୟୁତ୍ ବିଭାଗ ପକ୍ଷରୁ ପଡିଆରେ ବିଦ୍ୟୁତ ସଂଯୋଗ କରିବା ପାଇଁ କାର୍ଯ୍ୟ ଜାରି ରହିଛି। ଅନ୍ୟପଟେ ପଡ଼ିଆରେ ଦୋକି ବ୍ୟବସାୟୀମାନେ ଆସି ଦୋକି ଖଞ୍ଜିବା ଆରମ୍ଭ କରିଛନ୍ତି।

ସୂଚନା ଅନୁସାରେ, ଐତିହାସିକ ବାଲିଯାତ୍ରା ଅଡିଓ ରିଲିଜ୍ କରାଯାଇଛି। ଓଡ଼ିଶାର ପୁରାତନ ବାଣିଜ୍ୟ, ଐତିହ୍ୟ ଓ ସାମୁଦ୍ରିକ ଗୌରବ ଏହି ଗୀତରେ ସ୍ଥାନିତ ହୋଇଛି। ଏଥିରେ ବିକାଶ ଶୁକ୍ଳା ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି। ପୁଲିସ ଏସିପି କୃଷ୍ଣଚନ୍ଦ୍ର ସେଠୀ ଗୀତ ରଚନା



କରିଛନ୍ତି। ଏଥିରେ ଏସିପି ସତ୍ୟଜିତ ଦାସ, କୃଷ୍ଣଚନ୍ଦ୍ର ସେଠୀ, ବିଷ୍ଣୁ ମୋହନ କବି ଓ ସୌଜନ୍ୟା ରଥ କଣ୍ଠଦାନ କରିଛନ୍ତି। ଏଥର ଯାତ୍ରାରେ ରାତି ୧୧ଟା ଯାଏଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଆସନ୍ତା ନଭେମ୍ବର ୫ ତାରିଖ ବୁଧବାରଠାରୁ ୧୨ ତାରିଖ ପର୍ଯ୍ୟନ୍ତ ବାଲିଯାତ୍ରା ଆୟୋଜନ କରାଯାଉଥିବା ବେଳେ ଉଭୟ ଉପର ଓ ତଳ ବାଲିଯାତ୍ରା ପଡ଼ିଆରେ ଲକ୍ଷାଧିକ ଦର୍ଶକଙ୍କ ସମାଗମ ହେବ। ଏହି ଅବସରରେ ଚଳିତବର୍ଷ ଗଣକବି ବୈଷ୍ଣବ ପାଣି ମଞ୍ଚ ଓ ଅକ୍ଷୟ ମହାନ୍ତି ମଞ୍ଚ ଏବଂ କଟକ ଇନ୍ କଟକ ପରିସରରେ ଥିବା ମଞ୍ଚରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏଥିରେ ବିଭିନ୍ନ ଦେଶ, ରାଜ୍ୟ ଓ ରାଜ୍ୟ ବାହାରୁ ଏବଂ ବିଭିନ୍ନ ସାଂସ୍କୃତିକ ଦଳ ଓ ପ୍ରତିଷ୍ଠିତ କଳାକାରମାନେ ସେମାନଙ୍କର କଳାକୌଶଳ ପ୍ରଦର୍ଶନ କରିବେ। ଏହି ପରିପ୍ରେକ୍ଷୀରେ କଟକ ଜିଲ୍ଲାପାଳ ଶ୍ରୀ ସିନ୍ଦେ ଶବ୍ଦ ପ୍ରଦୂଷଣ (ନିୟନ୍ତ୍ରଣ) ନିୟମ, ୨୦୦୦ର ଧାରା ୫(୩) ଅନୁଯାୟୀ, ସାଧାରଣ ଜନତାଙ୍କ ବୃହତ୍ତର

- ■ ୧୦ଟି ଜିଲ୍ଲା ବୁଲିବ ପ୍ରଜ୍ଞାପନ ମେଢ଼
- ■ ରିଲିଜ୍ ହେଲା ଐତିହାସିକ ବାଲିଯାତ୍ରା ସଂଗୀତ
- ■ ୫ରୁ ୧୩ ତାରିଖ ବାଲିଯାତ୍ରାର ୨ଟି ମଞ୍ଚରେ ରାତି ୧୧ଯାଏଁ ଚାଲିବ ସାଂସ୍କୃତିକ କାର୍ଯ୍ୟକ୍ରମ

ସ୍ୱାର୍ଥକୁ ଦୃଷ୍ଟିରେ ରଖି ୫ ନଭେମ୍ବରରୁ ୧୩ ନଭେମ୍ବର ପର୍ଯ୍ୟନ୍ତ ଗଣକବି ବୈଷ୍ଣବ ପାଣି ମଞ୍ଚ ଓ ଅକ୍ଷୟ ମହାନ୍ତି ମଞ୍ଚରେ ରାତି ୧୧ଟା ପର୍ଯ୍ୟନ୍ତ ଲାଉଡ୍‌ସ୍ପିକର/ସାଉଣ୍ଡ ସିଷ୍ଟମ ବ୍ୟବହାର କରିବାକୁ ଆବଶ୍ୟକ ଅନୁମତି ପ୍ରଦାନ କରିଛନ୍ତି। ବାଲିଯାତ୍ରାର ମୁଖ୍ୟ ଫାଟକ ବା ବୋଇତ ଗେଟ୍ କାମ ଯୁଦ୍ଧକାଳୀନ ଭିତ୍ତିରେ କରାଯାଉଛି। ବୋଇତ ଗେଟ୍‌କୁ ମରାମତି କରାଯିବ ସହ ବିଭିନ୍ନ ରଙ୍ଗରେ ରଙ୍ଗୀନ କରାଯାଇଛି। ଅନ୍ୟପଟେ ପ୍ରତିବର୍ଷ ଭଳି ଏଥର ବାଲିଯାତ୍ରା ଅବଧି ଗୋଟିଏ ଦିନ ବଢ଼ିବ ବୋଲି ବିଶେଷ ସୂତ୍ରରୁ ଖବର ମିଳିଛି।

# ଶାଲିମାର ଟ୍ରେନ୍ ଧକ୍କାରେ ଦନ୍ତାହାତୀ ମୃତ

ବାରିପଦା/ବେତନଟୀ, ୧।୧୧(ସମିସ): ଟ୍ରେନ୍ ଧକ୍କାରେ ଦନ୍ତା ହାତୀ ମୃତ। ଶନିବାର ରାତିରେ ବେତନଟୀଠାରୁ ୪ କିମି ଦୂର ଆଗ୍ରିଆ ରେଳ କ୍ରସିଂ ନିକଟରେ ଏହି ଅଘଟଣ ଘଟିଛି। ମୁଖ୍ୟ ଦଳରୁ ଅଲଗା ହୋଇ ଏକ ବଡ଼ ଦନ୍ତାହାତୀ ଆଜି ସର୍ବଣା, ବିଶ୍ରାମପୁର ଅଞ୍ଚଳରେ ବିଚରଣ କରୁଥିଲା। ରାତି ପ୍ରାୟ ସାଢ଼େ ୧୧ଟାରେ ହାତୀଟି ଆଗ୍ରିଆ ରେଳ ଫାଟକଠାରେ ରେଳଧାରଣା ଅତିକ୍ରମ କରୁଥିବା ବେଳେ ପଶ୍ଚିମବଙ୍ଗରୁ ଆସୁଥିବା ଦ୍ରୁତଗାମୀ ସାଲିମାର ଏକ୍ସପ୍ରେସ୍ ତାକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ହାତୀଟିର ମୃତ୍ୟୁ ଘଟିଥିଲା। ବନବିଭାଗ ଏବଂ ରେଳ ବିଭାଗ ମଧ୍ୟରେ ସମନ୍ୱୟର ଅଭାବରୁ ଏହି ଦୁର୍ଘଟଣା ଘଟିଥିବା ଅଭିଯୋଗ କରି ସ୍ଥାନୀୟ ଲୋକେ ପାଟିତୁଣ୍ଡ, ହୋହଲ୍ଲା କରିଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ବାରିପଦା ବନଖଣ୍ଡର ଏସିଏଫ୍ ଶେଖ ମେହେରବାନ ଅଲ୍ଲୀ, ଡେପୁଟି ରେଞ୍ଜର୍ ଧ୍ରୁବେନ୍ଦ୍ରନାଥ ନାୟକ ପ୍ରମୁଖ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।



ବେତନଟୀ ରେଞ୍ଜ ଅଞ୍ଚଳରେ ୩୦ରୁ ଊର୍ଦ୍ଧ୍ୱ ହାତୀ ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ବିଚରଣ କରୁଥିବା ବେଳେ ବିଭିନ୍ନ ସମୟରେ ଜନବସତି, ରାଜପଥ, ସଡ଼କପଥ ଓ ରେଳପଥ ଉପରେ ଯାତାୟତ କରୁଛନ୍ତି। ବନବିଭାଗ ଏଥିପ୍ରତି ଦୃଷ୍ଟି ଦେଉନଥିବାରୁ ଆଜି ଏପରି ଅଘଟଣ ଘଟିଲା ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି।

# ପ୍ରତିଷ୍ଠା ହେଲା ୪୪ଟି ଉପ-ନିବନ୍ଧକ କାର୍ଯ୍ୟାଳୟ

ଭୁବନେଶ୍ୱର,୧।୧୧(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ରାଜ୍ୟର ୧୩ଟି ଜିଲ୍ଲାର ୪୪ଟି ତହସିଲରେ ନୂଆ ଉପ-ନିବନ୍ଧନ କାର୍ଯ୍ୟାଳୟ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ପର୍ଯ୍ୟାୟକ୍ରମେ ସବୁ ତହସିଲରେ ଉପ-ନିବନ୍ଧନ କାର୍ଯ୍ୟାଳୟ ଖୋଲାଯିବ। ସରକାରୀ ସେବା ସୁବିଧାରେ ପାଇବା ହେଉଛି ଲୋକଙ୍କ ଅଧିକାର। ଲୋକଙ୍କୁ ସମ୍ମାନର ସହିତ ଉତ୍ତମ ସେବା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ରାଜସ୍ୱ ବିଭାଗ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଉପନିବନ୍ଧକ କାର୍ଯ୍ୟାଳୟକୁ ଦୁର୍ନୀତିମୁକ୍ତ ଓ ମଧ୍ୟସ୍ଥିମୁକ୍ତ କରିବା ଦିଗରେ ଏହି ବ୍ୟବସ୍ଥା ଖୁବ୍ ଉପଯୋଗୀ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଲେ ଯେ ଜମି କିଣାବିକା ପ୍ରକ୍ରିୟାକୁ ସରଳ କରିବା, ରାଜସ୍ୱ ରେକର୍ଡକୁ ସଂଶୋଧନ କରିବା, କ୍ୟାସଲେସ୍ ଅର୍ଥ ନେଣ-ଦେଣ ଏବଂ ଦ୍ରୁତ ପଟ୍ଟା ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଉଛି। ସୂଚନାଯୋଗ୍ୟ ଯେ ରାଜ୍ୟର ଆଜିସୁଦ୍ଧା ସମୁଦାୟ ୩୧୭ ତହସିଲ ମଧ୍ୟରୁ ୨୬୧ ତହସିଲରେ ଉପ-ନିବନ୍ଧନ କାର୍ଯ୍ୟାଳୟ ଖୋଲାଯାଇଛି। ବାକି ୫୬ଟି ପର୍ଯ୍ୟାୟକ୍ରମେ ଚଳିତବର୍ଷ ଶେଷ ସୁଦ୍ଧା ଖୋଲିବାପାଇଁ ଯୋଜନା ରଖାଯାଇଛି।

**କୋମନାରେ ଫାଙ୍କା ଗୁଳି ଚାଳନା**

# ପିଏସ୍‌ଓଙ୍କୁ ଗିରଫ ଦାବିରେ କଂଗ୍ରେସର ଥାନା ଘେରଉ

ନୂଆପଡା,୧।୧୧(ସମିସ): ଶୁକ୍ରବାର ବିଳମ୍ବିତ ରାତିରେ ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ ସଦର ମହକୁମା ପୁରୁଣା ଛକରେ ଥିବା ଏକ ହୋଟେଲରେ କୋରାପୁଟ ବିଧାୟକଙ୍କ ପିଏସ୍‌ଓ ଡମ୍ବରୁ ହନ୍ତାଳ ଫାଙ୍କା ଗୁଳି ଚାଳନା କରିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ଏହି ଘଟଣାରେ କୋମନା ଥାନା ପୁଲିସ ମାମଲା ରୁଜୁ କରି ପିଏସ୍‌ଓଙ୍କ ବନ୍ଧୁକ ସହ ଗୁଳି, ଖୋକାକୁ ଜବତ କରିଛି। ତଦନ୍ତ ରିପୋର୍ଟ ଆଧାରରେ କୋରାପୁଟ ଏସ୍‌ପି ଅଭିଯୁକ୍ତ ପିଏସ୍‌ଓଙ୍କୁ ନିଲମ୍ବନ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, କୋମନା ପୁରୁଣା ବ୍ଲକ୍

## ଅଭିଯୁକ୍ତ ପିଏସ୍‌ଓ ନିଲମ୍ବିତ

ଛକରେ ଥିବା ଏକ ହୋଟେଲରେ ବିଜେପିର ଅସ୍ଥାୟୀ କାର୍ଯ୍ୟାଳୟ କରାଯାଇଛି। ଏଥିରେ କୋରାପୁଟ ବିଧାୟକ ରଘୁରାମ ମାଛ ରହୁଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ତାଙ୍କର ପିଏସ୍‌ଓ ଡମ୍ବରୁ ହନ୍ତାଳ ହୋଟେଲରେ ଖାଇବାକୁ ବସିଥିବା ଜଣେ ଗ୍ରାହକଙ୍କୁ ବସିବାକୁ ସିଟ୍ ମାଗିଥିଲେ। ସେ ସିଟ୍ ନ ଛାଡ଼ିବାରୁ ବଚସା ହୋଇଥିଲା। ଏଥିରେ ରାଗିଯାଇ ପିଏସ୍‌ଓ ନିଜ ବନ୍ଧୁକରୁ ଫାଙ୍କା ଗୁଳିଚାଳନା କରିଥିଲେ। ରାତି ୧୨ଟା ବେଳେ କୋମନା ଥାନାଧିକାରୀ ରଶ୍ମିତା ପଧାନ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ହୋଟେଲ ମାଲିକ ଗୁଳିକାଣ୍ଡ ସଂପର୍କରେ କିଛି କହିନଥିଲେ। ଶନିବାର ସକାଳେ ପୁଲିସ ଟିମ୍ ପୁଣିଥରେ ଛାନ୍‌ଭିନ୍ କରିବାରୁ ଅସଲ କଥା ଜଣାପଡ଼ିଥିଲା। ପିଏସ୍‌ଓଙ୍କଠାରୁ ସଂପୃକ୍ତ ବନ୍ଧୁକ, ଗୋଟିଏ ଗୁଳି ସହ ଏକ ଖୋକାକୁ ମଧ୍ୟ ଜବତ କରାଯାଇଛି। ଏହାକୁ ନେଇ ଏକ ୩୧୯/୨୫, ଆର୍ମସ ଆକ୍ଟରେ ମାମଲା ରୁଜୁ କରି ତଦନ୍ତ ଚାଲିଛି ବୋଲି ଥାନାଧିକାରୀ କହିଛନ୍ତି।

ଅପରପକ୍ଷରେ, ଏହି ଘଟଣାରେ ଅଭିଯୁକ୍ତ ପିଏସ୍‌ଓଙ୍କୁ ଗିରଫ କରିବା ସହ ନିର୍ବାଚନୀ ପ୍ରଚାରରେ ଥିବା ସଂପୃକ୍ତ ବିଧାୟକଙ୍କୁ ଜିଲ୍ଲାରୁ ଅପସାରଣ କରିବାକୁ କଂଗ୍ରେସ ଦାବି କରିଛି। ପ୍ରତିବାଦରେ ଆଜି କଂଗ୍ରେସ ତରଫରୁ କୋମନା ଥାନା ଘେରାଉ କରାଯାଇଛି। ଯୁବନେତା କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ଥାନା ଘେରିବା ସହ ଥାନାଧିକାରୀ ରଶ୍ମିତା ପଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶାହରୁଖ ଖାନ, ପାଶା ମହାନନ୍ଦ, ସେମ ମହାନନ୍ଦ, କୈଳାସ ବାଗ, ଦିଲୀପ ଦୁରିଆ, ପ୍ରବୀଣ ପଟ୍ଟନାୟକ, ଗରିଆମଣି ସଗରିଆ, ଲବ ମଙ୍ଗରାଜ ପ୍ରମୁଖ ସାମିଲ ଥିଲେ। ଦାବି ପୂରଣ ନହେଲେ ଆଗାମୀ ଦିନରେ ଥାନା ଘେରଉ କରିବେ ବୋଲି କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି।

# ବବି ଦାସଙ୍କ ନାଁରେ ଥାନାରେ ମାମଲା

ନୂଆପଡ଼ା/କୋମନା, ୧।୧୧(ସମିସ): ନୂଆପଡ଼ା ଜିଲ୍ଲା କୋମନା ଥାନା ଅନ୍ତର୍ଗତ ସଦର ଟାଉନର ଜଣେ ଯୁବକଙ୍କ ଅଭିଯୋଗ ଆଧାରରେ ବିଜେଡି ଉପସଭାପତି ପ୍ରଣବ ପ୍ରକାଶ ଦାସ (ବବି ଦାସ)ଙ୍କ ନାଁରେ ମାମଲା ରୁଜୁ ହୋଇଛି। ଅଭିଯୋଗରେ ଦର୍ଶାଯାଇଛି ଯେ କୋମନା ସହରର ପାଇକପଡ଼ାର ଜିତୁ ଆଡବଙ୍ଗଙ୍କୁ ବିଜେଡି ନେତାମାନେ କୋମନାସ୍ଥିତ ଏକ ଫାର୍ମ ହାଉସ୍‌କୁ ଡାକିଥିଲେ। ସେଠାରେ ବବି ତାଙ୍କୁ ଗାଳିଗୁଲଜ କରିବା ସହ ତାଙ୍କ ସାର୍ଟ କଲର୍ ଧରି ମାଡ଼ ମାରିଥିଲେ। ଜିତୁଙ୍କ ଅଭିଯୋଗକ୍ରମେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି ବୋଲି କୋମନା ଥାନାଧିକାରୀ ସୂଚନା ଦେଇଛନ୍ତି।

**ବିଜେପି ବିଧାୟକଙ୍କ ଗିରଫ ଦାବି କଲା ବିଜେଡି**

# ବନ୍ଧୁକ ମୁନରେ ନିର୍ବାଚନ ଜିତିବାକୁ ଚାହୁଁଛି ବିଜେପି: ଲେଖାଶ୍ରୀ

ନୂଆପଡ଼ା,୧।୧୧(ସମିସ): ନୂଆପଡ଼ା ଉପନିର୍ବାଚନ ପାଇଁ ରକ୍ତମୁଖା ସାଜିଛି ବିଜେପି। ଶାନ୍ତିପ୍ରିୟ ଓଡ଼ିଶାରେ ୟୁପି, ବିହାର ଭଳି ନିର୍ବାଚନୀ ହିଂସା ଆରମ୍ଭ କରିଛି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି କୋମନା ବ୍ଲକ୍‌ରେ ବିଜେପି ବିଧାୟକ ରଘୁରାମ ମାଛଙ୍କ ପିଏସ୍‌ଓଙ୍କ ଦ୍ୱାରା ଫାଙ୍କା ଗୁଳିଚାଳନା ଘଟଣା। ଏହା ଗଣତନ୍ତ୍ର ପ୍ରତି ବିପଦ ଏବଂ ବିଜେଡି ଏହାର ଦୃଢ଼ ନିନ୍ଦା କରୁଛି।



ଏହାକୁ ନୂଆପଡ଼ାବାସୀ କେବେ ବରଦାସ୍ତ କରିବେ ନାହିଁ ବୋଲି ବିଜେଡି ନେତ୍ରୀ ଡ.ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି। ସେ କହିଛନ୍ତି, ହିଂସାକାଣ୍ଡ ଘଟାଇବା ସହ ପ୍ରଶାସନକୁ ରାଜନୈତିକ ଅସ୍ତ୍ର ଭାବେ ବ୍ୟବହାର କରୁଛି ବିଜେପି। ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ ଜିତିପାରିବେ ନାହିଁ ବୋଲି ବିଜେପି ଜାଣିସାରିଲାଣି। ସେଥିପାଇଁ ପ୍ରତିପକ୍ଷ ଦଳର ନେତାଙ୍କୁ ଧମକାଇବା, ଗୁଳି ଚଳାଇବା ଭଳି କାର୍ଯ୍ୟ ଜରିଆରେ ଆତଙ୍କର ବାତାବରଣ ସୃଷ୍ଟି କରାଯାଉଛି। ଗୁଳିକାଣ୍ଡ ଘଟଣାରେ ବିଜେପି ବିଧାୟକ ଶ୍ରୀ ମାଛଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ସେ ଦାବି କରିଛନ୍ତି। ପୁଲିସ ପ୍ରଶାସନ ବିଜେଡି ନେତା ଓ କର୍ମୀମାନଙ୍କୁ ଧମକାଉଛନ୍ତି। ବିନା ୱାରେଣ୍ଟରେ ବିଜେଡି ନେତାଙ୍କ ଘର ତଲାସୀ କରାଯାଉଛି, ଅଯଥାରେ ବିଜେଡି ନେତାଙ୍କ ଗାଡ଼ିକୁ ବାରମ୍ବାର ଯାଞ୍ଚ କରାଯାଉଛି। କିନ୍ତୁ ବିଜେପି ବିଧାୟକ ଗୁଳି ଚଳାଇ ଲୋକଙ୍କୁ ଭୟଭୀତ କରୁଛନ୍ତି। ବିଜେପି ନେତାମାନଙ୍କ ପାଇଁ ସତେ ଯେପରି ଆଇନକାନୁନ ବୋଲି କିଛି ନାହିଁ। ସେମାନେ ହିଂସାକାଣ୍ଡ ଘଟାଉଥିବା ବେଳେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ସୁରକ୍ଷା ଦେଇ ଚାଲିଛି।

# ବୋହୂକୁ ପିଟିପିଟି ମାରିଦେଲେ

ବାରଙ୍ଗ, ୧।୧୧(ସମିସ): ବୋହୂକୁ ପିଟିପିଟି ମାରିଦେଲେ ଶାଶୂଘର ଲୋକ। ଆଜି ନନ୍ଦନକାନନ ଥାନାରେ ଏଭଳି ଏକ ବଧୂ ହତ୍ୟା ଅଭିଯୋଗ ହୋଇଛି। ମୃତ ମହିଳା ହେଲେ, ରଘୁନାଥପୁର ଗ୍ରାମ ସୋମନାଥ ନଗରର ରାଜନନ୍ଦିନୀ ସ୍ୱାଇଁ (୨୮)। ପୁଲିସ ତାଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ



ମୃତ ବଧୂଙ୍କ ଶାଶୂ ଓ ଦାଦା ଶଶୁରଙ୍କୁ ଥାନାରେ ଅଟକ

**୨ ଅଟକ, ସ୍ୱାମୀ ଫେରାର୍**

ରଖି ପଚରାଉଚରା କରୁଛି। ମହିଳାଙ୍କ ସ୍ୱାମୀ ଫେରାର୍ ହୋଇଯାଇଥିବା ଜଣାଯାଇଛି। କଲ୍ୟାଣପୁର ଗ୍ରାମର ଦାଶରଥୀ ସ୍ୱାଇଁଙ୍କ ଝିଅ ରାଜନନ୍ଦିନୀ ୧୦ବର୍ଷ ତଳେ ରେଘୁନାଥପୁର ଗ୍ରାମର ଶ୍ରୀଧର ରାଉତଙ୍କୁ ବିବାହ କରିଥିଲେ। ତାଙ୍କର ଗୋଟିଏ ୭ ବର୍ଷ ବୟସର ପୁଅ ଅଛି। ଶନିବାର ସକାଳୁ ସ୍ୱାମୀ କାମକୁ ଯାଇଥିବା ବେଳେ ଘରେ ରାଜନନ୍ଦିନୀ ପୁଅ ସହ ଥିଲେ। ଘରକୁ ଶାଶୂ ଆସି ଡାକିଲା ବେଳକୁ ସେ କବାଟ ଖୋଲି ନଥିଲେ। କବାଟ ଠେଲି ଭିତରକୁ ଯାଇ ଦେଖିବା ବେଳକୁ ଖଟ ଉପରେ ରାଜନନ୍ଦିନୀ ପଡ଼ିଥିଲେ ଓ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଅନ୍ୟପଟେ, ଶାଶୂଘର ଲୋକେ ତାଙ୍କ ଝିଅକୁ ପିଟିପିଟି ହତ୍ୟା କରିଥିବା ରାଜନନ୍ଦିନୀଙ୍କ ବାପଘର ଲୋକ ଅଭିଯୋଗ କରିଛନ୍ତି।

**ଅସହ୍ୟ ହେଲା ପୁଅର ଅକାଳ ମୃତ୍ୟୁ**

# ଜୀବନ ହାରିଲେ ବୃଦ୍ଧ ଦମ୍ପତି

ବରଗଡ଼, ୧।୧୧(ସମିସ): ଅସହ୍ୟ ହେଲା ପୁଅର ଅକାଳ ମୃତ୍ୟୁ। ତାକୁ ଝୁରିଝୁରି ଶେଷରେ ଜୀବନ ହାରିଲେ ବୃଦ୍ଧ ବାପା-ମା'। ବରଗଡ଼ ଜିଲ୍ଲା ସଦର ଥାନା ଖୁଣ୍ଟପାଲି ପଞ୍ଚାୟତ ଅଧୀନ ଗଞ୍ଜିଆଟିକ୍ରାଠାରେ ଏପରି ଏକ ଦୁଃଖଦ ଘଟଣା ଘଟିଛି। ମୃତ ଦମ୍ପତି ହେଲେ, କିରୋଟି ପ୍ରଧାନ (୬୫) ଓ ତାଙ୍କ ପତ୍ନୀ ଶାନ୍ତି ପ୍ରଧାନ (୬୦)। ଗତକାଲି ସଂଧ୍ୟାରେ ଏହି ବୃଦ୍ଧ ଦମ୍ପତି ଘର ଭିତରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଖବର ପାଇ ପୁଲିସ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି। କେଉଁ କାରଣରୁ ଦମ୍ପତି ଏପରି ଚରମ ପଦକ୍ଷେପ ନେଲେ, ପୁଲିସ କାରଣ ଖୋଜୁଥିବା ବେଳେ ଗତବର୍ଷ ସାନପୁଅର ମୃତ୍ୟୁକୁ ନେଇ ଏପରି କରିଥାଇପାରନ୍ତି ବୋଲି ସମ୍ପର୍କୀୟ ଅନୁମାନ କରୁଛନ୍ତି।

# ହଷ୍ଟେଲ ବାଥ୍‌ରୁମ୍‌ରେ ଝୁଲିପଡ଼ିଲେ ଯୁକ୍ତ ୨ ଛାତ୍ର

ଶଙ୍ଖଚିଲା, ୧।୧୧(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ଛୋଟରାୟପୁରସ୍ଥିତ ଏକ ଘରୋଇ ଯୁକ୍ତ ୨ ବିଜ୍ଞାନ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ହେଲେ, ଯାଜପୁରରୋଡ୍ ଥାନା

- ■ ଘରୋଇ କଲେଜରେ ଉତ୍ତେଜନା
- ■ କଲେଜ ଆଗରେ ଧାରଣା ଦେଲେ ପରିବାରଲୋକ

କେନ୍ଦୁଡିପି ଗ୍ରାମର ବିଜୟ କୁମାର ପାଳଙ୍କ ପୁଅ ଆଶିଷ। ଗତକାଲି ଅପରାହ୍ନରୁ ଆଶିଷ କ୍ଲାସକୁ ଆସିନଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କର ସନ୍ଦେହ ହେବାରୁ ରାତିରେ ଖୋଜାଖୋଜି କରିଥିଲେ। ଭିତରୁ କବାଟ ବନ୍ଦ କରି ଆଶିଷ ହଷ୍ଟେଲ୍ ବାଥ୍‌ରୁମ୍‌ରେ ଥିବା ଜାଣିବାକୁ ପାଇଥିଲେ। କବାଟ ଭାଙ୍ଗିବା ବେଳକୁ ଆଶିଷ ଏକ ଗାମୁଛାରେ ବାଥ୍‌ରୁମ୍ ଭିତରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ତାଙ୍କୁ ଯାଜପୁରରୋଡ୍ ମେଡିକାଲ୍‌ରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଆଶିଷଙ୍କ ପରିବାର ଲୋକ କଲେଜରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ସେମାନେ କଲେଜରେ ଭଙ୍ଗାରୁଜା କରିବା ସହିତ ନ୍ୟାୟ ଦାବିରେ କଲେଜ ଆଗରେ ବିକ୍ଷୋଭ କରିଥିଲେ। ପାଣିକୋଇଲି ପୁଲିସ ସେଠାରେ ପହଞ୍ଚି ବିକ୍ଷୋଭକାରୀଙ୍କୁ ବୁଝାସୁଝା କରିଥିଲେ। ପାଠପଢ଼ାରେ ଅଧିକ ଚାପ ଦିଆଯାଇ ତାଙ୍କ ପୁଅକୁ ହତ୍ୟା କରାଯାଇଛି ବୋଲି ମୃତ ଛାତ୍ରଙ୍କ ପରିବାରଲୋକେ ଅଭିଯୋଗ କରିଛନ୍ତି। ସେପଟେ, କିଛି ଦିନ ଧରି ଛାତ୍ରଜଣକ ବିଚଳିତ ଥିବା ତାର କେତେକ ସାଙ୍ଗ ମତ ଦେଇଛନ୍ତି। ସେହିପରି କଲେଜ କର୍ତ୍ତୃପକ୍ଷ ଏହାକୁ ଆତ୍ମହତ୍ୟା ବୋଲି କହିଛନ୍ତି। ପୁଲିସ ୩୫୫/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

**ଅନାହାରରେ ରିସା ମାଙ୍କଡ଼ିଆଙ୍କ ମୃତ୍ୟୁ ଘଟଣା**

# ରାଜ୍ୟପାଳଙ୍କୁ କଂଗ୍ରେସ ପ୍ରତିନିଧି ଦଳର ୪ଦଫା ଦାବିପତ୍ର



ଭୁବନେଶ୍ୱର, ୧।୧୧(ସମିସ): ଖାଦ୍ୟାଭାବରୁ ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ୍ ରାସୋଳ ପଞ୍ଚାୟତର ରିସା ମାଙ୍କଡ଼ିଆଙ୍କ ମୃତ୍ୟୁ ଘଟଣାରେ ଶନିବାର ପ୍ରଦେଶ କଂଗ୍ରେସର ୧୭ ଜଣିଆ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ସାକ୍ଷାତ କରିଛନ୍ତି। ମାଙ୍କିଡିଆମାନଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ତୁରନ୍ତ ସାମିଲ କରିବା, ଥଇଥାନ କରିବା, ପକ୍କାଘର ଓ ବିଶୁଦ୍ଧ ପାଣି ଯୋଗାଇବା, ସ୍ୱାସ୍ଥ୍ୟ ବ୍ୟବସ୍ଥା ସହ ଗାଁକୁ ରାସ୍ତା ଏବଂ ଜଙ୍ଗଲ ଜମି ଯୋଗାଇ ଦେବା ପାଇଁ ଦଳ ପକ୍ଷରୁ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ଖାଇବାକୁ ନ ପାଇ ରିସା ମାଙ୍କଡ଼ିଆ ମୃତ୍ୟୁ ଘଟଣାରେ ପ୍ରଦେଶ କଂଗ୍ରେସ ଏକ ସତ୍ୟ ଅନୁସନ୍ଧାନକାରୀ ଦଳ ଗଠନ କରିଥିଲା। ପିସିସି ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ବିଧାୟକ ଦଳର ଉପନେତା ଅଶୋକ ଦାସଙ୍କ ନେତୃତ୍ୱରେ ଗତ ୨୮ ତାରିଖରେ ଏହି ପ୍ରତିନିଧି ଦଳର ସଦସ୍ୟମାନେ ମଲ୍ଲାହାର ସାହିକୁ ଯାଇ ପୀଡ଼ିତଙ୍କ ପରିବାରକୁ ଭେଟିଥିଲେ। ଏନେଇ ଜିଲ୍ଲା କଂଗ୍ରେସ ସଭାପତିଙ୍କ ନେତୃତ୍ୱରେ ୩୦ ତାରିଖ ଦିନ ଯାଜପୁର ଜିଲ୍ଲାପାଳଙ୍କୁ ଅଭିଯୋଗ କରାଯାଇଥିଲା। ହେଲେ ଜିଲ୍ଲା ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ପ୍ରତିନିଧି ଦଳର ସଦସ୍ୟମାନେ ଆଜି ରାଜ୍ୟପାଳଙ୍କୁ ଭେଟିଛନ୍ତି। ଏହି ପ୍ରତିନିଧିମଣ୍ଡଳୀରେ ପୂର୍ବତନ ମନ୍ତ୍ରୀ ଶରତ ରାଉତ ଓ ଦେବାଶିଷ ନାୟକ, ସୃଜନ ଅଭିଯାନର ଉପାଧ୍ୟକ୍ଷ ସୁଧାଂଶୁ ଦେଓ, ପିସିସି ମୁଖପାତ୍ର ହିମାଂଶୁ ଲେଙ୍କା, ଯାଜପୁର ଜିଲ୍ଲା ସଭାପତି ମାଗୁଣି ଚରଣ ଜେନା, ଏଆଇସିସି ସଭ୍ୟ ମଧୁସ୍ମିତା ଆଚାର୍ଯ୍ୟ, ପୂର୍ବତନ ଜିଲ୍ଲା ସଭାପତି ମନୋଜ ରାଉତ, ରାଜ୍ୟ ମହିଳା କଂଗ୍ରେସର ସାଧାରଣ ସମ୍ପାଦିକା ସ୍ୱର୍ଣ୍ଣ ବନାରା, ଆଦିବାସୀ କଂଗ୍ରେସ ସାଧାରଣ ସମ୍ପାଦକ ହିନ୍ଦୁ ଜାମୁଦା ଏବଂ କଂଗ୍ରେସ ନେତା ବିଭୁ ପ୍ରସାଦ ରାଉତଙ୍କ ସମେତ ସୁକିନ୍ଦାର ବହୁ କଂଗ୍ରେସ କର୍ମୀ ସାମିଲ୍ ଥିଲେ।

# ବସ୍ ଯାତ୍ରୀଙ୍କ ସୁରକ୍ଷା ପାଇଁ ଅଗ୍ନି ନିରାପତ୍ତା ମକଡ୍ରିଲ୍

କଟକ, ୧।୧୧ (ସମିସ): ବସ୍ ଯାତ୍ରୀଙ୍କ ସୁରକ୍ଷା ପାଇଁ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ସଠିକ୍ ଅନୁପାଳନ ସଂକ୍ରାନ୍ତରେ ଆଜି ରାଜ୍ୟର ୧୦ଟି ପ୍ରମୁଖ ସ୍ଥାନରେ ଅଗ୍ନି ନିରାପତ୍ତା ସଚେତନତା ମକଡ୍ରିଲ୍ ଅନୁଷ୍ଠିତ ହୋଇଛି। ବସ୍ ପାଇଁ ଥିବା ଅଗ୍ନି ନିରାପତ୍ତା ଗାଇଡଲାଇନ୍ ଓ ଏହାର ଆବଶ୍ୟକତା ସଂପର୍କରେ ବସ୍ ମାଲିକମାନଙ୍କୁ ଅବଗତ କରାଯାଇଥିଲା। ଆଗାମୀ ତିନିଟି ଶନିବାର ମଧ୍ୟରେ ପର୍ଯ୍ୟାୟକ୍ରମେ ରାଜ୍ୟର ଅବଶିଷ୍ଟ ଆରଟିଓଙ୍କ ଦ୍ୱାରା ଏଭଳି ପ୍ରଶିକ୍ଷଣ ଶେଷ ପରେ ବସ୍‌ରେ ଅଗ୍ନି ନିରାପତ୍ତା ସଂପର୍କରେ ଏନ୍‌ଫୋର୍ସମେଣ୍ଟକୁ କଡ଼ାକଡ଼ି କରାଯିବ। ଅଗ୍ନିଶମ ଓ ଜରୁରୀକାଳୀନ ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ମାଲିକ ସଂଘ ସହଭାଗିତାରେ ବାଣିଜ୍ୟ ଓ ପରିବହନ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଗ୍ନିଶମ ବାହିନୀ ବସ୍ କର୍ମଚାରୀମାନଙ୍କୁ ଅଗ୍ନି ନିରାପତ୍ତାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ସଂପର୍କରେ ବୁଝାଇଛନ୍ତି। ପୂର୍ବରୁ ଅଗ୍ନିଶମ ଡିଜି ଡ. ସୁଧାଂଶୁ ଷଡ଼ଙ୍ଗୀ ଓ ପରିବହନ ଆୟୁକ୍ତ ଅମିତାଭ ଠାକୁର ଏ ସଂକ୍ରାନ୍ତରେ ବସ୍ ମାଲିକ ସଂଘ ସହ ବୈଠକ କରି ଆଲୋଚନା କରିସାରିଛନ୍ତି।



# ଭୁବନେଶ୍ୱର ସିଟି



## କଥା କଥାକେ ବୁଲୁଛି ତଲ୍‌ୱାର

# ୪୦ ଟଙ୍କା ପାଇଁ ବ୍ୟବସାୟୀଙ୍କୁ ଖଣ୍ଡାଚୋଟ

ଭୁବନେଶ୍ୱର, ୧।୧୧(ସମିସ): ରାଜଧାନୀରେ ଆଇନ୍‌ଶୃଙ୍ଖଳା ପରିସ୍ଥିତି ଦିନିକୁ ଦିନ ବିପର୍ଯ୍ୟନ୍ତ ହେବାରେ ଲାଗିଛି। ପୁଲିସିଂ ଢିଲା ପଡ଼ିଗଲାଣି। ପୁଲିସ ପ୍ରତି ଅପରାଧୀ ଭୟଶୂନ୍ୟ ହୋଇଗଲେଣି। କଥା କଥାକେ ଏଠି ଖଣ୍ଡା ବୁଲୁଛି। ବିନା କାରଣରେ ସଂଘବଦ୍ଧ ଆକ୍ରମଣ କରାଯାଉଛି। ସବୁଆଡ଼େ ନିଶା ବେପାର। କେତେବେଳେ ହତ୍ୟା କରାଯାଉଛି ପୁଣି କେତେବେଳେ ଚୋରି, ଡକାୟତିରେ। ଆଉ କେତେବେଳେ ଖଣ୍ଡାରେ ଆକ୍ରମଣ ଯୋଗୁଁ ରାଜଧାନୀ ଥରହର ହେଉଛି। ଆଉ ଦାଦାବଟି ମାଗିବା ଏବେ ନିତିଦିନିଆ ଘଟଣା ପାଲଟି ଗଲାଣି।



- ଦୁର୍ବୃତ୍ତଙ୍କ ଆକ୍ରମଣରେ ଦୁଇଜଣ ଗୁରୁତର
- ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳା, ବେଫିକର ଅପରାଧୀ

ମିଳିଥିବା ସୂଚନା ମୁତାବକ ବଡ଼ଗଡ଼ ଥାନା ଟଙ୍କପାଣି ରୋଡ ଚିଲିପୋଖରୀ ଅଞ୍ଚଳରେ ବସନ୍ତ ବେହେରା ଏବଂ କେଦାର ସାହୁ ବ୍ୟବସାୟ କରନ୍ତି। ବସନ୍ତ ଗାଙ୍ଗୁରାମ୍ ନାମକ ଏକ ମିଠା ଦୋକାନର ମାଲିକ ହୋଇଥିବା ବେଳେ କେଦାରଙ୍କର ଇଲେକ୍ଟ୍ରି ଦୋକାନ ରହିଛି। ଶନିବାର ସନ୍ଧ୍ୟାରେ ୨ଜଣ ଦୁର୍ବୃତ୍ତ ଏକ ଇଲେକ୍ଟ୍ରି ଦୋକାନକୁ ସାମଗ୍ରୀ କିଣିବାକୁ ଆସିଥିଲେ। କେଦାରଙ୍କୁ ଇଲେକ୍ଟ୍ରି ସାମଗ୍ରୀ ମାଗିଥିଲେ। ଯାହାର ମୂଲ୍ୟ ମାତ୍ର ୪୦ଟଙ୍କା। ସାମଗ୍ରୀ ନେଇଥିଲେ ମଧ୍ୟ ଟଙ୍କା ଦେବାକୁ ମନା କରି ଦେଇଥିଲେ। କଣ ପାଇଁ ଟଙ୍କା ଦେବୁନି ବୋଲି ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହିସମୟରେ କେଦାରଙ୍କ ନିକଟରେ ଦୋକାନ କରିଥିବା ବସନ୍ତ ତାଙ୍କ ସପକ୍ଷରେ ବାହାରି ଟଙ୍କା ଦେବାକୁ କହିଥିଲେ। ରାଗ ତମ ତମ ହୋଇ ଦୁର୍ବୃତ୍ତମାନେ ସେଠାରୁ ଚାଲିଯାଇଥିଲେ। ମାତ୍ର କିଛି ସମୟ ବ୍ୟବଧାନ ମଧ୍ୟରେ ଉଭୟ ପୁଣି ଦୁଇଟି ଖଣ୍ଡା ବୁଲାଇ ବୁଲାଇ ଘଟଣାସ୍ଥଳରେ ପହଁଚିଥିଲେ। କେଦାରଙ୍କ ବେକକୁ ଖଣ୍ଡା ଚୋଟ ପକାଉଥିଲା ବେଳେ ବସନ୍ତ ହାତ ଦେଖାଇ ଦେଇଥିଲେ। କେଦାରଙ୍କ ବେକରେ ସାମାନ୍ୟ ଆଘାତ ଲାଗିଥିଲା ବେଳେ ବସନ୍ତଙ୍କ ହାତରେ ଗଭିର ଆଘାତ ଲାଗିଛି। ଖବରପାଇ ଘଟଣାସ୍ଥଳରେ ପୁଲିସ ପହଁଚି ସେମାନେ ଛାଡି ଯାଇଥିବା ଏକ ଖଣ୍ଡାକୁ ଜବତ କରିଛି। ଏହାସହ ଉଭୟଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ଆକ୍ରମଣ କରାଯାଇଥିବା ଯୁବକ ଜଣଙ୍କ ମହିଁସିଆଖାଲ ବସ୍ତି ଅଞ୍ଚଳର ବୋଲି ଜଣାପଡ଼ିଛି।

### ମଞ୍ଚେଶ୍ୱରରେ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ

ଗତ ମେ ମାସରେ ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଜଣେ ଯୁବକଙ୍କୁ ଦୁର୍ବୃତ୍ତମାନେ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ। ଦୁର୍ବୃତ୍ତଙ୍କ ଖଣ୍ଡାଚୋଟରେ ଲହୁଲୁହାଣ ହୋଇଥିଲେ ଯୁବକ। ତାଙ୍କ ହାତ, ଗୋଡ଼ ଏବଂ ଛାତିରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

### ପାର୍ବଣ ପୂର୍ବରୁ ହୋଇଥିଲା ଆକ୍ରମଣ

ପାର୍ବଣ ପୂର୍ବରୁ ପୁଲିସ ସକ୍ରିୟ ରହିଥିଲେ ମଧ୍ୟ ଜଣେ ଯୁବକଙ୍କୁ ୬ ଜଣ ମିଶି ଖଣ୍ଡାରେ ଆକ୍ରମଣ କରିଥିଲେ। ସାମାନ୍ୟ ବଚସାକୁ ନେଇ ଏଭଳି ଆକ୍ରମଣ ହୋଇଥିଲା। ଏଭଳି ଘଟଣା ରାଜଧାନୀରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା। ବିଜେବି ନଗର ପେଟ୍ରୋଲ ପମ୍ପ ନିକଟରେ ମୋମୋ ଖାଉଥିଲା ବେଳେ ଡେଲିଭରୀ ବଏଙ୍କ ସହ ଜଣେ ଯୁବକଙ୍କ ଝଗଡ଼ା ହୋଇଥିଲା। ଏହି ଝଗଡ଼ା ଉଗ୍ରରୂପ ନେଇଥିଲା। ମହିଁଷାଖାଲ ନିକଟରେ ମେଣ୍ଟାଲ ରାଜାଙ୍କ ଏବଂ ତାଙ୍କ ସହଯୋଗୀ ସମ୍ପୃକ୍ତ ଯୁବକଙ୍କୁ ଆକ୍ରମଣ କରିଥିଲେ ବୋଲି ଅଭିଯୋଗ ହୋଇଥିଲା।

### ଧଉଳିରେ ଜେଲ୍ ଫେରନ୍ତାଙ୍କ ଆକ୍ରମଣ

ସେହିଭଳି ଗତ କିଛିଦିନ ତଳେ ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁର ଅଞ୍ଚଳରେ ଜଣେ ଦୁର୍ବୃତ୍ତ ଭୁଜାଲିରେ ଆକ୍ରମଣ କରି ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳାଇଥିଲେ। ଏଥିରେ ଶିବ ପ୍ରସାଦ ସେଠୀ ଏବଂ ସ୍ୱପ୍ନେଶ୍ୱର ପାଣିଗ୍ରାହୀ ଆହତ ହୋଇଥିଲେ। ସାମାନ୍ୟ ଘର ସାମ୍ନାରୁ ଗାଡି ନ ହଟାଇବାରୁ ଏଭଳି ଆକ୍ରମଣ ହୋଇଥିଲା।

### ଛୋଟକୁ ଅଣଦେଖା ପାଇଁ ବଡ଼ ଆକ୍ରମଣ

ରାଜଧାନୀର ଥାନାଗୁଡ଼ିକରେ ଛୋଟ ଛୋଟ ଘଟଣାକୁ ଏବେ ବହୁଳ ଭାବେ ଅଣଦେଖା କରାଯାଉଛି। ଅଭିଯୋଗ ନେଇ ଗଲେ ପୁଲିସ ଶୁଣୁ ନ ଥିବା ଅଭିଯୋଗ ହେଉଛି। ବାଧ୍ୟ କଲେ ଏତଲା ରଖିଦେଉଛି ସିନା କିନ୍ତୁ ଏଥିରେ ସାମାନ୍ୟ ଔପଚାରୀକତା ଦୃଷ୍ଟି ଅଭିଯୁକ୍ତଙ୍କୁ ଥାନାକୁ ଡକାଇବାକୁ ବି ଇଚ୍ଛା ପ୍ରକଟ କରୁନାହିଁ। ଫଳରେ ଅପରାଧ ଘଟିଲେ ବି କେହି ଥାନାକୁ ଯିବାକୁ ପସନ୍ଦ କରୁନାହାନ୍ତି। ଛୋଟ ଘଟଣାକୁ ଅଣଦେଖା କରିବା ବଡ ଆକ୍ରମଣର ସୂତ୍ରପାତ ହେଉଥିବା କୁହାଯାଉଛି।

### ପୁଲିସ ଟ୍ରାକିଂରୁ ବାହାରେ ପେସାଦାର ଅପରାଧୀ!

ରାଜଧାନୀର ପେଶାଦାର ଅପରାଧୀମାନେ ଏବେ ପୁଲିସ ଟ୍ରାକିଂରୁ ବାହାରେ ରହୁଥିଲା ଭଳି ମନେ ହେଉଛି। ଏମାନେ ବେଧଡକ ଭାବେ ସେମାନଙ୍କ ସାମ୍ରାଜ୍ୟ ବିସ୍ତାର କରି ଚାଲିଛନ୍ତି। ଛୋଟ ଛୋଟ ପିଲାଙ୍କୁ ନିଜ ଅପରାଧ ନେଟ୍‌ୱାର୍କରେ ସାମିଲ କରୁଛନ୍ତି।

### ବ୍ଲକିଂ ଚେକିଂ କାଁ ଭାଁ

ରାସ୍ତା ଉପରେ ପୁଲିସର ଉପସ୍ଥିତି ଅପରାଧୀଙ୍କ ମନରେ ଭୟ ସୃଷ୍ଟି କରେ। ରାସ୍ତାରେ ପୁଲିସ ତ ଦେଖାଯାଉ ନାହାନ୍ତି ଟ୍ରାଫିକ୍ ପୁଲିସ ବି ନାହାନ୍ତି। କମିସନରେଟ୍ ପୁଲିସ ଭିଭିଆଇପି ସୁରକ୍ଷାରେ ମାତିଛି ବୋଲି ଅନେକ ସମୟରେ ଅଭିଯୋଗ ହେଉଛି। ପୂର୍ବରୁ ନିୟମିତ ଭାବେ ବ୍ଲକିଂ, ଚେକିଂ ହେଉଥିଲା ବେଳେ ରାଜଧାନୀରେ କାଁ ଭାଁ ବ୍ଲକିଂ ଚେକିଂ ହେଉଛି। ଏଭଳି ବ୍ୟବସ୍ଥା ଅପରାଧୀଙ୍କୁ ଅପରାଧ ଘଟାଇବାରେ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରୁଛି।

## ସଡ଼କ ଦୁର୍ଘଟଣାରେ ୨ ମୃତ



ଧଉଳି, ୧।୧୧(ସମିସ): ଧଉଳି ଥାନା ଲିଙ୍ଗିପୁର-ଟଙ୍କପାଣି ସେତୁ ଦୟାନଦୀ ବନ୍ଧ ରାସ୍ତା ଲିଙ୍ଗିପୁର ଗ୍ରାମ ନିକଟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୨ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ପୁଲିସ୍ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ତେବେ ସେମାନଙ୍କ ପରିଚୟ ମିଳିପାରିନାହିଁ। ଖବରନେବାରେ ଜଣାପଡ଼ିଛି ଶନିବାର ରାତି ପ୍ରାୟ ୮ ଟାରେ ୨ ଜଣ ଯୁବକ ଏକ ବୁଲେଟ ଯୋଗେ ବାସୁଆଘାଇ ପାର୍ଶ୍ୱରୁ ଦୟାନଦୀ ବନ୍ଧ ଦେଇ ଭୁବନେଶ୍ୱରକୁ ଆସୁଥିଲେ। ଦ୍ରୁତଗତିରେ ଯାଉଥିବା ବୁଲେଟଟି ଭାରସାମ୍ୟ ହରାଇ ଲିଙ୍ଗିପୁର ଗ୍ରାମ ନିକଟ ନଦୀବନ୍ଧ ପାର୍ଶ୍ୱରେ ଥିବା ଗଛରେ ଧକ୍କା ଦେଇଥିଲା। ଫଳରେ ସେମାନେ ରାସ୍ତାରେ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ।

## ଗୃହ ନିର୍ମାଣ ପ୍ଲାନ ଅନୁମୋଦନ ସମସ୍ୟାର ପ୍ରଥମ ଜନଶୁଣାଣି



ଭୁବନେଶ୍ୱର, ୧।୧୧(ସମିସ): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ଶନିବାର ଗୃହ ନିର୍ମାଣ, ଲେଆଉଟ ପ୍ଲାନ ଅନୁମୋଦନ ସଂକ୍ରାନ୍ତ ସମସ୍ୟାର ସମାଧାନ ନିମନ୍ତେ ପ୍ରଥମ ଅଭିଯୋଗ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଆଜି ପ୍ରଥମ ଦିନରେ ମୋଟ ୪ ଜଣ ଆବେଦନକାରୀ ଆସିଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣଙ୍କର ସମସ୍ୟା ସଂଗେ ସଂଗେ ସମାଧାନ ହେବା ସହ ଗୃହ ନିର୍ମାଣ ପ୍ଲାନିଂ ନିୟମାନୁଯାୟୀ ଅନୁମୋଦନ ପାଇଁ ପଠାଇ ଦିଆଯାଇଛି। ଅନ୍ୟ ଜଣେ ଆବେଦନକାରୀଙ୍କର କିଛି କାଗଜାତ ଦାଖଲ କରିବା ପରେ ତାଙ୍କ ସମସ୍ୟାର ସମାଧାନ ହେବ ବୋଲି ବିଏମ୍‌ସି ପ୍ଲାନିଂ ଉପବିଭାଗ ପକ୍ଷରୁ କୁହାଯାଇଛି। ପ୍ଲାନିଂ ପାଇଁ ଆବେଦନ କରିଥିବା ବ୍ୟକ୍ତି ବା ଅନୁଷ୍ଠାନର ଯଦି କୌଣସି ସମସ୍ୟା ଥାଏ କିମ୍ବା କୌଣସି କାରଣରୁ ସେମାନଙ୍କର ପ୍ଲାନ ଅନୁମୋଦନ କରାଯାଇ ନ ଥାଏ, ତେବେ ସେମାନେ ବିଏମ୍‌ସି ମୁଖ୍ୟାଳୟ ପ୍ଲାନିଂ ଉପବିଭାଗରେ ପ୍ରତି ମାସର ପ୍ରଥମ ଶନିବାର ପୂର୍ବାହ୍ନ ୧୧ଟାରୁ ୧ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି ଶିବିରରେ ଆବଶ୍ୟକ କାଗଜାତ ସହ ଉପସ୍ଥିତ ରହି ସମସ୍ୟା ସମ୍ପର୍କରେ ଅବଗତ କରାଇପାରିବେ ବୋଲି କହିଛନ୍ତି ବିଏମ୍‌ସି କମିଶନର ଚଞ୍ଚଳ ରାଣା।

ନିୟମାବଳୀକୁ ଆଧାର କରି ମାସିକିଆ ଅଭିଯୋଗ ଶୁଣାଣି ଶିବିରରେ ବିଏମସିର ବରିଷ୍ଠ ଅଧିକାରୀ, ପ୍ଲାନିଂ ଉପବିଭାଗର ଅଧିକାରୀ ଉପସ୍ଥିତ ରହି ସମସ୍ୟାର ସମୀକ୍ଷା କରିବେ ଏବଂ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବେ। ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳବାସୀଙ୍କୁ ସହଜରେ ସମସ୍ତ ପ୍ରକାର ସେବା ଯୋଗାଇ ଦେବାକୁ ବିଏମ୍‌ସି ପକ୍ଷରୁ ଉଦ୍ୟମ ଜାରି ରହିଛି। ନାଗରିକମାନେ ଗୃହ ନିର୍ମାଣ ନିମନ୍ତେ ପ୍ଲାନିଂ ଅନୁମୋଦନ ପାଇଁ ଯେପରି ସହଜରେ ଏବଂ ଶୀଘ୍ର ଅନୁମୋଦନ ପାଇପାରିବେ, ସେଥିପାଇଁ ପ୍ରୟାସ ଆରମ୍ଭ ହୋଇଛି। ଗୃହ ନିର୍ମାଣ ପ୍ଲାନିଂ ଅନୁମୋଦନ ନିମନ୍ତେ ଆବେଦନ କରିଥିବା ବ୍ୟକ୍ତି ବିଶେଷ ବା ଅନୁଷ୍ଠାନ ଏହାର ସୁବିଧା ନେଇପାରିବେ ବୋଲି କହିଛନ୍ତି ବିଏମ୍‌ସି କର୍ତ୍ତୃପକ୍ଷ। ବିଏମ୍‌ସିର ଏହି ପଦକ୍ଷେପକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି। ଏହା ଦ୍ୱାରା ସାଧାରଣ ଲୋକଙ୍କୁ ଆଉ ପ୍ଲାନିଂ ଅନୁମୋଦନ ପାଇଁ ବାରମ୍ବାର ବିଏମ୍‌ସି କାର୍ଯ୍ୟାଳୟକୁ ଆସିବାକୁ ପଡ଼ିବ ନାହିଁ ବୋଲି କୁହାଯାଇଛି। ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ଟାଉନ ପ୍ଲାନିଂ ବା ନଗର ଯୋଜନାକାରୀ ମହମ୍ମଦ କ୍ୱାଇସର ଇକବାଲ ଅଲି ଲୋକମାନଙ୍କର ଅଭିଯୋଗ ଶୁଣିବା ସହ ସେମାନଙ୍କ ସମସ୍ୟାର ସମାଧାନ କରିଥିଲେ।

## ମଦ ଭର୍ତ୍ତି କାର୍ ଜବତ; ଜଣେ ଗିରଫ

ଭୁବନେଶ୍ୱର, ୧।୧୧(ସମିସ): ରାଜଧାନୀକୁ କାରରେ ମଦଚାଲାଣ ବେଳେ ଶୁକ୍ରବାର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଧୂରୁକୁଟି ବସ୍ତି ରାସ୍ତାରେ ଅବକାରୀ ବିଭାଗ ଚଢ଼ଉ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ମୟୂରଭଞ୍ଜର ଦାଶରଥି ହାଂସଦା (୩୬)। ତାଙ୍କ ପାଖରୁ ଏକ ମାରୁତି ସୁଜୁକି କାର୍ (ଓଡି୦୫ବି୬୫୫୬) ଓ ସେଥିରେ ବସ୍ତାରେ ଭର୍ତ୍ତି ହୋଇଥିବା ୩୦୦ ଲିଟର ଦେଶୀ ରନ୍ଧା ମଦ ଜବତ ହୋଇଛି। ମୟୂରଭଞ୍ଜରୁ ଭୁବନେଶ୍ୱରକୁ ମଦ ଚାଲାଣ ପାଇଁ ଆସିଥିବା ବେଳେ ଅଭିଯୁକ୍ତ ଜଣକ ଅବକାରୀ ଟିମ୍ ହାତରେ ଧରାପଡ଼ିଯାଇଥିଲେ। ଜବତ ମଦର ଆନୁମାନିକ ମୂଲ୍ୟ ୬୦ ହଜାର ଟଙ୍କା ହେବ ବୋଲି ଅବକାରୀ ଟିମ୍ ପକ୍ଷରୁ କୁହାଯାଇଛି।

## କଳାରାହାଙ୍ଗରେ ଜବରଦଖଲ ଉଚ୍ଛେଦ



ଭୁବନେଶ୍ୱର, ୧।୧୧(ସମିସ): ଇନ୍‌ଫୋସିଟି ଥାନା କଳାରାହାଙ୍ଗ ମୌଜାରେ ଜବରଦଖଲ ହୋଇଥିବା ସରକାରୀ ଜାଗାକୁ ଉଚ୍ଛେଦ କରିଛି ବିଏମ୍‌ସି। ଖାତା ନଂ-୩୬୯ ଏବଂ ପ୍ଲଟ୍ ନଂ-୩୨୫, ୩୨୬, ୩୨୭ ଏବଂ ୩୨୮ ସରକାରୀ ଜାଗାକୁ କିଛି ଅସାଧୁ ବ୍ୟକ୍ତି ଜବରଦଖଲ କରି ରଖିଥିଲେ। ଉକ୍ତ ପ୍ଲଟ୍‌ରେ ୪ଟି ଦୋକାନ, ଗୋଟିଏ ବାଥ୍‌ରୁମ୍ ହୋଇଥିବା ବେଳେ ଏହାକୁ ବିଏମ୍‌ସି ଭାଙ୍ଗି ଗୁଣ୍ଡ କରି ଦେଇଛି। ଏହି ଉଚ୍ଛେଦ ପାଇଁ ବିଡିଏ ଗୋଟିଏ ଜେସିବି ପ୍ରଦାନ କରିଥିବା ବେଳେ ଉଛେଦ ପାଇଁ ୪ଘଣ୍ଟା ଲାଗିଥିଲା। ଉଚ୍ଛେଦ ସମୟରେ ବିଏମ୍‌ସି ଏବଂ ବିଡ଼ିଏର ଅଧିକାରୀମାନେ ଉପସ୍ଥିତି ରହିଥିଲେ।

## ବିଏମ୍‌ସି ମୁଖ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହ

- ସାଧୁତାର ଶପଥ ପାଠ କଲେ ସମସ୍ତ ଅଧିକାରୀ ଓ କର୍ମଚାରୀ



ଭୁବନେଶ୍ୱର, ୧।୧୧(ସମିସ): ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ଅବସରରେ ଆଜି ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷର ଥିମ୍ ରହିଛି 'ଦୁର୍ନୀତି ନିବାରଣ-ଆମ ସାମୂହିକ ଦାୟିତ୍ୱ'। ଏହି ଅବସରରେ ବିଏମ୍‌ସିର ସମସ୍ତ ଅଧିକାରୀ ଓ କର୍ମଚାରୀ ଶପଥ ଗ୍ରହଣ କରିଛନ୍ତି। ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା ଏବଂ ଆଇନର ଶାସନକୁ ଅନୁପାଳନ କରିବା ସହ ଉତ୍କୋଚ ନେବା କିମ୍ବା ଦେବା, ସମସ୍ତ ଦାୟିତ୍ୱକୁ ସାଧୁତା ଏବଂ ସ୍ୱଚ୍ଛତାର ସହ ସମ୍ପାଦନ କରିବା, ଜନସାଧାରଣଙ୍କ ହିତ ସାଧାନ ପାଇଁ କାର୍ଯ୍ୟ କରିବା, ନିଜ ବ୍ୟକ୍ତିଗତ ଆଚରଣରେ ଦୃଷ୍ଟାନ୍ତ ମୂଳକ ସାଧୁତା ବଜାୟ ରଖି ଅନ୍ୟମାନଙ୍କ ପାଇଁ ଉଦାହରଣ ହେବା ଏବଂ ଦୁର୍ନୀତି ସମ୍ପର୍କିତ କୌଣସି ଘଟଣା ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବା ପାଇଁ ଶପଥ ନେଇଛନ୍ତି। ବିଏମ୍‌ସି ମୁଖ୍ୟାଳୟର ଏକାମ୍ର ହଲରେ ଅନୁଷ୍ଠିତ ଏହି ସାଧୁତାର ଶପଥ ପାଠ କାର୍ଯ୍ୟକ୍ରମରେ ଅତିରିକ୍ତ କମିସନର ରତ୍ନାକର ସାହୁ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ କମିସନର କୈଳାସ ଚନ୍ଦ୍ର ଦାସ, ସିଟି ଇଂଜିନିୟର ନାରଦ ଚନ୍ଦ୍ର ରଥ, ମୁଖ୍ୟ ବିତ୍ତ ଅଧିକାରୀ ଦୀପକ ରଞ୍ଜନ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ।

## ରାସ୍ତାରେ ଅଟକାଇ ମରଣାନ୍ତକ

ହଂସପାଳ, ୧।୧୧(ସମିସ): ରାସ୍ତାରେ ଗାଡ଼ି ଅଟକାଇ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ପାହାଳ ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛି କଟକ ମଧୁପାଟଣା ଥାନା ରାଜେନ୍ଦ୍ର ନଗର ମଙ୍ଗଳା ମନ୍ଦିର ପାଖ ଧିରେନ୍ କୁମାର ଲେଙ୍କା(୩୨)। ଧବରେନ୍‌କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ଶୁକ୍ରବାର ଦିନ ପ୍ରାୟ ୧.୩୦ ବେଳେ ଗୌରାଙ୍ଗ ଚରଣ ନାଥ (୫୬) ମୋଟର୍ ସାଇକେଲରେ ଭୁବନେଶ୍ୱରରୁ ତାଙ୍କ ଗ୍ରାମ ସିସୋକୁ ଯାଉଥିବା ସମୟରେ ପଞ୍ଚବଟି ବଜାର ନିକଟରେ ଏକ ଅଜଣା ବ୍ୟକ୍ତି ଏକ କାରରେ ତାଙ୍କ ରାସ୍ତା ଅଟକାଇଥିଲେ। ଉକ୍ତ ବ୍ୟକ୍ତି ଗାଡ଼ିରୁ ଓହ୍ଲାଇ ଗୌରାଙ୍ଗଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ତାଙ୍କ କାନ ଓ ଛାତିରେ ଆକ୍ରମଣ କରିଥିଲେ ଏବଂ ହତ୍ୟା ଉଦ୍ଦେଶ୍ୟରେ ତାଙ୍କ ମୁଣ୍ଡକୁ ପଥରରେ ଆଘାତ କରିବାକୁ ଚେଷ୍ଟା କରିଥିଲେ। ସେହି ସମୟରେ ଗୌରାଙ୍ଗଙ୍କ ସୁନା ଚେନ୍ ଛଡ଼ାଇ ନେବାକୁ ଚେଷ୍ଟା କରିଥିଲେ ଧିରେନ୍। ପରିଣାମ ସ୍ୱରୂପ ଗୌରାଙ୍ଗ ତଳେ ପଡ଼ି ଆହତ ହୋଇଥିଲେ। ଏହି ସମୟରେ ଜଣେ ପଥଚାରୀ ହସ୍ତକ୍ଷେପ କରି ଗୌରାଙ୍ଗଙ୍କୁ ଉଦ୍ଧାର କରିଥିଲେ ଏବଂ ଅଭିଯୁକ୍ତଙ୍କୁ ପାହାଳ ଥାନା ପିସିଆରକୁ ହସ୍ତାନ୍ତର କରିଥିଲେ। ପୋଲିସ ଷ୍ଟେସନକୁ ନେବା ସମୟରେ ଅଭିଯୁକ୍ତ ପୋଲିସ କର୍ମଚାରୀଙ୍କୁ ଗାଳିଗୁଲଜ କରି ଧମକ ଦେଇଥିଲେ। ପାହାଳ ଥାନା ଅଧିକାରୀ ଅଶ୍ୱିନୀ ଜେନା ଘଟଣା ର ତଦନ୍ତ କରି ଅପରାଧରେ ବ୍ୟବହୃତ କାର ଜବତ କରିଛନ୍ତି। ଆହତ ଗୌରାଙ୍ଗଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ମହିଧରପଡ଼ା ମେଡିକାଲକୁ ପଠାଯାଇଛି। ଅଭିଯୁକ୍ତଙ୍କୁ ପଚରାଉଚରା କରାଯାଇଥିବା ସମୟରେ ସେ ତାଙ୍କ ଦୋଷ ସ୍ୱୀକାର କରିଥିବା ପୁଲିସ କହିଛି।



## ଏମିତି ଆମ କମିସନରେଟ୍ ପୁଲିସ

# ମିଳୁନାହାନ୍ତି ନିଖୋଜ; ମିଳୁଛି ନରକଙ୍କାଳ

ଭୁବନେଶ୍ୱର, ୧।୧୧ (ସମିସ): ପ୍ରତିଦିନ ରାଜଧାନୀରୁ ନାବାଳକ ଓ ନାବାଳିକା ଅପହରଣ ଠାରୁ ଆରମ୍ଭ କରି ଅଧିକ ବୟସ୍କ ଲୋକମାନେ ନିଖୋଜ ହେବା ମାମଲା ବଢ଼ିଚାଲିଛି। ଖୋଜାଖୋଜି କରି ନ ପାଇବାରୁ ପରିବାର ଲୋକେ ନିକଟସ୍ଥ ଥାନାର ଦ୍ୱାରସ୍ଥ ହେଉଛନ୍ତି। ୧୮ ବର୍ଷରୁ କମ୍ ବୟସର ପିଲା ନିଖୋଜ ହୋଇଥିଲେ ପୁଲିସ ଅପହରଣ ମାମଲା ରୁଜୁ କରୁଥିବା ବେଳେ ଅଧିକ ବୟସ ଲୋକଙ୍କ କ୍ଷେତ୍ରରେ ମ୍ୟାନ ମିସିଂ ରିପୋର୍ଟ (ଏମ୍‌ଏମ୍‌ଆର୍) ପଞ୍ଜିକରଣ କରୁଛି। ଅପହରଣ ମାମଲାକୁ ପୁଲିସ ଗୁରୁତ୍ୱ ଦେଉଥିଲେ ମଧ୍ୟ ଏମ୍‌ଏମ୍‌ଆରକୁ ଅଗ୍ରାଧିକାର ମିଳୁନାହିଁ। ଫଳରେ ନିଖୋଜ ବ୍ୟକ୍ତି ବା ମହିଳାଙ୍କର ଦୀର୍ଘବର୍ଷ ଯାଏଁ ପତ୍ତା ମିଳୁ ନ ଥିବା ବେଳେ କେତେ ଜଣଙ୍କର ମୃତଦେହ ଠାବ ହେଉଛି। ପଳାଶୁଣି ଅଞ୍ଚଳରୁ ନିଖୋଜ ହୋଇଥିବା କଟକ ଜିଲ୍ଲା କୁଳଶ୍ରୀ ଗାଁର ସୁନୀଲ ସାହୁଙ୍କର ମୃତଦେହ ୧୫ ଦିନ ପରେ ଜଙ୍କିଆ ଥାନା ଅଞ୍ଚଳରୁ ଠାବ ହୋଇଥିଲା। ଏହି ଘଟଣାରୁ କମିସନରେଟ ପୁଲିସ ଏମ୍‌ଏମ୍‌ଆରକୁ କେତେ ଗୁରୁତ୍ୱ ଦେଉଛି, ତାହା ସ୍ପଷ୍ଟ ହୋଇଛି।

- ପ୍ରେମ, ପରକୀୟା ପ୍ରୀତି ଦ୍ୱାହି ଦେଉଛି ପୁଲିସ
- ପଞ୍ଜୀକରଣ କରି ସାରି ଦେଉଛନ୍ତି ଦାୟିତ୍ୱ

ସୂଚନାନୁସାରେ, ରାଜଧାନୀର ବିଭିନ୍ନ ଥାନାକୁ ପ୍ରତିଦିନ ୫ରୁ ୧୦ଟି ୧୮ ବର୍ଷରୁ ଅଧିକ ବୟସ୍କ ଲୋକ ନିଖୋଜ ହେଉଥିବା ନେଇ ଅଭିଯୋଗ ଆସୁଛି। ଯୁବତୀ, ମହିଳାଙ୍କ ଠାରୁ ଆରମ୍ଭ କରି ବୟସ୍କ ଲୋକମାନଙ୍କୁ ନପାଇ ପରିବାର ଲୋକେ ଥାନାରେ ଦ୍ୱାରସ୍ଥ ହେଉଛନ୍ତି। ପୁଲିସ ସେମାନଙ୍କ ଅଭିଯୋଗ ଅନୁସାରେ ମ୍ୟାନ ମିସିଂ ରିପୋର୍ଟ (ଏମ୍‌ଏମ୍‌ଆର୍) ପଞ୍ଜୀକରଣ କରୁଛି। ସେମାନଙ୍କ ଫଟୋ କପି ରାଜ୍ୟର ବିଭିନ୍ନ ଥାନାକୁ ମଧ୍ୟ ପଠାଉଛି। ବୟସ୍କ ଲୋକମାନେ ପିଲାମାନଙ୍କ ଉପରେ ରାଗି ଘର ଛାଡୁଥିବା ବେଳେ ଯୁବତୀ ଓ ମହିଳାମାନେ ପୁରୁଷ ବନ୍ଧୁଙ୍କ ସହିତ ପଳାଇ ଯିବାର ଅନେକ ଉଦାହରଣ ରହିଛି। ଏଇ ସବୁ କଥାକୁ ପୁଲିସ ଏକପ୍ରକାର ଢାଲ କରିଛି। ଏମ୍‌ଏମ୍‌ଆର୍ ପଞ୍ଜୀକରଣ କରୁଥିଲେ ମଧ୍ୟ ପ୍ରେମ ଓ ପରକୀୟା ପ୍ରୀତି ଦ୍ୱାହି ଦେଇ ପୁଲିସ ଏହି ମାମଲା ଗୁଡ଼ିକରୁ ଦୂରେଇ ରହୁଥିବା ଅଭିଯୋଗ ହେଉଛି।


ତେବେ ଏମ୍‌ଏମ୍‌ଆରକୁ ଗୁରୁତ୍ୱ ନ ଦେବା ଘଟଣା କମିସନରେଟ ପୁଲିସ ପାଇଁ ନୂଆ ନୁହେଁ, ବରଂ ପୂର୍ବରୁ ମଧ୍ୟ ପୁଲିସ ଏମ୍‌ଏମ୍‌ଆରକୁ ଗୁରୁତ୍ୱ ଦେଉ ନ ଥିବାର ନଜିର ରହିଛି। ପାତ୍ରପଡ଼ା ଅଞ୍ଚଳରେ ଘରୋଇ ସହାୟିକା ଭାବେ କାମ କରୁଥିବା ରଣପୁର ଥାନା ହରିପୁରର ନିରୂପମା ପରିଡ଼ା ଗତ ଜାନୁଆରୀ ୨୪ ତାରିଖ ଠାରୁ ନିଖୋଜ ହୋଇ ଯାଇଥିଲେ। ଏନେଇ ଭରତପୁର ଥାନାରେ ଅଭିଯୋଗ ହେବାପରେ ପୁଲିସ ଏମ୍‌ଏମ୍‌ଆର ପଞ୍ଜୀକରଣ କରିଥିଲା। ହେଲେ ତାଙ୍କୁ ଖୋଜିବା କି ଠାବ କରିବା ପାଇଁ ପୁଲିସ ଉଦ୍ୟମ କରିନଥିଲା। ପରିବାର ଲୋକେ ନିରୂପମାଙ୍କ ପ୍ରେମିକ ଦେବାଶିଷକୁ ସନ୍ଦେହ କରି ଅଭିଯୋଗ କରିଥିଲେ ବି କୌଣସି ସୁଫଳ ମିଳି ନ ଥିଲା। ନିଖୋଜର ୭ ମାସ ପରେ ପୁଲିସ ଦେବାଶିଷକୁ ଗିରଫ କରିବା ସହ ତାପଙ୍ଗ ଖଣିରୁ ନିରୂପମାଙ୍କ କଙ୍କାଳ ଜବତ କରିଥିଲା। ପୁଲିସ ଏମ୍‌ଏମ୍‌ଆରକୁ ଗୁରୁତ୍ୱ ନଦେବାରୁ ନିରୂପମା ହତ୍ୟାର ଶିକାର ହେଲେ ବୋଲି ପରିବାର ଲୋକେ ଅଭିଯୋଗ କରିଥିଲେ।



ନିରୂପମା ପରିଡ଼ା



ଶୁଭମିତ୍ରା ସାହୁ



ସୁନୀଲ ସାହୁ

ଗତ ସେପ୍ଟେମ୍ବର ୬ ତାରିଖ ଦିନ ଟ୍ରାଫିକ କନେଷ୍ଟବଳ ଶୁଭମିତ୍ରା ସାହୁ ନିଖୋଜ ହେବା ନେଇ କ୍ୟାପିଟାଲ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଏମ୍‌ଏମ୍‌ଆର ପଞ୍ଜୀକରଣ କରିଥିଲେ ମଧ୍ୟ କୌଣସି ସୁରାକ ପାଇନଥିଲା। ଏହାର ୧୨ ଦିନ ପରେ ଘଟଗାଁ ଜଙ୍ଗଲରୁ ଶୁଭମିତ୍ରାଙ୍କ ମୃତଦେହ ଠାବ କରିବା ସହ ହତ୍ୟା ଅଭିଯୁକ୍ତ କନେଷ୍ଟବଳ ଦୀପକକୁ ଗିରଫ କରିଥିଲା।

ସେପଟେ କଟକ ଜିଲ୍ଲା କାନପୁର ଥାନା ବାଲିଝରି ଗାଁର ବିଶ୍ୱଜିତ ନାୟକ କମିସନରେଟ ପୁଲିସରେ କନେଷ୍ଟବଳ ଭାବେ ନିଯୁକ୍ତି ପାଇଥିଲେ। ତମାଣ୍ଡୋ ଥାନାରେ କାର୍ଯ୍ୟରତ ଥିବା ବିଶ୍ୱଜିତ ଗତ ଏପ୍ରିଲ ମାସରୁ ନିଖୋଜ ଅଛନ୍ତି। ପରିବାର ଲୋକେ ଏ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏମ୍‌ଏମ୍‌ଆର ପଞ୍ଜୀକରଣ କରିଛି। ହେଲେ ଏଯାଏଁ ବିଶ୍ୱଜିତଙ୍କୁ ଠାବ କରି ପାରିନାହିଁ। ଖୋଦ୍ ନିଖୋଜ ପୁଲିସ କର୍ମଚାରୀଙ୍କୁ କମିସନରେଟ ପୁଲିସ ପାଉନଥିବା ବେଳେ ସାଧାରଣ ଲୋକଙ୍କ ଏମ୍‌ଏମ୍‌ଆରକୁ କେତେ ଗୁରୁତ୍ୱ ମିଳୁଥିବ, ତାହା ଏଥିରୁ ଅନୁମେୟ।

## ଝିଅ ପାଇଁ ଗୋଟିଏ କବିତା

ରାଜେନ୍ଦ୍ର କିଶୋର ପଣ୍ଡା

ଯିବାକୁ ହବ ଦୂର ବହୁ ଦୂର ।
କାହାକୁ ମାନ କରିଚୁ ଝିଅ ମୋର, ସୁନାଝିଅ ମୋର?
ତୋ' ରୁଷାଘର ଆଗରେ ତତେ ଅପେକ୍ଷା କରୁଚି ଜୀବନ
ଖୋଲିଦେ କବାଟ, ଆ, ଯିବାକୁ ହବ ଦୂର ବହୁ ଦୂର
ଯା, ମା, ତୁ ପରା ଘର କରିବୁ, ଘର ॥

କଳ୍ପବୃକ୍ଷ ହେଲି ବୋଲି ଭାବି ନେବାଟା ଇ ପ୍ରାୟ
କଳ୍ପବୃକ୍ଷ ହେବା ।
ଭାବିନେବୁ ॥

ଲାଜକୁଳୀ ବୁଦା ପରି ମୁଦି ହୋଇ ସାଂକୁଡ଼ିଯାଇ
କୁଜୀ ହୋଇ ରହିବୁ କାହିଁକି?
ଛୁଆଁ ବାଜିବା ମାତ୍ରକେ ଠିଆ ହେବୁ ସିଧା ହୋଇ, ତରୁ ପରି,
ପଲ୍ଲବିବୁ,
ମେଲିଦେବୁ ଫୁଲମେଢ଼, ଫଳଭାର, ପକ୍ଷୀବସା ଡାଳ ଡାଳ
ପୁଣି କିଛି କଂଟାର ସଂଭାର, ମେଲିଦେବୁ...
ଦେବୁ ଆଉ ଦିଆଇବୁ, ଦେ ପଦ ବୋଲିବୁ ॥

ତୋ' ଆକାଶରେ ଶକୁନ ଉଡ଼ିବେ,
ଶକୁଂତ ରହିବେ ଡେଣା ଫଡ଼କେଇ
ଲହୁଲୁହାଣ ହବୁ କେବେ ତ ମହୁମୁହାଣ ହବୁ ॥

କେତେ ସରାଗରେ ରାଂଧି ତୁ ପରିଷିଥିବା ସୁଆଦିଆ ତିଅଣକୁ
ଥୁ ଥୁ କରିଦେଲେ ପ୍ରିୟଜନଟିଏ,
କୋହ ଚାପି ସ୍ମିତ ଖେଳାଇବୁ
ଅମୃତ ଗିନାକ ତୋର ବିଷ ହବ ନାଇଁ, ଝିଅ,
ଅମୃତ ତ କେବେ ଅଇଁଠା ହୁଏ ନାଇଁ, ଝିଅ!
ଯୋଗ୍ୟତମ ଦେଖି ସମର୍ପିବୁ ।
କାହାଣୀର ବୁଢ଼ୀ ଅସୁରୁଣୀ
ଗୋଟିଏ ଗୋଡ଼କୁ ତା'ର ଚୁଲୀରେ ପୂରାଇ ଜାଳି
ଆରଟି ସେକିଲା ପରି ତୁ ବି ବଂଚିବୁ ॥

ମାଟିକୁ ଫାଟିଯା ବୋଲି କେବେ କହିବୁନି, ମା,
ପୋତି ହୋଇଯିବ ଆକାଶ ॥

ତତଲା ତାୱା ଉପରେ ମାଛଖଣ୍ଡେ ଭାଜିହବା ପରି,
ଅଁଧାର ହିଁ କାଂଥ ଯହିଁ ଛାତ ଯହିଁ ଚଟାଣ ଯହିଁ ବିଛଣା ଯହିଁ
ସେଇଠି ଜହ୍ନ ବି କଳା, ସେଇଠାରେ ରାତି ତୋର ପୁହାଇଦବୁ
ଶରତର ଜହ୍ନରାତି ।
ପାହାଂତାରେ ନିଦ ମଳମଳ ଆଖିରେ ବଗିଚାକୁ ଆସି ଦେଖିବୁ
କାରୁପର୍ଣ କୋଣରେ
ଉର୍ଣାଜାଲରେ ବିଂଦୁ ବିଂଦୁ ଶିଶିର
ପ୍ରତିଟି ବୁନ୍ଦାରେ ଝଲମଲ ସୂର୍ଯବିଂବ....
ଶିରିଶିରି ପବନରେ ଶିହରିଗଲା ଜାଲ ଭାବୁ ଭାବୁ
ନିଘା ପଡ଼ିଯିବ ଶିକାରରତ ରହ୍ନବୁଢ଼ିଆଣୀ ଉପରେ
ମାୟା ଘନଘୋର ଏ ସଂସାର ବଡ଼ ବିଚିତ୍ର, ମା,
ଛଟପଟ ପତଂଗଟି ଭିତରେ ନିଜକୁ ଥାପି ଅନୁଭବ କରି
ଜାଣିବୁ ତୁ ଶିହରି ଉଠୁଚୁ
ଯନ୍ତ୍ରଣାରେ ଯେତିକି
ଉଲ୍ଲାସରେ ତତୋଽଧିକ !!


ଶତେକ ଶରତ ଥିବୁ, ବୁଢ଼ୀ ହବୁ ନାଇଁ ଝିଅ!
ସଂପାକଟା କରିବୁନି, ନିଜକୁ ନୁହେଁ କି ନିୟତିକି ନୁହେଁ,
କେତେ ଝୀନ କେତେ ସୂକ୍ଷ୍ମ ତୋର ଜୀବନ
ଉଡେଇଯିବ କବିତା, ଚହଲିଯିବ ମିଳେଇଯିବ ସ୍ୱପ୍ନ ।
ଦାରୁଣତମ ଦୁଃଖରେ ବି
ମାଟିକୁ ଫାଟିଯା ବୋଲି କେବେ କହିବୁନି, ମା,
ପୋତିହୋଇଯିବ ଆକାଶ ॥

ବରଂ, ଯଦି ପାରୁ, ପଦ୍ମାମୟ ହୋଇଯିବୁ
ନିଜକୁ ଟିକେ ଉଖାରିଦବୁ ।
ଆଂଚୁଡ଼ାରେ ପାତାଳଗଂଗାର ଫୁଆର, ମା,
ଅଁଧାର ଘନେଇ ପାଷାଣ ହୋଇ ବିଦୀର୍ଣ ହୋଇଗଲେ
ସିଂଦୂରା ଆକାଶରେ ଫଜେରା ଫାଟିବାର ଦୃଶ୍ୟ ॥

ମାଟିକୁ ଫାଟିଯା ବୋଲି କେବେ କହିବୁନି ଝିଅ,
ବରଂ ତୁ ଦେବକୀ ପରି ନିଜେ ଫାଟିଯିବୁ
ଈଶ୍ୱରଂକ ଜନ୍ମ ପାଇଁ ଦ୍ୱାରା ଖୋଲିଦେବୁ ॥ ■

# ଶିଖର ମାତ୍ରେ ଇ ଆରୋହ୍ୟ...

**ରାଜେନ୍ଦ୍ର କିଶୋର ପଣ୍ଡା । ଓଡ଼ିଆ କବିତାର ଏକ ଉଦାତ୍ତ ଉଚ୍ଚାରଣ । ଶବ୍ଦ ନିର୍ମାଣରେ ଧୂରୀଣ । ଆବେଗର ଐଶ୍ୱର୍ଯ୍ୟରେ ବିତ୍ତବାନ୍ । ଭାବ, ଭାଷା, ଶୈଳୀରେ ଚିର ନୂତନ । ପ୍ରତ୍ୟେକ କବିତା ପ୍ରତ୍ୟେକଠୁ ଭିନ୍ନ, ନିରୁତା କାବ୍ୟଦୃଷ୍ଟି, ତୀବ୍ର ସୂକ୍ଷ୍ମାନୁଭବର ସହଜ ଉନ୍ମୀଳନ । ତାଙ୍କ କବିତା କେବେ ବୋମା ପରି ତ କେବେ କଢ଼ ପରି ଫୁଟିଯାଏ । ସବୁ ବାଦ, ଆଦର୍ଶ ଓ ପକ୍ଷର ବାହାରେ ଛିଡ଼ା ହୋଇଥାନ୍ତି ସେ । କେତେ ଆଲୋକବର୍ଷ ଦୂରରେ ଏଇ ପୃଥିବୀରେ କୋଉଠି ଗୋଟାଏ ମହୋତ୍ସବ ହେଉଥାଏ, ଧିମା ଆଲୁଅ ଦିଶୁଥାଏ ଦିଗନ୍ତ ପାଖ ଦୂର ବିନ୍ଦୁରେ, ଅତି କ୍ଷୀଣଧ୍ୱନିର ଆଭାସ ଶୁଭୁଥାଏ ହୃତ୍‌ପିଣ୍ଡ ଭିତରେ । ଆଜି ହୁଏତ ନୀରବି ଯାଇଛି ରାଜେନ୍ଦ୍ରୀୟ କାବ୍ୟ ସ୍ୱର । କବି ବିଦାୟ ନେଇ ସାରିଛନ୍ତି ଆମ ଗହଣରୁ । ତାଙ୍କର ଦଶାହ ଅବସରରେ ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ 'ସକାଳ'ର ସ୍ୱତନ୍ତ୍ର ଉପସ୍ଥାପନା ।**




## ରାଜେନ୍ଦ୍ରୋକ୍ତି



କହିଦିଏ ଆଉ ଥରେ:
ପକ୍ଷ କଥା ଉଠୁଚି ତ
ମୋତେ ରଖ ଅପର ପକ୍ଷରେ
'ବହୁ' ନୁହେଁ 'ଏକ' ବଚନରେ ॥
'ଅପରପକ୍ଷ', (ନିଜ ପାଇଁ ନାନାବାୟା)

ମୁକ୍ତି ନାହିଁ ସ୍ୱପ୍ନ ଆଉ ସ୍ୱପ୍ନଭଂଗରୁ
ମୁକ୍ତି ନାହିଁ ପ୍ରତିଶ୍ରୁତି ଦେବାରୁ ଆଉ ଭାଙ୍ଗିଦେବାରୁ
କୃତଘ୍ନତାରୁ, ବିଶ୍ୱାସଘାତରୁ ।
ବାଲି ମାଟି କଂକରରେ ହିମରେ ଅଶ୍ମରେ
ରକ୍ତ ମାଂସ ଅଛି ମଜ୍ଜା ଶୁକ୍ର ମନ ଚୈତନ୍ୟ ପ୍ରାଣରେ
ଗତି ମୋର ପାଦ-ବେଡ଼ି,
ମୁକ୍ତି ନାହିଁ
ମୁକ୍ତ ନାହିଁ ନାହିଁ ନାହିଁ ନିଜର ସୁଅରୁ ॥
'ଉପନଦୀ ପ୍ରତି ନଦୀ', (ଶୈଳକଳ୍ପ)


ମତେ ଏଇ ବର ଦେରେ ଜୀବନ୍!
ଥରକୁ ଥର ମୁଁ ଯେମିତି ତୋର
ଅଥଳ ଅଥୟ ଡଅଁର ଭିତରେ
ଅତି ଛୋଟ ଏକ ହୁଲିଡଂଗା ପରି
ଏମ୍ତି ଉଲ୍ଲାସରେ ବେଦନାରେ
ନାଚୁଥିବି ଡେଉଁଥିବି ଘୂରୁଥିବି ଛିଟ୍‌କୁଥିବି
ମୋକ୍ଷ ଫୋକ୍ଷ ମୋର ଲୋଡ଼ା ନାହିଁ ॥
'ଜୀବନ ପ୍ରତି', (ଶୈଳକଳ୍ପ)

ସଂବିଧାନରେ
ଅଁଧାର ପାଇଁ କୌଣସି ଧାରା ନାହିଁ
ଖବରକାଗଜରେ
ଅଁଧାର ଆଉ ବ୍ୟବହୃତ ହଉନି
ଛପା କାଳି ଭାବରେ;
ସମ୍ରାଟଂକ ନୂତନ ଅକ୍ଷର
ଅଦୃଶ୍ୟ ଇ
ହବାର କଥା!
- 'ଷଡ଼ଯନ୍ତ୍ର', (ନିଜପାଇଁ ନାନାବାୟା)

ତୁମକୁ ଭେଟିବା ପୁଣ୍ୟ ଏତେ ଅଧିକ ଯେ
ଭୟ ହୁଏ ମୋକ୍ଷ ଯିବି ପାଇ
ଆଉ ଥରେ ପୁନର୍ଜନ୍ମ ଦେବାକୁ ସକ୍ଷମ
ସବୁଠୁ ସାନ ପାପଟି ଦିଅ ଗୋ ବତାଇ ॥
'ସବୁଠୁ ସାନ ପାପଟି', (ଅନ୍ୟା)

ନକ୍ଷତ୍ର ନୁହେଁ କି ନିର୍ବାଣ ନୁହେଁ-
ଗୋଟା ପଣେ ଈଶ୍ୱର ହୋଇଯିବା ହିଁ
ମଣିଷର ତପସ୍ୟାର ଧ୍ରୁବ ଲକ୍ଷ୍ୟ
ଏକମାତ୍ର ଲକ୍ଷ୍ୟ ॥
'ଶଂବୁକର ତପସ୍ୟା', (ନିଜ ପାଇଁ ନାନାବାୟା)

ଅମୃତ ଆଣନା କି ହଳାହଳ ଆଣନା
ପ୍ରିୟତମ,
ମୋହିନୀ ନୁହେଁ ବାରୁଣୀ ପରି ଉଠିଆସ ଏଥର
ମୃଦୁ-ମୃଦୁ ମତ୍ତ କରିରଖ ଚିରକାଳ-
ସୁର ଅସୁର ନର
କବି କରିଦିଅ ସଭିଙ୍କୁ!
'ବାରୁଣୀ ପରି ଉଠିଆସ ଏଥର', (ଅନ୍ୟା)




ଗୋଟିଏ ଗୋଟିଏ ଭୂମି ଆସେ
ଜୀବନରେ,ଯେତେବେଳେ
ପହଞ୍ଚିବାର ଭ୍ରମ ଜାଗେ ଅର୍ଦ୍ଧ
ପଥରେ । ସେଇ ମାୟାଭୂମିରୁ
ଦିଶିଯାଏ ଶିଖର ଆଉ ଦିଶିଯାଏ
ସୁଗଭୀର ତଳ ବିତଳ, ଦ୍ୱିଧା
ବିଭକ୍ତ ହୋଇ ମୁଁ ମାଡ଼ିଯାଏ
ସେତେବେଳେ, ଅଲୌକିକ
ଗୋଟିଏ ପକ୍ଷୀ ଆଉ ପ୍ରଖର
ଗୋଟିଏ ଗିରି ନିର୍ଝର ପରି,
ଉତ୍‌ଥାନ ଓ ପତନ ଉଭୟ ଆଡ଼େ,
ସମାନ ବେଗରେ, ସେଇ ଗତି,
ସେଇ ଦୁର୍ଗତି କିନ୍ତୁ ବସାଇ ଦେଇ
ପାରେନା ମୋତେ ଶିଖରରେ
କି ନିପାତ କରି ଦେଇପାରେନା
କଚାଡ଼ି ଦେଇ ସବାତଳ
ବିନ୍ଦୁରେ । ଫେରିଆସେ ମୁଁ ଉଭୟ
ଆଡୁ । ପୁଣିଥରେ, ବିପରୀତ
ଗତିରେ । ରେ ମାୟାଭୂମି!
'ଶୈଳକଳ୍ପ' ମୋର ନିବେଦିତ
ହେଉ ତୋ'ରି ଉଦ୍ଦେଶ୍ୟରେ ।
ତୁ ଏମିତି ଆସିଯାଉଥା
ବେଳେବେଳେ, ଯାତ୍ରା ପଥରେ ।
-'ଉତ୍ସର୍ଗଲିପି', (ଶୈଳକଳ୍ପ)




ବେଳେବେଳେ, ରହସ୍ୟ ହେଉ କି ପ୍ରେମ ହେଉ କି ବିଦ୍ରୋହ ଭାବ ହେଉ, କବିର ଅବଧାରଣା ଏତେ ପବିତ୍ର ଓ ଏକାନ୍ତ ଭାବରେ ତା'ର ନିଜସ୍ୱ ହୋଇଥାଏ ଯେ ତା'ର ସାର୍ବଜନୀନକରଣ ହୋଇପାରେନା । ବେଳେବେଳେ ପକ୍ଷଭୁକ୍ତ ହେବା ବି କଷ୍ଟକର ହୁଏ । ତୁମେ ଯଦି ପକ୍ଷଭୁକ୍ତ ହେବାର ପ୍ରଶ୍ନ ଉଠାଅ, ମୁଁ ଗୋଟିଏ କବିତାରେ ଲେଖିଛି, "ପକ୍ଷ କଥା ଉଠୁଛି ତ/ ମୋତେ ସାମିଲ୍ କରି ଅପରପକ୍ଷରେ/ ବହୁବଚନରେ ନୁହେଁ/ ପ୍ରଥମ ପୁରୁଷ ଏକବଚନରେ । ଗୋଟିଏ କଥା ସ୍ପଷ୍ଟ କବିର ସାନ୍ଦ୍ର ଉପଲବ୍ଧିର ନିଷ୍ପାପର ଉଚ୍ଚାରଣ । କିଏ ଜଣେ କହିଥିଲେ, 'ଆମେ ବସ୍ତୁ ସକଳର Passion ପ୍ରତି, କବିତାର ବିଦ୍ରୋହ ଭାବ ପ୍ରତି ଜାଗ୍ରତ ହୋଇ ରହିବା ଉଚିତ୍ ।"

x x x

ମୋର ପ୍ରଥମ କବିତାଟି ଏକ ହାତ ଲେଖା ପତ୍ରିକାରେ ୧୯୫୫-୫୬ରେ ପ୍ରକାଶ ପାଇଥିଲା । କିନ୍ତୁ ଉଚ୍ଚାଙ୍ଗ ପତ୍ରିକାରେ ମୁଦ୍ରିତ ଭାବରେ ମୋ କବିତାର ପ୍ରକାଶନ ୧୯୫୯ରେ ଆରମ୍ଭ ହୋଇଥିଲା । ଯାହା ମନେ ପଡୁଚି, ମୋର ପ୍ରଥମ କବିତାଟି ଈଶ୍ୱରଙ୍କ ପ୍ରତି ପ୍ରାର୍ଥନାମୂଳକ ଏକ ଅସଫଳ କବିତା ଥିଲା । xxx ପିଲାଦିନୁ ମା'ଙ୍କର ଭାଗବତ, ମହାଭାରତର ସେଟ୍ ମୁଁ ପଢ଼ିଥିଲି । ଏ ସମସ୍ତ ପ୍ରକ୍ରିୟା ହୁଏତ ମୋ ଚେତନାର ନିର୍ମାଣରେ ସହାୟକ ହୋଇଥିଲା ।

x x x

ଭଲ କବିତାର ସଂଜ୍ଞା ନିରୂପଣ ବା ସ୍ୱରୂପ ବଖାଣ ପାଇଁ ମୁଁ ଅପାରଗ । ମନେ ହୁଏ, ପ୍ରତ୍ୟେକ ଭଲ କବିତା ଗହୀରେଇଦିଏ, ପ୍ରସାରିଦିଏ ବା ଡେଣେଇଦିଏ ଏବଂ ଅନୁଭବକୁ ଉପଲବ୍ଧି ଆଡ଼କୁ ନିଏ ।

ଭାବର ଭିତ୍ତିରେ କବିତା ତା'ର ଅଙ୍ଗ ଆଉ ବସ୍ତ୍ର ନେଇ ଆସେ । ଧ୍ୱନି ନେଇ ଆସେ । ବହିର୍ଚ୍ଛନ୍ଦ ଓ ଅନ୍ତର୍ଚ୍ଛନ୍ଦ: ଉଭୟ ମାଧ୍ୟମ ନେଇ ମୁଁ କବିତା ଲେଖିଛି ।

କବିତା ତା'ର ବସ୍ତ୍ର ପିନ୍ଧି ଜନ୍ମନିଏ । ଯେଉଁ କବିତା ଛନ୍ଦରେ ଗୁଞ୍ଜରିତ, ମୁଁ ତାକୁ ସେମିତି ଆସିବାକୁ ଦେଇଛି, କୃତ୍ରିମ ଗଦ୍ୟ ରୂପ ଦେଇନି । ଏପରିକି ସମ୍ପୂର୍ଣ୍ଣ – ଗଦ୍ୟର କବିତା ବି ଲେଖିଛି ।

-ରାଜେନ୍ଦ୍ର କିଶୋର ପଣ୍ଡା (ଅନ୍ୟା, ପୂଜା ବିଶେଷାଙ୍କ)

### ରାଜେନ୍ଦ୍ରଙ୍କ କବିତା ଯୁବପିଢ଼ି ପାଇଁ ପ୍ରେରଣାପ୍ରଦ

ରାଜେନ୍ଦ୍ର କିଶୋର ପଣ୍ଡା ମୋର ଅତି ପ୍ରିୟ କବି । ଗୁରୁ ପ୍ରସାଦ ମହାନ୍ତି, ସଚ୍ଚି ରାଉତରାୟଙ୍କ ପରେ ଓଡ଼ିଆ କବିତାକୁ ଜୀବନ୍ୟାସ ଦେଇଥିବା କବିଙ୍କ ମଧ୍ୟରେ ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର ଏବଂ ରାଜେନ୍ଦ୍ର କିଶୋର ପଣ୍ଡା ରହିଛନ୍ତି । ଏହି ତ୍ରୟୀ ଓଡ଼ିଆ କବିତାର ଦିଗ ପରିବର୍ତ୍ତନ କରି ଦେଇଛନ୍ତି । ବିଶେଷକରି ରାଜେନ୍ଦ୍ର କିଶୋର ପଣ୍ଡା ନିପଟ ମଫସଲର ଓଡ଼ିଆ ଶବ୍ଦ ତାଙ୍କ କବିତାରେ ବ୍ୟବହାର କରିଥାନ୍ତି, ଯାହାର କୌଣସି ତୁଳନା ନାହିଁ । ତାଙ୍କ ସହ ମୋର ସମ୍ପର୍କ କେବଳ ବ୍ୟକ୍ତିଗତ ନୁହେଁ, ସାହିତ୍ୟିକ ଦୃଷ୍ଟିକୋଣରୁ ମଧ୍ୟ ବେଶ୍ ଭଲ ଥିଲା । ଯେତେବେଳେ ମୁଁ ଆଣ୍ଠୁଗଣ୍ଠି ବାତରୋଗରେ ପୀଡ଼ିତ ହୋଇ ଗୃହବନ୍ଦୀ ହୋଇଥିଲି, ସେଇ ସମୟରେ ତାଙ୍କର ଆକସ୍ମିକ ବିୟୋଗ ହୋଇଥିଲା । ତାଙ୍କ ଲେଖା କେବଳ ଏହି ପିଢ଼ି ପାଇଁ ନୁହେଁ, ଆଗାମୀ ପିଢ଼ିର ଯୁବ ଲେଖକଲେଖିକାମାନଙ୍କ ପାଇଁ ମଧ୍ୟ ଦିଗଦର୍ଶନ ଓ ପ୍ରେରଣାପ୍ରଦ ହେବ । ମୁଁ ତାଙ୍କ ବିୟୋଗରେ ନିରବ ପ୍ରାର୍ଥନା କରୁଛି ।

**- ବିଭୂତି ପଟ୍ଟନାୟକ, କଥାଶିଳ୍ପୀ**

### କବିତାର ପ୍ରେମିକ: ରାଜେନ୍ଦ୍ର-କିଶୋର

କବିତାର ପ୍ରେମିକ ହେବାକୁ ହେଲେ ଯେ ଚତୁର୍ବର୍ଗର ଊର୍ଦ୍ଧ୍ୱରେ ରହିବାକୁ ପଡ଼େ, ତଥାକଥିତ ପାପ-ପୁଣ୍ୟ, ସତ୍ୟ-ମିଥ୍ୟା, ଜନ୍ମ-ମୃତ୍ୟୁର ଦେହଳୀକୁ ଲଂଘିବାକୁ ପଡ଼େ । ଏକ ଅନବତାରର ଅଧିକାରରେ ଚୌକାଠରେ ଚିରକାଳ ଏକପାଦରେ ଦଣ୍ଡାୟମାନ ରହି 'ଶିଖର ମାତ୍ରେ ଇ ଆରୋହ୍ୟ'ର ମନ୍ତ୍ର ଜପି ଶୈଳକଳ୍ପ ହୋଇଯିବାକୁ ପଡ଼େ ।

କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ କବିତାର ଅରଣ୍ୟରେ ହଜିବାକୁ ଆରମ୍ଭ କରିବା ଅର୍ଥ ନିଜକୁ ହିଁ ଖୋଜି ପାଇବା । ଆଦିମା, ମଧ୍ୟମା, ଅନ୍ତିମା ଓ ପରମା ଯେଉଁମାନେ ମୋ ଭିତରେ ହିଁ ଲୁଚି ରହିଥିଲେ ସେମାନେ କ୍ରମଶଃ ନିଜକୁ ବ୍ୟକ୍ତ କରୁଥିଲେ । କବିତା ନାରୀରେ ଓ ନାରୀ କବିତାରେ ରୂପାନ୍ତର ହୋଇଯାଉଥିଲେ । ନାରୀ ଓ କବିତାକୁ ଏକାକାର କରି ଜୀବନ-ମରଣ-ରମଣ- ନିର୍ବାଣକୁ ପ୍ରେମରେ ସଜାଉଥିବା କବି ସୃଜନର ମନ୍ତ୍ରପାଠ କରୁଥିଲେ ।

କେଉଁ ଅନୁପମ ଲଗ୍ନରେ ପିତାମାତା କ'ଣ ଭାବି ନାମ ରଖିଥିଲେ ରାଜେନ୍ଦ୍ର-କିଶୋର । ରାଜେନ୍ଦ୍ରର ତୁଙ୍ଗ ସ୍ୱାଭିମାନ, ତପୋନିଷ୍ଠ ଦାୟିତ୍ୱବୋଧ ଓ କିଶୋରର ପାରଦର୍ଶୀ ନିସର୍ଗ ପ୍ରେମପ୍ରବଣତା – ଏ ଦୁଇଟି ଯାକ ପ୍ରବୃତ୍ତି ଗୋଳାଗୋଳି ହୋଇ କବିତାର ପରମ ପ୍ରେମିକ, ଏପରି ଅର୍ଦ୍ଧନାରୀଶ୍ୱର ଶିବମୟ କାବ୍ୟପୁରୁଷଟିଏ ନିର୍ମିତ ହେବାକୁ ଅଛି ବୋଲି ସେମାନେ ଅନୁମାନ କରିଥିଲେ କି??

**- ଅପର୍ଣ୍ଣା ମହାନ୍ତି, କବି**

### ବିଦାୟ ରାଜେନ୍ଦ୍ର

ରାଜେନ୍ଦ୍ର କିଶୋର ପଣ୍ଡା ଆମ ସମୟର ପ୍ରଖର ଓ ଶକ୍ତିଶାଳୀ କବି । ରାଜେନ୍ଦ୍ର କିଶୋର ତାଙ୍କ ସମଗ୍ର ଜୀବନ କବିତା ପାଇଁ ସମର୍ପିତ କରିଥିବା ବିରଳ ବ୍ୟକ୍ତିତ୍ୱ । ଜୀବନର ଶେଷ ପର୍ଯ୍ୟନ୍ତ ସେ କବିତାକୁ ବ୍ରତ ଓ ମନ୍ତ୍ର ଭାବରେ ବିବେଚନା କରିଆସିଥିଲେ ।

ଅନନ୍ୟ ଭାବସମ୍ପଦ, ଚମତ୍କାର ଉପସ୍ଥାପନା ଶୈଳୀ, ଶବ୍ଦର ଦୀପ୍ତି ଓ ବିଷୟ ବିନ୍ୟାସରେ ଅଳଙ୍କୃତ ତାଙ୍କର କବିତା । ତାଙ୍କ କବିତାରେ କେତେବେଳେ ଗୀତିମୟତା ତ କେତେବେଳେ ଅସାଧାରଣ ଛନ୍ଦୋବଦ୍ଧତା ଦେଖିବାକୁ ମିଳେ । ତୀକ୍ଷ୍ଣ ଉପଲବ୍ଧି, ଅନୁଭବ ଓ ଅନ୍ତର୍ଦୃଷ୍ଟିସଂପନ୍ନ ତାଙ୍କ କବିତା ସବୁ ଆଙ୍ଗିକ ତଥା ଆତ୍ମିକ ଦୃଷ୍ଟିରୁ ତାତ୍ପର୍ଯ୍ୟପୂର୍ଣ୍ଣ । ବହୁବିଧ ପରୀକ୍ଷାନିରୀକ୍ଷାରେ ସମୃଦ୍ଧିତ ତାଙ୍କର କବିତା କେତେବେଳେ କୌଣସି ବାଦ ପାଖରେ ବନ୍ଧା ପଡ଼ିନାହିଁ । ସେ କବିତାକୁ 'ନିଜ ସହିତ, ଅପର ସହିତ, ନିଖିଳ ସହିତ ବା ଈଶ୍ୱରଙ୍କ ସହିତ ଆଳାପନା' ବୋଲି ବିଚାର କରିଥାନ୍ତି । କବିତାକୁ ଅନ୍ତହୀନ ଯାତ୍ରା ଭାବରେ ବରଣ କରି ସେ କୁହନ୍ତି- ପହଞ୍ଚି ଯିବାଟା ମରିଯିବା । କବିତାକୁ ସେ ନିଆରା ଉପଲବ୍ଧିର ଜଗତ ଭାବରେ ଗ୍ରହଣ କରିଥାନ୍ତି । ଆପଣା ଉଚ୍ଚାରଣରେ ମୁକ୍ତ, ସ୍ୱଚ୍ଛନ୍ଦ ଓ ପ୍ରତିବଦ୍ଧ କବି ରାଜେନ୍ଦ୍ର କିଶୋର ତାଙ୍କ ସର୍ଜକ ସତ୍ତା କାହାର ଅନୁଗତ ନୁହେଁ ବୋଲି ଦୃଢ଼ ଘୋଷଣା କରିଥାନ୍ତି ।

ବିଦାୟ ରାଜେନ୍ଦ୍ର । ଓଡ଼ିଆ କବିତାରେ ଆପଣ ରହିବେ ବର୍ଣ୍ଣୋଜ୍ଜ୍ୱଳ ହୋଇ ।

**- ସୂର୍ଯ୍ୟ ମିଶ୍ର, କବି**

### କବିତାର ରାଜା ଓ ଇନ୍ଦ୍ର : ରାଜେନ୍ଦ୍ର

ଆମ ସମୟର ଅନ୍ୟତମ ଶ୍ରେଷ୍ଠ କବି ରାଜେନ୍ଦ୍ର କିଶୋର ପଣ୍ଡା । ନିଜ କବିତାରେ ମଣିଷକୁ ଆଶ୍ୱସନା ଓ ଆଶ୍ରୟ ଦେବାରେ ଏକ ନୂଆ ଦିଗ ଦେଇଛନ୍ତି ଓଡ଼ିଆ ସାହିତ୍ୟକୁ । ନୂଆ ନୂଆ ଶବ୍ଦ ନିର୍ମାଣ ଏବଂ ଶବ୍ଦ ବସାଣରେ ଧୁରନ୍ଧର କବି କବିତାକୁ ଦେଇଛନ୍ତି ନୂଆ ରୂପ । ତାଙ୍କର ଅକସ୍ମାତ ଏମିତି ବିଦାୟ ନେଇ ଚାଲିଯିବା ସ୍ତବ୍ଧ କରିଦେଇଛି ଓଡ଼ିଆ ସାହିତ୍ୟକୁ । ତାଙ୍କ ଅବର୍ତ୍ତମାନରେ ସୃଷ୍ଟି ହେଇଚି ଅପୂରଣୀୟ ଶୂନ୍ୟସ୍ଥାନ । ତେବେ ସେଇ ଶୂନ୍ୟସ୍ଥାନକୁ ପୂରଣ କରିପାରିବ କେବଳ ତାଙ୍କରି ସ୍ୱର ଓ ତାଙ୍କର ଶବ୍ଦ ।

ତାଙ୍କ କବିତାର ଠାଣୀ ସ୍ୱତନ୍ତ୍ର । ଅନନୁକରଣୀୟ । କେତେ ସଂଭ୍ରାନ୍ତ ତାଙ୍କର ଶୈଳୀ । ଗୁରୁଗମ୍ଭୀର ସ୍ୱରରେ ସାଧାରଣ ମଣିଷର ଅସହାୟତା ଓ ସାଧାରଣ ମଣିଷର ସୀମିତତାକୁ ପ୍ରକାଶ କରିପାରନ୍ତି ସେ । ଅସହାୟ ମଣିଷ ପାଇଁ ସାନ୍ତ୍ୱନାର ସ୍ୱରଟିଏ ଶୁଭେ ପୁଣି କେତେବେଳେ ଯୁଦ୍ଧ ପାଇଁ ଉଦାତ୍ତ ଗୁରୁଗମ୍ଭୀର ସ୍ୱର । ନିଜେ କବି ରାଜେନ୍ଦ୍ର ପଣ୍ଡା ମତ ଦିଅନ୍ତି -କବିତା ମାଧ୍ୟମରେ ଯେ ଏକ ବିରାଟ ବିପ୍ଳବ ସଂଘଟିତ ହେଇଯିବ ଏପରି ଦମ୍ଭ ପୋଷଣ ନ କରିବା ହିଁ ଉଚିତ । କିନ୍ତୁ ଏ କଥା ବି ସ୍ୱୀକାର କରନ୍ତି ଯେ, ଏଇ କବିତାର ସୌନ୍ଦର୍ଯ୍ୟ ଟିକକ ହିଁ କବିକୁ ସବୁ ଅପମାନକୁ, ସବୁ ଲାଞ୍ଛନାକୁ ଅତିକ୍ରମ କରିବାକୁ ଶକ୍ତି ଯୋଗାଏ ।

ଜୀବନକୁ ଓ ଜଗତକୁ ଗଭୀର ଭାବରେ ଭଲପାଉଥିବା କବି ଆଜି ସମସ୍ତଙ୍କୁ ଛାଡ଼ି ଦେଇ ଅନ୍ୟ ଏକ ଜଗତରେ । ହୁଏତ ସେଇଠି ସେ କବିତା ଲେଖୁଥିବେ ପ୍ରିୟ ସହକବିମାନଙ୍କ ପାଇଁ ଆଉ କହୁଥିବେ -

"କଲମ ଛାଡ଼ି ବଲମ ଉଠେଇବା କିଆଁ
ବୁନ୍ଦାଏ, କଣାଏ, ଦାନାଏ - ବସୁଧାକୁ ମଣିଷକୁ
କ'ଣ ବା ଦେଇପାରିଚେ ନୂଆ ?"

**- ପ୍ରୀତିଧାରା ସାମଲ, କବି**

### ସ୍ମୃତି ରାଜେନ୍ଦ୍ର

ଭଞ୍ଜକଳା ମଣ୍ଡପରେ 'ଟାଇମପାସ୍'ର ସାହିତ୍ୟ ଉତ୍ସବରେ ପ୍ରଥମ ଥର ତାଙ୍କ ସହ ସାକ୍ଷାତ ଆଜକୁ ସାତ ବର୍ଷ ତଳେ । ପ୍ରଥମ ସାକ୍ଷାତ ଦିନ, ମୋ' କାନ୍ଧରେ ସେ ହାତ ପକେଇ ଠିଆ ହେଇଥିବା ବେଳର ଯେଉଁ ଫଟୋଟି ଉଠେଇଥିଲି, ସେଇଟି ମୋତେ ଖୁବ୍ ପ୍ରିୟ, ଏବଂ ମୋ ଦୃଷ୍ଟିରେ, ବିରଳ । କାରଣ ତାଙ୍କ ପାଖରେ ଠିଆହେବା, ତାଙ୍କ ସହିତ ଫଟୋ ଉଠେଇବା ବା ତାଙ୍କୁ ଭେଟିବାକୁ ଯାଇ ତାଙ୍କ ସହିତ କଥା ହେବା ପାଇଁ ମୁଁ (ମୋରି ଭଳି ଆହୁରି ଅନେକ) ସବୁବେଳେ କୁଣ୍ଠିତ । ଏ କୁଣ୍ଠାର କାରଣ ତାଙ୍କ ପ୍ରତି ଗଭୀର ସମ୍ମାନବୋଧ ଓ ଭଲପାଇବା । 'ବର୍ଣ୍ଣମାଳା' ପାଇଁ 'ଫୁଟ୍‌ପ୍ରିଣ୍ଟସ' ସଂକଳନ ପ୍ରସ୍ତୁତ କରିବା ବେଳେ ତାଙ୍କ ସହ ଦୀର୍ଘ ଆଲୋଚନା ହେଇଚି ଓ ଅନେକ ଥର ଆମର ମତାନ୍ତର ବି ଘଟିଛି । କିନ୍ତୁ ସବୁଥର, ତାଙ୍କ ଉଦାରତା ଓ ସ୍ନେହ ଆଗରେ ମୁଁ ଛୋଟ ହେଇଯାଇଛି ।

'ଇନ୍ଦ୍ରଧନୁ' ସିନେମାର ପର୍ଦ୍ଦାୟନ ବେଳେ ଅସୁସ୍ଥତା ସତ୍ତ୍ୱେ ସେ ଜୟଦେବ ଭବନକୁ ଆସିବା ଓ ଅଢ଼େଇ ଘଣ୍ଟା ଆମ ସହିତ ବିତେଇବା, ମତେ ସବୁବେଳେ ଭାବପ୍ରବଣ କରିବ । ଆହୁରି ବି ଅଧିକ ଭାବପ୍ରବଣ ଓ ଲୁହ ଛଳଛଳ କରିବ ଏ ସ୍ୱୀକାରୋକ୍ତି, ଯେ ତାଙ୍କ ଅସୁସ୍ଥତା ବେଳେ ତାଙ୍କୁ ଥରୁଟିଏ ଦେଖିପାରିଲିନି ମୁଁ । ଏପରିକି, ଶେଷ ଦର୍ଶନରୁ ବି ବଞ୍ଚିତ ହେଲି ମୁଁ ହତଭାଗା । ତାଙ୍କର କିନ୍ତୁ ମୃତ୍ୟୁ ନାହିଁ, ଏକଥା ମୁଁ ଖୁବ୍ ଦମ୍ଭର ସହ କହିପାରେ । ଅନ୍ତତଃ ଓଡ଼ିଆ କବିତାକୁ ଭଲପାଉଥିବା ପ୍ରତିଟି ପାଠକ ପାଇଁ ସେ ଚିର ଜୀବନ୍ତ ହେଇ ରହିବେ ।

**- ସୂର୍ଯ୍ୟସ୍ନାତ ତ୍ରିପାଠୀ, କବି**

## ବଦଳିଲା ନିୟମ

# ତିନି ଦିନରେ ହୋଇଯିବ ଜିଏସ୍‌ଟି ପଞ୍ଜୀକରଣ

**ନୂଆଦିଲ୍ଲୀ, ୧।୧୧ (ଏଜେନ୍ସି):** ଦେଶର କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ଖୁସି ଖବର ଆସିଛି। ଆଜିଠାରୁ କେନ୍ଦ୍ର ସରକାର 'ସରଳ ଜିଏସ୍‌ଟି ପଞ୍ଜିକରଣ ଯୋଜନା' ଆରମ୍ଭ କରିଛନ୍ତି। ଏହା ମାଧ୍ୟମରେ କ୍ଷୁଦ୍ର ଏବଂ କମ୍ ବିପଦ ଥିବା ବ୍ୟବସାୟୀଙ୍କ ଜିଏସ୍‌ଟି ପଞ୍ଜିକରଣ କେବଳ ତିନି ଦିନ ମଧ୍ୟରେ ହୋଇଯିବ। ବ୍ୟବସାୟ ଆରମ୍ଭ କରିବା ପ୍ରକ୍ରିୟାକୁ ସରଳ ଏବଂ ଦ୍ରୁତ କରିବା ମାର୍ଗରେ ବଡ଼ ପରିବର୍ତ୍ତନ ଭାବେ ଦେଖାଯାଉଛି। ଜିଏସ୍‌ଟି ବିଭାଗ ଅନୁଯାୟୀ 'ଜିଏସ୍‌ଟି ସିଷ୍ଟମ ଡାଟା ଆନାଲିସସ' ଆଧାରରେ 'ଲୋ-ରିସ୍କ ତଥା କମ୍ ବିପଦ' ଥିବା ବ୍ୟବସାୟୀଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ଧରାଯିବ। ଏହା ସହିତ ମାସକୁ ମୋଟ ଆଉଟପୁଟ ଟିକସ (ସିଜିଏସଟି, ଏସଜିଏସଟି/ୟୁଟିଜିଏସଟି ଏବଂ ଆଇଜିଏସଟି) ୨.୫ ଲକ୍ଷରୁ ଅଧିକ ହୋଇ ନ ଥିବା ଘୋଷଣା କରିଥିବା ବ୍ୟବସାୟୀ ଏହାର ଲାଭ ଉଠାଇ ପାରିବେ। ବ୍ୟବସାୟୀ ନିଜ ଇଚ୍ଛାରେ ଏହି ଯୋଜନାରେ ସାମିଲ ହୋଇପାରିବେ ଏବଂ ଆବଶ୍ୟକ ପଡ଼ିଲେ ବାହାରି ବି ପାରିବେ। ଗତ ତିନି ତାରିଖରେ ହୋଇଥିବା ବୈଠକରେ ଜିଏସ୍‌ଟି ପରିଷଦ ଏହାକୁ ମଞ୍ଜୁରି ଦେଇଥିଲା।

ଗାଜିଆବାଦରେ ସିଜିଏସଟି ଭବନ ଉଦ୍‌ଘାଟନ ଅବସରରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଥିଲେ ଯେ ନଭେମ୍ବର ୧ରୁ ଏହା କାର୍ଯ୍ୟକାରୀ ହେବ। ଏହା ଦ୍ୱାରା ପ୍ରାୟ ୯୬ ପ୍ରତିଶତ ନୂଆ ଜିଏସ୍‌ଟି ଆବେଦନକାରୀ ଲାଭାନ୍ୱିତ ହେବେ। ବ୍ୟବସାୟୀଙ୍କୁ କୌଣସି ସମସ୍ୟା ନ ହେବା ପାଇଁ ଏହି ଯୋଜନାକୁ ଦ୍ରୁତଗତିରେ ଏବଂ ବିନା କୌଣସି ବାଧାରେ କାର୍ଯ୍ୟକାରୀ କରିବାକୁ ଅଧିକାରୀମାନଙ୍କୁ ନିର୍ମଳା ନିର୍ଦ୍ଦେଶ ଦେଇଥିଲେ। ସେ ଜିଏସ୍‌ଟି ସେବା କେନ୍ଦ୍ରର ଏକ ସ୍ୱତନ୍ତ୍ର ଡେସ୍କ ଗଢ଼ିବାକୁ ସିବିଆଇସିକୁ ମଧ୍ୟ କହିଥିଲେ। ସୂଚନା ଅନୁଯାୟୀ ଏବେ ସାରା ଦେଶରେ ପ୍ରାୟ ୧.୫୪ କୋଟି ବ୍ୟବସାୟୀ ଜିଏସ୍‌ଟି ପ୍ରଣାଳୀ ଅଧିନରେ ପଞ୍ଜିକୃତ ହୋଇଛନ୍ତି। ଏହି ସରଳ ଯୋଜନା ଦ୍ୱାରା ଅଧିକ ବ୍ୟବସାୟୀ ଜିଏସ୍‌ଟିରେ ସାମିଲ ହେବେ ବୋଲି ସରକାର ବିଶ୍ୱାସ କରୁଛନ୍ତି। ଏହା ଦ୍ୱାରା ଟିକସ ଆଧାର ବଢ଼ିବା ସହିତ ସ୍ୱଚ୍ଛତାରେ ସୁଧାର ଆସିବ। ଏହା ବ୍ୟବସାୟକୁ ସହଜ କରିବା ଅଧିନରେ ଆସୁଛି। ନୂଆ ଉଦ୍ୟୋଗୀ ଏବଂ କ୍ଷୁଦ୍ର ବ୍ୟବସାୟୀଙ୍କୁ ଅଧିକ କାଗଜପତ୍ର ବିନା ଏବଂ ବିଳମ୍ବ ନ କରି ଜିଏସ୍‌ଟି ବ୍ୟବସ୍ଥାରେ ସାମିଲ କରିବାକୁ ଲକ୍ଷ୍ୟ ରଖିଛନ୍ତି।

**ଲାଭାନ୍ୱିତ ହେବେ କ୍ଷୁଦ୍ର ବ୍ୟବସାୟୀ**

## ୧.୯୬ ଲକ୍ଷ କୋଟିର ଜିଏସ୍‌ଟି ସଂଗ୍ରହ

**ନୂଆଦିଲ୍ଲୀ, ୧।୧୧ (ଏଜେନ୍ସି):** ଅକ୍ଟୋବର ମାସରେ ଜିଏସ୍‌ଟି ସଂଗ୍ରହ ବାର୍ଷିକ ଆଧାରରେ ୪.୬ ପ୍ରତିଶତ ବୃଦ୍ଧି ପାଇଛି। ପାର୍ବଣ ଋତୁରେ ଚାହିଦା ଏବଂ ଉପଯୋଗିତା ବୃଦ୍ଧି ଯୋଗୁଁ ଏହି ମାସରେ ୧.୯୬ ଲକ୍ଷ କୋଟି ଟଙ୍କାରେ ଜିଏସ୍‌ଟି ଆଦାୟ ହୋଇଛି। ନବରାତ୍ରର ପ୍ରାରମ୍ଭରୁ ୩୭୫ ସାମଗ୍ରୀ ଉପରୁ ଜିଏସ୍‌ଟି ହାର ହ୍ରାସ ମଧ୍ୟ ଏହାକୁ ଖୋରାକ ଯୋଗାଇ ଥିଲା। ସୂଚନା ଅନୁଯାୟୀ ଗତ ମାସରେ ୧.୯୬ ଲକ୍ଷ କୋଟିର ଜିଏସ୍‌ଟି ସଂଗ୍ରହ ହୋଇଥିବାବେଳେ ୨୦୨୪ର ସମାନ ଅବଧିରେ ଏହା ୧.୮୭ ଲକ୍ଷ କୋଟି ଥିଲା। ଜିଏସଟି ଆଦାୟ ୪.୬ ପ୍ରତିଶତ ବଢ଼ିଥିଲେ ମଧ୍ୟ ପୂର୍ବ ମାସ ତୁଳନାରେ ହୋଇଥିବା ହାରାହାରି ବୃଦ୍ଧି ଠାରୁ ୯ ପ୍ରତିଶତ କମ୍ ରହିଛି। ଘରୋଇ ରାଜସ୍ୱ ୨ ପ୍ରତିଶତ ବୃଦ୍ଧି ପାଇ ୧.୪୫ ଲକ୍ଷ କୋଟି ଟଙ୍କା ଥିବାବେଳେ ଆମଦାନୀରୁ ଜିଏସ୍‌ଟି ସଂଗ୍ରହ ୧୩ ପ୍ରତିଶତ ବଢ଼ି ୫୦,୮୮୪ କୋଟି ଟଙ୍କା ରହିଛି। ଅନ୍ୟପଟେ ବାର୍ଷିକ ଆଧାରରେ ଜିଏସ୍‌ଟି ରିଫଣ୍ଡ ଅକ୍ଟୋବରରେ ୩୯.୬ ପ୍ରତିଶତ ବୃଦ୍ଧି ପାଇ ୨୬,୯୩୪ କୋଟି ଟଙ୍କା ରହିଛି।

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୭୯ ● ପାଉଣ୍ଡ ୧୧୬.୯୬
- ୟୁରୋ ୧୦୨.୩୭ ● ୟେନ୍ ୦.୫୭

### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୩,୯୩୮.୭୧
- ନିଫ୍ଟି ୨୫,୭୨୨.୧୦



### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୩,୨୬୦ (ନୂଆଦିଲ୍ଲୀ)
- ରୁପା : ୧,୫୨,୦୦୦ (କେଜି)

### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ୬୨ ବର୍ଷରେ ନୀତା ଅମ୍ବାନୀ



**ମୁମ୍ବାଇ, ୧।୧୧ (ସମିସ):** ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ମାଲିକ ମୁକେଶ ଅମ୍ବାନୀଙ୍କ ପତ୍ନୀ ତଥା ଦାନୀ ନୀତା ଅମ୍ବାନୀ ସୋମବାର ୬୨ ତମ ଜନ୍ମଦିନ ପାଳନ କରିଛନ୍ତି। ଏହି ଅବସରରେ ରିଲାଏନ୍ସ ଫାଉଣ୍ଡେସନର ପ୍ରତିଷ୍ଠାତା, ଧିରୁଭାଇ ଅମ୍ବାନୀ ଇଣ୍ଟରନ୍ୟାସନାଲ ସ୍କୁଲ ଏବଂ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ନିର୍ଦ୍ଦେଶିକା ଶ୍ରୀମତୀ ନୀତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। କଳାକାରଙ୍କଠାରୁ ନେଇ ଉଦ୍ୟୋଗପତିଙ୍କ ପର୍ଯ୍ୟନ୍ତ ସମସ୍ତେ ନୀତାଙ୍କୁ ଜନ୍ମଦିନର ଶୁଭକାମନା ଜଣାଇବା ସହ ଦୀର୍ଘ ଜୀବନ କାମନା କରିଛନ୍ତି। ଏହି ମହିଳା ଉଦ୍ୟୋଗୀ ସମାଜ ସୁଧାରକ ଭାବେ ମଧ୍ୟ କାର୍ଯ୍ୟ କରୁଛନ୍ତି। ଶ୍ରୀମତୀ ଅମ୍ବାନୀଙ୍କୁ ଭାରତୀୟ ସଂସ୍କୃତିର ବ୍ରାଣ୍ଡ ଆମ୍ବାସାଡର ମଧ୍ୟ କୁହାଯାଉଛି। ଶିକ୍ଷାଠାରୁ ନେଇ ସ୍ୱାସ୍ଥ୍ୟ କ୍ଷେତ୍ର ପର୍ଯ୍ୟନ୍ତ ସବୁଠି କାମ କରୁଥିବା ନୀତା ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ଗରିବ ଶିଶୁଙ୍କ ଶିକ୍ଷା, ସ୍ୱାସ୍ଥ୍ୟଠାରୁ ନେଇ ମହିଳା ସଶକ୍ତିକରଣ ଏବଂ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଛନ୍ତି। ଜଣେ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ ଭାବେ ଶ୍ରୀମତୀ ଅମ୍ବାନୀ ଯୁବ ଗୋଷ୍ଠୀଙ୍କୁ ଏଥିପ୍ରତି ଆକର୍ଷିତ କରିବାରେ ସଫଳ ହୋଇଛନ୍ତି।

ଶ୍ରୀମତୀ ନୀତା ଅମ୍ବାନୀ ସନ୍ତୁଳିତ, ଶାକାହାରୀ, ଜୈବିକ ଏବଂ ଚିନି ମୁକ୍ତ ଖାଦ୍ୟ ଖାଇବାକୁ ପସନ୍ଦ କରିଥାନ୍ତି। ସେ ସୁସ୍ଥ ରହିବା ପାଇଁ ପ୍ରତିଦିନ ବ୍ୟାୟାମ ମଧ୍ୟ କରିଥାନ୍ତି। ଅନ୍ୟମାନଙ୍କୁ ପ୍ରୋଟିନ ଯୁକ୍ତ ଖାଦ୍ୟ ଖାଇବାକୁ ଏବଂ ଚିନିକୁ ନ ଛୁଇଁବା ପାଇଁ ପରାମର୍ଶ ଦେଇଥାନ୍ତି। ଶିକ୍ଷା, ସଂସ୍କୃତି, ସ୍ୱାସ୍ଥ୍ୟ ଏବଂ କରୁଣା ଦ୍ୱାରା ପରବର୍ତ୍ତୀ ପିଢ଼ିଙ୍କୁ ନୀତା ପ୍ରେରଣା ମଧ୍ୟ ଯୋଗାଉଛନ୍ତି। ଅନୁଗ୍ରହ, ଲକ୍ଷ୍ୟ ଏବଂ ସଶକ୍ତିକରଣର ଭାବନାକୁ ସେ ପ୍ରୋତ୍ସାହନ ଦେଉଛନ୍ତି। ଶ୍ରେଣୀଗୃହ, କନସର୍ଟ ହଲ୍‌ଠାରୁ ନେଇ କ୍ରୀଡ଼ା କ୍ଷେତ୍ର ପର୍ଯ୍ୟନ୍ତ ସବୁଥିରେ ସେ ଆଣିଥିବା ସଂସ୍କାର ଅନେକ ଜୀବନକୁ ବଦଳାଇ ଦେଇଛି। ସେ ଜଣେ ପଥ ପ୍ରଦର୍ଶକ, ପୃଷ୍ଠପୋଷକ ଏବଂ ଦୂରଦୃଷ୍ଟିସମ୍ପନ୍ନ ମହିଳା ଭାବେ ସାରା ବିଶ୍ୱରେ ସୁପ୍ରସିଦ୍ଧି ହାସଲ କରିଛନ୍ତି।

## ବାଣିଜ୍ୟିକ ଗ୍ୟାସ୍ ଦର କମିଲା; ଜେଟ୍ ଇନ୍ଧନ ବଢ଼ିଲା

**ନୂଆଦିଲ୍ଲୀ, ୧।୧୧ (ଏଜେନ୍ସି):** ଚଳିତ ମାସର ପ୍ରାରମ୍ଭରେ ୧୯ କେଜିଆ ବାଣିଜ୍ୟିକ ଗ୍ୟାସ ସିଲିଣ୍ଡର ମୂଲ୍ୟ ୪. ୫ ଟଙ୍କାରୁ ୬.୫ ଟଙ୍କା ପର୍ଯ୍ୟନ୍ତ ଶସ୍ତା ହୋଇଛି। ତେବେ ୧୪.୨ କେଜିଆ ଘରୋଇ ଗ୍ୟାସ ସିଲିଣ୍ଡର ମୂଲ୍ୟ ଅପରିବର୍ତ୍ତିତ ରହିଛି ବୋଲି ସରକାରୀ ତୈଳ କମ୍ପାନୀଗୁଡ଼ିକ ପକ୍ଷରୁ କୁହାଯାଇଛି। ଏବେ ଦିଲ୍ଲୀରେ ବାଣିଜ୍ୟିକ ଗ୍ୟାସ୍ ସିଲିଣ୍ଡର ମୂଲ୍ୟ ୫ ଟଙ୍କା ହ୍ରାସ ପାଇ ୧୫୯୦.୫ ଟଙ୍କା ରହିଛି। କୋଲକାତାରେ ମୂଲ୍ୟ ୬.୫୦ ଟଙ୍କା ହ୍ରାସ ପାଇ ୧୬୯୪ ଟଙ୍କା ରହିଛି। ସେହିପରି ଚେନ୍ନାଇରେ ୪.୫୦ ଟଙ୍କା ଖସି ୧୭୫୦ ଟଙ୍କା, ମୁମ୍ବାଇରେ ୫ ଟଙ୍କା ହ୍ରାସ ପାଇ ୧୫୪୨ ଟଙ୍କା ରହିଛି। ଏହା ପୂର୍ବରୁ ଗତ ମାସରେ ଏହି ବାଣିଜ୍ୟିକ ଗ୍ୟାସ ସିଲିଣ୍ଡର ମୂଲ୍ୟ ୧୬ଯ୫ ଟଙ୍କା ପର୍ଯ୍ୟନ୍ତ ବଢ଼ିଥିଲା।

ଅନ୍ୟପକ୍ଷରେ ଆଭିଏସନ ଟର୍ବାଇନ ଫୁଏଲ (ଏଟିଏଫ) ତଥା ଜେଟ୍ ଇନ୍ଧନ ମୂଲ୍ୟ ଶନିବାର ଏକ ପ୍ରତିଶତ ବୃଦ୍ଧି ପାଇଛି। ରାଜଧାନୀ ଦିଲ୍ଲୀରେ ଏଟିଏଫ ମୂଲ୍ୟ କିଲୋଲିଟର ପିଛା ୭୭୭ ଟଙ୍କା ବଢ଼ି ୯୪.୫୪୩ ଟଙ୍କାରେ ପହଞ୍ଚି ଯାଇଛି। କ୍ରମାଗତ ଦ୍ୱିତୀୟ ମାସରେ ଏହାର ମୂଲ୍ୟ ବୃଦ୍ଧି ପାଇଛି। ଗତ ମାସରେ ଏହା କିଲୋଲିଟର ପିଛା ୩.୩ ପ୍ରତିଶତ ଅର୍ଥାତ୍ ୩,୦୫୨.୫ ଟଙ୍କା ବୃଦ୍ଧି ପାଇଥିଲା।

**PUJA OFFER SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**
I, KAMAL KUMAR PALEI, aged about 38 years, S/o- Sathi Prasad Palei, Resident of At: Sipai, PO: Badajhada, PS: Krushnaprasad, Dist.: Puri, PIN-752030, Odisha, declared by this Affidavit No.1331/2025, Dated: 31.10.2025. That now onwards I shall be known as **KAMAL PALEI** for all future Purposes.

**Notice**
**(Above 18 years of age)**
By virtue of an affidavit sworn before Executive Magistrate, Kutra, Dtd.01.11/2025, I, MAGDALI EKKA, Address Vill.- Khatkurbahal (Malipada), P.O.- Khatkurbahal, P.S.- Kutra, Dist.- Sundargarh (Odisha), PIN-770018 declare that I have changed my name from MAGDALI TIRKEY to MAGDALI EKKA. Henceforth I shall be known as MAGDALI EKKA for all purposes.
**Sd/- MAGDALI EKKA**

**SALE**
1 Number of TRACTOR - SWARAJ 735 FE TRACTOR, Registration No.- OD-22-U-9417 Model- 2022, ENGINE NO - CJ1354NF004743, CHASSIS NO - MBNAJ48AFNTF15516, For Details, contact - 8895995989, 9437355692, Second floor, Plot No-353/2585, Building No-723/1793,At- Bypass Chhaka, Above Punjab National Bank, Po-Salandi Bypass,Via-Kuansa, BHADRAK-756100, PH. NO- 06784-250703

**AFFIDAVIT**
By virtue of an affidavit sworn before Executive Magistrate, Baripada, Mayurbhanj, I, Rajib Lochan Ratha, S/o- Niranjan Ratha, resident of Po/Ps- Bhanjpur, Baripada, Mayurbhanj, Pin-757002, Odisha declare by this affidavit No. 1373 dtd- 31/10/25 that I will be known and signed as Rajib Lochan Ratha for all purposes instead of Rajib Lachan Ratha, that reflects in my Matric Certificate.

**AFFIDAVIT**
By virtue of an affidavit sworn before Notary Public, Bhubaneswar, Affidavit on dated 29-10-2025 I, **SULOCHANA JENA,** permanent resident of Vill. At.- Baradia, Po- Nurtanga, PS- Mahanga, Dist- Cuttack, State- Odisha, Pin- 754204, declare that I have changed my daughter's name from **NAMITA JENA** (Old name) to **RASHMITA JENA** (New name), Henceforth, she shall be known as **RASHMITA JENA** for all future purposes.
Sd-**(SULOCHANA JENA)**

**AFFIDAVIT**
I, AJMER KHAN, aged about 46 years, S/o- SAIDU KHAN, Resident of At: Balisahi, PO: Balikuda, Dist.: Jagatsinghpur, PIN-754108, Odisha,declared by this Affidavit No.1330/2025, Dated: 31.10.2025. That now onwards I shall be known as **AJMEER KHAN** for all future Purposes.

**AFFIDAVIT**
By virtue of an affidavit sworn before the Executive Magistrate, Berhampur on dtd.30.10.2025, I, Tapas Ranjan Sahoo, S/o- Pramod Kumar Sahoo, At- Chakamadhupur, P.O.- Madhupur, P.S.-Mahanga, Dist.- Cuttack do hereby declare that my father's correct name is Pramod Kumar Sahoo but in my H.S.C. Certificate it wrongly mentioned as Pramoda Kumar Sahoo. That both the names are one and same person.
**Sd/- Tapas Ranjan Sahoo**

**AFFIDAVIT**
By virtue of an affidavit sworn before Executive Magistrate, Kutra, dated. 29.10.2025, I, Lili Toppo, W/o - Late Alexander Toppo, permanent resident of Vill.-Kukuda, P.O.- Kukuda, P.S.- Rajgangpur, Dist.- Sundargarh (Odisha), PIN-770023 declare that I have changed my son's name from AMARDEEP TOPPO to AMARJEET TOPPO. Henceforth, he shall be known as AMARJEET TOPPO for all purposes.
**Sd/- LILI TOPPO**

**AFFIDAVIT**
By virtue of an affidavit sworn before the Executive Magistrate, Nandapur, vide no.95 dated 29.10.2025 I, Asha Pangi, D/o- Sabana Pangi, W/o- Budra Khilo resident of Vill.- Totaguda, Po.- Hatibari, Ps.- Padwa, Dist.- Koraput, Pin- 764038, Odisha state that, I have changed my name from **Asha Pangi** to **Asha Khilo**. Henceforth I shall be known as **Asha Khilo** for all future purposes.

**AFFIDAVIT**
By virtue of an affidavit Sl. No.- 1291/2025, dtd. 31.10.2025 before the Notary Public, Tentuli Khunti, Dist.- Nabarangpur, I, Bapuni Subudhi, At/Po/Ps.- Khatiguda, Dist.- Nabarangpur have changed my minor daughter's name from Ausharani Subudhi to Aisha Subudhi. Henceforth she will be known as **Aisha Subudhi** for all purposes.
**Sd/- Bapuni Subudhi**

**AFFIDAVIT**
By virtue of an affidavit Sl. No.- 1087, dtd. 22.10.2025 in the court of the Executive Magistrate, Nabarangpur, I, Jasoda Gouda, At- Goudakostiguda, Po- Manchagaon, Dist.- Nabarangpur have changed my name from Yashoda Gauda to Jasoda Gouda. Henceforth I shall be known as Jasoda Gouda for all purposes.
**Sd/- Jasoda Gouda**

**AFFIDAVIT**
By virtue of an affidavit No- 6008 sworn before the Executive Magistrate, Champua on dtd- 31/10/2025, I **Anil Kumar Mahanta**, S/o- Karttika Mahanta, resident of At/Po- Raikala, Ps- Ghagarbeda, Dist- Mayurbhanj, Pin-757035. I am the deponent, I have changed my minor daughter's name from **Khusi Mohanta** (old name) to **Khusirani Mahanta** (new name). Henceforth both name **Khusi Mohanta** and **Khusirani Mahanta** is one & same person she will be known as **Khusirani Mahanta** for all future purposes.
**Anil Kumar Mahanta**

**AFFIDAVIT**
I, Sakyasingha Satapathy, S/o- Sarat Chandra Satapathy, resident of Nabinabag, Sarat Nivas, Lane-2, Near Swapneswar Temple, Dist- Khurda PIN- 752055, Odisha declared by this affidavit No-895, dtd- 01/11/2025 that now onwards I shall be known as **SAKYA SINGH SATAPATHY** for all future purposes.

**AFFIDAVIT**
I, Venkatasatyanarayana, S/o- Late Sanyasi Reddi, resident of Qtr No-C-141, Phase-1, Nalco Nagar, Maitri Vihar, Rail Vihar Road, PO- S.E Rly. Proj. Complex, Chandrasekharpur, Bhubaneswar, Dist- Khordha, Odisha-751023, declare by this affidavit No-299, dtd 01.11.2025 that now onwards I shall be known as **Venkata Satyanarayana Reddi** for all future purposes.

# ଜିନ୍ଦଲ ଫାଉଣ୍ଡେସନକୁ 'ଏକ୍ସିଡ୍ ସିଏସ୍‌ଆର୍ ଆୱାର୍ଡ'

**ଭୁବନେଶ୍ୱର, ୧।୧୧ (ସମିସ):** ଲୋକଭିମୁଖୀ ସମନ୍ୱିତ ସିଏସଆର ପ୍ରକଳ୍ପ ପାଇଁ ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନକୁ ଏକ୍ସିଡ୍ ସିଏସଆର ଆୱାର୍ଡ-୨୦୨୫ରେ ସମ୍ମାନିତ କରାଯାଇଛି। ଗତ ୩୦ ତାରିଖରେ ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ପୂର୍ବତନ ଶାସନ ସଚିବ ତଥା ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ କର୍ପୋରେଟ ଆଫେୟାର୍ସର ପୂର୍ବତନ ମହାନିର୍ଦ୍ଦେଶକ ଡକ୍ଟର ଭାସ୍କର ଚାର୍ଟାର୍ଜୀ ଏହି ପୁରସ୍କାର ପ୍ରଦାନ କରିଥିଲେ। ଏହି ସମ୍ମାନ ଜିନ୍ଦଲ ଫାଉଣ୍ଡେସନର ବିସ୍ତାରିତ ସାମାଜିକ ପ୍ରଭାବକୁ ସ୍ୱୀକୃତି ପ୍ରଦାନ କରୁଛି ଯାହା ଓଡ଼ିଶା, ଛତିଶଗଡ଼ ଏବଂ ଝାଡ଼ଖଣ୍ଡର ଲକ୍ଷାଧିକ ଲୋକଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିଛି। ମାନ୍ୟବର ସାଂସଦ ତଥା ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ଦୂରଦୃଷ୍ଟିକୁ ଆଧାର କରି ଫାଉଣ୍ଡେସନ ଏହାର ପରିମଳ ଓ ପରିଚ୍ଛନ୍ନତା ଅଭିଯାନ, 'ଜଳଛାୟା ପରିଚାଳନା' ଏବଂ 'ୱାସ' କାର୍ଯ୍ୟକ୍ରମ ଜରିଆରେ ସ୍ଥାନୀୟ ସମୁଦାୟଗୁଡ଼ିକରେ ଉଲ୍ଲେଖନୀୟ ବିକାଶ ଆଣିପାରିଛି। ଜଳ ଛାୟା ବିକାଶ କାର୍ଯ୍ୟକ୍ରମଗୁଡ଼ିକ ଗ୍ରାମ୍ୟ ଜଳଛାୟା କମିଟି ଜରିଆରେ କାର୍ଯ୍ୟକାରୀ ହେଉଛି। ଏହି କାର୍ଯ୍ୟକ୍ରମ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଛି।







ଏହି ସମ୍ମାନଜନକ ପୁରସ୍କାର ମିଳିଥିବାରୁ ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ, ଜୁରୀ ସଦସ୍ୟଙ୍କୁ କୃତଜ୍ଞତା ଜଣାଇବା ସହ କହିଛନ୍ତି, "ବାସ୍ତବ ବିକାଶ ସେହିଠାରେ ହୁଏ, ଯେଉଁଠାରେ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା, ପରିବେଶ ଓ ସଂସ୍କୃତି ସମ୍ମନ୍ୱିତ ଭାବେ ନିରନ୍ତର ଉପାୟରେ ଜୀବନର ମାନକୁ ଉନ୍ନତ କରିଥାଏ। ଆମେ ଲୋକମାନଙ୍କ ମଧ୍ୟରେ ଥିବା ସମ୍ଭାବନାକୁ ବିକଶିତ କରିବା ସହ ଏହାର ଆଭ୍ୟନ୍ତରୀଣ ଉନ୍ନତିକୁ ଗୁରୁତ୍ୱ ଦେଇଥାଉ।" ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା ଉନ୍ନୟନ ଏବଂ ନିରନ୍ତର ପରିବେଶ ସ୍ଥିରତା, ମହିଳା ସଶକ୍ତୀକରଣ ଓ ସାଂସ୍କୃତିକ ସଂରକ୍ଷଣ କ୍ଷେତ୍ରରେ ଜିନ୍ଦଲ କାର୍ଯ୍ୟ କରିଆସୁଛି। ଜିନ୍ଦଲ ଷ୍ଟିଲର ପ୍ରେସିଡେଣ୍ଟ ତଥା ଗ୍ରୁପ ହେଡ (ସିଏସଆର ଏଣ୍ଡ ଏଜୁକେସନ) ପ୍ରଶାନ୍ତ ହୋତା ଏହି ସମ୍ମିଳନୀର ବୈଷୟିକ ଅଧିବେଶନରେ ଅଂଶଗ୍ରହଣ କରିଥିଲେ।

## ବ୍ୟାଙ୍କ ଅଫ୍ ଇଣ୍ଡିଆର ସତର୍କତା ସଚେତନତା ସପ୍ତାହ

**ଭୁବନେଶ୍ୱର, ୧।୧୧ (ସମିସ):** ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ସଚେତନତା ସପ୍ତାହ-୨୦୨୫ ପାଳନ ଅବସରରେ ଏକ ମାନବ ଶୃଙ୍ଖଳ ଗଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟ ଏବଂ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଭୁବନେଶ୍ୱର ଷ୍ଟାର ହାଉସ୍‌ରେ ଏହି ମାନବ ଶୃଙ୍ଖଳ ଗଠନ କରାଯାଇଥିଲା। ଏହି ଅବସରରେ ଷ୍ଟାର ହାଉସ୍ ଭୁବନେଶ୍ୱରଠାରୁ ଦୁଇ କି.ମି ମାର୍କେଟ ଅଞ୍ଚଳ ମଧ୍ୟରେ ଏକ ୱାକାଥନ୍‌ର ଆୟୋଜନ କରାଯାଇଥିଲା। ଏଥିରେ ବ୍ୟାଙ୍କର କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟ ଭୁବନେଶ୍ୱରର ମହାପ୍ରବନ୍ଧକ ବିକାଶ କ୍ରିଷ୍ଣା, ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ବିଜୟ କୁମାର ମଲିକ, କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟର ଉପମହାପ୍ରବନ୍ଧକ ରଜନୀକାନ୍ତ ଭୂୟାଁ, ଉପ-ଆଞ୍ଚଳିକ ପ୍ରବନ୍ଧକ ଶ୍ୟାମଳ କୁମାର ଦାସ, କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟର ସହାୟକ ମହାପ୍ରବନ୍ଧକ ଅଶୋକ କୁମାର ଜେନା, ଏସ୍‌ଏମ୍‌ଇସିସିର ସହାୟକ ମହାପ୍ରବନ୍ଧକ ଏସ୍.କେ ମହାନ୍ତି, ଜୟଦେବ ବିହାର ଶାଖାର ସହାୟକ ମହାପ୍ରବନ୍ଧକ ସୌମ୍ୟରଞ୍ଜନ ବେହେରାଙ୍କ ସମେତ ସହାୟକ ମହାପ୍ରବନ୍ଧକ କାର୍ଯ୍ୟାଳୟ, ଆଞ୍ଚଳିକ କାର୍ଯ୍ୟାଳୟ ଏବଂ ଏସ୍‌ଏମ୍‌ଇସିସି, ଭୁବନେଶ୍ୱରର କର୍ମଚାରୀମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ।





## ଦୁର୍ନୀତି ନିବାରଣ ସତର୍କତା ଓ ସଚେତନତା ସପ୍ତାହ ▸ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ୱାକାଥନ୍

**ବ୍ରହ୍ମପୁର,୧।୧୧(ସମିସ):** ବ୍ରହ୍ମପୁର ସ୍ଥିତ ୟୁନିୟନ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ସମୂହ ପକ୍ଷରୁ ଦୁର୍ନୀତି ନିବାରଣ ସତର୍କତା ଓ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଟାଟାବେଞ୍ଚ ଛକ ସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ନିକଟରୁ ଏକ ୱାକାଥନ୍ ବାହାରି ସହର ପରିକ୍ରମା କରି ଦୁର୍ନୀତି ବିରୋଧରେ ସଚେତନତା ସୃଷ୍ଟି କରାଯାଇଛି। କାର୍ଯ୍ୟକ୍ରମକୁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଆଞ୍ଚଳିକ ମୁଖ୍ୟ ରଜତ କୁମାର ପଣ୍ଡା ଓ କ୍ଷେତ୍ରୀୟ ସତର୍କତା ମୁଖ୍ୟ ସଞ୍ଜିବ କୁମାର ସାହୁ ଶୁଭାରମ୍ଭ କରି ପ୍ରତ୍ୟେକ ବ୍ୟକ୍ତି ନିଜ ବ୍ୟକ୍ତିଗତ ଓ ସାମାଜିକ ଜୀବନକୁ ସଂପୂର୍ଣ୍ଣ ରୂପେ ଦୁର୍ନୀତିମୁକ୍ତ କରିବା ଦିଗରେ ଆନ୍ତରିକ ପ୍ରୟାସ କରିବାକୁ ଆହ୍ୱାନ ଦେଇଥିଲେ।

ରାଷ୍ଟ୍ରର ବିକାଶ ପଥରେ ଦୁର୍ନୀତି ସବୁଠୁଁ ବଡ଼ ବାଧକ। ଆଗାମୀ ଦିନରେ ଦେଶକୁ ଏକ ଶକ୍ତିଶାଳୀ ବିକଶିତ ରାଷ୍ଟ୍ର ରୂପେ ଗଢ଼ି ତୋଳିବାକୁ ହେଲେ ପ୍ରତ୍ୟେକ ଭାରତୀୟ ଉଭୟ ଗୋଷ୍ଠୀ ଓ ବ୍ୟକ୍ତିଗତ ଜୀବନରେ ସାଧୁତା, ସ୍ୱଚ୍ଛତା, ସତ୍ୟନିଷ୍ଠତା, କର୍ତ୍ତବ୍ୟନିଷ୍ଠା ଓ ଶୃଙ୍ଖଳା ବଜାୟ ରଖିବା ସଂଗେ ସଂଗେ ପ୍ରତିବଦ୍ଧତାର ସହ କାର୍ଯ୍ୟ କରିବାକୁ ଏଠାରେ କୁହାଯାଇଛି। ଏହି ଅବସରରେ ସାଧାରଣ ଜୀବନରେ ସ୍ୱଚ୍ଛତା, ସାଧୁତା ଅବଲମ୍ବନ ପୂର୍ବକ ଦୁର୍ନୀତି ନିବାରଣ ଉଦ୍ଦେଶ୍ୟରେ ସମ୍ମିଳିତ ଭାବେ ଶପଥପାଠ କରାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପକ୍ଷେତ୍ରୀୟ ମୁଖ୍ୟ ମେଘରାୟ ମାରଣ୍ଡି, ବିଭୂତି ଭୂଷଣ ମହାନ୍ତିଙ୍କ ସମେତ ବହୁ କର୍ମଚାରୀ, ଉତ୍ସାହୀ ଯୁବକ ଯୋଗ ଦେଇଥିଲେ। ଏହାକୁ ମୁଖ୍ୟ ପ୍ରବନ୍ଧକ ଆଶିଷ କୁମାର ଜ୍ଞାନବର୍ଦ୍ଧନ, ଶିବ ପ୍ରସାଦ ନନ୍ଦ ପରିଚାଳନା କରିବାରେ ସହଯୋଗ କରିଥିଲେ।



**ବିଶେଷ ସୂଚନା**

ଏତଦ୍ୱାରା ହୀରାକୁଦ ସେଚାଞ୍ଚଳ ଅଧିନସ୍ଥ ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ଚଳିତ ଖରିଫ ଧାନ ଅମଳ ପାଇଁ ଆସନ୍ତା ତା.୦୭-ନଭେମ୍ବର-୨୦୨୫ରିଖରେ ସମସ୍ତ କେନାଲକୁ ଜଳଯୋଗାଣ ବନ୍ଦ କରାଯିବ ଏବଂ ବିଭିନ୍ନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ନିମନ୍ତେ ଚଳିତ ଋତୁରେ ବରଗଡ ମୁଖ୍ୟ କେନାଲ ନଭେମ୍ବର-୦୮ ଠାରୁ ଡିସେମ୍ବର-୩୧ ପର୍ଯ୍ୟନ୍ତ ବନ୍ଦ ରହିବା ନିମନ୍ତେ ସ୍ଥିର କରାଯାଇଅଛି । ଏଣୁ ବରଗଡ ମୁଖ୍ୟ କେନାଲ ସେଚାଞ୍ଚଳ ଅଧିନସ୍ଥ ସମସ୍ତ ଚାଷୀ ଭାଇଭଉଣୀ ମାନଙ୍କୁ କେନାଲ ବନ୍ଦ ର ଅବଧିକୁ ଦୃଷ୍ଟିରେ ରଖି ଚଳିତ ଖରିଫ ଓ ଆସନ୍ତା ରବି ଚାଷ ନିମନ୍ତେ ବିହିତ ଯୋଜନା ପ୍ରସ୍ତୁତ କରିବା ପାଇଁ ଅନୁରୋଧ କରାଗଲା ।

ନିବେଦକ
ଅଧିକ୍ଷଣ ଯନ୍ତ୍ରୀ
ବରଗଡ ଜଳସେଚନ ବିଭାଜନ,
ବରଗଡ

**ଅଭିଯୁକ୍ତ ବ୍ୟକ୍ତିଙ୍କ ଉପସ୍ଥିତି ଆବଶ୍ୟକତା ସମ୍ପର୍କିତ ଘୋଷଣା**

ଦଣ୍ଡ ପ୍ରକ୍ରିୟା ସଂହିତା ଧାରା ୮୨ ଅନୁସାରେ

ଯେଉଁଥିରେ ମୋ ପାଖରେ ଏହା ଅଭିଯୋଗ ଅଣାଯାଇଛି ଯେ, ଅଭିଯୁକ୍ତ ଅଜୟ କୁମାର ଯାଦବ, ପିତା- ରାମ ନାରାୟଣ ଯାଦବ, ଘର ନମ୍ବର ୧୩୩, ଗଳି ନମ୍ବର-୧୩, ତୁରିଆ ମହଲା, ତୁଗଲକାବାଦ, ଜୟପୁର, ନୂଆଦିଲ୍ଲୀ, ତାଙ୍କ ଉପରେ FIR ନମ୍ବର ୪୨୯/୨୦୨୦, ଧାରା ୩୮୧ IPC, ଥାନା- ନେବ ସରାଇ, ଦକ୍ଷିଣ ଜିଲ୍ଲା, ନୂଆଦିଲ୍ଲୀ ଅନୁସାରେ ଅପରାଧ କରିବା କିମ୍ବା ଅପରାଧର ସନ୍ଦେହ ରହିଛି ।
ଏହା ଦେଖାଯାଇଛି ଯେ ତାଙ୍କ ଗିରଫ ପାଇଁ ୱାରେଣ୍ଟ ଜାରି ହୋଇଛି କିନ୍ତୁ ଅଜୟ କୁମାର ଯାଦବ ମିଳୁନାହାନ୍ତି, ଏବଂ ଏହା ମୋ ସନ୍ତୁଷ୍ଟି ପାଇଁ ପ୍ରମାଣ ହୋଇଛି ଯେ ସେ ପଳାଇ ଯାଇଛନ୍ତି (କିମ୍ବା ନିଜକୁ ଲୁଚାଇ ରଖିଛନ୍ତି) ଯାହା ଦ୍ୱାରା ଗିରଫ ୱାରେଣ୍ଟ ର ସେବା ଠାରୁ ବଞ୍ଚି ଯାଇପାରିବେ ।
ଏହି ଘୋଷଣା ଦ୍ୱାରା ସୁଚିତ କରାଯାଉଛି ଯେ ଅଜୟ କୁମାର ଯାଦବ, ଉକ୍ତ FIR ନମ୍ବର ୪୨୯/୨୦୨୦, ଧାରା ୩୮୧ IPC, ଥାନା ନେବ ସରାଇ, ଦକ୍ଷିଣ ଜିଲ୍ଲା, ନୂଆଦିଲ୍ଲୀ ରେ ଅଭିଯୁକ୍ତ, ସେ ୦୬.୧୨.୨୦୨୫ ରେ କିମ୍ବା ତା' ପୂର୍ବରୁ ଏହି ଅଦାଲତ ସମ୍ମୁଖରେ ଉପସ୍ଥିତ ହୋଇ ଅଭିଯୋଗର ଉତ୍ତର ଦେବେ ।

ଆଦେଶାନୁସାରେ
ମିସ୍ ନିଧି ସିଂ
ନ୍ୟାୟିକ ମ୍ୟାଜିଷ୍ଟ୍ରେଟ୍ ପ୍ରଥମ ଶ୍ରେଣୀ-୦୩,
ଦକ୍ଷିଣ ଜିଲ୍ଲା, କକ୍ଷ ନମ୍ବର ୨୧୨,
ସାକେତ ଅଦାଲତ, ନୂଆଦିଲ୍ଲୀ

DP/14542/SD/2025
(Court Matter)



# ଭୁବନେଶ୍ୱର ସିଟି

## ୧ ନମ୍ବର ହାଟ ଅଗ୍ନିକାଣ୍ଡକୁ ସପ୍ତାହେ ପୂରିଲା

# ପୋଡ଼ା ଦୁର୍ଗନ୍ଧରେ ଫାଟିପଡୁଛି ନାକ

ଭୁବନେଶ୍ୱର, ୧।୧୧(ସମିସ): ରାଜଧାନୀର ସର୍ବ ବୃହତ ଏବଂ ସର୍ବ ପୁରାତନ ମାର୍କେଟ୍ ଏକନମ୍ବର ହାଟରେ ୧ ନମ୍ବର ନିଆଁ ଲାଗିବାର ସପ୍ତାହେ ପୂରଣ ହୋଇଥିଲେ ମଧ ଏପର୍ଯ୍ୟନ୍ତ ପଡ଼ିଥିବା ପୋଡ଼ା ଆବର୍ଜନା ଉଠିପାରିଲା ନାହିଁ। ଫଳରେ ହାଟ ପରିସର ଦୁର୍ଗନ୍ଧରେ ଫାଟିପଡୁଛି। ପ୍ରକାଶ ଥାଉ କି ଗତ ସପ୍ତାହରେ ରାଜଧାନୀ ପ୍ରମୁଖ ମାର୍କେଟ୍ ଏକନମ୍ବର ହାଟରେ ନିଆଁ ଲାଗି ଯାଇଥିଲା। ପ୍ରାୟ ୩୦ରୁ ଅଧିକ ଦୋକାନ ପୋଡ଼ି ପାଉଁସ ହୋଇଯାଇଥିବା ବେଳେ ଅନେକ ଦୋକାନ ଛାରଖାର ହୋଇଯାଇଥିଲା। ଏହାକୁ ନେଇ ବିବାଦ ସୂତ୍ରପାତ ହୋଇଥିବା ବେଳେ ବିଏମ୍‌ସି ପକ୍ଷରୁ ହାଟ ପାଇଁ ଏସ୍‌ଓପି ଜାରି କରିବା ସମ୍ପର୍କରେ ଘୋଷଣା କରିଥିଲେ। ଏତେ ସବୁ ପରେ ହାଟ ଭିତରେ ପଡ଼ି ରହିଥିବା ପୋଡ଼ା ଆବର୍ଜନା କିନ୍ତୁ ଏପର୍ଯ୍ୟନ୍ତ ଉଠିଲା ନାହିଁ। ଯେଉଁଥି ପାଇଁ ମାର୍କେଟ ଭିତରକୁ ଗଲେ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ନା ପରିବା ଦୋକାନୀ ବସି ପାରୁଛନ୍ତି ନା ମାର୍କେଟ ଭିତରକୁ ଯାଉଥିବା ଗ୍ରାହକ ରହିପାରୁଛନ୍ତି। ବିଏମ୍‌ସି ଅଳିଆ ନ ଉଠାଇବାକୁ ନେଇ ବ୍ୟବସାୟୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ମାର୍କେଟ ପାଇଁ ବିଏମ୍‌ସି ଏସ୍‌ଓପି ଆଣିବାରେ ଆଗରେ ଥିବା ବେଳେ ଏଭଳି ଆବର୍ଜନା ନଉଠାଇବାକୁ ନେଇ ପ୍ରଶ୍ନ ଉଠିଛି। ମାର୍କେଟ ସଭାପତିକୁ ନେଇ ବିବାଦ କାରଣରୁ ନିଆଁ ଲଗାଇ ଦିଆଯାଇଥିବା ଅଭିଯୋଗ ହୋଇଥିଲା। ଯେଉଁଥି ପାଇଁ ନିଆଁ ଲାଗିବା ଦିନ ଗୋଟିଏ ଗୋଷ୍ଠୀ ଅନ୍ୟ ଏକ ଗୋଷ୍ଠୀକୁ ଗୋଡ଼ାଇ ପିଟିଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

ତେବେ ବିଏମ୍‌ସି ପରିବାର ହାଟ ପରିମଳ ପ୍ରତି ଆଖି ବୁଜି ଦେଇଥିବାରୁ ହାଟ ବ୍ୟବସାୟୀମାନେ ଏବଂ ଗ୍ରାହକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଇତି ମଧ୍ୟରେ ବର୍ଷା ହେବା ଯୋଗୁଁ ପୋଡ଼ା ସାମଗ୍ରୀଗୁଡ଼ିକ ଭାସି ରାସ୍ତାରେ ପଡ଼ିଛି ଏବଂ ଅତ୍ୟାନ୍ତ ଦୁର୍ଗନ୍ଧ ହେଉଛି।



(ଫାଇଲ ଫଟୋ)

ସେହିଭଳି ବର୍ଷା ପାଣି ମାଣି ହାଟ ପରିବେଶକୁ ନଷ୍ଟ କରୁଛି। ଏସବୁ ପରେ ବି ବିଏମ୍‌ସି ଏକନମ୍ବର ହାଟର ପରିମଳ ପ୍ରତି ଏକପ୍ରକାର ଆଖି ବୁଜି ଦେଇଥିବା ଅଭିଯୋଗ ହେଉଛି। କେବଳ ଏବେ ନୁହେଁ ଏକନମ୍ବର ହାଟ ପରିସରରେ ଆବର୍ଜନା କାଦୁଅ ଏବଂ ପରିବା ଚୋପା ନିୟମିତ ସଫା କରାଯାଉ ନ ଥିବାରୁ ବ୍ୟବସାୟୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପଚା ପରିବା ଏବଂ ଅନ୍ୟାନ୍ୟ ସାମଗ୍ରୀ ପଡ଼ି ବିଭିନ୍ନ ସମୟରେ ଦୁର୍ଗନ୍ଧ ହେଉଛି। ସେହିଭଳି ପାଣି କାଦୁଅ ଜମି ରହିବାରୁ ରାଜଧାନୀବାସୀ ଏକନମ୍ବର ହାଟରୁ କ୍ରମେ ମୁହଁ ଫେରାଉଛନ୍ତି। ଏକ ନମ୍ବର ହାଟରେ କମ୍ ଦରରେ ପରିବା ଏବଂ ଅନ୍ୟାନ୍ୟ ସାମଗ୍ରୀ ମିଳିଥାଏ। କିନ୍ତୁ ଆବର୍ଜନା ପଡ଼ିରହିବାରୁ ଏବଂ ଦୁର୍ଗନ୍ଧ ହେଉଥିବାରୁ ଗ୍ରାହକମାନେ ଅନ୍ୟ ହାଟରୁ ତଥା ବାହାରୁ ଅଧିକ ଦର ଦେଇ ପରିବା କିଣୁଛନ୍ତି।


## ‘ମନ୍ତ୍ରମୁଗ୍ଧ’ର ପୋଷ୍ଟର ରିଲିଜ୍

ଭୁବନେଶ୍ୱର, ୧।୧୧(ସମିସ): ଅମୀୟ ପଟ୍ଟନାୟକ ପ୍ରଡକ୍ସନ୍ସ ପ୍ରଯୋଜିତ ଓଡ଼ିଆ ସିନେମା ‘ମନ୍ତ୍ରମୁଗ୍ଧ’ର ପ୍ରଥମ ଅଫିସିଆଲ ପୋଷ୍ଟର ରିଲିଜ୍ ହୋଇଛି। ଜାତୀୟ ପୁରସ୍କାର ପ୍ରାପ୍ତ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଥିବା ବେଳେ ପ୍ରଯୋଜନା କରିଛନ୍ତି ଯୁବ ପ୍ରଯୋଜିକା ବର୍ଷା ପଟ୍ଟନାୟକ। ଆସନ୍ତା ଜାନୁଆରୀରେ ଫିଲ୍ମ ମୁକ୍ତିଲାଭ କରିବ। ଏଥିରେ ପ୍ରମୁଖ ଭୂମିକାରେ ସନୋଜ କୁମାର, ମନ୍ମୟ ଦେ, ସାର୍ଥକ ଭରଦ୍ୱାଜ, ସୂର୍ଯ୍ୟମୟୀ ମହାପାତ୍ର, ଭୂମିକା ଦାଶ, ଦିପନ୍ୱିତ ଦାଶମହାପାତ୍ର, ହର ରଥ, ଚୌଧୁରୀ ଜୟପ୍ରକାଶ ଦାସ, ନିଶାନ୍ତ ମଜିଠିଆ, ସୋମା ହୋତା, ଭକ୍ତି ଦାସ, ପିହୁ ମହାପାତ୍ର ଓ ମିଷ୍ଟର ରାଉତ ପ୍ରମୁଖ ଅଭିନୟ କରୁଛନ୍ତି। (ସୁମିତ୍ରା)

## ଡ. କେଦାରନାଥ ମହାପାତ୍ରଙ୍କ ଓଡ଼ିଶା ଇତିହାସକୁ ଅବଦାନ’ ଶୀର୍ଷକ ଆଲୋଚନାଚକ୍ର

ଭୁବନେଶ୍ୱର, ୧।୧୧(ସମିସ): ଶୁକ୍ରବାର ରାଜ୍ୟ ସଂଗ୍ରହାଳୟ ସମ୍ମିଳନୀ କକ୍ଷରେ ‘ଡ. କେଦାରନାଥ ମହାପାତ୍ରଙ୍କ ଓଡ଼ିଶା ଇତିହାସକୁ ଅବଦାନ’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡ. ପ୍ରଫୁଲ୍ଲ ମିଶ୍ର ଯୋଗଦେଇ ଡ. କେଦାରନାଥ ମହାପାତ୍ରଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟତମ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ସଂସ୍କୃତ ବିଭାଗ ପ୍ରଫେସର ଡ. ଗୋପାଳ ଚନ୍ଦ୍ର ଦାସ ତାଳପତ୍ର ପୋଥି ଉପରେ ଡ. କେଦାରନାଥ ମହାପାତ୍ରଙ୍କ ଗବେଷଣା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ପ୍ରାଧାପକ ଡ. ସଞ୍ଜୟ ଆଚାର୍ଯ୍ୟ, ଡ. ମମତା ମିଶ୍ର ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସଂଗ୍ରହାଳୟର ଅଧୀକ୍ଷକ ଡ. ଭାରତୀ ପାଲ୍ ପରିଚାଳନା କରିଥିଲେ।

## ଇଣ୍ଟର୍‌ନ୍ୟାସନାଲ ପର୍‌ଫର୍ମିଂ ଆର୍ଟସ୍ ଫେଷ୍ଟିଭାଲ ୨୦୨୫




ଭୁବନେଶ୍ୱର, ୧।୧୧(ସମିସ): ଇଣ୍ଟରନ୍ୟାସନାଲ ପର୍‌ଫର୍ମିଂ ଆର୍ଟସ୍ ଫେଷ୍ଟିଭାଲ ବା ଆଇପିଏଏଫ୍ ଜୟଦେବ ଭବନରେ ଅନୁଷ୍ଠିତ ହୋଇଛି। ଆଇପିଏଏଫ୍‌ର ପ୍ରତିଷ୍ଠାତା ଶ୍ୟାମ ପାଣ୍ଡେଙ୍କ ଅଧୀନରେ ଆୟୋଜିତ ଏହି ଉତ୍ସବରେ ବିଶାରଦ, ଲୋକକଳା ପ୍ରଦର୍ଶନକାରୀ ଏବଂ ଦିବ୍ୟାଙ୍ଗ କଳାକାରଙ୍କୁ ଏକ ବିଶାଳ ମଞ୍ଚରେ ଏକତ୍ରିତ କରିଥିଲା। କମାଲ ଖାଁ ଏବଂ ଗ୍ରୁପ୍ ପକ୍ଷରୁ ଗଜଲ, ଯେଉଁଥିରେ ‘କିସି ନଜର କୋ ତେରା ଇନ୍ତେଜାର ଆଜ୍ ଭି ହୈ’ ଏବଂ ‘ହୋଠୋଁ ସେ ଛୁ ଲୋକ ତୁମ୍’ ଭଳି ଶାସ୍ତ୍ରୀୟ ଗୀତ ପରିବେଷଣ ହୋଇଥିଲା। ଆସାମର ପ୍ରତିଷ୍ଠିତ କଥକ ବିଶାରଦ ତଥା ଏସ୍‌ଏନଏ ପୁରସ୍କାର ବିଜେତା ମେଘରଞ୍ଜନୀ ମେଧି ଭଗବାନ ଶିବଙ୍କୁ ସମର୍ପିତ ‘ଶିବ ବନ୍ଦନା - ଡମ୍ବରୁ ହର କର ବାଜେ’ ଶୀର୍ଷକ ପରିବେଷଣ କରିଥିଲେ। ପରେ ପରେ ପ୍ରୀତିଶା ମହାପାତ୍ର ଶ୍ରୀ ରାମ ଚନ୍ଦ୍ର କୃପାଳୁ ଭଜମନ ଶୀର୍ଷକରେ ଓଡିଶୀ ପରିବେଷଣ କରିଥିବାବେଳେ ଏସଏସଭିଏମ୍ ଗ୍ରୁପ୍ ଦ୍ୱାରା ଲୋକନୃତ୍ୟ ‘ଗଞ୍ଜୁରୁ ଗଞ୍ଜା’ ପ୍ରଦର୍ଶିତ ହୋଇଥିଲା। ସତ୍ୟଭାମା ଦେବୀ କଲେଜ ଫର୍ ହିଅରିଂ ଆଣ୍ଡ ସ୍ପିଚ୍ ଇମ୍ପାୟାର୍ଡର ଦିବ୍ୟାଙ୍ଗ କଳାକାରମାନେ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ କଳାକାରମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ଓଡ଼ିଶୀ ରାଗ ମହୋତ୍ସବ ଉଦ୍‌ଘାଟିତ




ଭୁବନେଶ୍ୱର, ୧।୧୧(ସମିସ): ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡେମୀ ପକ୍ଷରୁ ‘ତ୍ରୟୋଦଶ ଓଡ଼ିଶୀ ରାଗ ମହୋତ୍ସବ ଓ ସମ୍ମାନ ସମାରୋହ ୨୦୨୫’ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଅବସ୍ଥିତ ଉତ୍କଳ ରଙ୍ଗମଞ୍ଚରେ ଶନିବାର ଉଦ୍‌ଘାଟିତ ହୋଇଯାଇଅଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ପ୍ରଥମ ଉପସ୍ଥାପନା ଥିଲା ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡେମୀର ଶିଳ୍ପୀମାନଙ୍କ ଦ୍ୱାରା ରାଗ ଖଣ୍ଡ କାମୋଦି ଉପରେ ପର୍ଯ୍ୟବଷିତ ଓଡ଼ିଶୀ ବୃନ୍ଦ ଗାୟନ। ପରେ ପରେ କୁଳମଣି ସାହୁ ଓ ସାଥିଙ୍କ ଦ୍ୱାରା ବାଦ୍ୟ ବାଣୀ ବନ୍ଦନା ପରିବେଶିତ ହୋଇଥିଲା ଯେଉଁଥିରେ ବାଦ୍ୟ ସହିତ କଣ୍ଠ ସଙ୍ଗୀତର ଅପୂର୍ବ ସମ୍ମାନୟ ଦେଖିବାକୁ ମିଳିଥିଲା। ଅନ୍ତିମ ଉପସ୍ଥାପନରେ ଥିଲା ଓଡ଼ିଶୀ ଏକକ ନୃତ୍ୟ ଯାହାକୁ ପରିବେଷଣ କରିଥିଲେ ଓଡ଼ିଶୀ ନୃତ୍ୟାଶିଳ୍ପୀ ରାହୁଲ ଆଚାର୍ଯ୍ୟ। ଏହି ଉତ୍ସବରେ ଅତିଥିଭାବେ ଆଇଜିଏନ୍‌ସିଏର ଅଧକ୍ଷ ଡ଼. କିଶୋର କୁମାର ବାସା, ବିଧାନ ସଭାର ସଚିବ ସତ୍ୟବ୍ରତ ରାଉତ, ବିଶିଷ୍ଟ ସଙ୍ଗୀତକାର ତଥା ସଙ୍ଗୀତ ନିର୍ଦ୍ଦେଶକ ଗୁରୁ ଲକ୍ଷ୍ମୀକାନ୍ତ ପାଲିତ୍, ବିଶିଷ୍ଟ ଓଡ଼ିଶୀ କଣ୍ଠଶିଳ୍ପୀ, ଗବେଷକ, ସଙ୍ଗୀତକାର ଏବଂ ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡେମୀର ପ୍ରତିଷ୍ଠାତା ପଣ୍ଡିତ ଗୋପାଳ ଚନ୍ଦ୍ର ପଣ୍ଡା, ଓଡ଼ିଶୀ କଣ୍ଠଶିଳ୍ପୀ ସଙ୍ଗୀତା ପଣ୍ଡା ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମଟିକୁ ଡ଼. ମୃତ୍ୟୁଞ୍ଜୟ ରଥ ଓ ଶୀଲା ମହାପାତ୍ର ସଞ୍ଚାଳନ କରିଥିଲେ।

## ଡ. ଅରୁନ୍ଧତୀ ଦେବୀ ପାଇବେ ପ୍ରଦ୍ୟୁମ୍ନ ବଳ ସ୍ମାରକୀ ସମ୍ମାନ

ଭୁବନେଶ୍ୱର, ୧।୧୧(ସମିସ): ଅନ୍ତର୍ଜାତୀୟ ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଗୁରୁମା’ ଡ. ଅରୁନ୍ଧତୀ ଦେବୀ ଚଳିତ ବର୍ଷର ପ୍ରଦ୍ୟୁମ୍ନ ବଳ ସ୍ମାରକୀ ସମ୍ମାନ ପାଇବେ। ପ୍ରଦ୍ୟୁମ୍ନ ବଳ ରାଜ୍ୟସ୍ତରୀୟ ଜୟନ୍ତୀ କମିଟି ପକ୍ଷରୁ ଜୀବନବ୍ୟାପୀ ଶିକ୍ଷା-ସମାଜସେବା ଓ ଏକ ଶୋଭନୀୟ ସମାଜ ଗଠନ ଦିଗରେ ତ୍ୟାଗପୂତ ଅବଦାନ ଲାଗି ଡକ୍ଟର ଅରୁନ୍ଧତୀ ଦେବୀଙ୍କୁ ଏହି ସମ୍ମାନ ନିମନ୍ତେ ମନୋନୀତ କରାଯାଇଛି।





ସେହିପରି ଚଳିତବର୍ଷ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ ଲାଗି ଭଦ୍ରକର ସମାଜସେବୀ ଏସ.ଏମ.ଫାରୁକ, ମୟୂରଭଞ୍ଜ ଜିଲ୍ଲା ଇଟାମୁଣ୍ଡିଆର ଜଙ୍ଗଲ ଓ ପରିବେଶ ସୁରକ୍ଷାକାରୀ ଗୋପୀନାଥ ସିଂ ଏବଂ ଯାଜପୁର ଜିଲ୍ଲାର ବିଶିଷ୍ଟ ଐତିହାସିକ ତଥା ବୌଦ୍ଧ ଗବେଷକ ଡକ୍ଟର ହରିଶ୍ଚନ୍ଦ୍ର ପୃଷ୍ଟିଙ୍କୁ ‘ପ୍ରଦ୍ୟୁମ୍ନ ବଳ ବ୍ୟକ୍ତିତ୍ୱ ସମ୍ମାନ’ରେ ସମ୍ମାନିତ କରାଯିବ ବୋଲି ସ୍ଥିର କରାଯାଇଛି। ସେହିପରି ପୁରୀ ଜିଲ୍ଲା ନିମାପଡ଼ା ଅଞ୍ଚଳର ଯୁବ ସ୍ୱେଚ୍ଛାସେବୀ ସୁମନ୍ତ ମହାରଣା ଏବଂ ପାରା ଆଥଲେଟ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରାଇଥଳବା କ୍ରୀଡା ପ୍ରତିଭା ଭୁବନେଶ୍ୱରର ପୂଜାସ୍ୱିନୀ ନାୟକଙ୍କୁ ‘ପ୍ରଦ୍ୟୁମ୍ନ ବଳ ସ୍ୱତନ୍ତ୍ର ସମ୍ମାନ’ରେ ସମ୍ମାନିତ କରାଯିବ। ଆସନ୍ତା ୭ ଓ ୮ ତାରିଖ ଦୁଇଦିନ ଧରି ‘ପ୍ରଗତିବାଦୀ’ ପରିସରରେ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହର ଆୟୋଜନ କରାଯିବାକୁ ଥିବାବେଳେ ଏଥିରେ ସମସ୍ତଙ୍କୁ ସମ୍ମାନିତ କରାଯିବ।

## ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୧।୧୧(ସମିସ): ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ୧୫ତମ ପ୍ରତିଷ୍ଠା ଦିବସ ଲୋକସେବା ଭବନସ୍ଥିତ କନ୍‌ଭେନ୍‌ସନ୍ ସେଣ୍ଟରରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୋଗର ଅଧକ୍ଷା ବବିତା ପାତ୍ର, ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ଅଧକ୍ଷା ବ୍ରତତୀ ହରିଚନ୍ଦନ, ରାଜ୍ୟ ମହିଳା କମିଶନ ଅଧକ୍ଷା ଶୋଭନା ମହାନ୍ତି, ୟୁନିସେଫ୍‌ର ରାଜ୍ୟ ପ୍ରମୁଖ କ୍ଷେତ୍ର ଅଧିକାରୀ ୱିଲିୟମ୍ ହଲୋନ୍ ଜୁନିୟର୍ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଶିଶୁ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଆୟୋଗର କାର୍ଯ୍ୟ ବିବରଣୀ ଓ ଶିଶୁ ମାନଙ୍କ ଲାଗି ଅନଲାଇନ ସଚେତନତା ସୁରକ୍ଷା କିଟ୍‌କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଆଇଏଏସ୍‌ରେ ନୂତନ ଛାତ୍ରଛାତ୍ରୀଙ୍କ ନିମନ୍ତେ ଅନୁସ୍ଥାପନ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧।୧୧(ସମିସ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ)ର ୧୩ ତମ ବ୍ୟାଚ ବିଏସ୍‌ସି (ଏଗ୍ରିକଲ୍‌ଚର) ନୂତନ ଛାତ୍ରଛାତ୍ରୀଙ୍କ ନିମନ୍ତେ ଅନୁସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଯୋଗ ଦେଇଥିଲେ। ଆଇସିଏଆର-ସିଆରଆରଆଇର ନିର୍ଦ୍ଦେଶକ ଡ. ଜି.ଏ.କେ. କୁମାର ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ଶିକ୍ଷାନୁଷ୍ଠାନ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରିଥିଲେ। କାର୍ଯ୍ୟକ୍ରମକୁ ଡ. ପ୍ରଭାତ କୁମାର ଷଡ଼ଙ୍ଗୀ ପରିଚାଳନା କରିଥିବା ବେଳେ ପ୍ରଫେସର ବିବୁଧ ପରାଶର ଧନ୍ୟବାଦ ଅର୍ପଣ କରିଥିଲେ।

## କବି ଶଙ୍କର ପରିଡ଼ାଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୧।୧୧(ସମିସ): ସ୍ତମ୍ଭକାର ତଥା ବରିଷ୍ଠ ରାଜନେତା ଶଙ୍କର୍ଷଣ ପରିଡ଼ାଙ୍କ ଅକାଳ ବିୟୋଗରେ ଶନିବାର ୟୁନିଟ୍-୫ ସ୍ଥିତ ଆଖଣ୍ଡଳମଣୀ ମନ୍ଦିର ପରିସରରେ ଓଡ଼ିଶା ଇଣ୍ଟରନ୍ୟାସନାଲ ସେଣ୍ଟର (ଓଆଇସି) ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ମାନେଜିଙ୍ଗ ଟ୍ରଷ୍ଟି ଭାବଗ୍ରାହୀ ଶାନ୍ତି ପୋରୋହିତ୍ୟରେ କରିଥିଲେ। ଏଥିରେ ବରିଷ୍ଠ ଉପଦେଷ୍ଟା ଡ. ହରିହର କାନୁନଗୋ ସ୍ୱର୍ଗତ ପରିଡ଼ାଙ୍କ ବହୁମୁଖି ପ୍ରତିଭା ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନୋରଞ୍ଜନ ମହାନ୍ତି, ସଂଯୁକ୍ତା ମହଲା, କମଳାକାନ୍ତ ସାହୁ, ଉର୍ବଶୀ ଦାଶଙ୍କ ସମେତ ବହୁ କବି, ସାହିତ୍ୟିକମାନେ ଯୋଗ ଦେଇଥିଲେ।

## ଇଂରାଜୀ ଔପନ୍ୟାସିକ ଡ. ଧରଣୀଧର ସାହୁଙ୍କ ସ୍ମୃତିସଭା

ଭୁବନେଶ୍ୱର, ୧।୧୧(ସମିସ): କଥାକାର ଓ ଔପନ୍ୟାସିକ ମନୋଜ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଇଂରେଜୀ ଔପନ୍ୟାସିକ ଓ କଥାକାର ସ୍ୱର୍ଗତଃ ଡ. ଧରଣୀଧର ସାହୁଙ୍କ ଏକାଦଶାହରେ ସ୍ମୃତିସଭା କେଶୁରା ଛକ ନିକଟସ୍ଥ ପଲ୍ଲବୀ ମଣ୍ଡପଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥବ ଭାବେ ଔପନ୍ୟାସିକ ତଥା ପ୍ରାକ୍ତନ ମୁଖ୍ୟ ଶାସନ ସଚିବ ତରୁଣକାନ୍ତି ମିଶ୍ର ମୁଖ୍ୟବକ୍ତା ଭାବେ ରେଭେନ୍‌ସା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମହାନ୍ତି, ଅନ୍ୟତମ ଅତିଥିଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଇଂରାଜୀ ସାହିତ୍ୟ ବିଭାଗର ପ୍ରାକ୍ତନ ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ହିମାଂଶୁ ଶେଖର ମହାପାତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଇଂରାଜୀ ସାହିତ୍ୟର ପ୍ରଫେସର ତଥା ଅନୁବାଦକ ଡ. ଯତୀନ କୁମାର ନାୟକ, ନାଟ୍ୟକାର ଡ. ରମେଶ ଚନ୍ଦ୍ର ପାଣିଗ୍ରାହୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ପ୍ରାକ୍ତନ ବିଭାଗୀୟ ମୁଖ୍ୟ ପ୍ରଫେସର ଡ. କୃଷ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ସ୍ମୃତିସଭାକୁ ବରିଷ୍ଠ କବି ନିରାକାର ଦାସ ସଞ୍ଚାଳନା କରିଥିଲେ।

## ଦାଦୀ ସନ୍ଦେଶୀ ଜୀଙ୍କ ପୁଣ୍ୟତିଥି ଓ ସମ୍ମାନ ସମାରୋହ



ଭୁବନେଶ୍ୱର, ୧।୧୧(ସମିସ): ଦାଦୀ ସନ୍ଦେଶୀ ଜୀଙ୍କ ୧୮ ତମ ପୁଣ୍ୟତିଥି ଅବସରରେ ବ୍ରହ୍ମକୁମାରୀ ପକ୍ଷରୁ ୟୁନିଟ-୯ ଠାରେ ଏକ ସ୍ମୃତିସଭା ଏବଂ ବିଶେଷ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଛି। ଧ୍ୟାନ ଓ ଶାନ୍ତି ଅନୁଭୂତି ସେସନ୍ ଦ୍ୱାରା ଏହି ଆଧ୍ୟାତ୍ମିକ ସଭାର ଶୁଭାରମ୍ଭ ହୋଇଥିଲା। ପରେ ପରେ ଦାଦୀ ସନ୍ଦେଶୀଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି ଅବସରରେ ବି.କେ ଭାନୁ ସଙ୍ଗୀତ ପରିବେଷଣ କରିଥିଲେ। ଉପକ୍ଷେତ୍ର ଇନଚାର୍ଜ ରାଜଯୋଗିନୀ ବି.କେ ଗୀତା ନିଜ ସ୍ୱାଗତ ଭାଷଣରେ ଦାଦୀ ସନ୍ଦେଶୀଙ୍କ ଅମ୍ଳାନିଷ୍ଠା ସେବା, ଆଧ୍ୟାତ୍ମିକ ସଂଘର୍ଷ ଏବଂ ଦୃଢ଼ ସଂକଳ୍ପର କାହାଣୀକୁ ସ୍ମରଣ କରିଥିଲେ। ଦିଲ୍ଲୀରୁ ଆସିଥିବା ବି.କେ ସୁନିତା ଦାଦୀ ସନ୍ଦେଶୀଙ୍କ ଜୀବନ ଦର୍ଶନକୁ ସମ୍ମ୍ରଣ କରାଇଥିଲେ। ସଭାର ମୁଖ୍ୟ ଆକର୍ଷଣ ଭାବରେ ୫୦ ଜଣ ଦୃଷ୍ଟିହୀନ ମହିଳାଙ୍କୁ ସମ୍ମାନିତ କରିବା ଅବସରରେ ସେମାନଙ୍କ ଜୀବନ ସଂଘର୍ଷ, ସାହାସ ଓ ସ୍ୱବଲମ୍ବନକୁ ସମାଜ ମଧ୍ୟରେ ଗୌରବର ସହ ସ୍ଥାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ, ଅନ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡ. ଅରବିନ୍ଦ ଢାଲି, ଲେଖିକା ଡ. ପ୍ରତିଭା ମହାରଥୀ, ଇସ୍କନ ଉପାଧକ୍ଷ ତୁକାରାମ ଦାସ ଏବଂ ରାଜଯୋଗିନୀ ବିକେ ସୁନିତା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବି.କେ ଗୀତା ସଂଯୋଜନା କରିଥିଲେ।

## ସଦେଶୀଜୀଙ୍କ ସ୍ମୃତି ଦିବସରେ ଗଣଦୌଡ଼




ଭୁବନେଶ୍ୱର, ୧।୧୧(ସମିସ): ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ, ପଟିଆ ସେବା କେନ୍ଦ୍ର ଦ୍ୱାରା ଆଦିରତ୍ନ ଦାଦୀ ସଦେଶୀଜୀଙ୍କ ୧୮ତମ ଅବ୍ୟକ୍ତ ସ୍ମୃତି ଦିବସ ଅବସରରେ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଏହି ଗଣଦୌଡ଼ ପଟିଆ କଲେଜ୍ ପରିସରରୁ ବାହାରି କିଟ୍ ଛକ, ପଟିଆ ଛକ ଦେଇ ପଟିଆ ନିଳକଣ୍ଠେଶ୍ୱର ମନ୍ଦିର ନିକଟରେ ପହଞ୍ଚି ଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବରେ ଅବସରପ୍ରାପ୍ତ ଜିଲ୍ଲା ଜଜ୍ ପ୍ରକାଶ ଚନ୍ଦ୍ର ମହାପାତ୍ର, ବରିଷ୍ଠ ଆଇନ୍‌ଜୀବୀ ତଥା ଓଡ଼ିଶା ବରିଷ୍ଠ ନାଗରିକର ସଭାପତି ମଧୁମାଧବ ଜେନା, ରାଜା ମଧୁସୁଦନ ଦେବ୍ ଡିଗ୍ରୀ କଲେଜ୍ ଅଧକ୍ଷ ଡ. ପ୍ରସାନ୍ତ କୁମାର ରାଉତ୍, କିମସ୍‌ର ନିର୍ଦ୍ଦେଶକ ଦିଲିପ୍ କୁମାର ପଣ୍ଡା, ସ୍ଥାନୀୟ ଯୋଗ ଶିକ୍ଷକ ମୁରଲୀ ଧର ସୁବୁଧି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପଟିଆ ସେବା କେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ଗୋଲାପ ଅତିଥି ମାନଙ୍କୁ ଉପହାର ପ୍ରଦାନ କରିଥିଲେ।

## ଏସିଆନ ମାଷ୍ଟର୍ସ ଆଥ୍‌ଲେଟିକ୍ସରେ ଓଡ଼ିଶାରୁ ଭାଗନେବେ ୩୫




ଭୁବନେଶ୍ୱର, ୧।୧୧ (ସମିସ): ଏସିଆନ ମାଷ୍ଟର୍ସ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ର ୨୩ତମ ସଂସ୍କରଣ ଚେନ୍ନଇରେ ନଭେମ୍ବର ୫ରୁ ୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ୩୫ଜଣ ଭେଟେରାନ କ୍ରୀଡ଼ାବିତ୍ ବିଭିନ୍ନ କ୍ରୀଡ଼ାରେ ଅଂଶଗ୍ରହଣ କରିବା ଲାଗି ମନୋନୀତ ହୋଇଛନ୍ତି। ଏଥିଲାଗି ଓଡ଼ିଶା ମାଷ୍ଟର୍ସ ଆଥଲେଟିକ୍ସ ଆସୋସିଏସନ (ଓଏମ୍ଏଏ) ପକ୍ଷରୁ ଏକ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ଉତ୍ସବ ଶନିବାର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ କରାଯାଇଥିଲା। କ୍ରୀଡ଼ା ନିର୍ଦ୍ଦେଶକ ଯେଦୁଲ୍ଲା ବିଜୟ ମୁଖ୍ୟ ଅତିଥିଭାବେ ଏଥିରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଅଲିମ୍ପିକ ସଂସଘର ସଭାପତି ସମୀର ମହାନ୍ତି, ଓଏମଏଏ ସଭାପତି ସୁରେଶ ରାଉତରାୟ, ସମ୍ପାଦକ ଏସଆର୍ ପରିଜା ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ଏସିଆନ ମାଷ୍ଟର୍ସ ଚାମ୍ପିଅନସିପ୍‌ରେ ଅଂଶଗ୍ରହଣ କରିବାକୁ ଯାଉଥିବା କ୍ରୀଡ଼ାବିତ୍‌ଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭକାମନା ଜଣାଯାଇଥିଲା।

## ଦକ୍ଷତା ଓ ନେତୃତ୍ୱ ବିକାଶ କର୍ମଶାଳା

# ‘ଉଚ୍ଚ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ଶୈକ୍ଷିକ ସମାଜ ସଂକଳ୍ପବଦ୍ଧ ହେଉ’

ଭୁବନେଶ୍ୱର, ୧।୧୧(ସମିସ): ମହାବିଦ୍ୟାଳୟ ଅଧକ୍ଷ ଓ ବରିଷ୍ଠ ଅଧାପକଙ୍କ ଦକ୍ଷତା ଓ ନେତୃତ୍ୱ ବିକାଶ ପାଇଁ ଅନୁଷ୍ଠିତ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ଉଚ୍ଚଶିକ୍ଷା ବିଭାଗ ଓ ଉଚ୍ଚଶିକ୍ଷା ପରିଷଦ ସହଯୋଗରେ ଜାଭିୟର ଇନଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ (ଏକ୍ସଆଇଏମ୍) ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୩୬ଟି ସରକାରୀ ମହାବିଦ୍ୟାଳୟର ଅଧକ୍ଷ ଓ ବରିଷ୍ଠ ଅଧାପକ ଯୋଗଦେଇଥିଲେ। କର୍ମଶାଳାରେ ଜାତୀୟ ଶିକ୍ଷା ନୀତିକୁ କାର୍ଯ୍ୟାନ୍ୱୟନ କରିବା ସହ ମହାବିଦ୍ୟାଳୟର ପ୍ରଶାସନିକ ଓ ବିତ୍ତୀୟ ସୁପରିଚାଳନା, ନୂତନ ଶିକ୍ଷାଦାନ ପଦ୍ଧତି, ଦକ୍ଷତା ଆଧାରିତ ମୂଲ୍ୟାଙ୍କନ, ଡିଜିଟାଲ ଲର୍ଣ୍ଣିଂ ଏବଂ



ଉଚ୍ଚକୋଟୀର ଗବେଷଣା ଆଦି ପ୍ରସଙ୍ଗରେ ପ୍ରଶିକ୍ଷଣ ଦିଆଯାଇଛି। ଉଦ୍‌ଯାପନୀ ସମାରୋହରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ, ଯୁବପିଢ଼ୀଙ୍କୁ ଉତ୍ତମ ନାଗରିକ ଭାବେ ଗଢ଼ି ତୋଳିବାରେ ଉଚ୍ଚ ଶିକ୍ଷାନୁଷ୍ଠାନର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଣୁ ଶୈକ୍ଷିକ ସମାଜ ଅର୍ଥାତ ବିଶ୍ୱବିଦ୍ୟାଳୟର କୁଳପତି, ମହାବିଦ୍ୟାଳୟର ଅଧକ୍ଷ ଓ ଅଧାପକମାନେ ନିଜେ ନେତୃତ୍ୱ ନେଇ ଦେଶ ନିର୍ମାଣରେ ଅଗ୍ରଣୀ ଭୂମିକା ନେବାକୁ ସଂକଳ୍ପବଦ୍ଧ ହେବା ଉଚିତ। ପିଲାଙ୍କ ମଧ୍ୟରେ ନବସୃଜନ ଆଣିବା ପାଇଁ ଅଭିନବ ପ୍ରୟାସ କରିବାକୁ ପ୍ରୋତ୍ସାହିତ କରିବା ସହ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ଅତିରିକ୍ତ ଶାସନ ସଚିବ ଧରଣୀଧର ନନ୍ଦ, ଅତିରିକ୍ତ ଶାସନ ସଚିବ ପ୍ରତିଭା ସାହୁ, ଏକ୍ସଆଇଏମ୍‌ବିର କୁଳସଚିବ ଫାଦର ଏସ୍ ଆଣ୍ଟୋନି, ଆସୋସିଏଟ ଡିନ୍ ପ୍ରଫେସର ଡ. ଏସ୍‌ଏସ୍ ଗଣେଶ ପ୍ରମୁଖ ଉପସ୍ଥିତ ଥିଲେ।



### ଗୁଣିଗାରେଡ୍ଡିରୁ ହତ୍ୟା ଘଟଣା

# 'ମୁଁ ଏକା କାଇଁ ଜେଲ୍ ଯିବି, ସେ ବି ମାରିଛି'



ଭୁବନେଶ୍ୱର, ୧।୧୧ (ସମିସ): ଶୁକ୍ରବାର ଜଙ୍ଗଲରୁ ନରକଙ୍କାଳ ଠାବ ହେବାପରେ ଚନ୍ଦକା ପୁଲିସ ଚିନ୍ତାରେ ପଡ଼ିଥିଲା। କଙ୍କାଳର ପରିଚୟ ମିଳିବା ପରେ ପୁଲିସ ହତ୍ୟାକାରୀକୁ ଖୋଜିବା ପାଇଁ ଦମ୍ ଲଗାଇ ଦେଇଥିଲା। ବିଭିନ୍ନ ସୂତ୍ରକୁ ଆଧାର କରି କହ୍ନେଇକୁ ଉଠାଇ ଆଣିବା ପରେ ସେ ହିଁ ହତ୍ୟା କରିଥିବା ପୁଲିସ ଆଗରେ ସ୍ୱୀକାର କରିଥିଲା। ହତ୍ୟାକାରୀ ଧରା ପଡ଼ିଯିବା ପରେ ପୁଲିସକୁ ଆଶ୍ୱସ୍ତି ମିଳିଥିଲା। ଅଭିଯୁକ୍ତ କହ୍ନେଇକୁ ପଚରାଉଚରା କରିବା ସହ ଘଟଣାସ୍ଥଳକୁ ନେଇ ସିନ୍ ରିକ୍ରିଏସନ୍ କରାଇଥିଲା। ସେଠାରୁ ବିଭିନ୍ନ ଜିନିଷ ଜବତ କରି ପୁଣି ଥାନାକୁ ଫେରିଥିଲା। ତଦନ୍ତ ଏକପ୍ରକାର ସରିବା ପରେ ପୁଲିସ କାଗଜପତ୍ର କାମ ଆରମ୍ଭ କରିଥିଲା। ଅପରାହ୍ଣରେ ଅଭିଯୁକ୍ତର ଡାକ୍ତରୀ ମାଇନା ଓ କୋର୍ଟ ଚାଲାଣ କରିବାକୁ ବାହାରିବା ବେଳକୁ କୁଆଡ଼େ ଯାଉଛେ ବୋଲି କହ୍ନେଇ ପୁଲିସକୁ ପ୍ରଶ୍ନ କରିଥିଲା। ପ୍ରଥମେ ତୁ ହତ୍ୟା କରିଛୁ, ସେଥିପାଇଁ ଜେଲକୁ ଯିବୁ ବୋଲି ପୁଲିସ କହିଥିଲା। 'ମୁଁ ଏକା କାଇଁ ଜେଲ୍ ଯିବି, ସେ ବି ମାରିଛି' ବୋଲି କହ୍ନେଇ କହିବାରୁ ପୁଲିସର ଅକଲଗୁଡ଼ୁମ ହୋଇ ଯାଇଥିଲା। ଆଶ୍ଚର୍ଯ୍ୟର କଥା ହେଉଛି ହତ୍ୟାକାଣ୍ଡରେ ଆଉ କେହି ଯେ ସମ୍ପୃକ୍ତ ଅଛି, ସେ କଥା ପୁଲିସର କଳ୍ପନା ବାହାରେ ଥିଲା। ସାଙ୍ଗେ ସାଙ୍ଗେ କହ୍ନେଇକୁ ପଚରାଉଚରା କରି ଦ୍ୱିତୀୟ ଅଭିଯୁକ୍ତ ବିଷୟରେ ତଥ୍ୟ ହାସଲ କରିଥିଲା। ଦ୍ୱିତୀୟ ଅଭିଯୁକ୍ତ ରାମ ସାମଦା ଫେରାର ହେବାକୁ ଉଦ୍ୟମ କରୁଥିବା ବେଳେ ପୁଲିସ ତାକୁ କାବୁ କରି ନେଇଥିଲା।

**୨୩ ବିଏସ୍ଏ ଆଧାରରେ ପ୍ରମାଣ ସଂଗ୍ରହ**

ନରକଙ୍କାଳରୁ ପରିଚୟ ପାଇବା ଠାରୁ ଆରମ୍ଭ କରି ହତ୍ୟାକାରୀକୁ ଧରିବା ଯେତିକି କଷ୍ଟକର, ହତ୍ୟାକାଣ୍ଡରେ ପ୍ରମାଣ ଯୋଗାଡ଼ କରିବା ତା'ଠାରୁ ଅଧିକ ଚ୍ୟାଲେଞ୍ଜ ହୋଇ ପଡ଼ିଛି। ହତ୍ୟାକାଣ୍ଡର ପ୍ରତ୍ୟକ୍ଷଦର୍ଶୀ ନ ଥିବାରୁ ପ୍ରମାଣ ଯୋଗାଡ଼ିବାର କୌଣସି ସୁଯୋଗକୁ ପୁଲିସ ଛାଡ଼ିବାକୁ ଚାହୁଁନାହିଁ। କହ୍ନେଇ ଧରାପଡ଼ିବା ତା'ର ବୟାନ ରେକର୍ଡ କରିଛି ପୁଲିସ। ଭାରତୀୟ ସାକ୍ଷ୍ୟ ଅଧିନିୟମ ଧାରା ୨୩ ଅନୁଯାୟୀ ୨ ଜଣ ସାଧାରଣ ଲୋକଙ୍କ ଉପସ୍ଥିତିରେ କହ୍ନେଇର ବୟାନ ରେକର୍ଡ କରାଯାଇଛି। ବାପାଙ୍କ ମୃତ୍ୟୁ ପଛରେ ଗୁଣିଗାରେଡ଼ି ସନ୍ଦେହ, ହତ୍ୟା ଯୋଜନା ଓ ହତ୍ୟାକାଣ୍ଡର ପୂରା ଘଟଣା ବଖାଣିଛି କହ୍ନେଇ। କିପରି ହତ୍ୟା କରିଥିଲେ, ହତ୍ୟା ପରେ ମୃତଦେହକୁ କେମିତି ପୋତି ଥିଲେ ସେସବୁ ମଧ୍ୟରୁ ସ୍ୱୀକାର କରିଥିଲା। ଏସବୁ ଚାଞ୍ଚଲ୍ୟକର ତଥ୍ୟ ପାଇବା ପରେ କହ୍ନେଇକୁ ନେଇ ଘଟଣାସ୍ଥଳକୁ ଯାଇଥିଲା ପୁଲିସ। ସେଠାରେ ଦୁଇ ଜଣ ସାକ୍ଷୀଙ୍କ ଉପସ୍ଥିତିରେ ପୁଲିସ ଘଟଣାର ସିନ୍ ରିକ୍ରିଏସନ୍ କରିଥିଲା। ବଳରାମଙ୍କୁ କେଉଁଠି ହତ୍ୟା କରି କେଉଁଠି ପୋତିଥିଲେ ଓ ଟର୍ଚ୍ଚ, ହାଣ୍ଡିଆ ଭର୍ତ୍ତି ବୋତଲ, ଠେଙ୍ଗା କେଉଁଠାରେ ଫୋପାଡ଼ି ଥିଲେ, ସବୁକିଛି ଦେଖାଇଥିଲା କହ୍ନେଇ।

**ସଂଗ୍ରହ ହେଲା ରକ୍ତ ନମୁନା**

ଜଙ୍ଗଲରୁ ମିଳିଥିବା ନରକଙ୍କାଳଟି ବଳରାମ ଦେଓଗାମଙ୍କର ବୋଲି ଜଣାପଡ଼ିଥିଲେ ମଧ୍ୟ ସେନେଇ ଠୋସ୍ ପ୍ରମାଣ ପୁଲିସ ପାଖରେ ନାହିଁ। ବଳରାମଙ୍କ ନରକଙ୍କାଳକୁ ଏମ୍ସରେ ବ୍ୟବଚ୍ଛେଦ କରାଯାଇଛି। ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ନରକଙ୍କାଳରୁ ବିଭିନ୍ନ ପ୍ରମାଣ ସଂଗ୍ରହ କରିଛନ୍ତି। ଏଥିସହିତ ନରକଙ୍କାଳରୁ ହାଡ଼ ସଂଗ୍ରହ କରାଯାଇ ସଂରକ୍ଷିତ ରଖାଯାଇଛି। ବଳରାମଙ୍କ ପୁଅ ରାମଚରଣଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଛି। ସଂରକ୍ଷିତ ହାଡ଼ ଓ ରକ୍ତ ନମୁନାକୁ ରାଜ୍ୟ ଅପରାଧ ବିଧି ବିଜ୍ଞାନାଗାର (ଏସ୍ଏଫ୍ଏସ୍ଏଲ୍)କୁ ପଠାଯିବ। ସେଠାରୁ ଡିଏନ୍ଏ ମ୍ୟାଚ ରିପୋର୍ଟ ଆସିବା ପରେ ନରକଙ୍କାଳଟି ବଳରାମଙ୍କର ବୋଲି ପ୍ରମାଣ ହେବ। ଏହି ରିପୋର୍ଟ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ।

**୧୨ ଜଣଙ୍କ ବୟାନ ରେକର୍ଡ**

ନରକଙ୍କାଳ ଭଳି ଗୁରୁତ୍ୱପୂର୍ଣ୍ଣ ମାମଲାରେ ମାତ୍ର ୨୪ ଘଣ୍ଟା ଭିତରେ ପୁଲିସକୁ ସଫଳତା ମିଳିଛି। ପରିଚୟ ପାଇବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରିବାରେ ସାକ୍ଷୀ ଯୋଗାଡ଼ କରିବାରେ ପୁଲିସ ଲାଗି ପଡ଼ିଛି। ଗତକାଲି ବନ ବିଭାଗ କର୍ମଚାରୀ ପାଟ୍ରୋଲିଂ କରୁଥିବା ବେଳେ ନରକଙ୍କାଳ ଦେଖିଥିଲେ। ପ୍ରଥମେ ନରକଙ୍କାଳ ଦେଖିଥିବା ବ୍ୟକ୍ତି, ବଳରାମଙ୍କ ପୁଅ ରାମଚରଣ, ସିନ୍ ରିକ୍ରିଏସନ୍ ସମୟରେ ଉପସ୍ଥିତ ଥିବା ସାକ୍ଷୀ ଓ ଅଭିଯୁକ୍ତଙ୍କ ବୟାନ ରେକର୍ଡ ସମୟରେ ଉପସ୍ଥିତ ଥିବା ସାକ୍ଷୀଙ୍କ ବୟାନ ରେକର୍ଡ କରିଛି। ଏପର୍ଯ୍ୟନ୍ତ ପୁଲିସ ମୋଟ ୧୨ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରିଛି ପୁଲିସ।

## ପିଲାଦିନ ସ୍ମୃତି ସାଇତିଛି ଗାଁ



ଆମେ ଗାଁରୁ ଆସିଛୁ

ସବୁଜିମା ପରିବେଶରେ ବେଶ୍ ସୁନ୍ଦର ଦିଶେ ମୋ ଗାଁ। ସେଠି ରହିଛି ମୋର ସବୁ ସମ୍ପର୍କ। ପିଲା ଦିନର କେତେ ଯେ ମିଠା ସ୍ମୃତିକୁ ସେ ଆଜି ବି ସାଇତି ରଖିଛି। କିଏ କେବେ ଗାଁ ଛାଡି ପାରେନି, ବାହାରେ ରହିଲେ ବି ମନ ସେଇ ଗାଁ ଘର ଅଗଣାରେ ଛାଡି ଆସିଲା ପରି ଲାଗେ।

ସହରରେ ଆସି ଦୀର୍ଘ ବର୍ଷ ଧରି ରହିଲେ ବି, ସେ କେବେ ଗାଁର ମୋହରୁ ବାହାରି ପାରିନାହାନ୍ତି। ଏଭଳି ଜଣେ ବ୍ୟକ୍ତି ହେଲେ ସନ୍ତୋଷ ବେହେରା। ପୁରୀ ଜିଲ୍ଲା ନିମାପଡ଼ା ବ୍ଲକସ୍ଥିତ ଭଗବତୀପୁର ହେଉଛି ତାଙ୍କ ଗାଁ। ହେଲେ ଦୀର୍ଘ ୩୦ ବର୍ଷ ହେବ ସେ ରାଜଧାନୀ ଭୁବନେଶ୍ୱରର ଗ୍ୟାରେଜ ଛକସ୍ଥିତ ଆଚାର୍ଯ୍ୟବିହାରରେ ତାଙ୍କ ବର୍ତ୍ତମାନର ଠିକଣା। ପେସାରେ ସେ ଜଣେ ପାର୍ଟ ଟାଇମ ଆର୍ଟିଷ୍ଟ। ନିଜ ଗାଁ ବିଷୟରେ ସେ ଅଧିକ କୁହନ୍ତି, ଗ୍ରାମ ଦେବତୀ ହେଲେ ମା ଭଗବତୀ। ତାଙ୍କ ନାମ ଅନୁଯାୟୀ ଗାଁର ନାମ ରହିଛି। ସେଠାରେ ପ୍ରତିବର୍ଷ ପଣା ସଂକ୍ରାନ୍ତିରେ ପାଟଯାତ୍ରା ଆୟୋଜିତ ହୁଏ। ସେତେବେଳେ ଘରେ ଘରେ ବନ୍ଧୁବାନ୍ଧବଙ୍କ ଗହଳି ମନକୁ ବହୁତ ଖୁସି ଦିଏ। ସେହିପରି ଗାଁ ବଡ ପର୍ବ ହେଉଛି ଦୋଳ ପୂର୍ଣ୍ଣମୀ। ସେ ସମୟରେ ଉତ୍ସବମୁଖର ହୋଇ ଉଠେ ଗାଁ। ସାଙ୍ଗସାଥୀ ମେଳରେ ଦିନ କେମିତି ବିତିଯାଇ ଜଣାପଡେନି। ଧାନ ଏବଂ ଆଳୁ ଚାଷ ସେଠାରେ ଅଧିକ ହୁଏ। ହେଲେ ସମୟ ସହ ଲୋକ ଏସବୁ ପ୍ରତି ଏତେ ଆଗ୍ରହୀ ହେଉନାହାନ୍ତି। ସହରର ପ୍ରଭାବ ଧୀରେ ଧୀରେ ଗାଁ ମୁହାଁ ହେଲାଣି। ତଥାପି ଗାଁର ମହକ ଯାଇନି। ଗାଁରେ ସବୁବେଳେ ସମସ୍ତେ ମିଳିମିଶି ରୁହନ୍ତି ଆଉ ଦୁଃଖରେ ଏକଜୁଟ ହୋଇ ଠିଆ ହୁଅନ୍ତି। ହେଲେ ରାଜଧାନୀରେ ସେସବୁ ନାହିଁ ପଡୋଶୀ ପଡୋଶୀ ମଧ୍ୟରେ ଗାଁର ସେ ଭାଇଚାରା ଦେଖିବାକୁ ମିଳେନି। ପିଲାବେଳ, ଖେଳକୁଦ ଏବଂ ପର୍ବପର୍ବାଣୀରେ ସବୁବେଳେ ମହକୁଥାଏ ଗାଁ। ଏବେବି ସେଠାରେ ଥିବା ମୋ ପରିବାର ଲୋକଙ୍କ ପାଖକୁ ଛୁଟି ଏବଂ ପର୍ବପର୍ବାଣୀରେ ଯାଇ ସମୟ ବିତାଉ। ହେଲେ କର୍ମମୟ ଜୀବନ ସେଠାରେ ବେଶୀଦିନ ରହିବାକୁ ଦିଏନି। ଫେରିଲା ସମୟରେ ଅନେକ ସ୍ମୃତି ସାଙ୍ଗରେ ନେଇ ଆସୁ।

## ଗୋମାଂସ ରୋଷେଇ ବେଳେ ପୁଲିସ ଚଢ଼ଉ; ୨୦ ଅଟକ

ଭୁବନେଶ୍ୱର, ୧।୧୧ (ସମିସ): ଶ୍ୟାମପୁର ଅଞ୍ଚଳରେ ଗୋମାଂସ ରୋଷେଇ ବେଳେ ଚଢ଼ଉ କରିଛି ଭରତପୁର ଥାନା ପୁଲିସ। ବାଛୁରୀ ମୁଣ୍ଡ ଜବତ କରିବା ସହ ୨୦ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ସୂଚନା ଅନୁସାରେ, ପଶ୍ଚିମବଙ୍ଗ ମୁର୍ଶିଦାବାଦ ଅଞ୍ଚଳର କିଛି ଶ୍ରମିକ ନିର୍ମାଣ କାମ କରିବା ସହ ଶ୍ୟାମପୁର ଅଞ୍ଚଳରେ ରହୁଛନ୍ତି। ଶନିବାର ରାତିରେ ସେମାନେ ଗୋମାଂସ କାଟି ରୋଷେଇ କରୁଥିବା ନେଇ ଭରତପୁର ଥାନା ପୁଲିସ ଖବର ପାଇଥିଲା। ଥାନାର ସ୍ୱତନ୍ତ୍ର ଟିମ୍ ଶ୍ୟାମପୁର ସ୍ଥିତ ଶ୍ରମିକ କ୍ୟାମ୍ପରେ ଚଢ଼ଉ କରିବା ବେଳେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। କିଛି ଲୋକ ପୁଲିସକୁ ବିରୋଧ କରୁଥିବା ବେଳେ ଆଉ କିଛି ଖସି ପଳାଇଥିଲେ। ପୁଲିସ ସେମାନଙ୍କୁ ଘେରି ଯାଇ ପ୍ରାୟ ୨୦ ଜଣଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ଆହୁରି କିଛି ଲୋକ ଘଟଣାସ୍ଥଳରୁ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ତେବେ ବିଳମ୍ବିତ ରାତି ପର୍ଯ୍ୟନ୍ତ ପୁଲିସ ଟିମ୍ ଯାଞ୍ଚ ଚଳାଇଛି। ଅନ୍ୟମାନଙ୍କୁ ଧରିବା ସହ ମାଂସ ଜବତ କରିବା ପାଇଁ ସର୍ଚ୍ଚ କରୁଛି।

● ଚତୁର୍ଦ୍ଦଶ ଦୟାନଦୀ ବୋଇତ ବନ୍ଦାଣ ଉତ୍ସବ ୫ରେ

## ନୃତ୍ୟଗୁରୁ ଜ୍ୟୋତି ରାଉତଙ୍କୁ 'ଦୟାନଦୀ ସମ୍ମାନ'

■ କଦଳୀ ପଟୁକା ଡଙ୍ଗା ଭସାଇବା ପାଇଁ ଅନୁରୋଧ
■ ବୋଇତ ବନ୍ଦାଣ ଉତ୍ସବ ପରଦିନ ଶ୍ରମଦାନ ଉତ୍ସବ

ଧଉଳି, ୧।୧୧(ସମିସ): ଆସନ୍ତା ୫ ତାରିଖ ଭୁବନେଶ୍ୱର ଲିଙ୍ଗିପୁରସ୍ଥିତ ଐତିହାସିକ ଦୟାନଦୀ ତଟ (ଲିଙ୍ଗିପୁର ପାଳ)ରେ ଅନୁଷ୍ଠିତ ହେବାକୁ ଥିବା 'ବୋଇତ ବନ୍ଦାଣ ଉତ୍ସବ' ଅନୁଷ୍ଠିତ ହେବ। ଏହି ଅବସରରେ ଭୋର ୩ରେ ଭଜନ ପରିବେଷଣ କରାଯିବ। କଣ୍ଠଶିଳ୍ପୀ ପଟ୍ଟଳ ଜାଇ, ମାନସୀ ପାତ୍ର, ସୌରଭ ଭରଭାକ, ମାନସୀ ପାଣିଗ୍ରାହୀ, ରାଜକିଶୋର ଓ ଜୟଶ୍ରୀ ମହାପାତ୍ର ପ୍ରମୁଖ ଭଜନ ପରିବେଷଣ କରିବେ। ଭଜନ କାର୍ଯ୍ୟକ୍ରମ ପରେ ବିଶିଷ୍ଟ ଅତିଥି ମାନଙ୍କ ଉପସ୍ଥିତିରେ ଓଡିଶୀ ନୃତ୍ୟଗୁରୁ ଜ୍ୟୋତି ରାଉତଙ୍କୁ 'ଦୟାନଦୀ ସମ୍ମାନ-୨୦୨୫'ରେ ସମ୍ମାନିତ କରାଯିବା ସହିତ ଭାରତୀୟ ଆଇନ ପରିଷଦର ସଭ୍ୟ ଭଗ ଭୂଷଣ ବାରିକ, ପୂର୍ବପଦକ ପ୍ରାପ୍ତ ଅନ୍ତର୍ଜାତୀୟ କରାଟେ ଚମ୍ପିୟାନ ଆଲିଶା ସୁବୁଦ୍ଧି, ଶ୍ରୀ ଶ୍ରୀ ଦୁର୍ଗେଶ୍ୱର ମନ୍ଦିର କମିଟି, ଏକାମ୍ର ବରିଷ୍ଠ ନାଗରିକ ସଂଘ, ମହାଳୀର ନଗର ଉନ୍ନୟନ କମିଟି, ଧଉଳି ବିକାଶ ମଞ୍ଚ, ମିଶନ ରକ୍ତଦାନ, ନିଃସ୍ୱାର୍ଥ ସେବା ଓଡ଼ିଶା, କଣ୍ଠଶିଳ୍ପୀ ଉଦିତ ମହାନ୍ତି, ଏକାମ୍ର ମହିଳା ଆସୋସିଏସନ୍, ସ୍ମରଣିକା ମହାନ୍ତି ଓ ସୁଜାତା ପଟ୍ଟନାୟକ ପ୍ରମୁଖ ମୋଟ ୧୨ ଜଣ ପ୍ରତିଭା ମାନଙ୍କୁ 'ପ୍ରତିଭା ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯିବ। କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ (କାପୋଳ) ତରଫରୁ ସମସ୍ତ ଶ୍ରଦ୍ଧାଳୁମାନଙ୍କୁ ସୋଲ କିମ୍ବା ପ୍ଲାଷ୍ଟିକ ଡଙ୍ଗା ନ-ଭସାଇବା ନିମନ୍ତେ ସଚେତନ କରାଯିବ ଓ ଅନୁଷ୍ଠାନ ତରଫରୁ ବିନାମୂଲ୍ୟରେ କଦଳୀ ବାସୁଙ୍ଗାରେ ତିଆରି ଡଙ୍ଗା ଶ୍ରଦ୍ଧାଳୁମାନଙ୍କୁ ବଣ୍ଟନ କରାଯିବ। ପରଦିନ ସକାଳେ ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ସ୍ୱର୍ଗତ ଭବାନୀ ଚରଣ ପଟ୍ଟନାୟକଙ୍କ ସ୍ମୃତିରେ ଏକ "ଶ୍ରମଦାନ ଶିବିର' ଆୟୋଜନ କରାଯିବ। ଏହା ସହିତ ଦୟାନଦୀ ଓ ଗଛବିତା (ଗଙ୍ଗୁଆ)ର ପନରୁଦ୍ଧାର ନିମନ୍ତେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ବୋଇତ ବନ୍ଦାଣ ଉତ୍ସବ ଓ ଶ୍ରମଦାନ ଶିବିର କାର୍ଯ୍ୟକ୍ରମରେ ବହୁଳ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦାନ ନିମନ୍ତେ କାପୋକର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ ସାମ୍ବାଦିକ ସମ୍ମିଳନୀରେ ନିବେଦନ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ରବୀନ୍ଦ୍ର କୁମାର ପାତ୍ର, ଦାମଦେବ ଗଜେନ୍ଦ୍ର, ଲଲାଟ ସାହୁ, ସୁବ୍ରତ ପାଇକରାୟ, ବିଜୟ ସାମନ୍ତରାୟ, ମିଥୁନ ନାୟକ, ସାର୍ଥକ ପରିଜା, ସୁବିଶ୍ୱା ଦାସ, ଉପସ୍ଥିତ ଥିଲେ।

## ପଞ୍ଚୁକ ପାଇଁ ଚଳଚଞ୍ଚଳ ଏକାମ୍ରକ୍ଷେତ୍ର

● ଲିଙ୍ଗରାଜ ମନ୍ଦିରରେ ଅଢ଼େଇ ପ୍ଲାଟୁନ୍ ପୁଲିସ

ଭୁବନେଶ୍ୱର, ୧।୧୧(ସମିସ): ପଞ୍ଚୁକ ପାଇଁ ଚଳଚଞ୍ଚଳ ହୋଇ ପଡ଼ିଛି ପୁରୁଣା ଭୁବନେଶ୍ୱର। ଦୂରଦୂରାନ୍ତରୁ ଶ୍ରଦ୍ଧାଳୁମାନେ ଆସି ଏକାମ୍ରରେ ଡେରା ପକାଇଛନ୍ତି। ଗତକାଲିଠାରୁ ବିନ୍ଦୁସାଗରରେ ସ୍ନାନ ସହିତ ଲିଙ୍ଗାରଜ ଏବଂ ଅନନ୍ତ ବାସୁଦେବ ଆଦିଙ୍କୁ ଦର୍ଶନ କରିବାର ସୌଭାଗ୍ୟ ଲାଭ କରୁଛନ୍ତି। ଏଥିପାଇଁ ପୁରୁଣା ଭୁବନେଶ୍ୱରର ବିଭିନ୍ନ ମଠ, ମନ୍ଦିରଠାରୁ ଆରମ୍ଭ କରି ହୋଟେଲ୍ ଲଜ୍‌ରେ ଭିଡ଼ ପରିଲକ୍ଷିତ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଲିଙ୍ଗରାଜ ମନ୍ଦିରରେ ଅଢ଼େଇ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ କରାଯିବା ସହ ୨ ଜଣ ସବ୍‌ଇନ୍ସପେକ୍ଟର ଓ ୨ ଜଣ ଇନ୍ସପେକ୍ଟର ଦାୟିତ୍ୱରେ ରହିଛନ୍ତି। ଏଥିସହିତ କାର୍ତ୍ତିକ ପୂର୍ଣ୍ଣିମା ଏବଂ ଡ଼ଙ୍ଗାଭସା ପାଇଁ ମନ୍ଦିରରେ ଅଧିକ ପୁଲିସ୍ ଫୋର୍ସ ମୁତୟନ କରାଯିବ ବୋଲି ଜଣେ ପୁଲିସ ଅଧିକାରୀ କହିଛନ୍ତି। ପ୍ରତିଦିନ ଭଳି ଲିଙ୍ଗରାଜଙ୍କର ଦ୍ୱାରଫିଟା ସହ ନୀତିକାନ୍ତି କରାଯାଉଛି ପଞ୍ଚୁକରେ ମଧ୍ୟ ଏହି ସମାନ ନୀତୀକାନ୍ତି କରାଯିବ ବୋଲି ସେବାୟତ ମୌସମ୍ ବଡୁ କହିଛନ୍ତି।

## ଶ୍ରୀଲିଙ୍ଗରାଜଙ୍କ ୧୭ ପ୍ରସଙ୍ଗ ଉପରେ ଆଲୋଚନା

ଭୁବନେଶ୍ୱର, ୧।୧୧(ସମିସ): ଲିଙ୍ଗରାଜ ମନ୍ଦିରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଶନିବାର ସର୍କିଟ ହାଉସରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମନ୍ଦିରର କର୍ମଚାରୀ ନିଯୁକ୍ତି, ପାର୍କିଂ ବ୍ୟବସ୍ଥା, ମାର୍କେଟ ବକେୟା ଆଦାୟ, ପଇତା ଲାଗି, ଓଡ଼ଣ ଷଷ୍ଠୀରେ ଅଧିବାସ ପୂଜା, କ୍ଷୀର ଆଉଟା, ପଇତା ଲାଗି ଉପରେ ଆଲୋଚନା ହୋଇଯାଇଛି। ଏଥିସହିତ ନିଅଂଶ ପାଳି ସେବା କରିବା ପାଇଁ ନୀତି ଚପରାସୀ ଶିଶିର ସାମର୍ଥକ୍ଷଙ୍କୁ ନିଯୁକ୍ତି କରାଯାଇଛି। ଏଥିସହିତ ଯାତ୍ରୀ ନିବାସରେ ଥିବା ଉପର ମହଲାକୁ ମନ୍ଦିର ପ୍ରଶାସନକୁ ଦେବା ପାଇଁ ଓଟିଡିସିକୁ କୁହାଯିବା ସହ ୱାକିଟକି କିଣାଯିବା ସହ ମୋବାଇଲକୁ ବ୍ୟାନ କରାଯିବ। ଏହିପରି ଆହୁରି ଅନେକ କିଛି ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି। ଏହି ବୈଠକରେ ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଅତିରିକ୍ତ ଜିଲ୍ଲାପାଳ ରୁଦ୍ରନାରାୟଣ ମହାନ୍ତି, ସେବାୟତ ଅଞ୍ଚଳ ବଡୁ, ସେବାୟତ ନରାୟଣ ମହାନ୍ତି, ପ୍ରସନ୍ନ ପୂଜାପଣ୍ଡା, ସହକାରୀ ପୋଲିସ କମିଶନର ଜୋନ ୨, ବିଏମସିର ଅତିରିକ୍ତ କମିଶନର, ବିଜେବି କଲେଜର ଓଡ଼ିଆ ବିଭାଗର ସହକାରୀ ଅଧ୍ୟାପକ ଡ଼ ଶୁଭ୍ରାଂଶୁ କୁମାର ବେହେରା, ଓକିଲ ମାନସ ରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।



ରାମମନ୍ଦିର ପରିସରରେ ସୁନ୍ଦରାକାଣ୍ଡ ସାମୂହିକ ପାଠୋତ୍ସବ (ଫଟୋ-ଦୀପକ)

## 'ପ୍ରତିଫଳନ'ରେ ଦୁର୍ନୀତି ନିବାରଣର ବାର୍ତ୍ତା



ଭୁବନେଶ୍ୱର, ୧।୧୧(ସମିସ): ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ନୂତନ ପ୍ରେକ୍ଷାଳୟରେ ଦୁର୍ନୀତି ନିବାରଣ ସଚେତନତା ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗଦେଇ ବରିଷ୍ଠ ଆରକ୍ଷୀ ଅଧିକାରୀ ତଥା ଓଏଏସ୍‌ସିର ଅଧ୍ୟକ୍ଷ ଡ. ଲଳିତ ଦାସ ନିଜ ଅନୁଭୂତିରୁ ଅନେକ ଉଦାହରଣ ଦେଇ ଦୁର୍ନୀତିର ମୂଳୋତ୍ପାଟନ କରିବା ଉପରେ ବ୍ୟକ୍ତିଗତ ଉଦ୍ୟମ କିଭଳି ଫଳପ୍ରଦ ଏହା ଉପରେ ମତ ଦେଇଥିଲେ। ପ୍ରତିଷ୍ଠାନର ଅଧ୍ୟକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. କଳିଙ୍ଗ କେତକୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ସ୍ମୃତି ଚାରଣ କରାଯାଇଥିଲା ଛାତ୍ରଛାତ୍ରମାନେ ଭିଜିଲାନ୍ସ ସଚେତନତା: ଆମର ସହଭାଗୀ ଦାୟିତ୍ୱ ଉପରେ ଦୁର୍ନୀତି ମୁକ୍ତ ଭାରତ ଗଠନ ନିର୍ମାଣରେ ସମସ୍ତଙ୍କ ଭୂମିକାର ଆବଶ୍ୟକତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଦୁର୍ନୀତି ନିବାରଣ ସଚେତନତା ପାଇଁ କେବଳ ଗୋଟିଏ ସପ୍ତାହ ବା କିଛି ଦିବସ ମଧ୍ୟରେ ଏହାକୁ ସଙ୍କୁଚିତ ନ କରି ବ୍ୟକ୍ତିଗତ, ସାମାଜିକ ଓ ସାମୂହିକ ସ୍ତରରେ ଏହା ବିରୋଧରେ ସ୍ୱର ଉଠାଇବା ଆବଶ୍ୟକ ବୋଲି ପ୍ରଫେସର ଗୋସ୍ୱାମୀ ମତ ଦେଇଥିଲେ। ଏହି ଅବସରରେ ପ୍ରତିଷ୍ଠାନର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀବୃନ୍ଦଙ୍କ ଅଭିନୀତ ନାଟକ 'ପ୍ରତିଫଳନ' ମଞ୍ଚସ୍ଥ ହୋଇଥିଲା। ଏହି ନାଟକର ନିର୍ଦ୍ଦେଶନା ଦେଇଥିଲେ ଡ. ଅନୁପ ପରିଡ଼ା। ନାଟକଟି କର୍ତ୍ତବ୍ୟନିଷ୍ଠା ଓ ସାଧୁତାର ବାର୍ତ୍ତା ଉପରେ ଆଧାରିତ ଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ହୃଷୀକେଶ ସେନାପତି, ପ୍ରଫେସର ରୀତାଞ୍ଜଳି ଦାଶ, ଡ. ବେଦପ୍ରକାଶ ବର୍ମା ଏବଂ କର୍ମଚାରୀମାନେ ଉପସ୍ଥିତ ରହି କଳାକାରମାନଙ୍କୁ ଉତ୍ସାହିତ କରିଥିଲେ।

# ରାଜଧାନୀରେ ଦୈନିକ ୬୦ ଜଣ ମାନସିକ ରୋଗ ଆକ୍ରାନ୍ତ

■ ବର୍ଷକରେ ଚିକିତ୍ସିତ ହୋଇଛନ୍ତି ୨୧ ହଜାର ୬ ଶହ ରୋଗୀ
■ କ୍ୟାପିଟାଲ୍ ହସ୍ପିଟାଲରେ ଭିତ୍ତିଭୂମିର ଅଭାବ, ନାହାନ୍ତି ଡାକ୍ତର
■ ୧୮ରୁ ୪୫ ବର୍ଷ ମଧ୍ୟରେ ଆସୁଛି ସର୍ବାଧିକ କଲ୍

ଭୁବନେଶ୍ୱର, ୧।୧୧(ସମିସ): ରାଜଧାନୀରେ ଦିନକୁ ଦିନ ବଢୁଛି ମାନସିକ ରୋଗୀଙ୍କ ସଂଖ୍ୟା। ଯାହାକି କ୍ୟାପିଟାଲ ହସ୍ପିଟାଲକୁ ଆସୁଥିବା ରୋଗୀଙ୍କ ସଂଖ୍ୟାକୁ ଦେଖିଲେ ଏଥିରୁ ସ୍ପଷ୍ଟ ଅନୁମେୟ। ପ୍ରତିଦିନ କ୍ୟାପିଟାଲ ହସ୍ପିଟାଲକୁ ୬୦ରୁ ଅଧିକ ମାନସିକ ରୋଗୀ ଚିକିତ୍ସା ପାଉଁ ଆସୁଛନ୍ତି। ମାସକୁ ୧ ହଜାର ୮ଶହ ରୋଗୀ ଯାଉଥିବା ବେଳେ ଗତ ବର୍ଷ ୨୧ ହଜାର ୬ଶହ ଲୋକ ଯାଇଛନ୍ତି। ହେଲେ ହସ୍ପିଟାଲରେ ଭିତ୍ତିଭୂମି ଏବଂ ଡାକ୍ତରଙ୍କ ଅଭାବ ଥିବାରୁ ରୋଗୀ ଉପଯୁକ୍ତ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି।

ଏବେ ହସ୍ପିଟାଲରେ ଜଣେ ମାତ୍ର ମାନସିକ ଡାକ୍ତର ଅଛନ୍ତି। ତେଣୁ ଜଣ ରୋଗୀକୁ ଦେଖିବା ଏବଂ ତାର ମାନସିକ ସ୍ଥିତି ଜାଣିବାକୁ ହେଲେ ୧୫ ମିନିଟ୍‌ରୁ ଅଧିକ ସମୟ ଲାଗୁଛି। ଏହା ମଧ୍ୟରେ ଅଧିକ ରୋଗୀ ଯାଉଥିବାରୁ ଏକ ପ୍ରକାର ସମସ୍ୟା ହେଉଛି। ସମସ୍ତଙ୍କୁ ସଠିକ୍ ଭାବେ ଦେଖିବା ପାଇଁ ସମୟ ହେଉନାହିଁ। ଆହୁରି ମଧ୍ୟ କ୍ୟାପିଟାଲ ମାନସିକ ରୋଗୀ ପାଇଁ ରୁମ୍ ଥିଲେ ମଧ୍ୟ ସେଥିରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ଏବଂ ଅନ୍ୟାନ୍ୟ ମେଡ଼ିକାଲ ସାମଗ୍ରୀ ନାହିଁ। ଅତ୍ୟାଧିକ ମାନସିକ ଚାପରେ ଥିବା ରୋଗୀଙ୍କୁ ୱାର୍ଡରେ ଆଡ୍‌ମିସନ୍ କରି ଡାକ୍ତର ନଜର ରଖିବା ନିହାତି ଆବଶ୍ୟକ କିନ୍ତୁ କ୍ୟାପିଟାଲ ହସ୍ପିଟାଲରେ ସ୍ୱତନ୍ତ୍ର ୱାର୍ଡ ନ ଥିବାରୁ ଅତ୍ୟାଧିକ ମାନସିକ ଚାପରେ ଥିବା ରୋଗୀଙ୍କୁ ଘରକୁ ପଠାଇ ଦିଆଯାଉଛି। ଆଉ ପରିବାର ଲୋକଙ୍କୁ ନଜର ରଖିବାକୁ କୁହାଯାଉଛି। କିନ୍ତୁ ତାଙ୍କର ମାନସିକ ଅବସାଦ ପାଇଁ ପରିବାର ଲୋକ କୌଣସି କାଉଁସିଲିଂ କରୁନାହାନ୍ତି। କଟକ ଏସ୍‌ସିବି ମେଡ଼ିକାଲରେ ଯେଉଁ ମାନସିକ ରୋଗୀଙ୍କ ପାଇଁ ଯେଉଁ ବ୍ୟବସ୍ଥା କରାଯାଇଛି ଏଠାରେ ତାହା ନାହିଁ। ବହୁ ଦିନ ହେବ କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷ ସରକାରଙ୍କୁ ଚିଠି ଲେଖୁଥିଲେ ମଧ୍ୟ ତାହା ହୋଇପାରୁନି। ଏବେ ମାନସୀକ ରୋଗୀଙ୍କ ଚିକିତ୍ସା ହୋଇପାରୁନଥିବାରୁ ଆତ୍ମହତ୍ୟା ଭଳି ଘଟଣା ବଢ଼ିବାରେ ଲାଗିଛି। ପୁରୁଣା ଭୁବନେଶ୍ୱରର ଗଜାନନ ବେହେରା କହିଛନ୍ତି ଯେ, ତାଙ୍କ ପିଲା ଗତ କିଛି ମାସ ହେବ ମାନସିକ ରୋଗୀରେ ପୀଡ଼ିତ ହୋଇଛି। ଏକାଏକା ଗୁମ୍ ହୋଇ ବସି ରହୁଛି। ନା କିଛି ଖାଉଛି, ନା କିଛି କହୁଛି। ତା ମନକୁ ମନ ଯାହା ପାଉଛି, ଏଣେ ତେଣେ ଗପୁଛି। ତାଙ୍କୁ ଚିକିତ୍ସା କରିବା ପାଇଁ କ୍ୟାପିଟାଲ ହସ୍ପିଟାଲକୁ ଆଣିଥିଲେ। ହେଲେ ଏଠାରେ ରୋଗୀ ଦେଖାଇବା ପାଇଁ ଡାକ୍ତର ନାହାନ୍ତି। ଜଣେ ଡାକ୍ତର ଥିଲେ ମଧ୍ୟ ଏକାଧିକ ଲୋକ ହେଉଥିବାରୁ ସେ ସଠିକ୍ ଭାବେ ଦେଖି ପାରୁନାହାନ୍ତି।

**ସହରୀ ଜୀବନ କରୁଛି ପ୍ରଭାବିତ**

ଲୋକଙ୍କ ମଧ୍ୟରେ ମାନସିକ ରୋଗ ବଢ଼ିବାର ଏକାଧିକ କାରଣ ରହିଥିବା ଡାକ୍ତର କହିଛନ୍ତି। ବିଶେଷ କରି ସହରରେ କେହି କାହାରିଙ୍କୁ ସମୟ ଦେଉନାହାନ୍ତି। ବାପା, ମା' ଏବଂ ପିଲା କେହି କାହା ସହ କଥା ନହୋଇ ମୋବାଇଲ୍‌ରେ ବ୍ୟସ୍ତ ରହୁଛନ୍ତି। ଫଳରେ ସକାଳେ ହେଲେ ନିଜ ଅଫିସ୍‌କୁ ନିଜେ ଯାଇ ସନ୍ଧ୍ୟାରେ ଘରକୁ ଫେରି ମୋବାଇଲ୍ ଧରୁଛନ୍ତି। ଯେଉଁଥି ପାଇଁ ମାନସିକ ସମସ୍ୟା ଆସିଲେ ସେମାନେ କେହି କାହାରିକୁ କହୁ ନ ଥିବା ବଢୁଛି ମାନସୀକ ରୋଗ। ଅନେକ ପ୍ରେମରେ ହତାସ ହେବା ପରେ ମାନସିକ ବିଷାଦର ଶିକାର ହେଉଛନ୍ତି।

**ଅଧିକ ମାତ୍ରାରେ ଯୁବପିଢ଼ି ହେଉଛନ୍ତି ଶିକାର**

ଅଧିକାଂଶ ଯୁବ ପିଢି ମାନସିକ ରୋଗୀ ଶିକାର ହେଉଛନ୍ତି। ବିଶେଷକରି ୧୮ରୁ ୪୫ ବର୍ଷ ମଧ୍ୟରେ ଯୁବପିଢୀ ଏହି ମାନସିକ ବିଷାଦର ଶିକାର ହେଉଛନ୍ତି। ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଏକାଧିକ ବ୍ୟକ୍ତି ସ୍ମାର୍ଟ ଫୋନ୍ ଏବଂ କମ୍ପ୍ୟୁଟର, ଲାପ୍‌ଟପ ଆଗରେ ସମୟ ଅତିବାହିତ କରୁଛନ୍ତି। ଠିକ୍ ସମୟ ଶୋଇବା ହେଉ ନ ଥିଲେ ମାନସିକ ରୋଗରେ ଆକ୍ରାନ୍ତ ହେବାକୁ ପଡୁଛି ବୋଲି ଡାକ୍ତର କହିଛନ୍ତି।

**ସୋସିଆଲ ମିଡ଼ିଆରେ ଭାବନା ପ୍ରକାଶ**

ଯୁବପିଢୀ ସାଙ୍ଗସାଥୀ ଓ ପରିବାରବର୍ଗଙ୍କ ସହ ସମୟ ବିତାଇବା ପରିବର୍ତ୍ତେ ଲୋକଙ୍କର ସମୟ ମୋବାଇଲରେ ବିତୁଛି। ଘଣ୍ଟା ଘଣ୍ଟା ସମୟ ସୋସିଆଲ ମିଡିଆରେ ବ୍ୟସ୍ତ ରହୁଛନ୍ତି। ନିଜ ମନର ଭାବନାକୁ ସୋସିଆଲ ମିଡିଆରେ ହିଁ ପ୍ରକାଶ କରୁଛନ୍ତି। ପାଖରେ ଅନେକ ଥିଲେ ବି ନିଜକୁ ଏକାକୀ ଅନୁଭବ କରୁଛନ୍ତି। ଏଥିପାଇଁ ମାନସିକ ଚାପ ବଢ଼ିଚାଲିଥିବା ବିଶେଷଜ୍ଞ କହିଛନ୍ତି।



## ଚେକ୍ ବାଉନ୍ସ ମାମଲା

# ପୂର୍ବତନ ବ୍ୟାଙ୍କ ମ୍ୟାନେଜର୍‌ଙ୍କୁ ୨ ବର୍ଷ ଜେଲ୍, ୫୦ ଲକ୍ଷ ଜରିମାନା

**ବ୍ୟାସନଗର, ୧।୧୧ (ସମିସ):** ଯାଜପୁର ରୋଡ୍ ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟର ସିଭିଲ ଜଜ୍ ତଥା ଫାଷ୍ଟକ୍ଲାସ୍ ମାଜିଷ୍ଟ୍ରେଟ୍ ବିରଜା ପ୍ରସାଦ ପଣ୍ଡା ଶନିବାର ଏକ ଅର୍ଥନୈତିକ ଠକେଇ ମାମଲାର ବିଚାର କରି ଅଭିଯୁକ୍ତ ପୂର୍ବତନ ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ମ୍ୟାନେଜର୍ ଗୌରୀପ୍ରସାଦ ଦାସକୁ ୨ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ ଲକ୍ଷ ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଆଉ ୨ ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି।

ସୂଚନାଯୋଗ୍ୟ, ଯାଜପୁର ରୋଡ୍ ଆଦର୍ଶ ଥାନା ଅନ୍ତର୍ଗତ ଦଳା ମହିଳା କଲେଜ ନିକଟରେ ରହୁଥିବା ଉଦୟ ଚନ୍ଦ୍ରିକା ପେସାରେ ଜଣେ ଠିକାଦାର। ସେ ଯାଜପୁର ରୋଡ୍‌ରେ ଥିବା ଅର୍ବାନ କୋ ଅପରେଟିଭ ବ୍ୟାଙ୍କରେ ତାଙ୍କ ଠିକାଦାର କାର୍ଯ୍ୟର ଅର୍ଥନୈତିକ କାରବାର କରିଥାନ୍ତି। ଏହି ଅବସରରେ ସେଠାରେ ପରିଚାଳକ ଭାବେ କାର୍ଯ୍ୟ କରୁଥିବା ଅଭିଯୁକ୍ତ ଗୌର ପ୍ରସାଦ ଦାସ ଉଦୟ ଚନ୍ଦ୍ରିକାଙ୍କ ସଂସ୍ପର୍ଶରେ ଆସିବା ସହିତ ୨୦୧୮ ଅଗଷ୍ଟ ମାସରେ ତାଙ୍କଠାରୁ ୨୫ ଲକ୍ଷ ଟଙ୍କା ସହାୟତା କରଜ ରାଶି ନେବା ସହିତ ୨୦୧୮ ନଭେମ୍ବର ମାସରେ ଏହି ଅର୍ଥ ଫେରାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ଏନେଇ ସେ ଅର୍ବାନ ବ୍ୟାଙ୍କ କଟକ ତିନିକୋଣିଆ ବଗିଚାର ୧୨୩୦୯୦ ନଂ. ଚେକ୍ ତା ୯-୧୧-୨୦୧୮ ର ସମ୍ପୃକ୍ତ ମହିଳା ଠିକାଦାରଙ୍କୁ ପ୍ରଦାନ କରିଥିଲେ। ତେବେ ସମ୍ପୃକ୍ତ ଠିକାଦାର ବ୍ୟାଙ୍କ ମ୍ୟାନେଜର ଦେଇଥିବା ଚେକ୍ ନିଜ ଖାତାରେ ଲଗାଇବାରୁ ଏହା ବାଉନ୍ସ ହୋଇଯାଇଥିଲା। ଏନେଇ ସମ୍ପୃକ୍ତ ମହିଳା ଠିକାଦାର ଚିଠି ପଠାଇବା ପରେ କିଛି ସୁଫଳ ନ ମିଳିବାରୁ ବାଧ ହୋଇ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ।

ଅଦାଲତ ଏହି ମାମଲାର ଶୁଣାଣି କରି ଅଭିଯୁକ୍ତ ପୂର୍ବତନ ବ୍ୟାଙ୍କ ମ୍ୟାନେଜର ଗୌରୀ ପ୍ରସାଦ ଦାସଙ୍କୁ ୫୦ଲକ୍ଷ ଟଙ୍କା ଜରିମାନା ସମେତ ୨ ବର୍ଷ କାରାଦଣ୍ଡ, ଅନାଦେୟ ଆଉ ୨ମାସ ସଶ୍ରମ କାରାଦଣ୍ଡ ନିର୍ଦ୍ଦେଶ ଦେଇଥିଲେ। ଠିକାଦାର ଉଦୟ ଚନ୍ଦ୍ରିକାଙ୍କ ତରଫରୁ ଯାଜପୁର ରୋଡ୍ କୋର୍ଟରେ ବରିଷ୍ଠ ଆଇନଜୀବୀ ଜଗନ୍ନାଥ ପ୍ରସାଦ ପତି ମାମଲା ପରିଚାଳନା କରୁଥିବା ବେଳେ ଅଭିଯୁକ୍ତ ପୂର୍ବତନ ବ୍ୟାଙ୍କ ମ୍ୟାନେଜରଙ୍କ ତରଫରୁ ଆଇନଜୀବୀ ସୁବାସ ଚନ୍ଦ୍ର ନନ୍ଦ ମାମଲା ପରିଚାଳନା କରୁଥିଲେ।

# ମାଓ ନେତା ଆଜାଦଙ୍କ ସଂପର୍କରେ ରିପୋର୍ଟ ମାଗିଲେ ମାନବାଧିକାର ଆୟୋଗ

ଭୁବନେଶ୍ୱର,୧।୧୧(ସମିସ): ଶୁଣାଣିରେ ବିଳମ୍ବ ହେଉଥିବାରୁ ଆମରଣ ଅନଶନ କରିଥିବା ମାଓନେତା ଡି. କେଶବ ରାଓ ଓରଫ ଆଜାଦ ଗୁରୁତର ହୋଇ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏହି ମାମଲା ଓଏଚ୍‌ଆରସି(ରାଜ୍ୟ ମାନବାଧିକାର ଆୟୋଗ)ଙ୍କ ନିକଟରେ ପହଞ୍ଚିବା ପରେ ଆୟୋଗ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ମାମଲାର ରିପୋର୍ଟ ୪ ତାରିଖ ସୁଦ୍ଧା ଦେବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆମରଣ ଅନଶନରେ ଥିବାରୁ ତାଙ୍କୁ ହେପାଟାଇଟିସ୍ ହୋଇଛି। ତେଣୁ ଏକ ମେଡ଼ିକାଲ ଟିମ୍ ଗଠନ କରି ଚିକିତ୍ସା କରିବାକୁ ମଧ୍ୟ ଜେଲ ଡିଜିଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସୁପ୍ରିମ୍‌କୋର୍ଟ ଆଜାଦଙ୍କ ମାମଲାର ଶୁଣାଣି ପାଇଁ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ଆଇନ୍ ଅନୁସାରେ କଣ କାର୍ଯ୍ୟାନୁଷ୍ଠାନ ନେଇଛ, ତାହା ଜଣାଇବାକୁ ମଧ୍ୟ ଆୟୋଗ କହିଛନ୍ତି। ଆମରଣ ଅନଶନରେ ରହି ଆଜାଦ ଗୁରୁତର ହେବା ପରେ ତାଙ୍କ ଭାଇ ଏବଂ ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ ରାଜ୍ୟ ମାନବାଧିକାର ଆୟୋଗଙ୍କ ନିକଟରେ ପିଟିସନ୍ ଦାଖଲ କରିଥିଲେ। ଏହି ପିଟିସନର ଶୁଣାଣି କରି ଆୟୋଗ ଇତିମଧ୍ୟରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ଜେଲ ଡିଜିଙ୍କୁ ରିପୋର୍ଟ ତଲବ କରିଛନ୍ତି।

ଆଜାଦ ଗତ ୧୭ ଦିନ ହେବ ଆମରଣ ଅନଶନ ଜାରି ରଖିଛନ୍ତି। ଆଜାଦଙ୍କ ସମସ୍ତ ମାମଲା ଏକ କମିଟି ଗଠନ କରି ଶୁଣାଣି ଶେଷ କରିବା ପାଇଁ ସୁପ୍ରିମ୍‌କୋର୍ଟ ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କୋର୍ଟଙ୍କ ଏହି ନିର୍ଦ୍ଦେଶ ଆଧାରରେ ଆନ୍ଧ୍ର ସରକାର କମିଟି ଗଠନ କରିଥିବା ବେଳେ ଓଡ଼ିଶା ସରକାର ଏପର୍ଯ୍ୟନ୍ତ କରିନାହିଁ। ପୂର୍ବରୁ ମଧ୍ୟ ସେ ଏନେଇ ରାଷ୍ଟ୍ରପତି ଏବଂ ରାଜ୍ୟପାଳଙ୍କୁ ଚିଠି ଲେଖି ଜଣାଇଥିଲେ। କିଛି ଫଳ ନମିଳିବାରୁ ସେ ଆମରଣ ଅନଶନ କରିଛନ୍ତି।

ସୂଚନାଯୋଗ୍ୟ ଯେ ମାଓନେତା ଆଜାଦ ଓଡ଼ିଶାରେ ବିଭିନ୍ନ ହିଂସାକାଣ୍ଡରେ ସମ୍ପୃକ୍ତି ମାମଲାରେ ଝାରପଡା ଜେଲରେ ଅଛନ୍ତି। ମେ' ୧୮, ୨୦୧୧ରେ ଆଜାଦ ଆନ୍ଧ୍ରପ୍ରଦେଶ ପୁଲିସ ଡିଜିଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ। ଏହା ପରେ ଓଡ଼ିଶା ପୁଲିସ ଆଜାଦଙ୍କୁ ଗିରଫ କରିଥିଲା। ସ୍ୱାମୀ ଲକ୍ଷ୍ମଣାନନ୍ଦ ହତ୍ୟା ଘଟଣା, ନୟାଗଡ ଅସ୍ତ୍ରାଗାର ଲୁଟ୍, ଆର.ଉଦୟଗିରି ଜେଲ ଆକ୍ରମଣ ପରି ବହୁ ବଡ଼ ବଡ଼ ହିଂସା କାଣ୍ଡରେ ଆଜାଦଙ୍କ ସମ୍ପୃକ୍ତି ଥିବା ନେଇ ଅଭିଯୋଗ ରହିଛି। ତେବେ ୧୪ବର୍ଷ ଧରି ଜେଲରେ ରହି ଥିବାରୁ ଆଜାଦଙ୍କ ସମ୍ପର୍କୀୟ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ଉଭୟ ଆନ୍ଧ୍ର ଓ ଓଡ଼ିଶାରେ ସ୍ପେଶାଲ କୋର୍ଟ ଗଠନ କରି ମାଓ ସମ୍ପର୍କିତ ମାମଲାର ବିଚାରଣ ଲାଗି ନିର୍ଦ୍ଦେଶ ଦେଇଥିଲେ। ଏକ ବର୍ଷ ମଧ୍ୟରେ ସମସ୍ତ ମାମଲାର ବିଚାର କରିବା ଲାଗି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବା ସହ ସେପ୍ଟେମ୍ବର ପହିଲାରୁ ଶୁଣାଣି ଆରମ୍ଭ ହେବାର ଥିଲା। ଏବେ ଶୁଣାଣି ଆରମ୍ଭ ହୋଇ ନଥିବାରୁ ଆମରଣ ଅନଶନ ଆରମ୍ଭ କରିଛି ଆଜାଦ।

■ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜେଲ ଡିଜିଙ୍କୁ ନୋଟିସ
■ ମେଡିକାଲ ଟିମ୍ ଗଠନ କରି ଚିକିତ୍ସା କରାଅ: ଆୟୋଗ

# 'ସୁଭଦ୍ରା ଶକ୍ତିମେଳା-୨୦୨୫' ଉଦ୍‌ଘାଟିତ

ଭୁବନେଶ୍ୱର, ୧।୧୧(ସମିସ): 'ସୁଭଦ୍ରା ଶକ୍ତି ମେଳା' କେବଳ ଉତ୍ପାଦିତ ସାମଗ୍ରୀର ପ୍ରଦର୍ଶନୀ ବା ବିକ୍ରୟର ସ୍ଥାନ ନୁହେଁ; ମା'ମାନଙ୍କର ଶ୍ରମ, ସୃଜନଶୀଳତା ଓ ସଫଳତାର ମେଳା ବୋଲି 'ସୁଭଦ୍ରା ଶକ୍ତି ମେଳା' ଦ୍ୱିତୀୟ ସଂସ୍କରଣକୁ ଉଦ୍ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଆଜିଠାରୁ ଆରମ୍ଭ ହୋଇଥିବା ଏହି ମେଳାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଥିଲେ ଯେ ସୁଭଦ୍ରାର ମା'ମାନେ ତାଙ୍କର ଉତ୍ପାଦିତ ସାମଗ୍ରୀ ଜରିଆରେ ରାଜ୍ୟ ପାଇଁ ସୁନାମ ଆଣୁଛନ୍ତି। ପ୍ରତ୍ୟେକ ଘରୁ ଜଣେ ଲେଖାଏଁ ଲକ୍ଷପତି ଦିଦି ସୃଷ୍ଟି କରିବା ଆମର ଲକ୍ଷ୍ୟ। ଗତ ସଂସ୍କରଣରେ ୮ କୋଟି ଟଙ୍କାର ବ୍ୟବସାୟ ହୋଇଥିବା ବେଳେ ଚଳିତ ସଂସ୍କରଣରେ ୧୫ କୋଟି ଟଙ୍କାର ବ୍ୟବସାୟ ପାଇଁ ଆଶା ରହିଛି ବୋଲି ସେ କହିଥିଲେ।

ଆସନ୍ତା ୧୨ ତାରିଖ ଯାଏଁ ଚାଲିବାକୁ ଥିବା ଏହି ମେଳାରେ ରାଜ୍ୟର ସମସ୍ତ ଜିଲ୍ଲାରୁ ୩୦୦ରୁ ଊର୍ଦ୍ଧ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଭାଗନେଇ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟର ପ୍ରଦର୍ଶନ ଓ ବିକ୍ରୟ କରୁଛନ୍ତି। ଏଥିସହିତ ପଞ୍ଜାବ, ଝାଡ଼ଖଣ୍ଡ, ଆନ୍ଧ୍ର ପ୍ରଦେଶ, ବିହାର, ଆସାମ, ପଶ୍ଚିମବଙ୍ଗ, ଛତିଶଗଡ଼, ଗୁଜୁରାଟ ଆଦି ୧୧ଟି ରାଜ୍ୟରୁ ନିମନ୍ତ୍ରିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସେମାନଙ୍କ ରାଜ୍ୟର ଉତ୍କୃଷ୍ଟ ଉତ୍ପାଦକୁ ଷ୍ଟଲ୍‌ରେ ପ୍ରଦର୍ଶନ କରିଛନ୍ତି। ଉଦ୍ଘାଟନୀ ଉତ୍ସବରେ ମିଶନ ଶକ୍ତି ବିଭାଗର କମିସନର ତଥା ଶାସନ ସଚିବ ଗିରିଶ ଏସ.ଏନ୍ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭାଗୀୟ ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଚରଣ ବିଧି ଉଲ୍ଲଙ୍ଘନ ଅଭିଯୋଗରେ ସିଇଓଙ୍କୁ ଭେଟିଲା ବିଜେଡି

ଭୁବନେଶ୍ୱର,୧।୧୧(ସମିସ): ନୂଆପଡ଼ାରେ ପୁଲିସ ଅଧିକାରୀମାନେ ନିଜକୁ ଶାସକ ବିଜେପିର ଏଜେଣ୍ଟ ପରି ଆଚରଣ କରୁଛନ୍ତି। ପୁଲିସ ପ୍ରଶାସନର ଅପବ୍ୟବହାର କରି ବିଜେପି ନୂଆପଡା ଉପନିର୍ବାଚନକୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଥିବା ଅଭିଯୋଗ କରି ବିଜୁ ଜନତା ଦଳ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ଆଗରେ ଫେରାଦ ହୋଇଛି।



■ ପୁଲିସ ପ୍ରଶାସନକୁ ବ୍ୟବହାର କରି ବିଜେପି ନିର୍ବାଚନ ଜିତିବାକୁ ଅପଚେଷ୍ଟା କରୁଛି
■ ବିଜେପିରେ ଯୋଗଦେବା ପାଇଁ ପୁଲିସ ବିଜେଡି କର୍ମୀଙ୍କ ଉପରେ ଚାପ ପକାଉଛି
■ ବିଜେପିର ଷ୍ଟାର୍ ପ୍ରଚାରକ ଭଳି କାମ କରୁଛନ୍ତି ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ୍

ଦଳର ଏକ ପ୍ରତିନିଧି ମଣ୍ଡଳୀ ଶନିବାର ସିଇଓଙ୍କୁ ଭେଟି ନୂଆପଡ଼ା ଉପନିର୍ବାଚନରେ ବିଜେପି ଦ୍ୱାରା ପ୍ରଶାସନିକ କଳର ଅପବ୍ୟବହାର ଅଭିଯୋଗ କରି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ବିଜେଡି ଅଭିଯୋଗ କରିଛି ଯେ ଖରିଆର ରୋଡ୍‌ର ବିଜେଡି ଛାତ୍ର ସଭାପତି ମନୀଷ ଦେବଙ୍ଗନଙ୍କୁ ପୁଲିସ ଦ୍ୱାରା ଚାପ ପକାଯାଇ ବିଜେପିରେ ଯୋଗଦାନ କରାଯାଇଛି। ମନୀଷ ବିଜେପିରେ ଯୋଗଦାନ କରିବାର ପୂର୍ବ ସନ୍ଧ୍ୟାରେ ସାମାଜିକ ଗଣମାଧ୍ୟମରେ ସେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱକୁ ପ୍ରଶଂସା କରିବା ସହିତ ସେ ବିଜେଡିରେ ଅଛନ୍ତି ବୋଲି କହିଥିଲେ। ଏହାର କିଛି ଘଣ୍ଟା ପରେ ସେ ହ୍ୱାଟ୍ସଆପରେ ମେସେଜ୍ ଦେଇ ତାଙ୍କୁ ପୁଲିସ ଉଠାଇ ନେଇଛି ଓ ବିଜେପିରେ ଯୋଗଦେବା ପାଇଁ ତାଙ୍କ ଉପରେ ଚାପ ପକାଉଛି ବୋଲି କହିଥିଲେ। ଏହାର ପରଦିନ ମନୀଷ ବିଜେପିରେ ଯୋଗ ଦେଇଥିଲେ। ଏହି ଘଟଣାରୁ ବିଜେପି ପୁଲିସ ପ୍ରଶାସନକୁ ବ୍ୟବହାର କରି ନିର୍ବାଚନକୁ ପ୍ରଭାବିତ କରୁଥିବା ସ୍ପଷ୍ଟ ପ୍ରମାଣିତ ହେଉଛି ବୋଲି ବିଜେଡି ଅଭିଯୋଗ କରିଛି।

ସ୍ମାରକପତ୍ରରେ ଆହୁରି କୁହାଯାଇଛି ଯେ ଜିଲ୍ଲାରେ କାର୍ଯ୍ୟରତ ଏସ୍‌ପି ଅମ୍ରିତପାଲ ସିଂହଙ୍କ କାର୍ଯ୍ୟକଳାପକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ପୂର୍ବରୁ ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି କନୱର ବିଶାଲ ସିଂହଙ୍କୁ ଛୁଟିରେ ପଠାଯାଇ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ୍‌ଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଆଇଜି ଏବେ ବିଜେପିର ଷ୍ଟାର୍ ପ୍ରଚାରକ ଭଳି କାର୍ଯ୍ୟ କରୁଥିବା ବିଜେଡି ପକ୍ଷରୁ ଅଭିଯୋଗ ହୋଇଛି। ବିଜେପି ଦ୍ୱାରା ପ୍ରଶାସନିକ କଳର ଅପବ୍ୟବହାର କରି ବିଜେପି ନିର୍ବାଚନର ଆଦର୍ଶ ଆଚରଣ ବିଧିକୁ ଉଲ୍ଲଙ୍ଘନ କରୁଥିବାର ଦଳ କହିଛି।

ସ୍ମାରକପତ୍ର ପ୍ରଦାନ କରିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିଜେଡିର ମୁଖପାତ୍ର ଡ. ଲେନିନ ମହାନ୍ତି କହିଥିଲେ ଯେ ପରାଜୟ ଭୟରେ ବିଜେପି ଆତଙ୍କିତ ହୋଇ ପ୍ରଶାସନକୁ ବ୍ୟବହାର କରି ନିର୍ବାଚନ ବୈତରଣୀ ପାର ହେବାକୁ ଉଦ୍ୟମ କରୁଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ବାଚନୀ ଗସ୍ତ କାର୍ଯ୍ୟକ୍ରମ ସ୍ଥିର ହୋଇଯିବା ପରେ, ବିଜେପି ଭୟଭୀତ ହୋଇପଡିଛି । କିନ୍ତୁ ବିଜେପିର କୌଣସି ଚାଲ ଚଳିବ ନାହିଁ। ନୂଆପଡ଼ାବାସୀ ବିଜୁ ଜନତା ଦଳ ସହିତ ଅଛନ୍ତି ସେ କହିଛନ୍ତି।

■ ଜାପାନୀ ନାଗରିକଙ୍କୁ ଠକେଇ

# ସାଇବର ସିଣ୍ଡିକେଟ୍‌ର ମାଷ୍ଟରମାଇଣ୍ଡ ଦ୍ୱିବେନ୍ଦୁଙ୍କୁ ବାନ୍ଧିଲା ସିବିଆଇ

ଭୁବନେଶ୍ୱର,୧।୧୧(ସମିସ): ସାଇବର ଅପରାଧରେ ଲିପ୍ତ ରହି ଜାପାନର ନାଗରିକଙ୍କୁ ଠକୁଥିବା ଅଭିଯୋଗରେ ଅନ୍ତର୍ଜାତୀୟ ସାଇବର ସିଣ୍ଡିକେଟ୍‌ର ମାଷ୍ଟରମାଇଣ୍ଡ ଦ୍ୱିବେନ୍ଦୁ ମହାରଣାଙ୍କୁ ସିବିଆଇ ଗିରଫ କରିଛି। ସିବିଆଇ ତାଙ୍କୁ ସ୍ଥାନୀୟ ଅଦାଲତରେ ହାଜର କରି ଟ୍ରାଞ୍ଜିଟ୍ ରିମାଣ୍ଡରେ ନୂଆଦିଲ୍ଲୀ ନେବା ପରେ ସ୍ଥାନୀୟ ସିବିଆଇ କୋର୍ଟରେ ହାଜର କରିଥିଲା। ଅଧିକ ପଚରାଉଚରା ପାଇଁ ଦ୍ୱିବେନ୍ଦୁଙ୍କୁ ସିବିଆଇ ରିମାଣ୍ଡରେ ନେବାକୁ କୋର୍ଟଙ୍କ ନିକଟରେ ଆବେଦନ କରିଥିଲା। କୋର୍ଟ ସିବିଆଇକୁ ୩ ଦିନିଆ ରିମାଣ୍ଡ ଅନୁମତି ପ୍ରଦାନ କରିଛନ୍ତି। ସିବିଆଇର ସୂଚନା ମୁତାବକ, ଦ୍ୱିବେନ୍ଦୁ ଉତ୍ତରପ୍ରଦେଶର ନୋଏଡାରେ ଭୋଇପ୍ କନେକ୍ଟ ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ କଲ୍ ସେଣ୍ଟର ଚଳାଉଥିଲେ। ଏହି କଲ୍ ସେଣ୍ଟରରୁ ପ୍ରସ୍ତୁତ ହେଉଥିଲା ସାଇବର ଅପରାଧର ସମ୍ପୂର୍ଣ୍ଣ ବ୍ଲୁ-ପ୍ରିଣ୍ଟ। ଏହି କଲ୍ ସେଣ୍ଟ୍ରରେ ସେ ବହୁରାଷ୍ଟ୍ରୀୟ କମ୍ପାନୀ ଏକ୍ସପର୍ଟ ଏବଂ କଥା କହି ଜାପାନୀ ନାଗରିକଙ୍କୁ ଫସାଇ ପାରୁଥିବା ଲୋକଙ୍କୁ ବହୁ ଅଧିକ ବେତନରେ ନିଯୁକ୍ତି ଦେଇଥିଲେ। ଏହି ଏକ୍ସପର୍ଟମାନଙ୍କ ଜରିଆରେ ଦ୍ୱିବେନ୍ଦୁ କୋଟି କୋଟି ଟଙ୍କା ଠୁଳ କରିଥିବା ଜଣାପଡ଼ିଛି। ସିବିଆଇ ଦ୍ୱାରା ଆରମ୍ଭ କରାଯାଇଥିବା ଅପରେସନ ଚକ୍ର-୫ ଅଧୀନରେ ଗତ ମାସ ୨୮ ତାରିଖରେ ଦେଶର ୧୯ଟି ସ୍ଥାନରେ ଚଢ଼ଉ କରାଯାଇଥିଲା। ଦ୍ୱିବେନ୍ଦୁଙ୍କ କଲ୍ ସେଣ୍ଟରକୁ ସିବିଆଇ ଠାବ କରିବା ପରେ ସେ ଭୁବନେଶ୍ୱରରୁ ୟୁଏଇ ଯିବାକୁ ଯୋଜନା କରିଥିଲେ। ତାଙ୍କ ବିରୋଧରେ ପୂର୍ବରୁ ଲୁକ୍ ଆଉଟ୍ ସର୍କୁଲାର ଜାରି କରାଯାଇଥିଲା। ଦ୍ୱିବେନ୍ଦୁ ଗତ ୨୯ ତାରିଖରେ ୟୁଏଇ ପଳାଇଯିବାକୁ ଉଦ୍ୟମ କରୁଥିବାବେଳେ ଭୁବନେଶ୍ୱର ବିମାନବନ୍ଦରରେ ସିବିଆଇ ହାତରେ ଧରାପଡ଼ି ଯାଇଥିଲେ। ଏହି ମାମଲାରେ ସିବିଆ ଏପର୍ଯ୍ୟନ୍ତ ମୋଟ ୬ଜଣଙ୍କୁ ଗିରଫ କରିଛି। ଏହି ଅପରେସନ୍ରେ ଜାପାନର ଜାତୀୟ ପଲିସି ଏଜେନ୍ସି ଏବଂ ମାଇକ୍ରୋସଫ୍ଟ ସହଯୋଗ କରିଥିବା ନେଇ ସିବିଆଇ ପକ୍ଷରୁ ସୂଚନା ଦିଆଯାଇଛି।

# ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମରେ ଯୋଡ଼ିହେଲା ଆଉ ୧୨ ସହର

ଭୁବନେଶ୍ୱର,୧।୧୧(ସମିସ): ରାଜ୍ୟରେ ପ୍ରଦୂଷଣ ମାତ୍ରା ଅଧିକ ରହୁଥିବା ଆଉ ୧୨ଟି ସହରକୁ ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ (ଏସ୍‌ସିଏପି)ରେ ଅନ୍ତର୍ଭୁକ୍ତ କରାଯାଇଛି। ବାୟୁର ପ୍ରଦୂଷଣ ମାତ୍ରା ଆଧାରରେ ରାଜ୍ୟର ବଡ଼ବିଲ, ବ୍ରହ୍ମପୁର, ବେଲପାହାଡ଼, ବଣାଇ, ବ୍ରଜରାଜନଗର, ଝାରସୁଗୁଡ଼ା, ଯୋଡ଼ା, କେନ୍ଦୁଝର, ପାରାଦ୍ୱୀପ, ପୁରୀ, ରାଜଗାଙ୍ଗପୁର, ସମ୍ବଲପୁର ଆଦି ସହରଗୁଡ଼ିକ ପର୍ଯ୍ୟାୟଭୁକ୍ତ ଭାବେ ଚିହ୍ନିତ କରାଯାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ୨୦୨୫ରୁ ୨୦୩୦ ମସିହା ସୁଦ୍ଧା ଉପରୋକ୍ତ ୧୨ ସହରରେ ଏସ୍‌ସିଏପି କାର୍ଯ୍ୟକାରୀ ହେବ। ଏଥିପାଇଁ ୨୦୨୫-୨୬ ଆର୍ଥିକ ବର୍ଷରୁ ପ୍ରତିବର୍ଷ ପର୍ଯ୍ୟାୟକ୍ରମେ ଏହି ସହରଗୁଡ଼ିକ ପାଇଁ ମୋଟ ୧୫୦ କୋଟି ଟଙ୍କା ବ୍ୟୟ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଶନିବାର ପ୍ରଦୂଷଣ ନିୟନ୍ତ୍ରଣ ସଂପର୍କିତ ୬ଷ୍ଠ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ୫ମ ପରିଚାଳନା କମିଟି ନିଷ୍ପତ୍ତିର କାର୍ଯ୍ୟାନ୍ୱୟନ ସଂପର୍କରେ ସମୀକ୍ଷା କରିବା ସହ ମୁଖ୍ୟ ସଚିବ ଜାତୀୟ ଏବଂ ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମକୁ ଅଧିକ ତଥ୍ୟଭିତ୍ତିକ ଏବଂ ଉପଯୁକ୍ତ ଭାବେ ପରିଚାଳନା କରିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବଗୁଡ଼ିକୁ ସଂପୃକ୍ତ ବିଭାଗମାନଙ୍କ ସହିତ ଆଲୋଚନା ସହିତ ସଂସ୍ଥାଗତ ପରିଚାଳନାକୁ ସୁବ୍ୟବସ୍ଥିତ କରିବା ଏବଂ ଜିଲ୍ଲାସ୍ତରରେ ଜିଲ୍ଲାପାଳମାନଙ୍କ ସହିତ ସମନ୍ୱୟ କରି କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଥିଲେ।

# ଦୁଇ ଦିନିଆ ହସ୍ତତନ୍ତ ଓ ହସ୍ତଶିଳ୍ପ ସମ୍ମିଳନୀ ଉଦ୍‌ଯାପିତ

ଭୁବନେଶ୍ୱର,୧।୧୧(ସମିସ): ବୁଣାକାର ଓ ହସ୍ତଶିଳ୍ପୀଙ୍କୁ ଉନ୍ନତ ଉପକରଣ ପ୍ରଦାନ ଦ୍ୱାରା ଉତ୍କୃଷ୍ଟମାନର ସାମଗ୍ରୀ ପ୍ରସ୍ତୁତ ହୋଇପାରିବ ବୋଲି କେନ୍ଦ୍ର ବୟନଶିଳ୍ପ ମନ୍ତ୍ରାଳୟର ସଚିବ ନୀଲମ ଶମ୍ମି ରାଓ ଭୁବନେଶ୍ୱରରେ ଆୟୋଜିତ ଦୁଇ ଦିନିଆ ଜାତୀୟ ହସ୍ତତନ୍ତ ଏବଂ ହସ୍ତଶିଳ୍ପ ସମ୍ମିଳନୀର ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଛନ୍ତି। କାର୍ଯ୍ୟକ୍ରମରେ ଯୋଗ ଦେଇ ଉନ୍ନୟନ କମିଶନର ଅନୁ ଗର୍ଗ ପାରମ୍ପରିକ କୌଶଳ ସହ ନବସୃଜନର ମିଶ୍ରଣ କରି ସମୟ ଉପଯୋଗୀ ସାମଗ୍ରୀ ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରିଥିଲେ। ଏମ୍. ବୀଣା, ଉନ୍ନୟନ ଆୟୁକ୍ତ (ହସ୍ତତନ୍ତ) ଏବଂ ଅମୃତା ରାଜ, ଉନ୍ନୟନ ଆୟୁକ୍ତ (ହସ୍ତଶିଳ୍ପ) ଭାରତୀୟ ସାମଗ୍ରୀର ବିଶ୍ୱସ୍ତରୀୟ ବ୍ରାଣ୍ଡିଂକୁ ଅଧିକ ଧ୍ୟାନ ଦେବାକୁ କହିଥିବାବେଳେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ଗୁହା ପୁନମ ତାପସ କୁମାର ବୁଣାକାର ଏବଂ କାରିଗରଙ୍କ ମଙ୍ଗଳ ପାଇଁ ଓଡ଼ିଶା ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୨ ଶ୍ରଦ୍ଧାଳୁ...

ପ୍ରଦେଶରେ ମନ୍ଦିରକୁ ନେଇ ଏଭଳି ଘଟଣାରେ ୨୪ ଜଣ ଭକ୍ତ ପ୍ରାଣ ହରାଇଲେଣି। ମିଳିଥିବା ସୂଚନା ଅନୁଯାୟୀ ମନ୍ଦିର ସିଢ଼ିରେ ଲୋକଙ୍କ ପ୍ରବଳ ଭିଡ଼ ହୋଇଥିଲା। ଏଥିରେ ଅଧିକାଂଶ ମହିଳା, ଛୋଟପିଲା ଓ ବୟସ୍କ ଲୋକ ଥିଲେ। ଏତିକି ବେଳେ ରେଲିଂ ଭାଙ୍ଗିବାରୁ ଲୋକେ ତଳକୁ ପଡ଼ିବା ଆରମ୍ଭ କରିଥିଲେ। କେତେକ ଲୋକ ୬ ଫୁଟ ଉପରୁ ପଡୁଥିବାରୁ ଦେଖାଯାଇଥିଲା। ମହିଳା ଓ ପିଲାମାନେ ବାହାରକୁ ବାହାରିବା ପାଇଁ ଚିତ୍କାର କରିଥିଲେ। କେତେକ ଲୋକ ନିଜର ଜୀବନ ବଞ୍ଚାଇବାକୁ ଲୋକଙ୍କ ଉପରେ ହିଁ ଚଢ଼ି ବାହାରକୁ ବାହାରି ଯାଇଥିଲେ। ଏହାକୁ ନେଇ ସେଠାରେ ଦଳାଚକଟା ହୋଇଥିଲା। ପ୍ରତି ସପ୍ତାହରେ ପାଖାପାଖି ୧୫୦୦ରୁ ୨୦୦୦ ଶ୍ରଦ୍ଧାଳୁ ଦର୍ଶନ ପାଇଁ ଏହି ମନ୍ଦିରକୁ ଆସିଥାନ୍ତି ବୋଲି ଆନ୍ଧ୍ର ପ୍ରଦେଶ ଗୃହମନ୍ତ୍ରୀ ଅନୀତା କହିଛନ୍ତି। କିନ୍ତୁ ଶନିବାର ଏକାଦଶୀ ହେବା କାରଣରୁ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା। ମନ୍ଦିର ପ୍ରଥମ ମହଲାରେ ସ୍ଥିତ ଓ ସେଠାକୁ ଯିବା ପାଇଁ ୨୦ଟି ସିଢ଼ି ଅଛି। ଶ୍ରଦ୍ଧାଳୁ ଚଢ଼ିବା ବେଳେ ଠେଲାପେଲା ହେବା କାରଣରୁ ରେଲିଂ ଭାଙ୍ଗିଥିଲା ଓ ଦଳଚକଟା ହୋଇଥିଲା ବୋଲି ସେ କହିଛନ୍ତି। ଏହି ମନ୍ଦିର ବେସରକାରୀ ସଂସ୍ଥା ଦ୍ୱାରା ପରିଚାଳିତ। ସେମାନେ ଆଜିର କାର୍ଯ୍ୟକ୍ରମ ପାଇଁ ପ୍ରଶାସନ ଠାରୁ ଅନୁମତି ନେଇନଥିଲେ। ତେଣୁ ଏହାର ଯାଞ୍ଚ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ଏହି ଦୁଃଖଦ ଘଟଣା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଶୋକ ପ୍ରକାଶ କରିଛନ୍ତି।

### ଆଖିବୁଜିଲେ ପାତ୍ରପୁର...

ଗାଁରେ ରୁପାଙ୍କ ଶବ ପହଞ୍ଚିଥିବା ବେଳେ ସମ୍ପର୍କୀୟମାନେ ପହଞ୍ଚିବା ପରେ ରବିବାର ତାଙ୍କ ସଂସ୍କାର ହେବ। ପ୍ରକାଶଯୋଗ୍ୟ, ରୁପାଙ୍କ ମା' ପୂର୍ବରୁ ପ୍ରାଣ ହରାଇଥିଲେ। ରୁପାଙ୍କ ମୃତ୍ୟୁ ପରେ ତାଙ୍କ ବାପା ଦିଲେଶ ଏବେ ସଂପୂର୍ଣ୍ଣ ବେସାହାରା ହୋଇପଡ଼ିଛନ୍ତି।

### ନେପାଳ ସୀମାରୁ...

ସହଯୋଗ କରୁଥିଲା। ସେ କେବଳ ଏହି ଜାଲିଆତି ମାମଲାର ମାଷ୍ଟରମାଇଣ୍ଡ ନାଁ ତା ଉପରେ ବି ଆଉ କିଏ କିଙ୍ଗ୍‌ପିନ୍ ରହିଛି ସେ ନେଇ କ୍ରାଇମ୍‌ବ୍ରାଞ୍ଚ ଖୋଳତାଡ଼ କରିବ। ଅନ୍ୟପକ୍ଷରେ ଏହି ମାମଲାରେ ଏକ ଅନ୍ତଃରାଜ୍ୟ ରାକେଟ୍‌ର ସମ୍ପୃକ୍ତି ରହିଛି ବୋଲି କ୍ରାଇମ୍‌ବ୍ରାଞ୍ଚ ଡିଜି ସୂଚନା ଦେଇଥିଲେ। ତାଙ୍କ ଗିରଫଦାରୀ ଏହି ଅନ୍ତରାଜ୍ୟ ରାକେଟ୍‌ର ପର୍ଦ୍ଦାଫାସ ହୋଇପାରିବ ବୋଲି ଆଶା କରାଯାଉଛି।

ସୂଚନାଯୋଗ୍ୟ ।।ଯେ ପରୀକ୍ଷା ପରିଚାଳନା ପାଇଁ କେନ୍ଦ୍ରୀୟ ପିଏସ୍‌ୟୁ ସଂସ୍ଥା ଆଇଟିଆଇ ଲିମିଟେଡ୍ ଟେଣ୍ଡର ପାଇଥିବା ବେଳେ ପରବର୍ତ୍ତୀ ସମୟରେ ପରୀକ୍ଷା ପରିଚାଳନା ପାଇଁ ସିଲିକନ୍ ପ୍ରାଇଭେଟ୍ ଲିମିଟେଡ୍‌କୁ ସବ୍‌କଣ୍ଟ୍ରାକ୍ଟ ଦେଇଥିଲା। ଏହାପରେ ପୁଣି ସିଲିକନ୍ ପକ୍ଷରୁ ପରୀକ୍ଷା ପରିଚାଳନା ପାଇଁ ପଞ୍ଚସଫ୍ଟ କମ୍ପାନୀକୁ ସବ୍-କଣ୍ଟ୍ରାକ୍ଟ ଦେଇଥିଲା। ଏ ସମ୍ପର୍କରେ ଓପିଆର୍‌ବିକୁ ମଧ୍ୟ ଅବଗତ କରାଯାଇ ନଥିଲା। ପରୀକ୍ଷା ପାଇଁ ପ୍ରଶ୍ନପତ୍ର ପ୍ରସ୍ତୁତିଠାରୁ ଆରମ୍ଭ କରି ସମସ୍ତ ଗୋପନୀୟ କାର୍ଯ୍ୟ ପଞ୍ଚସଫ୍ଟ କମ୍ପାନୀର ନିର୍ଦ୍ଦେଶକ ଥିବା ଶଙ୍କର ପୃଷ୍ଟି କରୁଥିଲା ଏବଂ ସେହିଠାରୁ ହିଁ ସେ ପ୍ରଶ୍ନପତ୍ର ଲିକ୍ କରି ପରୀକ୍ଷା ପୂର୍ବରୁ ପିଲାଙ୍କୁ ପ୍ରସ୍ତୁତି କରିବାକୁ ଯୋଜନା କରିଥିବା ଅଭିଯୋଗ ହୋଇଥିଲା। ୧୧୪ଜଣ ପରୀକ୍ଷାର୍ଥୀଙ୍କ ସମେତ ୩ଜଣ ଦଲାଲ୍ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରସ୍ତୁତି କରିବା ପାଇଁ ବିଶାଖାପାଟଣା ଯାଉଥିବା ବେଳେ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍‌ଠାରୁ ଗତ ସେପ୍ଟେମ୍ବର ୩୦ ତାରିଖ ବିଳମ୍ବିତ ରାତିରେ ପୁଲିସ୍ ଗିରଫ କରିଥିଲା। ଏହାପରେ ଆଉ ଦୁଇ ଜଣ ଦଲାଲ୍ ବିଶ୍ୱରଞ୍ଜନ ବେହେରା ଓ ଅରବିନ୍ଦକୁ ଗିରଫ କରିବା ପରେ ଗିରଫଦାରୀ ସଂଖ୍ୟା ୧୧୯ରେ ପହଞ୍ଚିଥିଲା। ହେଲେ ଘଟଣାରେ କିଙ୍ଗପିନ୍ କୁହାଯାଉଥିବା ମୁନା ମହାନ୍ତି ଓ ତାର ସହଯୋଗୀଙ୍କୁ ଗିରଫ କରିବାରେ କ୍ରାଇମ୍‌ବ୍ରାଞ୍ଚକୁ ଝାଳନାଳ ହେବାକୁ ପଡ଼ିଥିଲା। ଘଟଣାର ୧୭ ଦିନ ପରେ ଯାଇ ମୁନ୍ନା ସମେତ ତାର ସହଯୋଗୀ ଶ୍ରୀକାନ୍ତ ମହାରଣା ଓ ସିକାନ୍ତ ମହାରଣାକୁ ଦଶପଲ୍ଲାର ଏକ ଫାର୍ମହାଉସ୍‌ରୁ ଏବଂ ପିଲା ଯୋଗାଡ଼ କରୁଥିବା ପ୍ରିୟଦର୍ଶିନୀ ସାମଲକୁ ଗିରଫ କରାଯାଇଥିଲା। ଫଳରେ ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ମୋଟ୍ ୧୨୩ ଜଣଙ୍କୁ ପୂର୍ବରୁ କ୍ରାଇମ୍‌ବ୍ରାଞ୍ଚ ଗିରଫ କରିଥିଲା।

### ଜାଭେଦ ଅଖତର୍‌ଙ୍କୁ...

ଜାଭେଦ ଅଖତର ଏକାଧାରରେ ଜଣେ ସଂଳାପଲେଖକ, ଗୀତିକାର, କବି ଏବଂ ଚିନ୍ତକ। ତାଙ୍କର ଲେଖନୀ ଆଧୁନିକ ଭାରତର ଭାବପ୍ରବଣ ଓ ସାଂସ୍କୃତିକ ଦୃଶ୍ୟପଟ୍ଟକୁ ସମୃଦ୍ଧ କରିଆସିଛି। ଜଣେ ଉଚ୍ଚକୋଟୀର ଗୀତିକାର ଭାବେ ତାଙ୍କର କୃତି ଭାରତୀୟ ସିନେମାକୁ ଆହୁରି ସମୃଦ୍ଧ କରିବାରେ ସହାୟକ ହୋଇଛି। ପାଞ୍ଚଥର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଏବଂ ୧୫ଥର ଫିଲ୍ମଫେୟାର୍ ପୁରସ୍କାରରେ ସମ୍ମାନିତ ଅଖତରଙ୍କୁ ୧୯୯୯ ମସିହାରେ ପଦ୍ମଶ୍ରୀ, ୨୦୦୭ରେ ପଦ୍ମଭୂଷଣ ଓ ୨୦୧୪ରେ ସାହିତ୍ୟ ଅକାଦେମି ସମ୍ମାନରେ ସମ୍ମାନିତ କରାଯାଇଛି। ତାଙ୍କର କବିତା ସଂକଳନ 'ତର୍କଷ' ଓ 'ଲାଭା' ଆଧୁନିକ ହିନ୍ଦୀ ସାହିତ୍ୟରେ ସର୍ବାଦୃତ ପୁସ୍ତକ ଭାବେ ପରିଗଣିତ ହେବା ସହ ବିଭିନ୍ନ ଭାରତୀୟ ଏବଂ ବିଦେଶୀ ଭାଷାରେ ମଧ୍ୟ ଅନୁବାଦ କରାଯାଇଛି। ଉନ୍ନତ ଚିନ୍ତାଧାରାସମ୍ପନ୍ନ ଅଖତର୍ ହାର୍ଭାର୍ଡ୍, ଅକ୍ସଫୋର୍ଡ ଏବଂ କେମ୍ବ୍ରିଜ୍ ଭଳି ପୃଥିବୀର ଅଗ୍ରଣୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀ ଓ ପ୍ରଫେସରମାନଙ୍କୁ ସମ୍ବୋଧିତ କରିଛନ୍ତି। ଭାରତୀୟ ସିନେମାର ଶବ୍ଦର ଯାଦୁକର ଭାବେ ପରିଚିତ ଜାଭେଦ ଅଖତରଙ୍କ ସାହିତ୍ୟକୃତି ଯୁବପିଢ଼ିଙ୍କୁ ଉତ୍ସାହ ପ୍ରଦାନ କରିଆସିଛି।

ସୋଆ ପରିଚାଳିତ ସେଣ୍ଟର୍ ଫର୍ ପ୍ରିଜରଭେସନ୍, ପ୍ରୋପାଗେସନ୍ ଆଣ୍ଡ ରେଷ୍ଟୋରେସନ୍ ଅଫ୍ ଏନ୍‌ସିଏଣ୍ଟ କଲ୍‌ଚର୍ ଆଣ୍ଡ ହେରିଟେଜ୍ ଅଫ୍ ଇଣ୍ଡିଆ (ପ୍ରାଚୀନ) ପକ୍ଷରୁ ଆସନ୍ତା ନଭେମ୍ବର ୨୯ ଓ ୩୦ ଦୁଇଦିନ ଧରି ଆୟୋଜିତ ହେବାକୁ ଥିବା ଏହି ସାହିତ୍ୟ ଉତ୍ସବର ଚଳିତବର୍ଷର ପ୍ରସଙ୍ଗ ହେଉଛି 'କଲ୍‌ଚର, କ୍ରିଏଟିଭିଟି ଆଣ୍ଡ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ' ଅର୍ଥାତ ସଂସ୍କୃତି, ସର୍ଜନଶୀଳତା ଓ କୃତ୍ରିମ ବୁଦ୍ଧିମତା। ଚଳିତବର୍ଷର ସାହିତ୍ୟ ଉତ୍ସବରେ ଦେଶର କୋଣଅନୁକୋଣରୁ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ବିଶିଷ୍ଟ ଲେଖକ, କବି, ଚିତ୍ରକାର, ଔପନ୍ୟାସିକ, ଅନୁବାଦକ, ପ୍ରକାଶକ, ଚିନ୍ତକ, ନାଟକ ଏବଂ ଗଣମାଧ୍ୟମ ଜଗତର ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଦୁଇଦିନିଆ ଏହି ଉତ୍ସବରେ ୩୦ଟି ବିଭିନ୍ନ ଅଧିବେଶନ ରଖାଯାଇଛି ବୋଲି ପ୍ରଫେସର୍ ପଣ୍ଡା ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ସୋଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିଷ୍ଠିତ ସୋଆ ସାହିତ୍ୟ ସମ୍ମାନ ଦେଶରେ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରାଯାଇଥାଏ। ଭାରତୀୟ ସମ୍ବିଧାନ ଅନୁମୋଦିତ ଯେକୌଣସି ଭାରତୀୟ ଭାଷାର ସାହିତ୍ୟିକଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥାଏ। ବିଶିଷ୍ଟ ଲେଖକ, କବି ଓ ଚିନ୍ତକ ଯେଉଁମାନଙ୍କର ଏହି କ୍ଷେତ୍ରରେ ଉତ୍କର୍ଷ, ସୃଜନଶୀଳତା ଓ ବୌଦ୍ଧିକ ଗଭୀରତା ରହିଛି, ସେମାନଙ୍କୁ ସମ୍ମାନିତ କରିବା ହିଁ ସୋଆ ସାହିତ୍ୟ ସମ୍ମାନର ଉଦ୍ଦେଶ୍ୟ।

### ବସ୍‌ରେ ଚାଳକଙ୍କୁ...

ଶରତ ନିଜ ଆତ୍ମୀୟଙ୍କ ସହ କଥାବାର୍ତ୍ତା ହେବା ପରେ ଗାଡ଼ି ଚାଳନା କରିବାକୁ ଉଦ୍ୟମ କରୁଥିବା ବେଳେ ତାଙ୍କର ହୃଦ୍‌ଘାତ ହୋଇଥିଲା ଏବଂ ସେ ଗାଡ଼ିର ଷ୍ଟିୟରିଂ ଉପରେ ସଂଜ୍ଞାହୀନ ହୋଇ ପଡ଼ିଥିଲେ। ପରେ ବସ୍‌ର ଅନ୍ୟ କର୍ମଚାରୀଙ୍କ ସହ ସ୍ଥାନୀୟ ଲୋକେ ତାଙ୍କୁ ଏକ ଅଟୋ-ରିକ୍ସାରେ ଚିକିତ୍ସା ନିମନ୍ତେ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ମାଜିଷ୍ଟ୍ରେଟ୍ ତଥା ତହସିଲଦାର ବିଜୟ କୁମାର ସେଠୀ ଓ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଦିଲ୍ଲୀପ ରାଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ବସ୍ କର୍ମଚାରୀଙ୍କ ସହ ସମ୍ପର୍କୀୟମାନଙ୍କୁ ମୃତକ ଓ ଗାଡ଼ି ମାଲିକାନା ସମ୍ପର୍କରେ ବିଶଦ୍ ପଚରାଉଚରା କରି ଫେରିଥିଲେ। ଫାଣ୍ଡି ପୁଲିସ ଏକ ଅପମୃତ୍ୟୁ ମାମଲା ନଂ ୧୨/୨୫ ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି।

### ସେମିକଣ୍ଡକ୍ଟର କ୍ଷେତ୍ରରେ...

ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସେମିକଣ୍ଡକ୍ଟର କ୍ଷେତ୍ରରେ ଓଡ଼ିଶାର ବିକାଶ ଯାତ୍ରା ଆହୁରି ମଜବୁତ୍ ହେଉଛି। ରାଜ୍ୟରେ ଯେଉଁ ସେମିକଣ୍ଡକ୍ଟର ନିର୍ମିତ ହେବ, ତାହା କ୍ଷେପଣାସ୍ତ୍ର, ବୈଦ୍ୟୁତିକ ଗାଡି, ପ୍ରତିରକ୍ଷା ଉପକରଣ, ରେଳବାଇ ଓ ସୌରଶକ୍ତି ଭଳି ଆଧୁନିକ କ୍ଷେତ୍ରରେ ବ୍ୟବହାର କରାଯିବ। ଆଜି ଭୁବନେଶ୍ୱର ଆଇଆଇଟିରେ ମଧ୍ୟ ସିକସେମ କମ୍ପାନୀ ୬୪ କୋଟି ଟଙ୍କା ବିନିଯୋଗରେ ଏକ ଗବେଷଣା ଓ ନବସୃଜନ କେନ୍ଦ୍ର ସ୍ଥାପନ କରିଛି। କେନ୍ଦ୍ର ରେଳମନ୍ତ୍ରୀ ତାଙ୍କ ସାଂସଦ ପାଣ୍ଠିରୁ ୫ କୋଟି ଟଙ୍କା ବିନିଯୋଗ କରି ଆଇଆଇଟି ଭୁବନେଶ୍ୱରରେ ଏକ 'ନମୋ ସେମିକଣ୍ଡକ୍ଟର ଲାବୋରେଟୋରି' ସ୍ଥାପନ ପାଇଁ ଅନୁମୋଦନ ଦେଇଛନ୍ତି। ଏହା ସ୍ଥାପନ ହେବା ଦ୍ୱାରା ଛାତ୍ରଛାତ୍ରୀ ମାନେ ସେମିକଣ୍ଡକ୍ଟର ସମ୍ପର୍କରେ ଅଧିକ ଗବେଷଣାର ସୁଯୋଗ ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ଚିପ୍ ରୁ ସିପ୍ ପର୍ଯ୍ୟନ୍ତ ସମସ୍ତ ମିଶନରେ ଆଗକୁ ବଢୁଛି। ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ ଉତ୍ପାଦନରେ ଆତ୍ମନିର୍ଭଶୀଳତାର ଓଡ଼ିଶା ଏକ ନୂତନ କାହାଣୀ ସୃଷ୍ଟି କରୁଛି। ଆଗାମୀ ଦିନରେ ସେମିକଣ୍ଡକ୍ଟର କ୍ଷେତ୍ରରେ ଦେଶରେ ଓଡ଼ିଶା ଏକ ହବ୍ ଭାବେ ପରିଗଣିତ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଯୋଗଦେଇ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱପ୍ନ ସାକାର ହେଉଛି, ଓଡ଼ିଶା ପୂର୍ବୋଦୟର ଗେଟ୍-ୱେ ଭାବେ ବିକଶିତ ହେଉଛି। ଅତ୍ୟାଧୁନିକ ଜ୍ଞାନକୌଶଳ ଦ୍ୱାରା ଶିଳ୍ପ ଏବଂ ଶିକ୍ଷାକୁ ସମନ୍ୱୟ କରି ଆଜି ଆଇ.ଆଇ.ଟି ଭୁବନେଶ୍ୱରରେ 'ନମୋ ସେମିକଣ୍ଡକ୍ଟର ଲାବୋରେଟୋରି' ସ୍ଥାପନ କରାଯିବ। ଆଜି ଯୁବ ପିଢି ପାଇଁ ଏ କ୍ଷେତ୍ରରେ ନିଜର ଅଧିକ ଜ୍ଞାନ ଆହରଣ ଓ ଗବେଷଣ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ହେବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ନୋଜ ଆହୁଜା, ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ଶ୍ରୀପଦ କର୍ମଲ୍‌କର୍, ଆର୍କେନ୍ କେମିକାଲ୍ ଇଣ୍ଡଷ୍ଟ୍ରୀଜ୍‌ର ପରିଚାଳନା ନିର୍ଦ୍ଦେଶକ ରଞ୍ଜିତ ପେଣ୍ଡୁର୍ଥୀ, ସିକ୍‌ସେମ୍ ପ୍ରା.ଲିର ପରିଚାଳନା ନିର୍ଦ୍ଦେଶକ ଗୁରୁ ଥାଲ୍ଲାପାନେନୀ ପ୍ରମୁଖ ଉପସ୍ଥିତ ଥିଲେ।

### ରାଜଧାନୀରେ ବି...

ମିଟର ଦୂରରେ ପର୍ଶୁରାମଙ୍କର ମୃତ୍ୟୁ ହୋଇଥିଲା। ବଳରାମ ଗୁଣିଗାରେଡ଼ି କରି ତାଙ୍କ ବାପାଙ୍କୁ ହତ୍ୟା କରିଥିବା ସନ୍ଦେହ କରି କହ୍ନେଇ ପ୍ରତିଶୋଧ ପରାୟଣ ହୋଇଉଠିଥିଲା। ଘଟଣା ବିଷୟରେ ଅନ୍ୟତମ ଅଭିଯୁକ୍ତ ରାମ ସାମଦାକୁ ଜଣାଇବା ସହ ବଳରାମଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲା। ଦୁଇ ବର୍ଷ ପୂର୍ବରୁ ରାମର ବାପା ମଧ୍ୟ ଅଚାନକ ମୃତ୍ୟୁବରଣ କରିଥିବା ବେଳେ ତାଙ୍କ ମୃତ୍ୟୁ ପଛରେ ବଳରାମଙ୍କ ଗୁଣିଗାରେଡ଼ି ଥିବା ରାମ ସନ୍ଦେହ କରିଥିଲା। ଏହାପରେ କହ୍ନେଇ ଓ ରାମ ମିଶି ବଳରାମଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ।

ସେପ୍ଟେମ୍ବର ୩୦ ତାରିଖ ରାତିରେ ବଳରାମ ତାଙ୍କ ବିଲକୁ ଯାଇଥିବା ବେଳେ ପୂର୍ବ ଯୋଜନା ମୁତାବକ କହ୍ନେଇ ଓ ରାମ ସେଠାରେ ଲୁଚି ରହିଥିଲେ। ବଳରାମ ମଞ୍ଚା ଉପରକୁ ଯାଉଥିବା ବେଳେ କହ୍ନେଇ ତାଙ୍କୁ ଗୋଇଠା ମାରି ତଳେ ପକାଇ ଦେଇଥିଲା। ରାମ ତାଙ୍କ ଗୋଡ଼ ଦୁଇଟାକୁ ଧରିଥିବା ବେଳେ କହ୍ନେଇ ତାଙ୍କ ତଣ୍ଟିଚିପି ହତ୍ୟା କରିଥିଲା। ଉଭୟ ମିଶି ବଳରାମଙ୍କ ମୃତଦେହକୁ ଜଙ୍ଗଲ ଭିତରକୁ ନେଇ ଗାତ ଖୋଳି ପୋତି ଦେଇଥିଲେ। ବଳରାମ ସାଙ୍ଗରେ ଆଣିଥିବା ଟର୍ଚ୍ଚ, ପାଣି ବୋତଲ ଓ ଠେଙ୍ଗାକୁ ଅଭିଯୁକ୍ତମାନେ ନିକଟସ୍ଥ ଏକ ପୋଖରୀକୁ ଫୋପାଡ଼ି ଦେଇଥିଲେ।

ଗତକାଲି ସକାଳେ ପିତା ଗାଡ଼ିଆ ନିକଟସ୍ଥ ଜଙ୍ଗଲରୁ ନରକଙ୍କାଳ ମିଳିବା ପରେ ତଦନ୍ତ ଆରମ୍ଭ କରିଥିଲା ଚନ୍ଦକା ଥାନା ପୁଲିସ। ନରକଙ୍କାଳକୁ ଜବତ କରି ଏମ୍‌ସକୁ ପଠାଇବା ସହ ଗୋଟିଏ ମାଳି ଓ ଲୁଙ୍ଗି ଜବତ କରିଥିଲା। ମାଳି ଓ ଲୁଙ୍ଗିରୁ ମୃତଦେହଟି ବଳରାମଙ୍କର ବୋଲି ପୁଅ ରାମ ଚରଣ ଚିହ୍ନଟ କରିଥିଲେ। ସେ ଗତ ସେପ୍ଟେମ୍ବର ୩୦ ତାରିଖରୁ ନିଖୋଜ ଥିଲେ ବୋଲି ଜଣାପଡ଼ିଥିଲା। ପୂର୍ବରୁ ମଧ୍ୟ ବଳରାମ ବାରମ୍ବାର ଘରୁ କେଉଁଆଡ଼େ ଚାଲିଯାଆନ୍ତି ଓ ପରବର୍ତ୍ତୀ ସମୟରେ ଫେରି ଆସନ୍ତି। ତେଣୁ ସେ ଥାନାରେ ଅଭିଯୋଗ କରିନଥିଲେ ବୋଲି ରାମଚରଣ କହିଥିଲେ। ମୃତଦେହ ଚିହ୍ନଟ ହେବାପରେ ହତ୍ୟାକାରୀଙ୍କୁ ଖୋଜିଥିଲା ପୁଲିସ। ହ୍ୟୁମାନ ଇଣ୍ଟେଲିଜେଣ୍ଟରୁ କହ୍ନେଇ ଉପରେ ସନ୍ଦେହ କରି ପୁଲିସ ତାକୁ ଉଠାଇ ନେଇଥିଲା। ତାକୁ ଜେରା କରିବା ପରେ ସେ ଗୋଟି ଗୋଟି କରି ସବୁକଥା ପୁଲିସ ଆଗରେ ବଖାଣିଥିଲା। ତା'ଠାରୁ ପାଇଥିବା ତଥ୍ୟ ଆଧାରରେ ପୁଲିସ ରାମ ସାମଦାକୁ ମଧ୍ୟ ଉଠାଇ ଆଣିଥିଲା।

ଶନିବାର ପୂର୍ବାହ୍ନରେ କହ୍ନେଇକୁ ନେଇ ଘଟଣାସ୍ଥଳକୁ ଯାଇଥିଲା ଚନ୍ଦକା ଥାନା ପୁଲିସ। କିପରି ଓ କେଉଁଠାରେ ହତ୍ୟା କରିଥିଲେ ଏବଂ ମୃତଦେହକୁ କୋଉଠି ପୋତିଥିଲେ ତଦନ୍ତ କରିବା ସହ ଘଟଣାର ସିନ୍ ରିକ୍ରିଏସନ୍ କରିଥିଲା। ଘଟଣାସ୍ଥଳ ନିକଟରେ ଥିବା ଛୋଟ ପୋଖରୀରୁ ଗୋଟିଏ ଜରି ବ୍ୟାଗ, ବଳରାମଙ୍କ ଟର୍ଚ୍ଚ, ହାଣ୍ଡିଆ ଭର୍ତ୍ତି ବୋତଲ ଓ ଠେଙ୍ଗା ଜବତ କରିଥିଲା। ମୃତକ ବଳରାମ ଗୁଣିଗାରେଡ଼ିକୁ ନେଇ ସ୍ଥାନୀୟ ଅଞ୍ଚଳରେ ଜଣାଶୁଣା ଥିବା ଅଧିକ ତଦନ୍ତରୁ ଜଣାପଡ଼ିଥିଲା। ତଦନ୍ତ ପରେ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ପୁଲିସ। କମ୍ ସମୟ ମଧ୍ୟରେ ନରକଙ୍କାଳରୁ ପରିଚୟ ପାଇବା ଓ ହତ୍ୟାକାଣ୍ଡ ଉପରୁ ପରଦା ହଟାଇ ଥିବାରୁ ଚନ୍ଦକା ଥାନା ଅଧିକାରିଣୀ ସମିତା ମିଶ୍ର, ସବ୍ ଇନ୍‌ସପେକ୍ଟର ଆର୍ତ୍ତବଲ୍ଲଭ କର, ବିଜୟ କୁମାର ମାଝୀ, ପ୍ରିତମ ପ୍ରସାଦ ବେହେରାଙ୍କୁ ପ୍ରଶଂସା କରିଛନ୍ତି ପୁଲିସ କମିସନର ଡ. ସୁରେଶ ଦେବଦତ୍ତ ସିଂ।



## ଖଳନାୟକ ଭୂମିକାରେ 'ଶୁଭମ୍'


ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଚକ୍ରାନ୍ତ' ଜାନୁଆରୀରେ ଶୁଭମୁକ୍ତି ପାଇଁ ପ୍ରସ୍ତୁତ ହୋଇସାରିଛି । ତେବେ ମୁଖ୍ୟ ଆକର୍ଷଣ ହେଲା ଫିଲ୍ମରେ ଖଳନାୟକ ଚରିତ୍ରରେ ନବାଗତ ଅଭିନେତା ଶୁଭମ୍ ପାଢ଼ୀ ଏଣ୍ଟ୍ରି କରିଛନ୍ତି । ଶୁଭମ ପୂର୍ବରୁ ଦୁଇଟି ଫିଲ୍ମ 'କେମିତି କହିବି ମୁଁ' ଓ 'ଶ୍ରୀମାନ ଶ୍ରୀଯୁକ୍ତ'ରେ ଅଭିନୟ କରିସାରିଛନ୍ତି । ତେବେ ଓଲିଉଡ୍‌ରେ ଖଳନାୟକର ଅଭାବ ଥିବା ବେଳେ ଆଉ ଜଣେ ନୂଆ ଖଳନାୟକ ଶୁଭମ୍‌ଙ୍କର ଏଣ୍ଟ୍ରି ନିଶ୍ଚିତ ଏହି ଅଭାବକୁ ପୂରଣ କରିବ । ଯାହାକି ଆଗାମୀ ଦିନ ପାଇଁ ଶୁଭ ଖବର । ଲକ୍ଷେଶ୍ୱର ପ୍ରଡକସନ୍ ବ୍ୟାନରରେ ପ୍ରସ୍ତୁତ ତଥା ସୌରଭ ପାଢ଼ୀଙ୍କ ପ୍ରଯୋଜିତ ଏହି ନୂଆ ଓଡ଼ିଆ ଚଳଚ୍ଚିତ୍ରରେ ଭୂମିକାଙ୍କ ସହିତ ନାୟକ ମଣ୍ଟୁ ନଜର ଆସୁଛନ୍ତି । 'ଚକ୍ରାନ୍ତ'ର ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଭାର କାନ୍ଧେଇଛନ୍ତି ନିର୍ଦ୍ଦେଶକ ପିନୁ ନାୟକ । କାହାଣୀ ରଚନା କରିଛନ୍ତି ଦିଶା ପାଢ଼ୀ ଏବଂ ସଂଳାପ ରଚନା କରିଛନ୍ତି ଜିତେନ୍ଦ୍ର କୁମାର ବରାଳ । ଗୀତ ଡ. ନିର୍ମଳ ନାୟକ ଏବଂ ଡ. ରଘୁନାଥ ସାହୁ ରଚନା କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅଭିଜିତ ମଜୁମଦାର । ଚିତ୍ରତ୍ତୋଳନ ଦାୟିତ୍ୱରେ ସୁଦର୍ଶନ ସେନାପତି ଅଛନ୍ତି । ହରିହର ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ଧରିତ୍ରୀ ଖଣ୍ଡୁଆଳ, ସୁରଭି, ସୌମ୍ୟ ଶତପଥୀ, ଶୁଭମ ପାଢ଼ୀ, ସୁମନ ମହାନ୍ତି, କୁସୁମ ତ୍ରିପାଠୀ, ପ୍ରମୋଦ ରାଉତ, ତୁଷାର, ଉମାକାନ୍ତ, ନିରଞ୍ଜନ ନିରୁଆ, ପୁଣ୍ୟତୋୟା ମିଶ୍ର ଏବଂ କ୍ରିଷ୍ଟାରାଣୀ ଦାଶ ପ୍ରମୁଖ ଏଥିରେ ଅଭିନୟ କରୁଛନ୍ତି । ରହସ୍ୟ ଓ ରୋମାନ୍ସରେ ଭରା ଏଇ ଫିଲ୍ମଟି ସମ୍ପୂର୍ଣ୍ଣ ମନୋରଞ୍ଜନର ଖୋରାକ ଯୋଗାଇବ । ସିନେମାଟିରେ ଭରପୂର କମେଡ଼ି ମଧ୍ୟ ଅଛି । ଏହି ଫିଲ୍ମରେ ଗାଁ ପରିବେଶ ତଥା ମାଟିର ବାସ୍ନା ଅନୁଭବ କରି ହେବ । ■

**ପରଦା ପଛର କାହାଣୀ**



## 'ମୋଗାମ୍ବୋ' ପାଇଁ ସାତ ଦିନରେ କଷ୍ଟ୍ୟୁମ୍ ତିଆରି

ହିନ୍ଦୀ ସିନେମାରେ ଅନେକ ଫିଲ୍ମ ରହିଛି, ଯେଉଁଥିରେ ଅଭିନେତାଙ୍କଠୁ ଅଧିକ ଖଳନାୟକ ଚରିତ୍ର ଲୋକପ୍ରିୟ ହୋଇଛନ୍ତି । ସେଭଳି ଜଣେ ପ୍ରସିଦ୍ଧ ଖଳନାୟକ ଚରିତ୍ର ମଧ୍ୟରେ 'ମୋଗାମ୍ବୋ' ଅନ୍ୟତମ । ଏହି ଚରିତ୍ରଟିରେ ପ୍ରସିଦ୍ଧ କଳାକାର ଅମରିଶ୍ ପୁରୀ ଅଭିନୟ କରିଥିଲେ । ୧୯୮୭ ମସିହାରେ ମୁକ୍ତିଲାଭ କରିଥିଲା 'ମିଷ୍ଟର ଇଣ୍ଡିଆ' ଫିଲ୍ମ । ଏହି ସିନେମାରେ ଅମରିଶ୍ ପୁରୀଙ୍କ ସମେତ ଅନିଲ୍ କପୁର୍, ଶ୍ରୀଦେବୀ ଓ ସତୀଶ୍ କୌଶିକ୍‌ଙ୍କ ଲୋକପ୍ରିୟ କଳାକାରମାନେ ଚମତ୍କାର ଅଭିନୟ କରିଥିଲେ । ନିକଟରେ କଷ୍ଟ୍ୟୁମ୍ ଡିଜାଇନ୍‌ର ମାଧବ ଅଗସ୍ତି ଫିଲ୍ମର ଲୋକପ୍ରିୟ ଚରିତ୍ର 'ମୋଗାମ୍ବୋ'ର କଷ୍ଟ୍ୟୁମ୍ ପଛର ରୋଚକୀୟ କଥା ପ୍ରକାଶ କରିଛନ୍ତି । ଏହାକୁ ସେ ତାଙ୍କ ପୁସ୍ତକ 'ଷ୍ଟିଚିଂ ଷ୍ଟାରଡମ୍ : ଫର୍ ଆଇକନ୍ସ, ଅନ୍ ଆଣ୍ଡ ଅଫ୍‌ସ୍କ୍ରିନ୍'ରେ ବର୍ଣ୍ଣନା କରିଛନ୍ତି । ଏହି ପୁସ୍ତକରେ ସେ ଉଲ୍ଲେଖ କରିଛନ୍ତି – ଫିଲ୍ମ ନିର୍ଦ୍ଦେଶକ ଶେଖର୍ କପୁର୍ ଓ ନିର୍ମାତା ବୋନି କପୁର୍ ତାଙ୍କ ଦୋକାନକୁ ଆସିଥିଲେ । ଆଉ ତାଙ୍କୁ କହିଥିଲେ "ଆମକୁ ଖଳନାୟକ ପୋଷାକ ଆବଶ୍ୟକ, ଯେଉଁଥିରେ ଉଭୟ ବିଦେଶୀ ଏକଛତ୍ରବାଦୀ ଶାସନ ଓ ଦେଶୀ ଜମିଦାରୀର ସ୍ୱର୍ଶ ଥିବ ।" ଏଥିପାଇଁ ମଧାବ ବିଦେଶୀ ଖବରକାଗଜ, ପତ୍ରିକା ଏବଂ ଫିଲ୍ମ ଇତିହାସର ପୁସ୍ତକ ଉପରେ ଗବେଷଣା କରିଥିଲେ । ଅନେକ ପେପର୍ କଟିଂ କରିବା ପରେ ଶେଷରେ ସେ ମୋଗାମ୍ବୋ ପାଇଁ କଷ୍ଟ୍ୟୁମ୍ ଡିଜାଇନ କରିଥିଲେ । ଏହି ପୋଷାକ ପ୍ରସ୍ତୁତ କରିବା ପାଇଁ ତାଙ୍କୁ ସାତ ଦିନ ସମୟ ଲାଗିଥିଲା । ଏହାକୁ ଦେଖି ଫିଲ୍ମ ପ୍ରଯୋଜକ ବୋନି କପୁର୍ ବେଶ୍ ଖୁସି ହୋଇଥିଲେ । ପୋଷାକ ପ୍ରସ୍ତୁତ କରିବାକୁ ମାଧବ ପାରିଶ୍ରମିକ ବାବଦକୁ ୨୫ ହଜାର ଟଙ୍କା ନେଇଥିଲେ । କିନ୍ତୁ ବୋନି କପୁର୍ ତାଙ୍କ ସୃଜନଶୀଳତା ଦେଖି ଖୁସି ହୋଇ ମାଧବଙ୍କୁ ଆହୁରି ୧୦ ହଜାର ଟଙ୍କା ଅଧିକ ଦେଇଥିଲେ । ଶେଷରେ ଏହି ପୋଷାକକୁ ଦେଖି ଅମରିଶ୍ କହିଥିଲେ 'ମୋଗାମ୍ବୋ ଖୁସ୍ ହୁଆ...' । ■



## ଅନୀସଙ୍କ ଫିଲ୍ମରେ ଅକ୍ଷୟ

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅକ୍ଷୟ କୁମାରଙ୍କୁ ଅନୀସ ବଜ୍‌ମିଙ୍କର ଆଗାମୀ ସିନେମାରେ ଦେଖିବାକୁ ମିଳିବ । ପୂର୍ବରୁ ଦୁହେଁ 'ଥ୍ୟାଙ୍କ ୟୁ', 'ୱେଲକମ୍' ଭଳି ସିନେମାରେ କାମ କରିସାରିଛନ୍ତି । ତେଣୁ ଏବେ ଏହି ଯୋଡ଼ିଙ୍କୁ ପୁଣି ଥରେ ଏକ ନୂଆ ଫିଲ୍ମରେ ଦେଖିବାକୁ ମିଳିବ । ତେବେ ଫିଲ୍ମଟିର ବିଶେଷତ୍ୱ ହେଉଛି ଏହା ଡବଲ୍ ରୋଲ୍ ଉପରେ ଆଧାରିତ । ଅକ୍ଷୟ ଏହି ସିନେମାରେ ମୁଖ୍ୟ ଚରିତ୍ରରେ ନଜର ଆସିବେ । ତେବେ ଏହା ଡବଲ ରୋଲ୍ ଉପରେ ଆଧାରିତ କୌଣସି କମେଡ଼ି ସିନେମା ନୁହେଁ, ବରଂ ଏହା ଏକ ନୂଆ ପାରିବାରିକ ଡ୍ରାମା ଉପରେ ପର୍ଯ୍ୟବସିତ । ଅନ୍ୟପଟେ ପୂର୍ବରୁ କୁହାଯାଉଥିଲା ଅନୀସ ରାମ ଏବଂ ଶ୍ୟାମ ନାମକ ଫିଲ୍ମ ନିର୍ମାଣ କରୁଛନ୍ତି । ଏହା ଏକ ଡବଲ୍ ରୋଲ୍ ଫିଲ୍ମ ହେବ । ଯେଉଁଥିପାଇଁ ପ୍ରଥମେ କାର୍ତ୍ତିକ ଆର୍ଯ୍ୟନ, ରଣବୀର କପୁର, ରଣବୀର ସିଂହ ସାମିଲ ହେବା ନେଇ ଚର୍ଚ୍ଚା ହେଉଥିଲା । ହେଲେ ଏବେ ସିନେମା ଲାଗି ଅକ୍ଷୟ ମନୋନୀତ ହୋଇଛନ୍ତି । ଏବେ ଏହା ପ୍ରି-ପ୍ରଡକସନ ପର୍ଯ୍ୟାୟରେ ଅଛି ଏବଂ ଏହାର ସୁଟିଂ ୨୦୨୬ରେ ଆରମ୍ଭ ହେବ । ଅନ୍ୟପଟେ ଫିଲ୍ମ ନିର୍ମାତା ଫିଲ୍ମ ସହ ଜଡ଼ିତ ଅନ୍ୟ ତଥ୍ୟ ଗୋପନ ରଖିଛନ୍ତି । ■

## 'ଜେମ୍‌ସ ଅଫ୍ ଓଡ଼ିଶା ୨୦୨୫'ର ବିଜୟିନୀ ଶ୍ରଦ୍ଧା

ଛତ୍ରପୁର ନିକଟ ତାମ୍ପରାଠାରେ 'ଜେମ୍‌ସ ଅଫ୍ ଓଡ଼ିଶା ଇଣ୍ଡିଆ ୨୦୨୫'ର ଦୁଇ ଦିବସୀୟ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଏହି ଉଦ୍‌ଯାପନୀ ଉତ୍ସବରେ ଡକ୍ଟର ସୁନୀତା ୱାଧବନ, ଶ୍ରୀମତୀ ସୁଧା ଚନ୍ଦ୍ରାଣୀ ଖାତ୍ରୀ, ଡକ୍ଟର ଭୁବନେଶ୍ୱରୀ ଦେୱଙ୍ଗନ, ପ୍ରତିଷ୍ଠାତ୍ରୀ ଶ୍ରୀମତୀ ଅନିତା ମଣ୍ଡଳ, ଆୟୋଜକ ଉମାଶଙ୍କର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ସେଲିବ୍ରିଟି ବିଚାରକ ଭାବେ ଅଭିନେତା ହରିହର ଦାସ, ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର ଏବଂ ବ୍ରାଣ୍ଡ ଅମ୍ବାସଡ଼ର ଭାବେ ଅର୍ଚ୍ଚିତା ସାହୁ, ଉପସ୍ଥାପନାରେ ଶୁଭୋଜିତ ପଣ୍ଡା, ଉପଦେଷ୍ଟା ଭାବେ ଟିଭି ଏବଂ ମିଡ଼ିଆ ପ୍ଲାନର କ୍ରିଏଟିଭ୍ ହେଡ୍ ପ୍ରଣୟ ଜେଠୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ୨ଟି ଭାଗରେ ବିଭକ୍ତ କରାଯାଇଛି । ରାଣୀ ଏବଂ ଦିବ୍ୟାଙ୍ଗମାନଙ୍କ ପାଇଁ ଶ୍ରୀଶକ୍ତି । ରାଣୀ ବର୍ଗରେ ସମ୍ବଲପୁରର ଝିଅ ଶ୍ରଦ୍ଧା ପ୍ରଧାନ ବିଜୟୀ ହୋଇଥିବା ବେଳେ ଭୁବନେଶ୍ୱରର ଡାକ୍ତର ମୋନାଲିସା ମିଶ୍ର ପ୍ରଥମ ରନର୍ ଅପ୍ ଏବଂ ସବିତାରାଣୀ ମଲ୍ଲିକ ଦ୍ୱିତୀୟ ରନର ଅପ୍ ହୋଇଛନ୍ତି । ସେହିପରି ଶ୍ରୀଶକ୍ତି ବର୍ଗରେ ଛତିଶଗଡ଼ର ମହିମା ସହାରେ ଏବଂ ତେଷା ୱିନର ହୋଇଥିବା ବେଳେ ମାଳତୀ ଜଇଶ୍ୱାଲ ଏବଂ ଭୈଭବୀ ପ୍ରଥମ ରନର ଅପ୍ ଏବଂ ବ୍ରହ୍ମପୁରର ଜଣେ ଭିନ୍ନକ୍ଷମ ଝିଅ ରଞ୍ଜନା ନାହାକ ଦ୍ୱିତୀୟ ରନର୍ ଅପ୍ ହୋଇଛନ୍ତି । ପ୍ରତ୍ୟେକ ନାରୀର ଇଚ୍ଛା ଥାଏ ହେଲେ କୌଣସି କାରଣରୁ ସେ ତାର ସ୍ୱାଧୀନ ଚିନ୍ତାଧାରାକୁ ଆଗକୁ ଆଣିବାରେ ସକ୍ଷମ ହୋଇନଥାଏ । ତାହାକୁ ଲୋକ ଲୋଚନକୁ ଆଣିବା ପାଇଁ ଏବଂ ସେମାନଙ୍କ ଲୁକ୍କାୟିତ ପ୍ରତିଭାକୁ ଆଗକୁ ବଢ଼ାଇବା ପାଇଁ ଭୁବନେଶ୍ୱରର ଜେମ୍ସ ଅଫ୍ ଓଡ଼ିଶା ଆରମ୍ଭ କରିଥିଲା ଏହି ପ୍ରୟାସ । ରାଜ୍ୟ ଭିତର ଏବଂ ରାଜ୍ୟ ବାହାରୁ ଛତିଶଗଡ଼, ଗୋଆ, ମୁମ୍ବାଇ ଏବଂ ବେଙ୍ଗାଲୁରୁର ବିଭିନ୍ନ ବର୍ଗର ମହିଳା, ଯୁବତୀ, ଏପରିକି ଦିବ୍ୟାଙ୍ଗମାନଙ୍କୁ ଗତ ୨ମାସ ଧରି ପ୍ରଶିକ୍ଷକଙ୍କ ଦ୍ୱାରା ଯୋଗ, ବିୟୁଟି ସହ ଅନ୍ୟାନ୍ୟ ଇଭେଣ୍ଟରେ ତାଲିମ ଦିଆଯାଇଥିଲା । ତେବେ ଜୁରୀମାନଙ୍କ ଦ୍ୱାରା ମନୋନୀତ କୃତୀ ପ୍ରତିଯୋଗୀମାନେ ଫାଇନାଲ୍ ରାଉଣ୍ଡରେ ଭାଗ ନେଇଥିଲେ । ■




## 'ମହାକାଳୀ'ରେ ଭୂମି

ଫିଲ୍ମ ନିର୍ଦ୍ଦେଶକ ପ୍ରଶାନ୍ତ ବର୍ମା ତାଙ୍କ ଆଗାମୀ ସିନେମା 'ମହାକାଳୀ'କୁ ନେଇ ଦୀର୍ଘ ଦିନ ହେବ ଚର୍ଚ୍ଚାରେ ଅଛନ୍ତି । ଏହି ସିନେମାରେ ଅକ୍ଷୟ ଖାନ୍ନା ଦୈତ୍ୟ ଗୁରୁ ଶୁକ୍ରାଚାର୍ଯ୍ୟ ଚରିତ୍ରରେ ନଜର ଆସିବେ । ତେବେ ଏବେ ସିନେମାର ମୁଖ୍ୟ ଚରିତ୍ର ଉପରୁ ପରଦା ହଟିଛି । ପ୍ରଶାନ୍ତ ପ୍ରଥମ ମହିଳା ସୁପରହିରୋ ଭାବେ ଭୂମି ସେଟ୍ଟିଙ୍କୁ ପରିଚିତ କରାଇଛନ୍ତି । ଭୂମି ୨୦୨୧ ମସିହାରେ କନ୍ନଡ଼ ସିନେମା 'ଇକ୍କତ'ରୁ ନିଜ ସିନେମା କ୍ୟାରିୟର ଆରମ୍ଭ କରିଥିଲେ । ସିନେମାର ପ୍ରଥମ ପୋଷ୍ଟର୍ ମଧ୍ୟ ରିଲିଜ୍ କରାଯାଇଛି । ଏଥିରେ ଭୂମିଙ୍କ ଦମ୍‌ଦାର ତଥା ମହାବତାର ଲୁକ୍ ସାମ୍ନାକୁ ଆସିଛି । ଯାହାକୁ ଲୋକେ ପସନ୍ଦ ମଧ୍ୟ କରିଛନ୍ତି । ତେବେ ସିନେମାର ୫୦ ପ୍ରତିଶତରୁ ଅଧିକ ଭାଗ ସୁଟିଂ ପୂରା ହୋଇଗଲାଣି । ଏବେ ହାଇଦ୍ରାବାଦରେ ବିଶେଷ ଭାବେ ନିର୍ମିତ ଏକ ଭବ୍ୟ ସେଟ୍‌ରେ ଏହାର ସୁଟିଂ ଜାରି ରହିଛି । ତେବେ ସିନେମାର ନାଁରୁ ଏକଥା ଏକପ୍ରକାର ସ୍ପଷ୍ଟ ହେଉଛି ଯେ, ଏହା ଦେବୀ କାଳୀଙ୍କ କାହାଣୀ ସହିତ ଜଡ଼ିତ । ଏହାର କାହାଣୀ ବି ପ୍ରଶାନ୍ତ ବର୍ମା ଲେଖିଛନ୍ତି । ■





**ସାକ୍ଷାତକାର**

## "ଭିନ୍ନ ଭିନ୍ନ ଚରିତ୍ରରେ କାମ କରିବାକୁ ଭଲ ଲାଗେ"

**ତୃପ୍ତି ମିରାମ୍ବିକା, ଅଭିନେତା**



ନୃତ୍ୟର ଅଙ୍ଗଭଙ୍ଗୀ ମାଧ୍ୟମରେ ସେ ନିଜ ମନର ଭାବନାକୁ ପ୍ରକାଶ କରୁଥିଲେ । ନିଜର ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବାକୁ ନୃତ୍ୟ ପରିବେଷଣ କରୁଥିଲେ । ପିଲାଟି ଦିନରୁ ଅଭିନେତ୍ରୀ ହେବାକୁ ସ୍ୱପ୍ନ ଦେଖିଥିଲେ କଟକର ତୃପ୍ତି ମିରାମ୍ବିକା । ନୃତ୍ୟକଳା କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ କରିବା ସହିତ ବଡ଼ ପରଦା ମଧ୍ୟ ଅଭିନେତ୍ରୀ ଭାବେ ଖ୍ୟାତି ଅର୍ଜନ କରିଛନ୍ତି । ପ୍ରାୟ ୫ରୁ ୬ଟି ସିନେମାରେ ମୁଖ୍ୟ ନାୟିକାଭାବେ ଅଭିନୟ କରିଛନ୍ତି ତୃପ୍ତି । ଖୁବ୍ ଶୀଘ୍ର ତାଙ୍କ ଅଭିନୀତ 'ଦର୍ପଣ' ଏବଂ 'ମଙ୍ଗଳପୁର ଡାଏରୀ' ସିନେମା ରିଲିଜ୍ ହେବ । ତେବେ ଏହି ଅଭିନେତ୍ରୀଙ୍କ ଅଭିନୟ ଯାତ୍ରା କେମିତି ରହିଥିଲା ଜାଣିବା ତାଙ୍କ ମୁହଁରୁ ।

**ଆପଣ ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ । ନାୟିକା ହେବାର ରାଜ୍?**

● ପିଲାଟି ଦିନରୁ ଓଡ଼ିଶୀ ନୃତ୍ୟ କରୁଥିଲି । ମଞ୍ଚରେ ମୁଁ ନୃତ୍ୟ ପରିବେଷଣ କରିଛି । ବହୁତ ସମ୍ମାନ ମିଳିଛି ମୋତେ । ସ୍କୁଲରେ ଛୋଟ ଛୋଟ ଅଭିନୟ କରୁଥିଲି । ତେଣୁ ଅଭିନେତ୍ରୀ ହେବାର ଇଚ୍ଛା ଥିଲା । 'ମହାଦେବୀ' ଧାରାବାହିକରେ ମୁଖ୍ୟ ନାୟିକା ଭାବେ ଅଭିନୟ କରିଛି । ସିନେମାରେ କାମ କରିବାକୁ ଅଡିସନ୍ ଦେଇ ପ୍ରଥମ ଚଳଚ୍ଚିତ୍ର 'ପ୍ରୀତି ବନ୍ଧନ' କରିଥିଲି । ମୋ ବିପକ୍ଷରେ ଥିଲେ ସମ୍ବିତ । ଏହା ପରେ ଏକାଧିକ ସିନେମାରେ ମୁଁ ଭିନ୍ନ ଭିନ୍ନ ଚରିତ୍ରରେ କାମ କରିଛି । ଆଉ ଦର୍ଶକଙ୍କ ଭଲ ପାଇବା ପାଇଛି ।

**ପ୍ରଥମେ କ୍ୟାମେରାକୁ କେମିତି ସାମ୍ନା କଲେ?**

● ନୃତ୍ୟ ମାଧ୍ୟମରେ ଭିନ୍ନ ଭିନ୍ନ ଅଭିନୟ କରିବାକୁ ପଡ଼େ । ହେଲେ କ୍ୟାମେରାକୁ ସାମ୍ନା କରିବା ସମୟରେ ମୁଁ ପୂରା ନୂଆ ଥିଲି । ଭୟ ବି ଲାଗୁଥିଲା । ହେଲେ ସମସ୍ତ ଗୁରୁଜନଙ୍କ କଥାକୁ ଶୁଣି କ୍ୟାମେରାକୁ ସାମ୍ନା କରିଥିଲି । ସମୟକ୍ରମେ ମୋର ଅଭ୍ୟାସ ହୋଇଗଲା ।

**ଆଗାମୀ ଯୋଜନା ବିଷୟରେ କିଛି କୁହନ୍ତୁ?**

● ଓଲିଉଡ୍ ଫିଲ୍ମ ଇଣ୍ଡଷ୍ଟ୍ରିରେ ଭିନ୍ନ ଭିନ୍ନ ଚରିତ୍ରରେ କାମ କରିବା ମୋ ପାଇଁ ସୌଭାଗ୍ୟର ବିଷୟ । ପୂର୍ବରୁ ଅମ୍ଳାନ ସାର୍‌ଙ୍କ ସହିତ 'ସମୟ କହିବ କିଏ କାହାର' କରିଥିଲି । ଏହି ସିନେମାକୁ ଦର୍ଶକ ବହୁତ ଭଲପାଇବା ଦେଇଥିଲେ । ଏହାବାଦ୍ ୫ରୁ ୬ଟି ସିନେମାରେ କାମ କରିଛି । ଆଗକୁ ମୋର ସିନେମା 'ଦର୍ପଣ' ରିଲିଜ୍ ହେବ । ଏଥିରେ ସ୍ପିରିଚୁଆଲ ଗୀତ ରହିଛି । ଘଞ୍ଚ ଜଙ୍ଗଲ, ବିଳମ୍ବିତ ରାତିରେ ସୁଟିଂ ହୋଇଛି ସିନେମାଟି । ମୋତେ ଡାହାଣୀ ଲାଗୁଛି, ଯେତେବେଳେ ହୋସ୍ ଆସୁଛି ମୁଁ ଠାକୁରଙ୍କୁ ଡାକୁଛି । ସିନେମା ପାଇଁ ପୂରା ଟିମ୍ ପରିଶ୍ରମ କରିଛୁ । ଓଲିଉଡ୍ ଇଣ୍ଡଷ୍ଟ୍ରିରେ ଭୂତପ୍ରେତକୁ ନେଇ ତିଆରି ହେଉଥିବା 'ଦର୍ପଣ'କୁ ଦର୍ଶକ ନିଶ୍ଚୟ ଭଲ ପାଇବା ଦେବେ । ଠିକ୍ ସେହିପରି 'ମଙ୍ଗଳପୁର ଡାଏରୀ'ରେ ମୁଁ ଓଡ଼ିଶୀ ନୃତ୍ୟଶିଳ୍ପୀ ଚରିତ୍ର ନିଭାଉଛି । ଏବେ ଏହି ଫିଲ୍ମର ସୁଟିଂ ଚାଲିଛି । ଏହା ଏକ ସସପେନ୍ସ ଥ୍ରିଲର । ଏଥିରେ ଅମ୍ଳାନ ଅଛନ୍ତି । ତେବେ ଦୁଇଟି ସିନେମାର ମୁଁ ମୁଖ୍ୟ ନାୟିକା ।

**ପଢ଼ା ସହ ଅଭିନୟ କରିବାରେ କେବେ ସମସ୍ୟା ହୋଇନି?**

● ବର୍ତ୍ତମାନ ଏମ୍‌ବିଏ ପଢୁଛି । ନିଜ କାମ ଭିତରୁ ସମୟ କାଢ଼ି ପାଠ ପଢ଼େ । ସୁଟିଂ ନଥିଲେ କ୍ଲାସ୍ କରେ । ଅନ୍‌ଲାଇନ୍‌ରେ ବି ପଢ଼େ । ପଢ଼ାରେ କେବେ ଅବହେଳା କରିନି କି କରିବିନି । ସେମିତି ଯେଉଁ ଚରିତ୍ର ମିଳୁଛି ତାହାକୁ ଶତ ପ୍ରତିଶତ ଦେବାକୁ ଚେଷ୍ଟା କରେ । ଚରିତ୍ରକୁ ନିଖୁଣ ଭାବେ ଫୁଟାଇବାକୁ ମୁଁ ଦର୍ପଣ ସାମ୍ନାରେ ଅଭ୍ୟାସ କରେ । ଭିନ୍ନ ଭିନ୍ନ ଭାଷାଭାଷୀର ସିନେମା ଦେଖି ସମସ୍ତ ଚରିତ୍ରକୁ ଅନୁକରଣ କରେ । ଏଲାଇନ୍‌ରେ ଥିବା ଯାଏଁ ମୁଁ ଅଭ୍ୟାସ କରୁଥିବି ।

**ଅଭିନୟକୁ ବାଦ୍ ଦେଲେ କ'ଣ କରନ୍ତି?**

● ଅଭିନୟ ନୃତ୍ୟକୁ ବାଦ୍ ଦେଲେ, ପେଣ୍ଟିଂ କରେ । ମୁରୁଜ ପକାଏ । ନୂଆ ନୂଆ ସ୍ଥାନକୁ ବୁଲିବାକୁ ଭଲ ଲାଗେ ।

**ଆପଣଙ୍କ ଡ୍ରିମ୍ ରୋଲ?**

● ପ୍ରତ୍ୟେକ କଳାକାର ନିଜ ଜୀବନରେ ସବୁ ଚରିତ୍ରରେ ଅଭିନୟ କରିବାକୁ ଇଚ୍ଛା ରଖନ୍ତି । ମୁଁ ମଧ୍ୟ ଭିନ୍ନ ଭିନ୍ନ ଚରିତ୍ରରେ କାମ କରିବାକୁ ସ୍ୱପ୍ନ ଦେଖିଛି । ହେଲେ ଆକ୍ସନ୍ ସିନେମା କାମ କରିବାକୁ ମୋର ବହୁତ ଇଚ୍ଛା ଅଛି । ଯାହା ବି ରୋଲ୍ ମିଳିବ ତାହାକୁ ସୁରୁଖୁରୁରେ କରିବି ।

**ଅଭିନୟ ଜଗତରେ ତିଷ୍ଠି ରହିବାକୁ ହେଲେ କ'ଣ କରିବା ଦରକାର?**

● ନିଜ ଉପରେ ବିଶ୍ୱାସ ରଖନ୍ତୁ । ନିଜ ଦକ୍ଷତାକୁ ଚିହ୍ନନ୍ତୁ । ନିଜ କାମକୁ ଭଲ ପାଆନ୍ତୁ । ଗୁରୁଜନଙ୍କ କଥା ମାନି ଚାଲିବା ଭଲ । ଲକ୍ଷ୍ୟ ସ୍ଥଳରେ ପଞ୍ଚିବା ପାଇଁ କଠିନରୁ କଠିନ ପରିଶ୍ରମ କରନ୍ତୁ । ■

**ମହିଳା ବିଶ୍ୱକପ୍ କ୍ରିକେଟ**

# ଭାରତ-ଦକ୍ଷିଣ ଆଫ୍ରିକା ଗ୍ରାଣ୍ଡ ଫାଇନାଲ ଆଜି

ନଭି ମୁମ୍ବଇ,୧।୧୧(ଏଜେନ୍ସି): ୨୦୨୪ ମହିଳା ଟି-୨୦ ବିଶ୍ୱକପ୍ କ୍ରିକେଟ ଫାଇନାଲରେ ଇଂଲଣ୍ଡ କିମ୍ବା ଅଷ୍ଟ୍ରେଲିଆ ଖେଳି ନ ଥିଲେ। ଏବେ ୨୦୨୫ ମହିଳା ଦିନିକିଆ ବିଶ୍ୱକପ୍ କ୍ରିକେଟରେ ସମାନ କଥା। ଆସନ୍ତାକାଲି ବା ରବିବାର ଏଠାରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ମହିଳା ଦିନିକିଆ ବିଶ୍ୱକପ୍ କ୍ରିକେଟର ଫାଇନାଲ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟର ୧୩ତମ ସଂସ୍କରଣରେ ପ୍ରଥମଥର ଇଂଲଣ୍ଡ କିମ୍ବା ଅଷ୍ଟ୍ରେଲିଆ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିନାହାନ୍ତି। ସେମିଫାଇନାଲରେ ଦକ୍ଷିଣ ଆଫ୍ରିକା ୧୨୫ ରନ୍‌ରେ ଇଂଲଣ୍ଡକୁ ଓ ଭାରତ ୫ ୱିକେଟରେ ୭ଥର ଏବଂ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆକୁ ପରାସ୍ତ କରି ବିଶ୍ୱ ମହିଳା କ୍ରିକେଟର ସର୍ବଶ୍ରେଷ୍ଠ ଟ୍ରଫି ଜିତିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଦକ୍ଷିଣ ଆଫ୍ରିକାର ଏହା ପ୍ରଥମ ଓ ଭାରତର ତୃତୀୟ ଫାଇନାଲ। ୨୦୦୫ ଓ ୨୦୧୭ରେ ଭାରତ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଏହାର ଅର୍ଥ ଆସନ୍ତାକାଲି ଫାଇନାଲରେ ଯେଉଁ ଦଳ ବିଜୟୀ ହେବ ସେହି ଦଳ ପ୍ରଥମଥର ମହିଳା ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ହେବ। ଏଣୁ ଉଭୟ ଦଳ ମଧ୍ୟରେ ଏହି ଫାଇନାଲ ମୁକାବିଲାଟି ବେଶ ରୋମାଞ୍ଚକର ହେବ ବୋଲି ନିଃସନ୍ଦେହରେ କୁହାଯାଇପାରେ।





**ସମ୍ଭାବ୍ୟ ଖେଳାଳି ଦଳ**

**ଭାରତ:** ସ୍ମୃତି ମନ୍ଧାନା, ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସେଜ୍, ହରମନପ୍ରୀତ କୌର (ଅଧିନାୟିକା), ଦୀପ୍ତି ଶର୍ମା, ରିଚା ଘୋଷ (ୱିକେଟରକ୍ଷକ), ଅମନଜ୍ୟୋତ୍ କୌର, ରାଧା ଯାଦବ/ ସ୍ନେହ ରାଣା, ଶ୍ରୀ ଚରଣି, କ୍ରାନ୍ତି ଗୌଡ଼ ଓ ରେଣୁକା ଠାକୁର।

**ଦକ୍ଷିଣ ଆଫ୍ରିକା:** ଲୌରା ୱଲଭାର୍ଟ (ଅଧିନାୟିକା/ୱିକେଟରକ୍ଷକ), ତାଜମିନ ବ୍ରିଟ୍ସ, ଆନେକେ ବୋଶ୍/ ମାସାବାତା କ୍ଲାସ୍, ସୁନ ଲ୍ୟୁସ୍, ମାରିଜାନ କାପ୍, ସିନାଲୋ ଜାଫ୍‌ତା (ୱିକେଟରକ୍ଷକ), ଆନେରି ଡେରେକସନ, ଟୋଲେ ଟ୍ରାୟନ, ନାଦିନ ଡି କ୍ଲେର୍କ, ଆୟାବୋଙ୍ଗା ଖାଖା, ନୋନକୁଲେକୋ ମାଲ୍‌ବା।

## କେମିତି ଖେଳିଛନ୍ତି ପ୍ରତିଦ୍ୱନ୍ଦ୍ୱୀ

ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଚତୁର୍ଥ ତଥା ଶେଷ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଥିଲା। ଦଳ ରାଉଣ୍ଡ ରବିନ ଲିଗ୍ ପର୍ଯ୍ୟାୟରେ ସେମିଫାଇନାଲରେ ପ୍ରବେଶ କରିଥିବା ଅନ୍ୟ ୩ ଦଳଠାରୁ କ୍ରମାଗତ ମୁକାବିଲାରେ ପରାଜିତ ହୋଇଥିଲା। କିନ୍ତୁ ପରବର୍ତ୍ତୀ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ବିରାଟ ବ୍ୟବଧାନରେ ହରାଇବା ପରେ ଭାରତକୁ ସେମିଫାଇନାଲ ଟିକଟ ମିଳିଥିଲା। ସେମିଫାଇନାଲରେ ଭାରତ ମହିଳା ଦିନିକିଆ କ୍ରିକେଟରେ ରେକର୍ଡ ୩୩୯ ରନ୍‌କୁ ଚେଜ୍ କରି ବିଶ୍ୱରେକର୍ଡ କରିବା ସହ ଫାଇନାଲରେ ପ୍ରବେଶ କରିଥିଲା। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା କ୍ରମାଗତ ୫ଟି ମ୍ୟାଚ୍‌ରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଏହି ଦଳ କିନ୍ତୁ ଇଂଲଣ୍ଡ ବିପକ୍ଷରେ ମାତ୍ର ୬୯ ଓ ଅଷ୍ଟ୍ରେଲିଆ ବିପକ୍ଷରେ ୯୭ ରନ୍‌ରେ ଆଉଟ ହୋଇଥିଲା। ଭାରତ ଓ ବାଂଲାଦେଶ ସ୍ପିନରଙ୍କ ବିପକ୍ଷରେ ଦଳ ବିପର୍ଯ୍ୟୟର ଶିକାର ହୋଇଥିଲେ ମଧ୍ୟ ଦୁଇ ଅଲରାଉଣ୍ଡର ନାଦିନ ଡି କ୍ଲେର୍କ ଓ ଟୋଲେ ଟ୍ରାୟନ ଦଳର ପରାଜୟକୁ ବିଜୟରେ ପରିବର୍ତ୍ତନ କରିଦେଇଥିଲେ। ସେମିଫାଇନାଲରେ ଦଳ ପରଫେକ୍ଟ ଅଲରାଉଣ୍ଡ ଖେଳ ପ୍ରଦର୍ଶନ କରି ଇଂଲଣ୍ଡକୁ ଶୋଚନୀୟ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଏଣୁ ଉଭୟ ଦଳ କିଛି ଦର୍ଶନୀୟ ଓ ପ୍ରତିଦ୍ୱନ୍ଦ୍ୱିତାମୂଳକ ଖେଳ ପ୍ରଦର୍ଶନ କରି ଟାଇଟଲ ଲଢ଼େଇରେ ଅବତୀର୍ଣ୍ଣ ହୋଇଛି।

## ୱଲଭାର୍ଟ ଓ କାପ୍‌ଙ୍କୁ ଭାରତର ଭୟ

ଏହି ଟୁର୍ଣ୍ଣାମେଣ୍ଟରେ ବ୍ୟକ୍ତିଗତଭାବେ ଯେଉଁ ଦୁଇ ଖେଳାଳି ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି ସେମାନେ ହେଉଛନ୍ତି ଦକ୍ଷିଣ ଆଫ୍ରିକା ଦଳର ଅଧିନାୟକ ତଥା ଓପନର ଲୌରା ୱଲଭାର୍ଟ ଓ ମାରିଜାନ କାପ୍। ଏହି ବିଶ୍ୱକପ୍‌ରେ ଜଣେ ମାତ୍ର ଫାଷ୍ଟ ବୋଲର ଘଣ୍ଟାପ୍ରତି ୧୩୦ କିଲୋମିଟରରୁ ଅଧିକ ବେଗରେ ବୋଲିଂ କରିଛନ୍ତି। ସେ ହେଉଛନ୍ତି ଦକ୍ଷିଣ ଆଫ୍ରିକାର ଫାଷ୍ଟ ବୋଲର ମାରିଜାନ କାପ୍। ସେ ଭାରତର ଟପ୍ ଅର୍ଡର ବ୍ୟାଟରଙ୍କୁ ବାନ୍ଧି ରଖିବାରେ କାପ୍‌ଙ୍କର ବେଶ ଦକ୍ଷତା ରହିଛି। ଅନ୍ୟପକ୍ଷରେ ୱଲଭାର୍ଟ ଇଂଲଣ୍ଡ ବିପକ୍ଷ ସେମିଫାଇନାଲରେ ୧୬୯ ରନ୍‌ର ଇନିଂସ ଖେଳିବା ସହ ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୪୭୦ ରନ୍ କରିଛନ୍ତି। ଏମାନଙ୍କ ବ୍ୟତୀତ ଦଳରେ ଅନ୍ୟ ଖେଳାଳିମାନେ ମଧ୍ୟ ଏକାକୀ ମ୍ୟାଚ୍ ଜିତାଇବାର ଦକ୍ଷତା ରଖିଛନ୍ତି। ଅନ୍ୟତମ ଓପନର ତାଜମିନ ବ୍ରିଟ୍ସ, ଦୁଇ ଅଲରାଉଣ୍ଡର ନାଦିନ ଓ ଟୋଲେ ଭାରତକୁ ହରାଇଛନ୍ତି। ଭାରତୀୟ ଦଳରେ ଏକାଧିକ ତାରକା ଥିଲେ ମଧ୍ୟ ଓପନର ପ୍ରତୀକା ରାୱଲ ଆଘାତଜନିତ କାରଣରୁ ଦଳରୁ ବାଦ୍ ପଡ଼ିଛନ୍ତି ଓ ତାଙ୍କ ସ୍ଥାନରେ ଶେଫାଳି ବର୍ମାଙ୍କୁ ସୁବର୍ଣ୍ଣ ସୁଯୋଗ ମିଳିଛି। ବିସ୍ଫୋରକ ବ୍ୟାଟିଂ ଲାଗି ଜଣାଶୁଣା ଶେଫାଳି ଯଦି ଏହାର ଫାଇଦା ଉଠାନ୍ତି ତେବେ ତାଙ୍କ କ୍ୟାରିୟର ସଜାଡି ନେବେ। ଭଲ ଫର୍ମରେ ଥିବା ଉପଅଧିନାୟିକା ସ୍ମୃତି ମନ୍ଧାନା ଓ ଅଧିନାୟିକା ହରମନପ୍ରୀତ୍ କୌରଙ୍କଠାରୁ ବଡ଼ ଇନିଂସ ଆଶା କରାଯାଉଛି। ସେମିରେ ନଂ. ୩ରେ ବ୍ୟାଟିଂ କରି ଜେମିମା ଶତକ ସହ ଭାରତର ରେକର୍ଡ ରନ୍ ଚେଜ୍ କରି ଜିତାଇଛନ୍ତି।

## ଫିଲ୍ଡିଂକୁ ନେଇ ଭାରତର ଚିନ୍ତା

ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ୩୫ଟି କ୍ୟାଚ୍ ନେଇଛି। କିନ୍ତୁ ସର୍ବାଧିକ ୧୮ଟି କ୍ୟାଚ୍ ଡ୍ରପ୍ କରିଛି। ଦଳର ସଫଳତା ହେଉଛି ୬୬ ଶତକଡ଼ା ଓ ଖରାପ କରିଥିବା ଦଳମାନଙ୍କ ମଧ୍ୟରେ ଭାରତର ସ୍ଥାନ ଦ୍ୱିତୀୟ। ଏହା ବ୍ୟତୀତ ଏହି ଟୁର୍ଣ୍ଣାମେଣ୍ଟରେ ଯୁଗ୍ମ ସର୍ବାଧିକ ୩ଟି ଷ୍ଟମ୍ପିଂ ମିସ୍ କରିଥିଲାବେଳେ ସର୍ବାଧିକ ୬ଥର ଓଭରଥ୍ରୋ କରିଛି। ଦଳର ମିସ୍‌ଫିଲ୍ଡ ୭୪ଥର ହୋଇଛି। ଭାରତକୁ ଟାଇଟଲ ଜିତିବାକୁ ହେଲେ ବ୍ୟାଟିଂ ଓ ବୋଲିଂ ସହ ତୃତୀୟ ଗୁରୁତ୍ୱପୂର୍ଣ୍ଣ ବିଭାଗ ଫିଲ୍ଡିଂରେ ମଧ୍ୟ ଉନ୍ନତି କରିବାକୁ ପଡ଼ିବ।

## ସ୍ପିନର ନେବେ ଗୁରୁତ୍ୱପୂର୍ଣ୍ଣ ଭୂମିକା

ଦୁଇ ଦେଶ ମଧ୍ୟରେ ଖେଳାଯାଇଥିବା ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଭାରତ ୨୦ଟିରେ ଓ ଦକ୍ଷିଣ ଆଫ୍ରିକା ୧୩ଟିରେ ବିଜୟୀ ହୋଇଛି। କୌଣସି ଦଳ ଏକତରଫା ମ୍ୟାଚ୍ ଜିତିନାହାନ୍ତି। ଦିନିକିଆ ବିଶ୍ୱକପ୍‌ରେ ଉଭୟଙ୍କ ମଧ୍ୟରେ ୬ଥର ଭେଟାଭେଟି ହୋଇଛନ୍ତି। ଏହା ମଧ୍ୟରୁ ଭାରତ ୫ଥର ଓ ୨୦୨୨ରେ ଦକ୍ଷିଣ ଆଫ୍ରିକା ମାତ୍ର ଥରେ ବିଜୟୀ ହୋଇଛି। ଚଳିତ ବିଶ୍ୱକପ୍‌ରେ ମଧ୍ୟ ଭାରତ ପରାଜିତ ହୋଇଛି। ସେହିପରି ଗତ ୩ଟି ଭିନ୍ନ ଭିନ୍ନ ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକାଠାରୁ ଭାରତ ପରାଜିତ ହୋଇଛି। ଭାରତର ୮୦ ଭାଗ ବିଜୟ ସ୍ପିନରଙ୍କ ପ୍ରଦର୍ଶନ ଯୋଗୁ ସମ୍ଭବ ହୋଇଛି। ଫାଇନାଲ ଜିତିବାକୁ ହେଲେ ଭାରତର ସ୍ପିନରମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ଦକ୍ଷିଣ ଆଫ୍ରିକାର ଏହି ଗୋଟିଏ ଦୁର୍ବଳତାରୁ ରାଧା ଯାଦବ, ଶ୍ରୀ ଚରଣି ଓ ଦୀପ୍ତି ଶର୍ମା ଫାଇଦା ଉଠାଇଲେ ଭାରତକୁ ଟାଇଟଲ ମିଳିବା ରାସ୍ତା ପରିଷ୍କାର ହୋଇଯିବ। ଅବଶ୍ୟ ଭାରତୀୟ ଦଳ ସ୍ପିନରମାନଙ୍କୁ ଭଲ ଖେଳିଛନ୍ତି। କିନ୍ତୁ ଦକ୍ଷିଣ ଆଫ୍ରିକା ପେସରଙ୍କୁ ମୁକାବିଲା କରିପାରିଲେ ଦଳକୁ ଶ୍ରେଷ୍ଠ ସଫଳତା ମିଳିପାରିବ।

## ବର୍ଷା ହେଲେ ରିଜର୍ଭ ଡେ'

ଫାଇନାଲ ଲାଗି ଉଭୟ ଦଳ ଜୋରଦାର ପ୍ରସ୍ତୁତି କରିଥିଲେ ମଧ୍ୟ ନଭି ମୁମ୍ବଇରେ ଦିନସାରା ସ୍ୱଳ୍ପ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। କିନ୍ତୁ ରାତିରେ କମ୍ ବର୍ଷା ହେବ ବୋଲି କୁହାଯାଇଛି। ଖେଳ ଅପରାହ୍ଣ ୩ଟାରୁ ଆରମ୍ଭ ହେବ। ଏଣୁ ପଛରେ ବ୍ୟାଟିଂ କରିଥିବା ଦଳକୁ ଏଠାରେ ଫାଇଦା ମିଳିବ। ବର୍ଷା ଯୋଗୁ ଯଦି ଖେଳ ସମ୍ଭବ ନ ହୁଏ, ତେବେ ରିଜର୍ଭ ଡେ ଅର୍ଥାତ୍ ସୋମବାର ଖେଳାଯିବ। ଯେଉଁଠାରୁ ଖେଳ ବନ୍ଦ ରହିବ ସେହିଠାରୁ ରିଜର୍ଭ ଡେ'ରେ ଖେଳ ହେବ ବୋଲି ଆଇସିସି ପକ୍ଷରୁ ସ୍ପଷ୍ଟ କରାଯାଇଛି।

**ଖେଳ ଆରମ୍ଭ : ଅପରାହ୍ଣ ୩ଟା**
**ପ୍ରସାରଣ : ଷ୍ଟାରସ୍ପୋର୍ଟ୍ସ ନେଟ୍‌ୱର୍କ**
**ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର**

# ଭାରତ-ଅଷ୍ଟ୍ରେଲିଆ ୩ୟ ଟି-୨୦ ଆଜି

ହୋବାର୍ଟ, ୧।୧୧ (ଏଜେନ୍ସି): ଅଷ୍ଟ୍ରେଲିଆ ଗସ୍ତରେ ଥିବା ଭାରତୀୟ ପୁରୁଷ କ୍ରିକେଟ୍ ଦଳ ଟି-୨୦ ସିରିଜର ତୃତୀୟ ମୁକାବିଲାରେ ରବିବାର ଘରୋଇ ଦଳକୁ ଭେଟିବ। ସ୍ଥାନୀୟ ବେଲେରିଭ ଓଭାଲ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଅପରାହ୍ଣ ୧ଟା ୪୫ ମିନିଟରେ ଆରମ୍ଭ ହେବ। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜର ଏହି ୩ୟ ଟି-୨୦ ଉଭୟ ଦଳ ପାଇଁ ବେଶ୍ ଗୁରୁତ୍ୱବହନ କରୁଛି। ପୂର୍ବରୁ କାନବେରାରେ ଖେଳାଯାଇଥିବା ପ୍ରଥମ ମୁକାବିଲା ବର୍ଷା ଲାଗି ବାତିଲ ହୋଇଥିଲା। ଏହାପରେ ଶୁକ୍ରବାର ମେଲବୋର୍ଣ୍ଣରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚକୁ ଘରୋଇ ଅଷ୍ଟ୍ରେଲିଆ ୪୦ ବଲ୍ ଓ ୪ ୱିକେଟ୍ ବଳକା ଥାଇ ବିଜୟୀ ହୋଇଥିଲା। ଫଳରେ ସିରିଜରେ ଅଷ୍ଟ୍ରେଲିଆ ଏବେ ୧-୦ରେ ଅଗ୍ରଣୀ ରହିଛି। ମିଚେଲ ମାର୍ଶଙ୍କ ନେତୃତ୍ୱାଧୀନ ଘରୋଇ ଅଷ୍ଟ୍ରେଲିଆ ବିଜୟଧାରା ବଜାୟ ରଖିବା ଲକ୍ଷ୍ୟରେ ରହିଛି। ଯଦି ଅଷ୍ଟ୍ରେଲିଆ ଏହି ମୁକାବିଲାରେ ବିଜୟୀ ହୁଏ ତେବେ ଭାରତର ସିରିଜ ଜିତିବାର ଆଶା ମଉଳିଯିବ। ଶେଷ ଦୁଇ ଟି-୨୦ରେ ଭାରତ ବିଜୟୀ ହେଲେ ସିରିଜ ଡ୍ର ରହିବ ନ ହେଲେ ଅଷ୍ଟ୍ରେଲିଆ ବାଜିମାତ୍ କରିନେବ। ଏଭଳିସ୍ଥଳେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଭ୍ରମଣକାରୀ ଭାରତୀୟ ଦଳ ପାଇଁ ଏହି ତୃତୀୟ ଟି-୨୦ ବେଶ୍ ଗୁରୁତ୍ୱବହନ କରୁଛି। ମେଲବୋର୍ଣ୍ଣରେ ଅଷ୍ଟ୍ରେଲିଆ ଦ୍ରୁତ ବୋଲିଂ ଆଗରେ ଯେପରି ଭାରତୀୟ ବ୍ୟାଟର୍ ଆତ୍ମସମର୍ପଣ କଲେ ତାହା ଏବେ ଟିମ୍ ମ୍ୟାନେଜମେଣ୍ଟ ପାଇଁ ଚିନ୍ତାର କାରଣ ପାଲଟିଛି।

**ତୃତୀୟ ଟି-୨୦**
**ସ୍ଥାନ- ହୋବାର୍ଟ**
**ମ୍ୟାଚ ଆରମ୍ଭ: ଅପରାହ୍ଣ ୧ଟା ୪୫**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ**

## ହସ୍ପିଟାଲରୁ ବାହାରିଲେ ଆୟର

ସିଡ୍‌ନୀ, ୧।୧୧ (ଏଜେନ୍ସି): ଭାରତୀୟ କ୍ରିକେଟର୍ ଶ୍ରେୟସ ଆୟରଙ୍କୁ ନେଇ ଖୁସି ଖବର ଆସିଛି। ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଦିନିକିଆରେ ଫିଲ୍ଡିଂ ସମୟରେ ଛାତିରେ ଗୁରୁତର ଆଘାତ ଲାଗି ସିଡ୍‌ନୀରେ ଚିକିତ୍ସିତ ହେଉଥିବା ଆୟରଙ୍କୁ ଶନିବାର ହସ୍ପିଟାଲରୁ ରିଲିଜ କରାଯାଇଛି। କ୍ୟାଚ୍ ଧରିବାକୁ ଯାଇ ଆୟରଙ୍କ ପଞ୍ଜରାରେ ଆଘାତ ଲାଗି ଆଭ୍ୟନ୍ତରୀଣ ରକ୍ତକ୍ଷରଣ ହୋଇଥିଲା। ଯେଉଁଥି ପାଇଁ ସିଡ୍‌ନୀ ଏକ ହସ୍ପିଟାଲରେ ତାଙ୍କର ଜରୁରୀ ଅସ୍ତ୍ରୋପଚାର କରାଯାଇଥିଲା। ତାଙ୍କୁ ଏବେ ରିଲିଜ କରାଯାଇଥିବା ନେଇ ବିସିସିଆଇ ପକ୍ଷରୁ ସୂଚନା ଦିଆଯାଇଛି। ବିସିସିଆଇ ପକ୍ଷରୁ ଆହୁରି ମଧ୍ୟ କୁହାଯାଇଛି ଯେ ଆୟରଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ରହିଛି। ସେ ଧିରେ ଧିରେ ସୁସ୍ଥ ହେଉଛନ୍ତି। ବିସିସିଆଇର ମେଡିକାଲ ଟିମ୍ ସହ ସିଡ୍‌ନୀର ଏକ ଡାକ୍ତରୀ ଦଳ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିଛି। ସେ ଏବେ ସିଡ୍‌ନୀରେ ରହିବେ। ଯେବେ ବିମାନରେ ବସିବା ଲାଗି ଉପଯୁକ୍ତ ହେବେ ସେତେବେଳେ ତାଙ୍କୁ ଭାରତ ଅଣାଯିବ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି।

# ନିରାଶ କଲେ ଓଡ଼ିଶା ବୋଲର; ଆନ୍ଧ୍ର ୨୨୨/୩

**ବାରବାଟୀ ରଣଜୀ**

ଭୁବନେଶ୍ୱର, ୧।୧୧ (ସମିସ): ଘରୋଇ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶ ମଧ୍ୟରେ ଚଳିତ ରଣଜୀ ଟ୍ରଫିର ତୃତୀୟ ରାଉଣ୍ଡ ମୁକାବିଲା ଶନିବାରଠାରୁ ବାରବାଟୀ ଷ୍ଟାଡିୟମରେ ଆରମ୍ଭ ହୋଇଛି। ଏହି ମ୍ୟାଚର ପ୍ରଥମ ଦିବସରେ ଘରୋଇ ଓଡ଼ିଶା ବୋଲର ନିରାଶ କରିଛନ୍ତି। ଟସ୍ ଜିତି ବ୍ୟାଟିଂ କରିଥିବା ଭ୍ରମଣକାରୀ ଆନ୍ଧ୍ର ପ୍ରଦେଶ ପ୍ରଥମ ଦିବସ ଖେଳ ଶେଷବେଳକୁ ୬୮ ଓଭରରେ ୩ ୱିକେଟ ହରାଇ ୨୨୨ ରନ ସଂଗ୍ରହ କରିଛି। ଖରାପ ଆଲୋକ ଯୋଗୁ ପ୍ରଥମ ଦିବସରେ ୨୨ ଓଭର ଖେଳ ସମ୍ଭବ ହୋଇପାରି ନ ଥିଲା।

ଭ୍ରମଣକାରୀ ଆନ୍ଧ୍ର ପ୍ରଦେଶ ପାଇଁ ଦୁଇ ଓପନର୍ ଶ୍ରୀକର ଭରତ ଓ ଅଭିଷେକ ରେଡ୍ଡୀ ଦମ୍‌ଦାର ଆରମ୍ଭ କରିଥିଲେ। ଉଭୟ ଓପନିଂ ୱିକେଟ୍ ଯୋଡ଼ିରେ ୧୬୧ ରନ ସଂଗ୍ରହ କରି ଘରୋଇ ଦଳର ବୋଲରଙ୍କୁ ନିରାଶ କରିଥିଲେ। ଭାରତୀୟ ଟେଷ୍ଟ ଦଳର ୱିକେଟ୍‌କିପର ଦାୟିତ୍ୱ ସମ୍ଭାଳିଥିବା ଶ୍ରୀକର ୯୩ ରନ କରି ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିଲେ। ୧୨୯ ବଲର ଏହି ପାଳିରେ ସେ ୧୦ ଚୌକା ଓ ୩ଟି ଛକା ମାରିଥିଲେ। ଶ୍ରୀକରଙ୍କୁ ଆଉଟ୍ କରି ସମ୍ବିତ ବରାଳ ଓଡ଼ିଶାକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ। ଏହାପରେ ଦଳୀୟ ସ୍କୋର ୨୦୧ ରନ ହୋଇଥିବାବେଳେ ଓଡ଼ିଶାକୁ କ୍ରମାଗତ ୨ଟି ସଫଳତା ମିଳିଥିଲା। ଅନ୍ୟତମ ଓପନର୍ ଅଭିଷେକ ୭୬ ରନ କରି ପ୍ରଥମେ ବାଦଲ ବିଶ୍ୱାଳଙ୍କ ଶିକାର ବନିଥିଲେ। ଏହାପରେ କ୍ରିଜକୁ ଆସିଥିବା ଅଧିନାୟକ ରିକି ଭୁଇ ମଧ୍ୟ ୫ଟି ବଲ୍ ସାମ୍ନା କରି ଥିଲେ ମଧ୍ୟ ଖାତା ଖୋଲି ନ ପାରି ସମ୍ବିତଙ୍କ ବଲରେ ଏଲ୍‌ବିଡବ୍ଲ୍ୟୁ ହୋଇଯାଇଥିଲେ। ତେବେ ସେକ୍ ରଶିଦ ଓ କିର୍ଦାନ୍ତ କରଣ ସିନ୍ଧେ ଦଳକୁ ଆଉ କ୍ଷତି ହେବାକୁ ଦେଇ ନ ଥିଲେ। ଖେଳ ଶେଷବେଳକୁ ରଶିଦ ୨୫ ଓ ସିନ୍ଧେ ୧୬ ରନ କରି ଖେଳୁଛନ୍ତି। ଘରୋଇ ଓଡ଼ିଶା ପାଇଁ ମଧ୍ୟଗତିର ଦ୍ରୁତ ବୋଲର ସମ୍ବିତ ସବୁଠୁ ସଫଳ ବୋଲର ରହି ୨ଟି ଓ ବାଦଲଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା। ଏହି ମ୍ୟାଚରେ ଖେଳି ୱିକେଟ୍ କିପର ସୌରଭ ଗୌଡ଼ା ଓଡ଼ିଶା ପାଇଁ ପ୍ରଥମଶ୍ରେଣୀ କ୍ରିକେଟ୍‌ରେ ପଦାର୍ପଣ କରିଛନ୍ତି। ଓଡ଼ିଶା ପ୍ରଥମ ମ୍ୟାଚରେ ବରୋଦା ନିକଟରୁ ୭ ୱିକେଟ୍‌ରେ ପରାସ୍ତ ହୋଇଥିବାବେଳେ ଦ୍ୱିତୀୟ ମୁକାବିଲାରେ ୟୁପି ବିପକ୍ଷରେ ଗୋଟିଏ ପଏଣ୍ଟ ପାଇଛି।

**ଭାରତୀୟ ଟେନିସରେ ଏକ ଯୁଗର ଅନ୍ତ**

# ୪୫ ବର୍ଷରେ ଅବସର ନେଲେ ବୋପନ୍ନା

ବେଙ୍ଗାଲୁରୁ, ୧।୧୧ (ଏଜେନ୍ସି): କିମ୍ବଦନ୍ତୀ ଟେନିସ ଖେଳାଳି ରୋହନ ବୋପନ୍ନା ଶେଷରେ ତାଙ୍କର ଦୁଇ ଦଶନ୍ଧିର ଜ୍ୱାଜଲ୍ୟମୟ କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ଟାଣି ଶନିବାର ଅବସର ଘୋଷଣା କରିଛନ୍ତି। ବୋପନ୍ନାଙ୍କ ଅବସର ସହ ଭାରତୀୟ ଟେନିସରେ ଏକ ଯୁଗର ଅବସାନ ଘଟିଛି। ବେଙ୍ଗାଲୁରୁ ଜନ୍ମିତ ୪୫ ବର୍ଷୀୟ ବୋପନ୍ନା ଶେଷଥର ଲାଗି ଗତ ୨୮ ତାରିଖରେ କାଜାଖସ୍ତାନର ଆଲେକ୍ସଜାଣ୍ଡର ବଲ୍‌ବିକଙ୍କୁ ସାଥୀ କରି ପ୍ୟାରିସ ମାଷ୍ଟର୍ସ ଟୁର୍ଣ୍ଣାମେଣ୍ଟ ଖେଳିଥିଲେ। ଯେଉଁଥିରେ ସେ ରାଉଣ୍ଡ-୩୨ରୁ ହାରି ବିଦାୟ ନେଇଥିଲେ।

ସାମାଜିକ ଗଣମାଧ୍ୟମ ଇନଷ୍ଟାଗ୍ରାମରେ ବୋପନ୍ନା ତାଙ୍କ ଅବସର ବାର୍ତ୍ତାରେ କହିଛନ୍ତି, 'ତୁମର ଜୀବନକୁ ଏପରି ଅର୍ଥ ଦେଇଥିବା ଜିନିଷକୁ ତୁମେ କିଭଳି ଅଲ୍‌ବିଦା କରିପାରିବ। ଅବିସ୍ମରଣୀୟ ୨୦ ବର୍ଷର ଯାତ୍ରା ପରେ ଏବେ ସମୟ ଆସିଯାଇଛି। ଅଫିସିଆଲ୍ ଭାବେ ମୁଁ ମୋ ର୍ୟାକେଟ୍ ଝୁଲାଇଦେଉଛି। ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବା ମୋ ଜୀବନର ସବୁଠୁ ବଡ଼ ସମ୍ମାନ ଥିଲା।'



### ୪୩ ବର୍ଷରେ ନଂ-୧ ଖେଳାଳି

ଗତବର୍ଷ ପ୍ରାରମ୍ଭରେ ବୋପନ୍ନା ୪୩ ବର୍ଷ ବୟସରେ ବିଶ୍ୱର ଏକ ନମ୍ବର ପୁରୁଷ ଡବଲ୍ସ ଖେଳାଳି ମାନ୍ୟତା ପାଇଥିଲେ। ଅଷ୍ଟ୍ରେଲିଆନ ଓପନ୍ କ୍ୱାର୍ଟର ଫାଇନାଲରେ ବିଜୟ ହାସଲ କରିବା ପରେ ସେ ଏହି ସଫଳତା ପାଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ସେ ମାଥ୍ୟୁ ଏବଡେନଙ୍କୁ ସାଥୀ କରି ଅଷ୍ଟ୍ରେଲିଆନ ଓପନ ଟ୍ରଫି ଜିତିଥିଲେ। ଫଳରେ ଓପନ୍ ଏରାରେ ବୟୋଜ୍ୟେଷ୍ଠ ଖେଳାଳି ଭାବେ ଗ୍ରାଣ୍ଡସ୍ଲାମ ଟାଇଟଲ୍ ଜିତିବାର ରେକର୍ଡ ବୋପନ୍ନାଙ୍କ ନାମରେ ଲିପିବଦ୍ଧ ହୋଇଥିଲା। ଏଥିପୂର୍ବରୁ ବୋପନ୍ନା ତାଙ୍କର ପ୍ରଥମ ଗ୍ରାଣ୍ଡସ୍ଲାମ ଟ୍ରଫି ୨୦୧୭ରେ ଫ୍ରେଞ୍ଚ ଓପନ୍ ମିକ୍ସଡ ଡବଲ୍ସରେ ହାସଲ କରିଥିଲେ।

### ଅଳ୍ପକେ ଅଲିମ୍ପିକ ପଦକରୁ ବଞ୍ଚିତ

ତିନିଥର (୨୦୧୨, ୨୦୧୬ ଓ ୨୦୨୪) ଅଲିମ୍ପିକ ଖେଳିବାର ସୌଭାଗ୍ୟ ଲାଭ କରିଥିବା ବୋପନ୍ନା ଅଳ୍ପକେ ପଦକ ଜିତିବାରୁ ବଞ୍ଚିତ ହୋଇଥିଲେ। ୨୦୧୬ ରିଓ ଅଲିମ୍ପିକ୍ସରେ ସାନିଆ ମିର୍ଜାଙ୍କୁ ସାଥୀ କରି ଖେଳିଥିବା ରୋହନ ମିକ୍ସଡ ଡବଲ୍ସରେ ୪ର୍ଥ ସ୍ଥାନ ହାସଲ କରିଥିଲେ। ବୋପନ୍ନା ୨୦୧୯ରେ 'ଅର୍ଜୁନ' ଓ ୨୦୨୪ରେ 'ପଦ୍ମଶ୍ରୀ' ପୁରସ୍କାର ଜିତିଥିଲେ।

# ଖେତବର, ନିର୍ମଳା ଜିତିଲେ ରାଜ୍ୟ ସ୍କୁଲଚେସ୍



ଭୁବନେଶ୍ୱର,୧।୧୧(ସମିସ): ଓଡ଼ିଶା ରାଜ୍ୟ ସ୍କୁଲ ସ୍ପୋର୍ଟ୍ସ ଆସୋସିଏସନ ଆନୁକୂଲ୍ୟରେ ୬୯ତମ ରାଜ୍ୟ ସ୍କୁଲ ସମୂହର ୧୭ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାର ବାଳକ ବିଭାଗରେ ଭୁବନେଶ୍ୱରର ଖେତବର ମାଝୀ ଓ ବାଳିକା ବିଭାଗରେ ମଧ୍ୟ ଭୁବନେଶ୍ୱରର ନିର୍ମଳା କୁଲୁ ଚାମ୍ପିଅନ ହୋଇଛନ୍ତି। ବାଳକ ବିଭାଗରେ ଭୁବନେଶ୍ୱରର ଚେମ୍ପୁରୁ ହେମ୍ବ୍ରମ୍, ପୁରୀର ଆଦିତ୍ୟ ପଟ୍ଟନାୟକ, ଗଞ୍ଜାମର ବିଶାଳଜ୍ୟୋତି ପଣ୍ଡା ଓ କେନ୍ଦୁଝରର ଆଶୁତୋଷ ଖୁଣ୍ଟିଆ ଦ୍ୱିତୀୟରୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବାଳିକା ବିଭାଗରେ ଗଞ୍ଜାମର ପ୍ରତ୍ୟୁଷାରାଣୀ କର, କଟକର ଜୟୀତା ବେହେରା, ସୁନ୍ଦରଗଡର ଭାଗ୍ୟଶ୍ରୀ ସିଂ ଓ କଳାହାଣ୍ଡିର ବବିତା ବେହେରା ଦ୍ୱିତୀୟରୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ପ୍ରଥମରୁ ପଞ୍ଚମ ସ୍ଥାନ ଅଧିକାର କରିଥିବା ଖେଳାଳିମାନେ ସର୍ବଭାରତୀୟ ୧୭ ବର୍ଷରୁ କମ୍ ସ୍କୁଲ ଚେସରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତା ତ୍ରିପୁରାର ଅଗରତାଲାରେ ଚଳିତମାସ ଖେଳାଯିବ। ଆର୍ବିଟର ଦେବାଶିଷ ପାଣିଗ୍ରାହୀ ଏହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଆର୍ବିଟର ସୌମ୍ୟକାନ୍ତ ସାହୁ, ବିଭୁଦତ୍ତ ରଥ, ଶ୍ରବଣ ପ୍ରଧାନ ଓ ସନ୍ତୋଷ ସାହୁ ତାଙ୍କୁ ସହାୟତା କରିଥିଲେ। ଖୋର୍ଦ୍ଧାର ବିଜେବି ହାଇସ୍କୁଲରେ ଏହି ପ୍ରତିଯୋଗିତା ୨ ଦିନ ଧରି ଆୟୋଜିତ ହୋଇଥିଲା। ଖେଳ ଶେଷରେ ଶାରିରୀକ ଶିକ୍ଷା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଜ୍ୟୋତିପ୍ରସାଦ ପରିଡ଼ା ମୁଖ୍ୟ ଅତିଥି, ବିଏସ୍‌ଇର ନିର୍ଦ୍ଦେଶକ ବୀରେନ୍ଦ୍ର କୋରକୋରା, ଜିଲ୍ଲା ଶିକ୍ଷାଅଧିକାରୀ ସୋନାମିକା ରାୟ, ସହକାରୀ ଜିଲ୍ଲା ଶିକ୍ଷାଅଧିକାରୀ ପ୍ରଜ୍ଞାପାରମିତା ଜେନା ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ।

# ଟାର୍ଗେଟ୍- ୨୭୫; ଭାରତ-ଏ ୧୧୯/୪

ବେଙ୍ଗାଲୁରୁ, ୧।୧୧ (ଏଜେନ୍ସି): ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା-ଏ ଓ ଭାରତ-ଏ ମଧ୍ୟରେ ଏଠାରେ ଚାଲିଥିବା ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟ ରୋଚକସ୍ଥିତିରେ ପହଞ୍ଚିଛି। ୨୭୫ ରନର ଟାର୍ଗେଟ୍‌କୁ ପିଛା କରିଥିବା ଭାରତ-ଏ ଶନିବାର ତୃତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୪ ୱିକେଟ୍ ହରାଇ ୧୧୯ ରନ ସଂଗ୍ରହ କରିଛି। ଆହତ ସମସ୍ୟାରୁ ସୁସ୍ଥ ହୋଇ ପ୍ରତ୍ୟାବର୍ତ୍ତନ କରିଥିବା ଅଧିନାୟକ ଋଷଭ ପନ୍ତ ୬୪ ରନ ଓ ଆୟୁଷ ବଦୋନୀ କୌଣସି ରନ ନ କରି କ୍ରିଜରେ ଅପରାଜିତ ରହିଛନ୍ତି। ରବିବାର ମ୍ୟାଚର ଅନ୍ତିମ ତଥା ୪ର୍ଥ ଦିବସ। ଭାରତକୁ ବିଜୟ ଲାଗି ବଳକା ୬ ୱିକେଟ୍‌ରେ ଆଉ ୧୫୬ ରନ ଆବଶ୍ୟକ। ୭୫ ରନରେ ଆଗୁଆଥିବା ଦ. ଆଫ୍ରିକା-ଏ ଶନିବାର ଦ୍ୱିତୀୟ ପାଳିରେ ୧୯୯ ରନ କରିଥିଲା।

GROOM WANTED
for Business Enturpuneer
Brahmin cast
Bride:- 25year, 5.4 feet,
Post Graduate, Father
Established Industrialist
of Eastern India /
Contact- 8984661780

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS